ବର୍ଷ-୪୮ : ସଂଖ୍ୟା-୧୧ ନଭେମ୍ବର, ୨୦୧୭ • ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଶିଶୁ, ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ନଭେମ୍ବର, ୨୦୧୭


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ବାଣୀ | ... | ଶ୍ରୀଅରବିନ୍ଦ | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ଅଗ୍ରଗତିର ଆନନ୍ଦ | ... | ଶ୍ରୀମା | ... | ୬ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ | | | | |
| (ପରିଚ୍ଛେଦ : ୬୦) | | | | |
| ଭୀଷଣ ପଥର ଯାତ୍ରୀ (୩) | ... | ମନୋଜ ଦାସ | ... | ୭ |
| ଉଷା ସୂକ୍ତ (କବିତା) | ... | ଗଣେଶ ପ୍ରସାଦ କରଶର୍ମା | ... | ୧୦ |
| ଅତିମାନସର ସାଧନଚୟ (୨) | ... | ପୂର୍ଣ୍ଣଚନ୍ଦ୍ର ମହାପାତ୍ର | ... | ୧୧ |
| ବିବର୍ତ୍ତନରେ ଯୁଗ-ସନ୍ଧି (୨) | ... | ନଳିନୀକାନ୍ତ ଗୁପ୍ତ | ... | ୧୫ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୫୮) | ... | ... | ... | ୧୮ |
| ସତ୍ୟାନୁରାଗୀ ନା ସତ୍ୟାହଙ୍କାରୀ ? | ... | ... | ... | ୨୩ |
| 'ସେ' (କବିତା) | ... | ଦେବଯାନୀ ପଟ୍ଟନାୟକ | ... | ୨୪ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୧୩) | ... | ମହେନ୍ଦ୍ର ନାଥ ସ୍ୱାଇଁ | ... | ୨୫ |
| ଆଦର୍ଶ ମାତାପିତା (୧୨) | ... | ଶ୍ରୀମା | ... | ୨୮ |
| ଶ୍ରୀକୃଷ୍ଣ କାହାଣୀ (୩) | | | | |
| ଭାଦ୍ର କୃଷ୍ଣପକ୍ଷର ଅଷ୍ଟମ ରଜନୀ : ଦିବ୍ୟାବତରଣ | ... | ମନୋଜ ଦାସ | ... | ୩୧ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୪୩) | ... | ସାହାନା ଦେବୀ | ... | ୩୪ |
| ନିରାମୟତାର ଶକ୍ତି ସଞ୍ଚାରକ – ମନ୍ତ୍ର (୨) | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୩୫ |
| ଗଙ୍ଗାଧର (୬) | ... | ... | ... | ୩୮ |
| ଆମ ସ୍ୱାସ୍ଥ୍ୟ (୨୬) | ... | ଭୋଳେଶ୍ୱର ଭୂୟାଁ | ... | ୪୧ |
| ଅରଣା ସ୍ୱପ୍ନର ରାତି | ... | ଶେଖ ଅବଦୁଲ କାଶମ | ... | ୪୪ |
| ସମୁଦ୍ର | ... | ମନୋରଞ୍ଜନ ମହାନ୍ତି | ... | ୪୮ |
| ସମୁଦ୍ର (କବିତା) | ... | ସୁଦର୍ଶନ ଦାସ | ... | ୫୦ |
| ସେ ଏକ ଶାନ୍ତ ନିରୀହ ବିଚିତ୍ର ପ୍ରାଣୀ | ... | ଧର୍ମ କୁମାର ଶତପଥୀ | ... | ୫୧ |
| ଜିଜ୍ଞାସୁର ପୃଚ୍ଛା | ... | ରାମକୃଷ୍ଣ ଦାସ | ... | ୫୩ |
| ପ୍ରତିଯୋଗିତା : | | | | |
| ଏକ ଆରଣ୍ୟକ ଉପଜାତିର ଜୀବନ ଦର୍ଶନ | ... | ମନୋଜ ଦାସ | ... | ୫୬ |


❖

# ପ୍ରାର୍ଥନା

ଧନ୍ୟବାଦସୂଚକ କେଉଁ ସ୍ତୁତି ବା ମୁଁ ପ୍ରତିମୁହୂର୍ତ୍ତରେ ତୁମ ଉଦ୍ଦେଶ୍ୟରେ ଅର୍ପଣ କରି ନପାରିବି ! ସର୍ବତ୍ର ଏବଂ ମୋ ଚତୁର୍ଦ୍ଦିଗସ୍ଥ ସବୁଥିରେ ତୁମେ ତୁମକୁ ପ୍ରତିଭାତ କରୁଛ ଏବଂ ମୋ ଭିତରେ ତୁମ ସଂକଳ୍ପ ଏବଂ ତୁମ ଚେତନା ସର୍ବଦା ଅଧିକରୁ ଅଧିକ ସ୍ପଷ୍ଟ ଭାବରେ ଅଭିବ୍ୟକ୍ତ – ଏପରିକି ''ମୁଁ'' ଏବଂ ''ମୋର'' ରୂପକ ଅତୀବ ସ୍ଥୂଳ ମୋହ ମୁଁ ସର୍ବତୋଭାବେ ହରାଇବା ଯାଏ । ଯଦି ସ୍ୱଳ୍ପ କେତେକ ଛାୟା, କେତୋଟି ତ୍ରୁଟି ତୁମକୁ ପ୍ରତିଭାତ କରୁଥିବା ମହତ୍ ଆଲୋକରେ ଦୃଷ୍ଟିଗୋଚର ହେବେ, କେମିତି ବା ସେସବୁ ଦୀର୍ଘକାଳ ତୁମ ଦେଦୀପ୍ୟମାନ ପ୍ରେମର ଔଜ୍ଜ୍ୱଲ୍ୟ ସହି ପାରିବେ ? ଏହି ପ୍ରଭାତରେ ''ମୁଁ'' ଭାବରେ ରହି ଆସିଥିବା ଏହି ସତ୍ତାଟିକୁ ତୁମେ ଯେଉଁ ମାର୍ଗରେ ରୂପାୟିତ କରୁଛ, ସେ ସମ୍ପର୍କରେ ମୋ ଉପଲବ୍ଧ ଚେତନା ମୋଟାମୋଟି ଏହିପରି ଭାବରେ ପରିବେଷିତ ହୋଇପାରେ : ଖଣ୍ଡିଏ ବୃହତ୍ ହୀରାଖଣ୍ଡ ଜ୍ୟାମିତିକ ପରିମାପରେ କର୍ତ୍ତିତ । ତାହାର ସଂହତି, ଶକ୍ତତା, ନିର୍ମଳତା, ସ୍ୱଚ୍ଛତା ଦୃଷ୍ଟିରୁ ତାହା ହୀରାଖଣ୍ଡ, କିନ୍ତୁ ତାହା ତା'ର ଏକାଗ୍ର ନିରତ ପ୍ରଗତିଶୀଳ ଜୀବନରେ ଏକ ଦୀପ୍ତାନୁବଦ୍ୟ ଏବଂ ଉଜ୍ଜ୍ୱଳ ଅଗ୍ନିଶିଖା । କିନ୍ତୁ ଏହା ଆହୁରି ଅଧିକ କିଛି; ସେ ସବୁଠାରୁ ମହତ୍ତର, କାରଣ ସମସ୍ତ ଆନ୍ତର ଓ ବହିରାନୁଭବ ଅତିକ୍ରାନ୍ତ ହୋଇ କେବଳ ମାତ୍ର ସେହି ଚିତ୍ରହିଁ ମୋ ମାନସରେ ଆପଣାକୁ ଉପସ୍ଥାପନ କରୁଥାଏ – ବାହ୍ୟ ଜଗତ୍ ସହ ସମ୍ପର୍କ ଭିତରକୁ ମୋର ପ୍ରତ୍ୟାବର୍ତ୍ତନ ପରେ ।

ତୁମେହିଁ ଅଭିଜ୍ଞତାକୁ କର ଉର୍ବର, ତୁମେହିଁ ଜୀବନକୁ କର ପ୍ରଗତିମୁଖୀ, ତୁମେହିଁ ଆଲୋକ ସମ୍ମୁଖରେ ଅନ୍ଧକାରକୁ କ୍ଷଣକ ଭିତରେ ଅଦୃଶ୍ୟ ହେବାକୁ ବାଧ କର, ତୁମେହିଁ ପ୍ରେମକୁ ପ୍ରଦାନ କର ତା'ର ସମସ୍ତ ଶକ୍ତି, ତୁମେହିଁ ସର୍ବତ୍ର ଜଡ଼କୁ ଏହି ଏକାନ୍ତ ଏବଂ ଅନୁପମ ଇସାରାରେ ଉନ୍ନୀତ କର – ଶାଶ୍ୱତ ସକାଶେ ମହତ୍ ତୃଷ୍ଣାରେ ।

ତୁମେହିଁ ସର୍ବତ୍ର ଏବଂ ସର୍ବଦା; ମୂଳତତ୍ତ୍ୱରେ ଓ ପ୍ରକାଶମାନତାରେ ତୁମ ବ୍ୟତିରେକେ କିଛିହିଁ ନାହିଁ ।

ହେ ଛାୟା ଓ ମାୟା, ହୁଅ ଦ୍ରବୀଭୂତ ! ହେ ଯନ୍ତ୍ରଣା, ହୁଅ ହ୍ରାସପ୍ରାପ୍ତ ଓ ନିଶ୍ଚିହ୍ନ ! ହେ ପରମପ୍ରଭୁ, ତୁମେ କ'ଣ ନାହଁ ?

ନଭେମ୍ବର ୨୬, ୧୯୧୨ — ଶ୍ରୀମା



Our object is the supramental realisation and we have to do whatever is necessary for that or towards that under the conditions of each stage. At present the necessity is to prepare the physical consciousness; for that a complete equality and peace and a complete dedication free from personal demand or desire in the physical and the lower vital parts is the thing to be established. Other things can come in their proper time. What is the real need now is not insistence on physical nearness, which is one of those other things, but the psychic opening in the physical consciousness and the constant presence and guidance there.

CWSA - 32, p. 492 — - Sri Aurobindo

ଆମମାନଙ୍କର ଲକ୍ଷ୍ୟ ହେଲା ଅତିମାନସ ସିଦ୍ଧି ଏବଂ ଅବସ୍ଥାନୁଯାୟୀ ଏଥିନିମିତ୍ତ ବା ଏହି ଉଦ୍ଦେଶ୍ୟରେ ଯେତେବେଳେ ଯାହା ପ୍ରୟୋଜନ ହେବ ଆମମାନଙ୍କୁ ତାହାହିଁ କରିବାକୁ ହେବ । ବର୍ତ୍ତମାନ ପ୍ରୟୋଜନ ହେଲା ଶାରୀର ଚେତନାକୁ ପ୍ରସ୍ତୁତ କରିବା; ସେଥିପାଇଁ ସ୍ଥୂଳ ଓ ନିମ୍ନପ୍ରାଣରେ ଯାହା ପ୍ରତିଷ୍ଠା କରିବାକୁ ହେବ ତା'ହେଲା ସମତା, ଶାନ୍ତି ଓ ବ୍ୟକ୍ତିଗତ କାମନା-ବାସନାରୁ ମୁକ୍ତ ପୂର୍ଣ୍ଣ ଆତ୍ମ-ସମର୍ପଣ । ଅନ୍ୟାନ୍ୟ ବସ୍ତୁ ତାହାର ନିଜ ସମୟାନୁଯାୟୀ ଆସିବ । ବର୍ତ୍ତମାନ ଯାହା ପ୍ରକୃତ ଆବଶ୍ୟକ ତାହା ହେଲା ସେହି ସ୍ଥୂଳ ସାନ୍ନିଧ୍ୟ ଉପରେ ଜୋର୍ ଦେବା ନୁହେଁ, ଯାହା ସେହି ଅନ୍ୟାନ୍ୟ ବସ୍ତୁ ମଧ୍ୟରୁ ଗୋଟିଏ, ବରଂ ଆବଶ୍ୟକ ହେଲା ଭୌତିକ ଚେତନାରେ ଚୈତ୍ୟ-ଉନ୍ମୀଳନ ଏବଂ ସେଠାରେ ତା'ର ନିରନ୍ତର ଉପସ୍ଥିତି ଓ ପରିଚାଳନା ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

**ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧକୁ ଅବତରଣ**

**(The Descent into Night)**

(୬୭)

## ଶ୍ରୀଅରବିନ୍ଦ

This now composed the fetid atmosphere.
ଏହାହିଁ ଏବେ ଗଢ଼ିତୋଳିଥିଲା ପୂତିଗନ୍ଧମୟ ପରିବେଶ ।

A wild-beast passion crept from secret Night
To watch its prey with fascinating eyes:
Around him like a fire with sputtering tongues
There lolled and laughed a bestial ecstasy;
The air was packed with longings
brute and fierce;
Crowding and stinging in a monstrous swarm
Pressed with a noxious hum into his mind
Thoughts that could poison
Nature's heavenliest breath,
Forcing reluctant lids assailed the sight
Acts that revealed the mystery of Hell.

ଗୋପନ ରାତ୍ରିର ଗର୍ଭରୁ ଏକ ବନ୍ୟ-ପଶୁ ଆବେଗ ନିଃଶବ୍ଦରେ ନିର୍ଗତ ହୋଇ ମୁଗ୍ଧନୟନରେ ତାହାର ଶିକାରକୁ ଲକ୍ଷ୍ୟ କରୁଥିଲା : ତାଙ୍କ(ଅଶ୍ୱପତିଙ୍କ) ଚତୁର୍ଦ୍ଦିଗରେ ବିସ୍ଫୁରିତ ଜିହ୍ୱା-ସମ୍ବଳିତ ଅଗ୍ନିଶିଖା ପରି ଏକ ପାଶବ ଉଲ୍ଲାସ ଅଳସ ମୁଦ୍ରାରେ ଆସ୍ଥାନ ଜମାଇଥିଲା ଓ ଅଟ୍ଟହାସ୍ୟ କରୁଥିଲା । ବାୟୁମଣ୍ଡଳ ଭରପୂର ହୋଇ ରହିଥିଲା ହିଂସ୍ର ଓ ଭୟାନକ ବାସନାରାଜିରେ । ଏକ ରାକ୍ଷସୀ ଦଳରେ ଗହଳ ଲଗାଇ ଓ ଦଂଶନ କରି, ବିଷାକ୍ତ ଅସ୍ଫୁଟ ଗୁଞ୍ଜନ ତୋଳି ଏଗୁଡ଼ିକ ତାଙ୍କ ମନ ମଧରେ ଚାପଦେଇ ପ୍ରବେଶ କରାଉଥିଲେ ସେହିସବୁ ଚିନ୍ତା, ଯାହା ପ୍ରକୃତିର ପରମ ସ୍ୱର୍ଗୀୟ ନିଃଶ୍ୱାସକୁ ହଳାହଳରେ ଭରି ଦେଇ ପାରୁଥିଲା । ଅନିଚ୍ଛୁକ ଆଖିପତାକୁ ବଳପ୍ରୟୋଗ ପୂର୍ବକ ଉନ୍ମୀଳିତ କରି ଦୃଷ୍ଟିକୁ ଆକ୍ରାନ୍ତ କରି ପକାଉଥିଲା ସେହି ସକଳ କର୍ମ, ଯାହା ନରକର ରହସ୍ୟକୁ ଉଦ୍‌ଘାଟନ କରିଦେଉଥିଲା ।

All that was there was on this pattern made.
ସେଠାରେ ତିଷ୍ଠି ରହିଥିବା ସମସ୍ତ କିଛି ଏହି ରୀତିରେହିଁ ଗଢ଼ା ହୋଇଥିଲେ ।

A race possessed inhabited those parts.
ଭୂତାବିଷ୍ଟ ଏକ ଜାତି ସେହିସବୁ ଅଞ୍ଚଳରେ ବାସ କରୁଥିଲେ ।

A force demoniac lurking in man's depths
That heaves suppressed by
the heart's human law,
Awed by the calm and
sovereign eyes of Thought,
Can in a fire and earthquake of the soul
Arise and, calling to its native night,
Overthrow the reason, occupy the life
And stamp its hoof on Nature's shaking ground :
This was for them their being's flaming core.

ମଣିଷର ଗଭୀର ପ୍ରଦେଶ ସକଳରେ ଲୁକ୍କାୟିତ ଏକ ଆସୁରିକ ଶକ୍ତି, ଯାହା ହୃଦୟର ମାନୁଷୀ ବିଧାନ ଦ୍ୱାରା ଚାପଗ୍ରସ୍ତ ହୋଇ, ଚିନ୍ତାବୁଦ୍ଧିର ପ୍ରଶାନ୍ତ ଓ ସାର୍ବଭୌମ ଦୃଷ୍ଟି ଦ୍ୱାରା ସ୍ତମ୍ଭିତ ହୋଇ ଉପରକୁ ଉଠିଆସେ, ତାହା ଜାଗି ଉଠିପାରେ ଅନ୍ତରାତ୍ମାର ଏକ ବହ୍ନି ଓ ଭୂକମ୍ପ ଭିତର ଦେଇ, ଆପଣାର ସହଜାତ ରଜନୀକୁ ତାହା ସାଙ୍ଗରେ ଡାକି ଆଣିପାରେ, ବିଚାରବୁଦ୍ଧିକୁ ସିଂହାସନଚ୍ୟୁତ କରି ଜୀବନକୁ ଅଧିକାର କରି ନେଇପାରେ ଏବଂ ପ୍ରକୃତିର କମ୍ପିତ ଭୂମିରେ ଆଙ୍କି ଦେଇପାରେ ଆପଣା ପଶୁପାଦର ଖୁରାଚିହ୍ନ । ସେମାନଙ୍କ ପାଇଁ ଏହାହିଁ ଥିଲା ସେମାନଙ୍କ ସତ୍ତାର ପ୍ରଦୀପ୍ତ ଅନ୍ତଃସ୍ଥଳ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

# ଅଗ୍ରଗତିର ଆନନ୍ଦ

## ଶ୍ରୀମା

### ଅଗ୍ରଗତିର ଆନନ୍ଦ

ଅଗ୍ରଗତି ପାଇଁ ସଂକଳ୍ପ ଏବଂ ଆତ୍ମ-ଶୁଦ୍ଧୀକରଣହିଁ ଅଗ୍ନି ପ୍ରଜ୍ୱଳନ କରେ । ଅଗ୍ରଗତି ପାଇଁ ସଂକଳ୍ପ । ଯେଉଁମାନଙ୍କର ଥାଏ ଏକ ଦୃଢ଼ ସଂକଳ୍ପ, ଯେତେବେଳେ ସେମାନେ ଏହାକୁ ଆଧାତ୍ମିକ ଅଗ୍ରଗତି ଏବଂ ଶୁଦ୍ଧୀକରଣ ଦିଗରେ ମୁହାଁଇ ଦିଅନ୍ତି, ସେତେବେଳେ ସ୍ୱତଃ ସେମାନଙ୍କ ଅନ୍ତରାଗ୍ନି ଜଳିଉଠେ ।

ସେତେବେଳେ, ତୁମ ପ୍ରକୃତିର ଯେକୌଣସି ତ୍ରୁଟିକୁ ଯଦି ତୁମେ ସଂଶୋଧନ କରିବାକୁ ଚାହଁ, କିଂବା ତୁମେ ଯଦି ପ୍ରତି ପଦକ୍ଷେପରେ ଯେଉଁସବୁ ଅଗ୍ରଗତି କରିବାକୁ ଚାହଁ – ସେସବୁକୁ ତୁମର ସେହି ଅନ୍ତରାଗ୍ନିରେ ନିକ୍ଷେପ କର, ତେବେ ତାହା ଏକ ନୂତନ ତେଜଃରେ ଜଳି ଉଠେ । ଏବଂ ମୁଁ ଏହାକୁ ଏକ ଉପମା ଦେଲା ଭଳି କହୁ ନାହିଁ, ଏହା ସୂକ୍ଷ୍ମଜଡ଼ ସ୍ତରରେ ଏକ ବାସ୍ତବତା ବୋଲି ଜାଣିବ । ଜଣେ ଏହି ଅଗ୍ନିର ଉତ୍ତାପକୁ ମଧ୍ୟ ଅନୁଭବ କରି ପାରିବ, ଜଣେ ତା'ର ସୂକ୍ଷ୍ମଶରୀରରେ ଏହି ଅଗ୍ନିର ଆଲୋକକୁ ମଧ୍ୟ ଦେଖି ପାରିବ । ଏବଂ ଯଦି ପ୍ରକୃତି ଭିତରେ ଏପରି କିଛି ଥାଏ ଯାହା ତୁମ ଅଗ୍ରଗତିରେ ବାଧା ଦେଉଥାଏ, ଏବଂ ସେହି ତ୍ରୁଟି-ବିଚ୍ୟୁତିଗୁଡ଼ିକୁ ଯଦି ତୁମେ ସେଇ ଅଗ୍ନିରେ ନିକ୍ଷେପ କରିଛ, ତେବେ ଦେଖିବ ଏହା ମଧ୍ୟ ଜଳିବାକୁ ଆରମ୍ଭ କରିଛି ଏବଂ ସେ ଅଗ୍ନିର ଶିଖା ଆହୁରି ପ୍ରଜ୍ୱଳିତ ହୋଇ ଉଠିଛି ।

... ଯେତେବେଳେ ଅସୁବିଧାଟି ତୁମ ଅହଂକାରଗତ କିଂବା ବ୍ୟକ୍ତିଗତ ହୋଇଥାଏ, ଯଦି ତୁମେ ତାକୁ ତାଙ୍କ ପାଇଁ ଏକ ଆହୁତିରେ ପରିଣତ କର ଏବଂ ଏହି ପାବନକାରୀ ଅଗ୍ନିରେ ତାକୁ ନିକ୍ଷେପ କର, ସେତେବେଳେ ତୁମେ ସଙ୍ଗେ ସଙ୍ଗେ ଅଗ୍ରଗତିର ଆନନ୍ଦ ମଧ୍ୟ ଅନୁଭବ କରିବ । ଯଦି ଜଣେ ଏହା ନିଷ୍ଠାର ସହିତ କରେ, ସେତେବେଳେ ସଙ୍ଗେ ସଙ୍ଗେ ତା'ଭିତରେ ଏକ ଆନନ୍ଦ ଉଲ୍ଲାସର ଉତ୍ସ ଖୋଲିଯାଏ ।

### ଅଧୈର୍ଯ୍ୟ ନ ହୋଇ ଆସ୍ପୃହା କର

ଖୁବ୍ ନିବିଡ଼ଭାବେ ଆସ୍ପୃହାକର, କିନ୍ତୁ ଅଧୈର୍ଯ୍ୟ ହୁଅନା । ଏଇଟାହିଁ କଥା । ଜଣେ ସେହି ଅବସ୍ଥାରେ ରହିବା ଉଚିତ ।

ଏବଂ ବହୁକାଳ ପର୍ଯ୍ୟନ୍ତ, ବହୁକାଳ ପର୍ଯ୍ୟନ୍ତ ଜଣକୁ ତା'ର ଅନ୍ତରର ଫଳାଫଳକୁ ନେଇ ସନ୍ତୁଷ୍ଟ ରହିବାକୁ ପଡ଼ିବ, ଅର୍ଥାତ୍, ତୁମର ବ୍ୟକ୍ତିଗତ ଓ ନିଜସ୍ୱ ପ୍ରତିକ୍ରିୟାର ଫଳାଫଳରେ, ବାହ୍ୟଜଗତ୍ ସହିତ ତୁମର ଆନ୍ତର ସଂସର୍ଗରେ – ତୁମେ ଆଦୌ ଆଗତୁରା କିଛି ଗୋଟାଏ ଭଲ ପରିବର୍ତ୍ତନ ଶୀଘ୍ର ଘଟିଯାଉ ବୋଲି ପ୍ରତ୍ୟାଶା କରି ବସିବ ନାହିଁ । କାରଣ ଆମର ଏହି ତ୍ୱରାନ୍ୱିତ ପ୍ରତ୍ୟାଶା ସବୁକିଛିକୁ ପୁଣି ବିଳମ୍ବ କରିଦିଏ ।

ଯଦି କଥାଟି ଏପରି ହୋଇଥାଏ, ତେବେ ତାହା ଏହିପରିହିଁ ହେବ ।

ଆମେମାନେ – ଅର୍ଥାତ୍ ଏଇସବୁ ମଣିଷମାନେ – ବଡ଼ ନିଗୃହୀତ ଭାବେ ବଞ୍ଚୁଥା'ନ୍ତି । ଏହା ସେମାନଙ୍କ ଜୀବନର କ୍ଷଣସ୍ଥାୟିତ୍ୱ ସମ୍ବନ୍ଧେ ଏକ ଅର୍ଦ୍ଧ-ଜାଗୃତି ଭଳି; ସେମାନେ ଏ ବିଷୟରେ ଚିନ୍ତା କରନ୍ତି ନାହିଁ, କିନ୍ତୁ ଅର୍ଦ୍ଧ-ଚେତନାବସ୍ଥାରେ ସେମାନେ ଏହା ଅନୁଭବ କରୁଥା'ନ୍ତି । ଏବଂ ସେଥିଯୋଗୁଁ ସେମାନେ ସବୁବେଳେ ଚାହୁଁଥା'ନ୍ତି – ଶୀଘ୍ର, ଶୀଘ୍ର – ଗୋଟିଏ କଥାରୁ ଆଉ ଗୋଟିଏ କଥା ଆଡ଼କୁ ଦଉଡ଼ି ଯାଉଥା'ନ୍ତି, ଗୋଟିଏ କାମକୁ ଚଟାପଟ୍ ସାରି ଦେଇ ଆଉ ଗୋଟିଏ କାମରେ ଲାଗି ପଡୁଥା'ନ୍ତି, ସେମାନେ କେଉଁ କଥାକୁ ତା'ର ଶାଶ୍ୱତ ସ୍ଥିତିରେ ବଞ୍ଚିବାକୁ ଦିଅନ୍ତି ନାହିଁ । ସେମାନେ ସର୍ବଦା ଚାହୁଁଥା'ନ୍ତି : (ଅସ୍ଥିର ଉଦ୍‌ବେଗରେ) – ଆଗକୁ ଚାଲ, ଆଗକୁ, ଆଗକୁ ... ଆଉ କାର୍ଯ୍ୟଟି ବିଗିଡ଼ି ଯାଏ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୬୦)

## ଭୀଷଣ ପଥର ଯାତ୍ରୀ (୩)

ମନୋଜ ଦାସ

''ମାତୃଭୂମିର ପୂର୍ଣ୍ଣ ସ୍ୱାଧୀନତା ଦାବି କରୁଥିବା ଭଳି ଜଣକର ମହତ୍ ସ୍ୱରକୁ କଂଗ୍ରେସର ବିବରଣୀ ମଧ୍ୟରୁ ବାଦ୍ ଦେବାର ଅଧିକାର କାହାରି ନାହିଁ... ଅରବିନ୍ଦ ଘୋଷଙ୍କ ଭଳି ବିଶୁଦ୍ଧତା, ଚରମ ଅନାସକ୍ତି ଏବଂ ତୁଙ୍ଗ ଦେଶପ୍ରେମ ସମ୍ପନ୍ନ ବ୍ୟକ୍ତିଙ୍କୁ ତାଙ୍କ ବିଶ୍ୱାସ ଯୋଗୁଁ ଯଦି ଭାରତବର୍ଷର କୌଣସି ସମାବେଶରୁ ବାଦ୍ ଦିଆଯାଏ, ତେବେ ସେ ସମାବେଶକୁ ଜାତୀୟ ବୋଲି କୁହାଯାଇ ପାରେନା ।''[୧]

— ଲାଲା ଲଜପତ୍ ରାଏ

ଲାଲା ଲଜପତ୍ ରାଏ ଜାତୀୟବାଦୀ ଗୋଷ୍ଠୀର ଅନୁରାଗୀ ନଥିଲେ । ସେ ବରଂ ମାନ୍ଦାପନ୍ଥୀମାନଙ୍କ ପ୍ରତି ସହାନୁଭୂତିଶୀଳ ଥିଲେ । ସେ ଯାହାହେଉ, ସେ ଥିଲେ ଜଣେ ଅବିସଂବାଦିତ ତୁଙ୍ଗ ଦେଶପ୍ରେମୀ ନେତା । ୧୯୦୮ ମସିହା ଏପ୍ରିଲ ୧୮ ଏବଂ ୧୯ ତାରିଖରେ ଏଲାହାବାଦଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଜାତୀୟବାଦୀମାନଙ୍କୁ ସାମିଲ ନକରିବା ନିମନ୍ତେ କଂଗ୍ରେସର ସାଂଗଠନିକ କର୍ତ୍ତୃପକ୍ଷ ଯେଉଁ ସିଦ୍ଧାନ୍ତ ନେଲେ, ସେହି ପରିପ୍ରେକ୍ଷୀରେ ସେ ମହାଶୟ ଏହି ମନ୍ତବ୍ୟ ଦେଇଥିଲେ ।

ନିଜ ଇଚ୍ଛା ବିରୋଧରେହିଁ ଶ୍ରୀଅରବିନ୍ଦ ସେତେବେଳେ ଅପ୍ରତିରୋଧ ସ୍ୱୀକୃତି ଏବଂ ସମ୍ମାନର ଅଧିକାରୀ ହୋଇ ଯାଇଥିଲେ । ତେଣୁ ବିପିନଚନ୍ଦ୍ର ପାଲ୍ ମାର୍ଚ୍ଚ ୯ ତାରିଖରେ କାରାମୁକ୍ତ ହେବା ପରେ ଶ୍ରୀଅରବିନ୍ଦ ଯେ ଜାତୀୟବାଦୀମାନଙ୍କ ନେତୃତ୍ୱ ତାଙ୍କୁ ଦେଇ ସ୍ୱୟଂ ପଟଭୂମିକୁ ଚାଲିଯିବାର ସିଦ୍ଧାନ୍ତ ନେଇଥିଲେ, ସେ ଯେତେ ଚେଷ୍ଟା କଲେ ମଧ୍ୟ ସେ ଦିଗରେ ତାଙ୍କ ପ୍ରଚେଷ୍ଟା ସଫଳ ହେବାର ପ୍ରଶ୍ନ ନଥିଲା ।

ବିପିନଚନ୍ଦ୍ରଙ୍କୁ ସ୍ୱାଗତ କରିବା ଅବସରରେ ତାଙ୍କୁ ଭେଟିଦେବା ନିମନ୍ତେ କିଛି ଅର୍ଥ ସଂଗ୍ରହ କରିବାକୁ କେତେକ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ଶ୍ରୀଅରବିନ୍ଦ ନିବେଦନ କରିଥିଲେ । ୧୦ ତାରିଖ ଦିନ ହଜାର ହଜାର ଲୋକ ହାଓଡ଼ା ଷ୍ଟେସନରେ ବିପିନଚନ୍ଦ୍ରଙ୍କୁ ବିପୁଳ ଉତ୍ସାହଭରେ ସମ୍ବର୍ଦ୍ଧନା ଜଣାଇଲେ — ଶ୍ରୀଅରବିନ୍ଦଙ୍କ ନେତୃତ୍ୱରେ । ମାର୍ଚ୍ଚ ୨୮ ତାରିଖ ଏବଂ ଏପ୍ରିଲ ୫ ତାରିଖ ଦିନ ବିପିନଚନ୍ଦ୍ରଙ୍କୁ ଯଥାକ୍ରମେ କଲିକତା ନଗରୀରେ ଏବଂ ଅଦୂରବର୍ତ୍ତୀ ଉପନଗରୀ ଉତ୍ତରପଡ଼ାରେ ସମ୍ବର୍ଦ୍ଧନା ଜ୍ଞାପନ କରାଗଲା; ଉଭୟ ଅନୁଷ୍ଠାନରେ ଶ୍ରୀଅରବିନ୍ଦ ଉପସ୍ଥିତ ଥିଲେ । (ମାତ୍ର ବର୍ଷକରୁ ସାମାନ୍ୟ ଅଧିକ କାଳ ଅନ୍ତେ, ସ୍ୱୟଂ କାରାଗାରରୁ ମୁକ୍ତ ହୋଇ ଏହି ଉପନଗରୀରେ ଶ୍ରୀଅରବିନ୍ଦ ତାଙ୍କର ସୁବିଖ୍ୟାତ ''ଉତ୍ତରପଡ଼ା ଅଭିଭାଷଣ'' ପ୍ରଦାନ କରିଥିଲେ ।)

ଶ୍ରୀଅରବିନ୍ଦଙ୍କୁ ବିଶ୍ରାମ ମିଳୁ ନଥାଏ । ୧୯୦୮ ଫେବ୍ରୁଆରୀ ୧୧ ଏବଂ ୧୨ ତାରିଖରେ ଜାତୀୟ କଂଗ୍ରେସର ବଙ୍ଗ ଶାଖାର ଅଧିବେଶନ ପାଇଁ ତାଙ୍କୁ ଦୁଇ ଦିନ ବିତାଇବାକୁ ପଡ଼ିଥିଲା ପାବ୍‌ନାଠାରେ । ପୁଣି ଜିଲ୍ଲା କଂଗ୍ରେସ ଅଧିବେଶନ ନିମନ୍ତେ ଆଉ ଗୋଟାଏ ଦିନ ଗଲା । ଏ ଦୁଇଟି ଯାକ ଅନୁଷ୍ଠାନରେ ଜାତୀୟ ଶିକ୍ଷା ପଦ୍ଧତିର ନୀତିନିୟମ ଏବଂ ତାହା ପ୍ରବର୍ତ୍ତନର ଆବଶ୍ୟକତା ତାଙ୍କ ଭାଷଣର ଆଭିମୁଖ୍ୟ ଥିଲା ବୋଲି ଜଣାଯାଏ । ବିପିନଚନ୍ଦ୍ରଙ୍କ ଅଭ୍ୟର୍ଥନା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବା ଅନ୍ତେ ତାଙ୍କୁ କଲିକତାର ଯେଉଁସବୁ ସଭାରେ ଯୋଗଦେବାକୁ ପଡ଼ିଥିଲା — ସେ ତାଲିକାର ଅନ୍ତର୍ଭୁକ୍ତ ଚେତଲା (୮ ଏପ୍ରିଲ), ସାନ୍ତିରମାଠ୍ (୧୦ ଏପ୍ରିଲ), ବାରୁଇପୁର (୧୨ ଏପ୍ରିଲ) ଏବଂ କାଳିଘାଟ (୧୫ ଏପ୍ରିଲ) । ୧୭ ତାରିଖରେ ସେ ପୂର୍ବବଙ୍ଗର କିଶୋରଗଞ୍ଜ ଯାତ୍ରା କଲେ — ମୟମନ୍‌ସିଂହ ଜିଲ୍ଲା କଂଗ୍ରେସ ଅଧିବେଶନ ଉପଲକ୍ଷ୍ୟେ । ସେଠାରେ ସେ ୧୮ ତାରିଖ ଅଧିବେଶନରେ ଘୋଷଣା କରିଥିଲେ — ସ୍ୱରାଜ ସକାଶେ ଆନ୍ଦୋଳନ ଗ୍ରାମ-ଗ୍ରାମାନ୍ତରରେହିଁ ବ୍ୟାପକ ହେବା ଆବଶ୍ୟକ । କହିବା ବାହୁଲ୍ୟ, ସେପର୍ଯ୍ୟନ୍ତ ଜାତୀୟ ଆନ୍ଦୋଳନ ସହର, ନଗରମାନଙ୍କରେହିଁ

ଅନୁଭୂତ ହେଉଥିଲା । ଶ୍ରୀଅରବିନ୍ଦଙ୍କୁ ୨୦ ତାରିଖ ପର୍ଯ୍ୟନ୍ତ ସେଠାରେ ରହିବାକୁ ପଡ଼ିଥିଲା ।[୨]

'ବନ୍ଦେ ମାତରମ୍'ର କ୍ରମବର୍ଦ୍ଧମାନ ପାଠକମାନଙ୍କୁ ଜାତୀୟତାର ଆଦର୍ଶ ସମ୍ପର୍କରେ ତାଙ୍କୁ ଅବହିତ ରଖିବାକୁ ପଡୁଥାଏ – ସରଳ ଶୈଳୀରେ ଲିଖିତ ସନ୍ଦର୍ଭସବୁ ମାଧ୍ୟମରେ । ପୂର୍ବକଥିତ ଏଲାହାବାଦ ସମ୍ମିଳନୀର ଉଦ୍‌ଘାଟନ ଅବସରରେ ସେ ପ୍ରତିନିଧିମାନଙ୍କୁ ସ୍ମରଣ କରାଇଦେଲେ : ମାନ୍ଦାପନ୍ଥୀ ଏବଂ ଜାତୀୟବାଦୀମାନଙ୍କ ଭିତରେ ଆଦର୍ଶଗତ ଅନୈକ୍ୟ କ'ଣ ? ମାନ୍ଦାପନ୍ଥୀମାନେ ଔପନିବେଶିକ ସ୍ୱାୟତ୍ତଶାସନ ପାଇ ସନ୍ତୁଷ୍ଟ ରହିବେ; ଜାତୀୟବାଦୀମାନଙ୍କ ଦାବି ନିଃସର୍ତ୍ତ ପୂର୍ଣ୍ଣ ସ୍ୱରାଜ ।[୩]

ଶ୍ରୀଅରବିନ୍ଦ ମହାଜାତୀୟ ଆଦର୍ଶ ଯୋଗେ ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରିବାରେ ବ୍ୟାପୃତ ଥିବା ସ୍ଥଳେ ବାରୀନ୍ଦ୍ରକୁମାର ଏବଂ ତାଙ୍କ ଗୋଷ୍ଠୀ ହିଂସା ପ୍ରୟୋଗ ଯୋଗେ ବିଦେଶୀ ଶାସନକୁ ଭୀତ ସନ୍ତ୍ରସ୍ତ କରି ପକାଇବା ଦିଗରେ ନାନାଦି ଯୋଜନା କରୁଥିଲେ । ବିଡ଼ମ୍ବନା ହେଲା, ବାରୀନ୍ଦ୍ରଙ୍କ ସହଯୋଗୀମାନେ ଶ୍ରୀଅରବିନ୍ଦଙ୍କୁ ଦେବତୁଲ୍ୟ ଜ୍ଞାନ କରୁଥିଲେ ଏବଂ ବାରୀନ୍ଦ୍ର ତାଙ୍କ ଯୋଜନାଟିମାନ ଶ୍ରୀଅରବିନ୍ଦଙ୍କ ଦ୍ୱାରା ସମର୍ଥିତ ବୋଲି ସେମାନଙ୍କୁ ଧାରଣା ଦେଉଥିଲେ । କିନ୍ତୁ ତାହା ସତ୍ୟ ନୁହେଁ । ବାରୀନ୍ଦ୍ର କିଂବା ଅନ୍ୟ କେହି ଶ୍ରୀଅରବିନ୍ଦଙ୍କୁ କୌଣସି ଯୋଜନା ଜଣାଇଲେ ସେ ତାଙ୍କ ମତ ଦେଉଥିଲେ । କିନ୍ତୁ ତାଙ୍କ ମତ ଅନୁସରଣ କରିବାକୁ ସେ କାହାକୁ ବାଧ୍ୟ କରୁ ନଥିଲେ । ଆଇ.ସି.ଏସ୍. ଚାରୁଚନ୍ଦ୍ର ଦତ୍ତଙ୍କ ଭଳି କେତେକେ କହୁଥା'ନ୍ତି ଯେ ମାଣିକତଳା ଉଦ୍ୟାନର ଯୁବକମାନେ ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶ ଅନୁସାରେହିଁ ପରିଚାଳିତ ହେଉଥିଲେ । ଏହା କେଡ଼େ ଅମୂଳକ ବହୁ ବର୍ଷ ପରେ ନୀରଦବରଣ ଏବଂ ଅନ୍ୟ ସେବକବୃନ୍ଦଙ୍କ ସହ ଶ୍ରୀଅରବିନ୍ଦଙ୍କ କଥାବାର୍ତ୍ତାରୁ ତାହା ସ୍ପଷ୍ଟ ହୁଏ :

''ସେମାନଙ୍କ ସହ ମୋର କୌଣସି ସମ୍ପର୍କ ନଥିଲା । ସେଇଟା ଥିଲା ବାରୀନର କାର୍ଯ୍ୟକ୍ରମ । ସେ ତରୁଣମାନେ କିଏ ମୁଁ ଜାଣି ନଥିଲି କି ସେମାନଙ୍କୁ କେବେ ବି ଦେଖି ନଥିଲି । ଥରୁଟିଏ ମାତ୍ର ବାରୀନ ଦଳଟିଏ ନେଇ ମୋ ବସାକୁ ଆସିଥିଲା, କିନ୍ତୁ ସେମାନେ ସଭିଏଁ ତଳେ ଅପେକ୍ଷା କରିଥିଲେ । ବାରୀନ ମୋର ବା (ସୁବୋଧ) ମଲ୍ଲିକର ପରାମର୍ଶ ଲୋଡ଼ୁଥିଲା । କିନ୍ତୁ ସେ ପୂରା ଆନ୍ଦୋଳନ ରହିଥିଲା ତା' ହାତରେ । ସେ ପାଇଁ ମୋର ସମୟ ନଥିଲା । କଂଗ୍ରେସ ରାଜନୀତି ଓ 'ବନ୍ଦେ ମାତରମ୍'କୁ ନେଇ ମୁଁ ବ୍ୟସ୍ତ ରହୁଥିଲି । (ତେଣୁ) ସେ ବ୍ୟାପାରରେ ମୋ ଭୂମିକା ଏକାନ୍ତ ଅଣନାଟକୀୟ ଥିଲା ।''[୪]

ଶ୍ରୀଅରବିନ୍ଦହିଁ ସେ ଆନ୍ଦୋଳନର ବୁଦ୍ଧିଦାତା ଓ ନେତା ବୋଲି ବାରୀନ କହିଛନ୍ତି – ଏକଥା ତାଙ୍କ ଦୃଷ୍ଟିକୁ ଅଣା ଯାଆନ୍ତେ ସେ ସ୍ପଷ୍ଟୀକରଣ ଦେଇଥିଲେ : ''ସେ ଆନ୍ଦୋଳନ ସହ ମୋର ସମ୍ପର୍କ ମୁଁ ଖୋଲାଖୋଲି ଭାବରେ ରାଜନୀତିରେ ଯୋଗ ଦେବା ପୂର୍ବରୁହିଁ ଆରମ୍ଭ ହୋଇଥିଲା । କଲିକତାଠାରେ ଏ ଆନ୍ଦୋଳନ ଆରମ୍ଭ କରିଥିଲେ ଓକାକୁରା ।[୫] କିନ୍ତୁ ସଭ୍ୟମାନଙ୍କ ଭିତରେ ସର୍ବଦା ବିବାଦ ଲାଗିରହୁଥାଏ । ମୁଁ କଲିକତା ଆସିବା ଅବସରରେ ସେ ଦଳ ସହ ସମ୍ପର୍କରେ ଆସିଲି । ସେମାନଙ୍କର ସଂଗଠନ ବୋଲି କିଛି ନଥିଲା । ସେମାନଙ୍କର ମୁଖ୍ୟ କାର୍ଯ୍ୟକ୍ରମ ଥିଲା କୌଣସି କୌଣସି ମାଜିଷ୍ଟ୍ରେଟଙ୍କୁ ମାଡ଼ଦେବା । କଳିକନ୍ଦଳ ଲାଗି ରହିଥାଏ । ମୁଁ ସେମାନଙ୍କୁ ସଂଗଠିତ କଲି; ବିବାଦ ମୀମାଂସା କରିଦେଲି ଏବଂ ବରୋଦା ପ୍ରତ୍ୟାବର୍ତ୍ତନ କଲି । ପୁଣି ବିବାଦ ଦେଖାଦେଲା । ପୁଣି ମୁଁ କଲିକତା ଆସି ମିଳାମିଶା କରାଇଲି । ତା'ପରେ ସବୁ ବାରୀନ ହାତକୁ ଚାଲିଗଲା ।''[୬]

ଶ୍ରୀଅରବିନ୍ଦ ବୁଝାଇଥିଲେ ଯେ ତାଙ୍କ ଆଭିମୁଖ୍ୟ ଥିଲା ଦେଶବ୍ୟାପୀ ଏକ ବିପ୍ଳବ-ପ୍ରସ୍ତୁତି । କିନ୍ତୁ ସେ ସ୍ୱୟଂ ଖୋଲା ରାଜନୀତିରେ ସଂପୃକ୍ତ ହୋଇପଡ଼ିବା ଫଳରେ ସେ ଦିଗରେ ଉଦ୍ୟମ ବଳବତ୍ତର ରଖିପାରିଲେ ନାହିଁ । ତତ୍ପରେ ସେ କହିଥିଲେ, ''ନହେଲେ କେତୋଟି ବୋମା ଏଣେତେଣେ ଫୋପାଡ଼ି ଆମେ ବ୍ରିଟିଶ ସରକାରକୁ କ୍ଷମତାଚ୍ୟୁତ କରିପାରିବୁଁ; ମୋର ସେମିତି ଧାରଣା କଦାଚ ନଥିଲା । ସେମାନଙ୍କ ଭିତରେ ତାହାହିଁ ସମ୍ଭବତଃ ବିବାଦର କାରଣ । ପି. ମିତ୍ର ମୂଳ ଆଦର୍ଶରେ ବିଶ୍ୱାସୀ ଥିଲେ । ବାରୀନ କିନ୍ତୁ ସନ୍ତ୍ରାସବାଦ ସପକ୍ଷରେ ଥାଏ । ମୁଁ କେବେ ମଧ୍ୟ ସେ ଆନ୍ଦୋଳନ ବା ସଂପୃକ୍ତ ଯୁବକମାନଙ୍କ ସହ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ନଥିଲି ବା ସେମାନଙ୍କୁ ଜାଣି ନଥିଲି । କାରାଗାରରେ ଯାଇ ସେମାନଙ୍କ ସମ୍ପର୍କରେ ଆସିଲି – ବିଶେଷତଃ ନଳିନୀ, ବିଜୟ ପ୍ରମୁଖଙ୍କ ସହ ।''[୭]

ଏ ବିବୃତିରୁ ସ୍ପଷ୍ଟ, ୧୯୦୭ ମସିହାର ଶେଷ ଆଡ଼କୁ ଦେଓଘର ସନ୍ନିକଟବର୍ତ୍ତୀ ନିର୍ଜନ ପାହାଡ଼ ଉପରେ ନିଜ ଦ୍ୱାରା ପ୍ରସ୍ତୁତ ବୋମାବିସ୍ଫୋରଣର ପରୀକ୍ଷା କରିବାକୁ ଯାଇ ବାରୀନ୍ଦ୍ର କୁମାର, ନଳିନୀକାନ୍ତ ଏବଂ ଉଲ୍ଲାସକର ଯେ ସେମାନଙ୍କର

ଜଣେ ଅତ୍ୟନ୍ତ ଧୀମାନ୍ ବନ୍ଧୁ ପ୍ରଫୁଲ୍ଲ ଚକ୍ରବର୍ତ୍ତୀଙ୍କୁ ହରାଇଥିଲେ, ସେ କଥା ମଧ୍ୟ ଶ୍ରୀଅରବିନ୍ଦଙ୍କ ଗୋଚରକୁ ଆସି ନଥିଲା ।

ମାଣିକତଲା ଉଦ୍ୟାନଗୃହରେ ସେ ସଂଗଠନ ପ୍ରଥମେ ଚାରି, ପାଞ୍ଚ ଜଣ ଯୁବକଙ୍କୁ ନେଇ ଆରମ୍ଭ ହୋଇଥିଲା । କ୍ରମେ ସଂଖ୍ୟା ପ୍ରାୟ କୋଡ଼ିଏରେ ପହଞ୍ଚିଥିଲା । ଅଳ୍ପ କେତେ ଜଣ ସେଠାରେ ନରହି ଘରୁ ବା କୌଣସି ଛାତ୍ରାବାସରୁ ଯିବା ଆସିବା କରୁଥିଲେ । ଗୋଟାଏ କଥା ଯାହା ନିଃସନ୍ଦେହରେ କୁହାଯାଇପାରେ, ତାହାହେଲା, ସେମାନେ ସଭିଏଁ ଥିଲେ ସଚ୍ଚା, ଅନୁପ୍ରାଣିତ ଦେଶପ୍ରେମୀ । (ଅବଶ୍ୟ ସେମାନଙ୍କ ଭିତରେ ଥିଲେ ଦୁଇ, ତିନିଜଣ ଦୁର୍ବଳମନା, ଯଥା ଫାଶୀ ମଞ୍ଚରେ ଚଢ଼ିବାର ସମ୍ଭାବନାରେ ଆତଙ୍କିତ ନରେନ୍ ଗୋସାଇଁ କିଂବା ପରବର୍ତ୍ତୀ କାଳରେ ପ୍ରତିକ୍ରିୟାଶୀଳ ପାଲଟି ଯାଇଥିବା ହେମଚନ୍ଦ୍ର କାନୁନ୍‌ଗୋ ।) ମୃତ୍ୟୁଦଣ୍ଡ ଅବଧାରିତ, ସେ ବିଷୟରେ ସମ୍ପୂର୍ଣ୍ଣ ସଚେତନ ଥାଇ ସେମାନେ ବିଦେଶୀ ଶାସକମାନଙ୍କୁ ଆକ୍ରମଣ କରୁଥିଲେ – ଦେଶବାସୀଙ୍କ ଆଗରେ ଏତକ ସାବ୍ୟସ୍ତ କରିବା ସକାଶେ ଯେ ସେସବୁ ବିଲାତି ମଣିଷ ମଧ୍ୟ ମାଟିରେ ଗଢ଼ା ! କେତେ ଜଣ କୁଖ୍ୟାତ ଅତ୍ୟାଚାରୀଙ୍କୁ ଶେଷ କରି ଦେଇ ଦେଶବାସୀଙ୍କ ହୃଦୟରେ ଥିବା ଅପମାନବୋଧ ଓ ପ୍ରତିଶୋଧ ସ୍ପୃହାକୁ ଶାନ୍ତ କରିବା ମଧ୍ୟ ଥିଲା ସେମାନଙ୍କର ଅନ୍ୟତମ ଉଦ୍ଦେଶ୍ୟ । ଆଉ କେତେକଙ୍କ ବିଶ୍ୱାସ ଥିଲା, ପ୍ରଥମେ ଅତ୍ୟାଚାରୀ ଏବଂ ସେମାନଙ୍କ ସମର୍ଥକମାନଙ୍କ ମନରେ ସନ୍ତ୍ରାସ ଉପୁଜାଇବା ସଙ୍ଗେ ସଙ୍ଗେ ଯଥେଷ୍ଟ ସଂଖ୍ୟକ ରାଇଫେଲ୍ ସଂଗ୍ରହ କରି ପାରିଲେ ତେଣିକି ସଶସ୍ତ୍ର ଜାତୀୟ ବିପ୍ଳବ ପାଇଁ ଅନୁକୂଳ ବାତାବରଣ ସୃଜିତ ହୋଇପାରିବ ।

ସେମାନଙ୍କ ସ୍ୱପ୍ନକୁ ବିଫଳ କରିବା ନିମନ୍ତେ ନୂଆ ନୂଆ ଶକ୍ତିଶାଳୀ ମାରଣାସ୍ତ୍ର ଉଦ୍ଭାବିତ ହେଉଛି ଏବଂ ସେସବୁ ବିପ୍ଳବୀମାନେ ଆୟତ୍ତ କରିବାର ସମ୍ଭାବନା ନାହିଁ, ଏ ବିଷୟରେ ସେ ଯୁବକମାନେ ଅବହିତ ନଥିଲେ । ମାରଣାସ୍ତ୍ରଠାରୁ ବହୁ ଗୁଣ ଅଧିକ ଶକ୍ତିଶାଳୀ ଅନ୍ୟ ଯେଉଁ ଅସ୍ତ୍ର ମଧ୍ୟ ସରକାରର ତୁଙ୍ଗ ପରିଚାଳକମାନେ ଉଦ୍ଭାବନ କରୁଥିଲେ, ସେକଥା ଦେଶପ୍ରେମୀମାନଙ୍କ କଳ୍ପନାକୁ ଆସି ନଥିଲା । ତାହା ହେଲା ସାମ୍ପ୍ରଦାୟିକ ଭେଦଭାବ ସଞ୍ଚାର । ଏ ମହାଜାତିର ଐକ୍ୟ ଏବଂ ସଂକଳ୍ପକୁ ଦୁର୍ବଳ କରିଦେବା ଦିଗରେ ତାହାହିଁ ବିଦେଶୀ ସରକାରର ସର୍ବାଧିକ ଶକ୍ତିଶାଳୀ ଅସ୍ତ୍ର ବୋଲି ଅଚିରେ ପ୍ରମାଣିତ ହେଲା ।

ନାନାଦି କୀଟପତଙ୍ଗ ତଥା ଆବର୍ଜନା ଅଧ୍ୟୁଷିତ ମାଣିକତଲା ଉଦ୍ୟାନ-ଭବନରେ ଅନ୍ତେବାସୀମାନଙ୍କର ଉଷ୍ଣମ ଦେଶପ୍ରେମୀ ରକ୍ତ ସେଠାକାର ବରିଷ୍ଠ ବାସିନ୍ଦା ମଶାମାନଙ୍କୁ ଆପ୍ୟାୟିତ କରିଥିବ । ମାଛିଙ୍କ ଆଧିପତ୍ୟ ମଧ୍ୟ କମ୍ ନଥିଲା ।

ଉଦ୍ୟାନ ପରିସର ଭିତରେ ଦୁଇଟି ଛୋଟ ଛୋଟ ପୋଖରୀ । ସ୍ନାନ, ସନ୍ତରଣ, ଲୁଗାପଟା ଓ ବାସନ କୁସନ ପରିଷ୍କାର, ରୋଷେଇ ତଥା ତୃଷ୍ଣା ନିବାରଣ – ଯାବତୀୟ କର୍ମରେ ବ୍ୟବହୃତ ହେଉଥିଲେ ସେ ଉଦାର ଜଳାଶୟ ଯୋଡ଼ିକ । ସେଭଳି ପରିବେଶରେ ସେ ଯୁବକମାନେ ଯେ ସୁସ୍ଥ ସବଳ ରହିପାରୁଥିଲେ, ତାହା ଗୋଟାଏ ବିସ୍ମୟ ।

ପାଳି କରି ଜଣେ ଜଣେ ରନ୍ଧାରନ୍ଧି କରୁଥିଲେ । ଭାତ ଏବଂ ଡାଲି । କେବେ କେବେ ବିଳାସ ରୂପେ ଆଳୁ । ଜଣେ ଲେଖିଯାଇଛନ୍ତି, ‘‘ବାରୀନ ଥିଲେ କଡ଼ା ବ୍ରହ୍ମଚାରୀ । ମାଛକାତି ଖଣ୍ଡିଏ ତ ଦୂରର କଥା, ପିଆଜର ମଧ୍ୟ ବାଗାନରେ ପଶିବାର ଯୋଗ୍ୟତା ନଥିଲା । ଲଙ୍କା ମଧ୍ୟ କଡ଼ାକଡ଼ି ନିଷିଦ୍ଧ । ସେଥିଯୋଗୁଁ ଅବଶ୍ୟ ଆମ ଖର୍ଚ୍ଚବାର୍ଚ୍ଚ ମଧ୍ୟ କମ୍ ହେଉଥିଲା ।’’(୮)

(କ୍ରମଶଃ)

❑❑❑

## ତଥ୍ୟ ନିର୍ଦ୍ଦେଶିକା


୧. ଲଜପତ୍ ରାଏ : *India's Will to Freedom : Ganesh & Co., Madras, 1921.*

୨. ଜୟନ୍ତୀ ମୁଖୋପାଧ୍ୟାୟ : ‘‘ସଂଗ୍ରାମ ଦଶକେ ଶ୍ରୀଅରବିନ୍ଦ’’ (ବଙ୍ଗଳା) : *The National Council of Education; Bengal, Kolkata.*

୩. *The Bande Mataram,* ୧୮ ଏପ୍ରିଲ ୧୯୦୮; *SABCL Vol. 1; p. 864.*

୪. ନୀରଦବରଣ : *Talks with Sri Aurobindo, Vol. 1, p. 502,* ଶ୍ରୀଅରବିନ୍ଦ ଆଶ୍ରମ ।

୫. କାକୁଜୋ ଓକାକୁରା (୧୮୬୨-୧୯୧୩) ଜାପାନୀ କଳା-ସମାଲୋଚକ ଏବଂ ପ୍ରାଚ୍ୟର ଅଭ୍ୟୁତ୍ଥାନ ନିମନ୍ତେ ଆଗ୍ରହୀ । ସେ କଲିକତାରେ କିଛିକାଳ ବେଲୁଡ଼ ମଠରେ ରହିଥିଲେ ଏବଂ ପି. ମିତ୍ର ଓ ସରଳା ଦେବୀଙ୍କୁ ବିପ୍ଳବ ସଂଗଠନ ନିମନ୍ତେ ଉତ୍ସାହ ଦେଇଥିଲେ ।

୬. ନୀରଦବରଣ : *Talks with Sri Aurobindo.*

୭. ତତ୍ରୈବ ।

୮. ଉପେନ୍ଦ୍ରନାଥ ବନ୍ଦୋପାଧ୍ୟାୟ : ''ନିର୍ବାସିତେର ଆତ୍ମକଥା'' (ବଙ୍ଗଳା); National Publisher, Kolkata. ❑

# ଉଷା ସୂକ୍ତ

## (ଋଗ୍‌ବେଦ : ତୃତୀୟ ମଣ୍ଡଳ : ୬୧ ସୂକ୍ତ)

## ଗଣେଶ ପ୍ରସାଦ କରଶର୍ମା

ବହଳ ଅନ୍ଧାର ଚିରି –
ଦିବାଲୋକ ଉଦ୍ଭାସିତ କରି –
ଅନ୍ନଦା-ଧନଦା ତୁମେ ହେ ଉଦିତା ଉଷାଦେବି,
କରୁ ଅଛୁ ଆମେ ତବ ଶୁଭ ସ୍ତବଗାନ –
ନିତି ପ୍ରତି ମଙ୍ଗଳ ପ୍ରଭାତେ ।

ସକଳ ଦେବାଦେବୀଙ୍କ ତୁମେ ବନ୍ଦନୀୟା –
ହେ ଦେବି ଚିରନ୍ତନି ଅନନ୍ତ ଯୌବନା –
ଏ ବିଶ୍ୱ ଯଜ୍ଞବେଦୀରେ କରୁ ଆମେ ତବ ଆରାଧନା ।

ଅମୃତମୟି ହେ ତୁମେ ଯାତାୟାତ କର ସ୍ୱର୍ଣ୍ଣପଥେ –
ହିରଣ୍ମୟ : ଦୀପ୍ତ ସୂର୍ଯ୍ୟାଲୋକେ ।
ଅରୁଣ ବର୍ଣ୍ଣ ତୁମର ଗତିଶୀଳ ବିଜୟ-ସ୍ୟନ୍ଦନ –
ଶକ୍ତିମାନ ଅଶ୍ୱ ଯୂଥ ଯୁକ୍ତ ହୋଇ ସଦା –
ଧାବମାନ ଦିବାଲୋକେ ଅସ୍ତାଚଳ ପଥେ ।
ପୁଣ୍ୟମୟି ଉଷାଦେବି ତୁମର ସେ ସ୍ୟନ୍ଦନ-ଚୂଡ଼ାରେ –
ଉଡୁଅଛି ଶାଶ୍ୱତ-କେତନ –
ସମ୍ମୁଖେ ତୁମର ସୀମାହୀନ ଏ ବିଶ୍ୱଭୁବନ ।
ଚକ୍ରାକାରେ ହୁଏ ତୁମ ଦିବ୍ୟ-ଆବର୍ତ୍ତନ,
ପୁରାତନ ପଥେ ତୁମ ଯାତ୍ରାହିଁ ନୂତନ ।

ବଦଳାଇ ପ୍ରତିଦିନ ତୁମର ସେ କୃଷ୍ଣ ବର୍ଣ୍ଣ-ବାସ,
ପରିଧାନ କରି ଦିବ୍ୟ-ଉଜ୍ଜ୍ୱଳ-ବସନ –
ତା'ପରେ ପ୍ରବେଶ କର ଆଦିତ୍ୟଙ୍କ ବାସର-ମନ୍ଦିରେ,
ପ୍ରାଣବନ୍ତ କରି ସ୍ୱର୍ଗଲୋକ –
ଦୂର କରି ମର୍ତ୍ତ୍ୟର ଜଡ଼ତା ।
ହେ ହୋତୃଗଣ, ହେଲା ଉଷାଦେବୀଙ୍କର ଶୁଭ ଆଗମନ,
ତୁମେ ସବୁ ଜଣାଅ ପ୍ରଣାମ –
ସ୍ତୁତିସବୁ ହେଉ ଫଳପ୍ରସୂ ।

ଆଲୋକରେ ବିମଣ୍ଡିତ ଆକାଶ-ମଣ୍ଡଳ –
ପୂର୍ବାକାଶ ବିଭୂଷିତ ଉଷାଙ୍କର ଅମୃତ ଆଭାରେ !
ସକଳ ଜୀବଜଗତ ଗାଏ ତାଙ୍କ ସ୍ତୁତିର ସଙ୍ଗୀତ,
ନବପ୍ରାଣେ ହୋଇ ଉଜ୍ଜୀବିତ ।
ଆକାଶ ସ୍ପନ୍ଦିତ ହୁଏ ତାଙ୍କ ରମ୍ୟ ଚରଣ-ପାତରେ,
ଦୂର ହୁଏ ଧୀରେ ଧୀରେ ତାମସି-ପରଦା,
ଚିନ୍ମୟୀ ସେ ଉଷା ଆଗମନେ –
ସ୍ୱର୍ଗ-ମର୍ତ୍ତ୍ୟ ହୁଏ ଉଦ୍ଭାସିତ ।
ଜୀବର ଜୀବନ ତୁମେ ହେ ବୈଶ୍ୱାନର,
କର ତାଙ୍କ ଦିବ୍ୟ-ଆବାହନ –
ଘେନି ତୁମ ହବି ଦ୍ରବ୍ୟମାନ ।
ସତ୍ୟଦା-ପୁଣ୍ୟଦା-ସେହି ଜଗନ୍ମୟୀ ଉଷାଙ୍କର
କର ଜୟଗାନ ।

❑❑❑

ଯୋଗସମନ୍ୱୟ (୭୮)

# ଅତିମାନସର ସାଧନଚୟ

## (୨)

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଚତୁର୍ଥ-ଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ତ୍ରୟୋବିଂଶ ଅଧ୍ୟାୟ – ''ଅତିମାନସର ସାଧନଚୟ – ଭାବନା-ପ୍ରକ୍ରିୟା''
(**The Synthesis of Yoga, Part - IV, The Yoga of Self-Perfection, Chapter - XXIII "The Supramental Instruments - Thought-process"**ର ଅବଲମ୍ବନରେ ।]

**ପୂର୍ଣ୍ଣଚନ୍ଦ୍ର ମହାପାତ୍ର**

ଯେତେବେଳେ ଯୁକ୍ତିବୁଦ୍ଧି ଅତିମାନସ ଦିଗରେ ଉନ୍ମୁକ୍ତ ହୋଇଯାଏ ସେତେବେଳେ ଏହାର ସଂକୀର୍ଣ୍ଣ ସୀମାର ବହୁ ବିସ୍ତୃତି ଘଟେ । ମାତ୍ର ଯୁକ୍ତିବୁଦ୍ଧି (reason) ଲୋପ ପାଇଯାଏ ନାହିଁ ବା ଅନ୍ୟକିଛି ତା' ସ୍ଥାନ ଗ୍ରହଣ କରେ ନାହିଁ । ଆମେ ଯୁକ୍ତିବୁଦ୍ଧିର ରୂପ ଯେପରିଭାବେ ଜାଣୁ ତାହା ଆଉ ସେପରି ରହେ ନାହିଁ । ତା'ର ଉନ୍ନତି, ବିସ୍ତୃତି ଓ ବିକାଶ ଘଟି ସାରିଥାଏ । ମନୁଷ୍ୟର ଯୁକ୍ତିବୁଦ୍ଧି ପଶ୍ଚାତରେ ଅଛି ଅତିମାନସ ଯୁକ୍ତିବୁଦ୍ଧି । ଯୁକ୍ତିବୁଦ୍ଧିର ରୂପାନ୍ତର ଘଟିଲେ ସେ ଉଭୟ ବାହ୍ୟ ଓ ଆଭ୍ୟନ୍ତରୀଣ କ୍ଷେତ୍ରରେ ସକ୍ରିୟ ହୋଇଯାଏ ।

ଏପରି ସ୍ଥିତିରେ ଯୁକ୍ତିବୁଦ୍ଧି ଅନ୍ୟମାନଙ୍କ ଭାବଭଙ୍ଗୀରୁ ସେମାନଙ୍କ ମଧ୍ୟରେ କ'ଣ ଘଟୁଛି ତାହା ଜାଣିପାରେ । ସେ ମଧ୍ୟ ସ୍ଥୂଳ ଭୂମିର ଆରପାରିରେ ଘଟୁଥିବା ଘଟଣା ଜାଣିପାରେ । ଏସବୁ ସାଧାରଣ ମନ ପାଇଁ ଅଜ୍ଞେୟ ତତ୍ତ୍ୱ । ଯୁକ୍ତିବୁଦ୍ଧି ସୃଷ୍ଟିର ନିୟମ, ପ୍ରକୃତିର ନିୟମ ଓ ଜୀବଜଗତର ନିୟମକୁ ବୁଝିପାରେ । ଅତିମାନସ ଯୁକ୍ତିବୁଦ୍ଧିକୁ ଅଧିକାର କରିନେବା ପରେ ଏହାର ବିଚାର ଅଧିକ ସ୍ପଷ୍ଟ ହୁଏ । ଏହା ଏକତ୍ୱ ମଧ୍ୟରେ ବହୁତ୍ୱ ଅନୁଭବ କରିପାରେ (unity in diversity) । ତା'ପରେ ବିଚାର କରିବା ସ୍ମୃତି ସମ୍ପର୍କରେ ।

ମନର ଅନ୍ୟ ଏକ ସମ୍ପ୍ରୟୋଜନ କରଣ ହେଲା ସ୍ମୃତି । ଶାସ୍ତ୍ରରେ ତାକୁ ଚିତ୍ତ କୁହାଯାଏ । ଏହା ସ୍ମୃତିର ଗନ୍ତାଘର । ସ୍ମୃତି ତିନିପ୍ରକାର – ପ୍ରଥମତଃ ବ୍ୟକ୍ତି ମାନସର ସ୍ମୃତି, ଅନ୍ୟଟି ଜାତି ମାନସର ସ୍ମୃତି । ଏହା ଥାଏ ସଂସ୍କାରଭାବେ । ଆଉ ଏକ ସ୍ମୃତି ଅଛି ଯାହା ଅବ୍ୟକ୍ତ ସ୍ମୃତି । ଏହା ବାହ୍ୟ ଚାପ ଫଳରେ ବା ଭିତରୁ ସ୍ୱତଃ ଫୁଟିଉଠେ । ସ୍ମୃତି ମଧ୍ୟରେ ଥାଏ ଅତୀତର ଅଭିଜ୍ଞତା । ଯୁକ୍ତିବୁଦ୍ଧି ତାକୁ ବ୍ୟବହାର କରି ଜାଣେ ଗବେଷଣା କ୍ଷେତ୍ରରେ । ଲୌକିକ ପରି ଅଲୌକିକ ସ୍ମୃତି ସ୍ଫୁରଣ ମଧ୍ୟ ସମ୍ଭବ । ଯୋଗ ସମନ୍ୱୟ ଭାଷାରେ : "Memory is the indispensable aid of the mind to preserve its past observations, the memory of the individual but also of the race, whether in the artificial form of accumulated records or the general race memory..."

(*The Synthesis of Yoga*, p. 854)

ସ୍ମୃତି ଆମ କଳ୍ପନା ଓ ମନର ଅତୀତର ପର୍ଯ୍ୟବେକ୍ଷଣକୁ ସଂରକ୍ଷିତ କରିବାରେ ଏକ ଅପରିହାର୍ଯ୍ୟ ସହାୟକ ।

ସ୍ମୃତି ଓ ଯୁକ୍ତିବୁଦ୍ଧିର ଅନ୍ୟ ଏକ ସହାୟକ ହେଲା କଳ୍ପନା । କଳ୍ପନା ବାସ୍ତବ କ୍ଷେତ୍ରରେ ସକ୍ରିୟ ନୁହେଁ, ଭାବ କ୍ଷେତ୍ରରେ ସକ୍ରିୟ । ଏହାର ଅର୍ଥ ଭୂତାର୍ଥ ନୁହେଁ ଭବ୍ୟାର୍ଥରେ ଏହାର ଭୂମିକା ରହିଛି । କଳ୍ପନାରେ ପ୍ରକାଶ ପାଇପାରେ ସତ୍ୟର ଆଭାସ । କିନ୍ତୁ କଳ୍ପନାରେ ନୈଶ୍ଚିତ୍ୟ ରହି ନପାରେ । ଏଣୁ ଯୁକ୍ତିବୁଦ୍ଧି ତା' ଉପରେ ନିର୍ଭରଶୀଳ ନୁହେଁ । ତଥାପି କୌଣସି ପ୍ରକଳ୍ପ ଗଠନ ପାଇଁ କଳ୍ପନା ପ୍ରୟୋଜନ ହୁଏ । ବେଳେ ବେଳେ କଳ୍ପନା ମଧ୍ୟ ଉଦ୍‌ଭ୍ରାନ୍ତ ହୋଇଯାଏ । ଏହା ବୋଲି ମନ ପାଇଁ କଳ୍ପନା ଏକାନ୍ତ ଅବାନ୍ତର ନୁହେଁ । କାରଣ ତା'ର ଗଭୀରରେ ବୋଧିର ଗୋଟିଏ ପ୍ରଭାବ ଥାଏ । ମନକୁ କଳ୍ପନା ଏକ ଅଜ୍ଞାତ ବସ୍ତୁର ଅସ୍ପଷ୍ଟ ଧାରଣା ଦିଏ । ଅନ୍ତର୍ମୁଖୀନତା ଦ୍ୱାରା କଳ୍ପନାକୁ ସକ୍ରିୟ କଲେ ଅତୀନ୍ଦ୍ରିୟ ସତ୍ୟର ଅନୁଭବ ସମ୍ଭବ ହୁଏ । ଯଦି କଳ୍ପନା ପ୍ରାତିଭ ସଂବିତ୍ ପର୍ଯ୍ୟନ୍ତ ଉତ୍ତୀର୍ଣ୍ଣ

ହୋଇଯାଇପାରେ ତେବେ ସ୍ମୃତି ଓ ନିର୍ଣ୍ଣୟ ଶକ୍ତି ଉଭୟଙ୍କୁ ସାହାଯ୍ୟ କରେ ।

ଆଧୁନିକ ଯୁଗରେ ବୁଦ୍ଧି ବିଶେଷ ପ୍ରାଧାନ୍ୟ ବିସ୍ତାର କରିଛି । ମାତ୍ର ବୁଦ୍ଧି ଯଥାର୍ଥ ସତ୍ୟ କ'ଣ ତାହା ଜାଣିପାରେ ନାହିଁ । ଏଣୁ ତା'ର ଜ୍ଞାନ ସୀମିତ । ବୁଦ୍ଧି ଆମର ବହିର୍ଜଗତ୍ ସମ୍ବନ୍ଧରେ ଜ୍ଞାନର ପରିସର ଯେଉଁ ଅନୁପାତରେ ବୃଦ୍ଧି କରି ଚାଲିଛି, ଆନ୍ତରଜଗତରେ ଆଧ୍ୟାତ୍ମିକ ଜ୍ଞାନ ସେପରିଭାବେ ବୃଦ୍ଧି କରିପାରି ନାହିଁ । ଫଳରେ ଘଟିଛି ସଭ୍ୟତାର ସଂକଟ । ଏଣୁ ଏହି ସମସ୍ୟାର ସମାଧାନ ପାଇଁ ବୋଧିକୁ ଆବାହନ କରିବାକୁ ହେବ । ଶେଷରେ ଅତିମାନସିକ ରୂପାନ୍ତରରେ ଏ ସମସ୍ୟାର ପୂର୍ଣ୍ଣ ସମାଧାନ ଘଟିବ ।

ପୂର୍ବେ ସୂଚନା ଦେଇଛୁ ମନ ଓ ଅତିମାନସ ମଧ୍ୟରେ ବୋଧିହିଁ ସେତୁ ବା ସଂଯୋଗ ସୂତ୍ର । ଇନ୍ଦ୍ରିୟମାନଙ୍କ ଦୃଷ୍ଟି ଓ ଅତିମାନସର ଦୃଷ୍ଟି ମଧ୍ୟରେ ଆକାଶପାତାଳ ଫରକ । ଇନ୍ଦ୍ରିୟ ବସ୍ତୁର ବାହ୍ୟ ରୂପ ଦେଖେ । ମାତ୍ର ଅତିମାନସ ବସ୍ତୁର ଅନ୍ତରସ୍ଥ ଭାବ-ରୂପ ସହ ବାହ୍ୟ ରୂପ ବି ସ୍ପଷ୍ଟ ଭାବେ ଜାଣେ ଓ ଏସବୁକୁ ପ୍ରତ୍ୟକ୍ଷ କରିପାରେ । ଯେତେବେଳେ ଚେତନାର ଅନ୍ତର୍ବୃତ୍ତିରେ ଭାବ ପ୍ରଗାଢ଼ ହୋଇଯାଏ, ଯାହା ହେଲା ବସ୍ତୁ ସତ୍ତାକୁ ଅତିକ୍ରମ କରି ତା'ର ଭାବସତ୍ତାରେ ବିକଶିତ ହୋଇଉଠିବା, ସେତେବେଳେ ବୋଧିର ପ୍ରକାଶ ହୁଏ । ବୋଧିକୁ ଆଶ୍ରୟ କରି ଅତିମାନସ ଯୁକ୍ତିବୁଦ୍ଧିର ରୂପାନ୍ତର ଘଟାଏ । ବିଜ୍ଞାନ ବିଷୟ ଓ ବିଷୟୀକୁ ଏକରେ ପରିଣତ କରିଦିଏ । ବିଷୟର ବୋଧ ତେବେ ଆତ୍ମବୋଧର ବୃତ୍ତି । ଜ୍ଞାନ ପାଇଁ ବିଷୟକୁ ବାହାରେ ରଖି ବୁଝାଯାଏ ନାହିଁ । ତାହାକୁ ଆତ୍ମୀୟରୂପେ ହୃଦୟଙ୍ଗମ କରାଯାଏ । ଏହା ହେଲା ଅତିମାନସ ଯୁକ୍ତିବୁଦ୍ଧିର ସ୍ୱଧର୍ମ ।

ପ୍ରାକୃତ ଇନ୍ଦ୍ରିୟ-ବୋଧରେ ରହିଛି ଜ୍ଞାତା, ଜ୍ଞେୟ ଓ ଜ୍ଞାନର ତିନିରୂପ । ଏଠାରେ ଚେତନାରେ ସ୍ପଷ୍ଟ ହୁଏ ବିଷୟ । ଜ୍ଞାତା ରହିଯାଏ ନେପଥ୍ୟରେ । ଅତିମାନସରେ ଏଇ ତିନିଗୋଟି ବୋଧ ଯଥା ଜ୍ଞାତା, ଜ୍ଞେୟ ଓ ଜ୍ଞାନ ଏକତ୍ର ରହିଥାଆନ୍ତି । କାହାକୁ ଲୋପ କରାଯାଏ ନାହିଁ । ମାତ୍ର ଏଠାରେ ଜ୍ଞାତା ଚିନ୍ମୟ । ତା'ର ଚିନ୍ମୟ ବୃତ୍ତି ମାଧ୍ୟମରେ ହୁଏ ଚିନ୍ମୟ ବିଷୟର ବୋଧ । ଗ୍ରାହୀ, ଗ୍ରହଣ ଏବଂ ଗ୍ରାହ୍ୟ ଚୈତନ୍ୟରୂପେ ଅନୁଭୂତ ହୁଏ । ଏହା ଅତିମାନସର ବୋଧ ।

ଅତିମାନସର ପ୍ରାକୃତ ବୁଦ୍ଧିର ଦୃଷ୍ଟି ଅଛି । ପ୍ରାକୃତ ବୁଦ୍ଧିରେ ଦ୍ରଷ୍ଟା ଓ ଦ୍ରଷ୍ଟବ୍ୟ ମଧ୍ୟରେ ଗୋଟିଏ କୃତ୍ରିମ ଭେଦ ସର୍ବଦା ଥାଏ । କାରଣ ବୁଝିବାକୁ ଚାହୁଁଥିବା ବସ୍ତୁ ତା' ବାହାରେ ରହିଛି । ଏହାହିଁ ତା'ର ବୁଝିବାର ଧାରା । ପ୍ରାକୃତ ବୁଦ୍ଧି ମନୋନିର୍ଭର । ମନ ଅବିଦ୍ୟାଜଡ଼ିତ, ତା'ର ଦୃଷ୍ଟି ଖଣ୍ଡିତ, ଏଠି ରହେ ବିଷୟ ଓ ବିଷୟୀରେ ବିଜାତୀୟ ଭେଦ । ଅତିମାନସ ଏଥିରୁ ମୁକ୍ତ । ଏଠାରେ ଦର୍ଶନ ''ଆତ୍ମାନମ୍ ଆତ୍ମନି ଆତ୍ମନା'' । ଆତ୍ମାକୁହିଁ ଆତ୍ମା ନିଜ ସ୍ୱରୂପରେ ଦେଖେ । ପ୍ରାକୃତ ବୁଦ୍ଧିରେ ଦ୍ରଷ୍ଟା ହେଲା 'ଅହମ୍' ଏବଂ ଅତିମାନସରେ ଦ୍ରଷ୍ଟା ହେଲା 'ଆତ୍ମା' । ଦ୍ରଷ୍ଟା ଦୃଶ୍ୟକୁ ନିଜଠାରୁ ଭିନ୍ନ କରି ଦେଖିବା ହେଲା ପ୍ରାକୃତ ଦର୍ଶନର ରୀତି । କିନ୍ତୁ ବେଳେ ବେଳେ ଦ୍ରଷ୍ଟାର ଦୃଶ୍ୟ ସହ ସହୃଦୟତା ଜନ୍ମେ, ଉକ୍ତ ସମୟରେ ଦ୍ରଷ୍ଟା ଦୃଶ୍ୟର ଆତ୍ମୀୟ ହୋଇଯାଏ । ଯେତେବେଳେ ଜଣେ ଅନ୍ୟକୁ ନିବିଡ଼ ଭାବେ ଭଲପାଏ, ସେତେବେଳେ ଏପରି ଅନୁଭୂତି ଘଟିପାରେ । ଏହି ନିବିଡ଼ତା, ଆତ୍ମୀୟତା ଓ ଏକତ୍ୱର ଚରମ ରୂପ ଦେଖାଯାଏ ଅତିମାନସରେ । ଏହା ହେଲା ଆତ୍ମ ଦର୍ଶନ – ନିଜକୁ ଦେଖିବା । ଅହଂ ଯଦି ବିଶ୍ୱମୟ ରୂପେ ବିସ୍ତାରିତ ଓ ବିଶ୍ୱାତୀତରେ ପରିଣତ ହୁଏ, ତେବେ ଏଇ ଅନୁଭବ ସମ୍ଭବ । ଅତିମାନସରେ ବିଷୟ-ଦର୍ଶନହିଁ ଆତ୍ମଦର୍ଶନର ଅନ୍ୟନାମ ।

ଅତିମାନସର ଦୃଷ୍ଟିକୁ ସକ୍ରିୟ ଓ ସ୍ପଷ୍ଟ କରିବା ପାଇଁ ପ୍ରଥମେ ବିଶ୍ୱ ସହ ତାଦାତ୍ମ୍ୟବୋଧ ଲାଭ କରିବାକୁ ହେବ । ଚେତନାର ବୃତ୍ତି ଅନ୍ତର୍ମୁଖୀ ହେଲେ ତାଦାତ୍ମ୍ୟବୋଧ ଗଭୀର ହୁଏ । ଆପଣା ଅନ୍ତରର ଗଭୀରରେ ବୁଡ଼ିଗଲେ ଆମେ ବିଷୟ ସହ ଏକ ହୋଇଯାଉ । ସେଠାରେ ବିଷୟର ତତ୍ତ୍ୱଜ୍ଞାନ ଲାଭ ହୁଏ । ଯାହା ଯୋଗୀର ଧାରା । ଏପରି ଏକାଗ୍ରତା ବା ସଂଯମରେ ଧାରଣା, ଧ୍ୟାନ ଓ ସମାଧିର ହୁଏ ଏକତ୍ୱ ଅନୁଭବ । ପ୍ରାକୃତ ଭୂମିରେ ଜାଣିବାର ଧାରା ଏହାର ବିପରୀତ, ପ୍ରାକୃତ ଚେତନା ବିଷୟର କେବଳ ବାହାରଟା ଦେଖେ, ଭିତରେ କ'ଣ ଅଛି ତାହା ଜାଣିବାରେ ସେ ଅସମର୍ଥ ହୁଏ । ଅନ୍ତର୍ମୁଖୀ ଯୋଗୀ ବିଷୟର ଗଭୀରକୁ ଯାଇ ଆତ୍ମବୋଧ ଦ୍ୱାରା ଜ୍ଞାତବ୍ୟ ବିଷୟକୁ ସହଜରେ ଜାଣେ । ଯେଉଁ ସମୟରେ ଆତ୍ମବୋଧ ଭିତରେ ଓ ବାହାରେ ସମରସରେ ସ୍ଥିତ ସେ ସମୟରେ ସମାଧି ଓ ବ୍ୟୁତ୍ଥାନରେ ଭେଦ ରହେ ନାହିଁ । ଅତିମାନସ ଜ୍ଞାନ ପାଇଁ ବିଷୟର ଇନ୍ଦ୍ରିୟ ସନ୍ନିକର୍ଷ ବା sense contact ଅପରିହାର୍ଯ୍ୟ ନୁହେଁ ।

ପ୍ରାକୃତ ବୁଦ୍ଧିର ତତ୍ତ୍ୱଜ୍ଞାନର ଧାରା – ବିଶେଷ ଦର୍ଶନରୁ ସାମାନ୍ୟ ଦର୍ଶନରେ ଉପନୀତ ହେବା । ବିଶେଷକୁ ବୁଝିବାକୁ ହେଲେ ତା'ର ରୂପ, ଗୁଣ, କ୍ରିୟାଦିକୁ ବିଶ୍ଳେଷଣ କରିବାକୁ

ହେବ ଏବଂ ସେଇ ବିଶିଷ୍ଟ ଗୁଣଗୁଡ଼ିକର ସଂଶ୍ଲେଷଣରେ ତା'ର ଏକ ତାତ୍ତ୍ୱିକ ରୂପ ଗଢ଼ିବାକୁ ହୋଇଥାଏ । ମାତ୍ର ଅତିମାନସ ବୁଦ୍ଧିର ରୀତି ଏହାର ବିପରୀତ, ଏହା ଅବରୋହଣ କ୍ରମେ ସାମାନ୍ୟରୁ ବିଶେଷକୁ ଜାଣିପାରେ । ଅତିମାନସ ଇନ୍ଦ୍ରିୟ ପ୍ରତ୍ୟକ୍ଷ ପରି ବୋଧି ଦ୍ୱାରା ସହଜରେ ସବୁ ଦେଖେ । ପ୍ରଥମେ ସେ ଜାଣେ ବସ୍ତୁର ଅନ୍ତର୍ଗୂଢ଼ ସ୍ୱଭାବ, ଏବଂ ଏହି ସ୍ୱଭାବରୁ ଉତ୍ସାରିତ ବସ୍ତୁର ଭାବ ଓ ରୂପ । ସେ ଆତ୍ମାକୁ ପ୍ରତ୍ୟକ୍ଷ କରେ । ସେଠାରେ ଆତ୍ମା ଓ ଅନାତ୍ମାର ଭେଦ ନାହିଁ । 'ଯସ୍ୟ ସର୍ବମ୍ ଆତ୍ମୈବ ଅଭୂତ୍' । ଯାହା ନିକଟରେ ସବୁହିଁ ଆତ୍ମା, ଏଠାରେ ଆତ୍ମା ପୁରୁଷ ଓ ସବୁ ପୁରୁଷର ଆତ୍ମପ୍ରକୃତି ଥାଏ । ବସ୍ତୁର ସ୍ଥୂଳ, ସୂକ୍ଷ୍ମ ଓ କାରଣ ରୂପ ଓ ସ୍ୱଭାବ ଆତ୍ମପ୍ରକୃତିର ବିବର୍ତ୍ତନ । ଅତିମାନସର ଗତି ଆତ୍ମାରୁ ରୂପ ଦିଗରେ, ତା' ମଧ୍ୟରେ ରହିଥାଏ ନୈଶ୍ଚିତ୍ୟ ବୋଧ । ପ୍ରାକୃତ ବୁଦ୍ଧିର ଗତି – ରୂପରୁ ଭାବ ଦିଗରେ । ତା'ର ଜ୍ଞାନ ଏକ ଆନୁମାନିକ ବା ମୋଟାମୋଟି ଧାରଣାର କଥା । ଏଣୁ ତା' ମଧ୍ୟରେ ସଂଶୟହୀନ ନିଶ୍ଚିତତା ନଥାଏ । ପୁନଶ୍ଚ ଅତିମାନସ ବସ୍ତୁର ସ୍ୱଭାବକୁ ଜାଣେ, ତାହାର ଦୃଷ୍ଟିରେ ଅସ୍ପଷ୍ଟତା ନାହିଁ । ଏହା ସିଧା ଦେଖେ । ବସ୍ତୁକୁ ଦେଖିବା ବେଳେ ବସ୍ତୁର ରୂପ, ଗୁଣ, ଶକ୍ତି, କ୍ରିୟା, ମନ, ଆତ୍ମା ଭିନ୍ନ ଭିନ୍ନ ହୋଇ ଦେଖାଯାଆନ୍ତି ନାହିଁ, ସେସବୁ ଏକ ସଙ୍ଗେ, ବସ୍ତୁର ବିଭିନ୍ନ ଉପାଦାନରୂପେ ବସ୍ତୁ ମଧ୍ୟରେ ପରିଦୃଷ୍ଟ ହୁଅନ୍ତି । କେତେକ ସ୍ଥଳରେ ସମସ୍ତ ଜ୍ଞାନ ଏକ ସ୍ମୃତିରୂପେ ପ୍ରତିଭାତ ହୁଏ, କାରଣ ସବୁ କିଛି ଅତିମାନସ ମଧ୍ୟରେ ଗୋପନୀୟ ହୋଇ ଥାଏ ।

ବିଶ୍ୱର ସମସ୍ତ ବିଷୟ ଅତିମାନସର ବିଷୟ ହୋଇପାରେ । ଯେତେବେଳେ ସେ ଜଡ଼କୁ ଦେଖେ ସେତେବେଳେ ସେ ତା'ର ବାହ୍ୟରୂପକୁ କେବଳ ଦେଖେ ନାହିଁ । ସେ ତା'ର ମର୍ମକୁ ଭେଦି ବା ତହିଁରେ ଅବଗାହନ କରି ଦେଖେ ତା' ମଧ୍ୟରେ ରୂପାୟଣର ପ୍ରବର୍ତ୍ତନ ଗୁଣ, ଶକ୍ତି ଓ ଚୈତନ୍ୟକୁ । ଏହା ବାହାରକୁ ଦେଖି ଭିତରକୁ ଅନୁମାନ କରେ ନାହିଁ । ବାହାରୁ ଭିତରକୁ ଅନୁମାନ କରିବା ପ୍ରାକୃତ ବୁଦ୍ଧିର ଧାରା । ସେ ଅନୁଭବକୁ ଉପଲକ୍ଷ୍ୟ କରି ଚୈତନ୍ୟ ସହ ସାଯୁଜ୍ୟ ଲାଭ କରି ଆତ୍ମଭାବ ମାଧ୍ୟମରେ ଭାବକୁ ଆବିଷ୍କାର କରେ । ଏହା ମର୍ମାବଗାହିତା । ଏଣୁ ଲୌକିକ ପ୍ରତ୍ୟକ୍ଷ ବାହାରର ବିଷୟ । ଏହି ସାଯୁଜ୍ୟଲାଭରେ ଯେଉଁ ମର୍ମାବଗାହିତା ସମ୍ଭବ ତାହା ଅତିମାନସରେ ପ୍ରତ୍ୟକ୍ଷ । କାରଣ ଏହା ଆତ୍ମାକୁ ଜାଣେ ଓ ସାଯୁଜ୍ୟ (identity) ମାଧ୍ୟମରେ ସକଳ ବିଷୟ ପ୍ରତ୍ୟକ୍ଷ ଅନୁଭବ କରେ ।

ଅତିମାନସ ସ୍ମୃତିର ସ୍ୱତନ୍ତ୍ରତା କ'ଣ ତାହା ଶ୍ରୀଅରବିନ୍ଦ ଯୋଗ ସମନ୍ୱୟରେ ଲେଖିଛନ୍ତି, ''The supramental memory is different from the mental, not a storing up of past knowledge and experience, but an abiding presence of knowledge that can be brought forward or, more characteristically, offers itself, when it is needed: it is not dependent on attention or on conscious reception...''

(*The Synthesis of Yoga,* p. 860)

ଏହାର ଭାବାର୍ଥ ହେଲା ଅତିମାନସ ସ୍ମୃତି ମଧ୍ୟ ମନୋମୟ ସ୍ମୃତିଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଏଥିରେ ଅତୀତର ଜ୍ଞାନ ଗଚ୍ଛିତ ନୁହେଁ । ଏଠାରେ ଥାଏ ସ୍ଥାୟୀ ଜ୍ଞାନ ଯାହାକୁ ବାହାରକୁ ଆଣିହୁଏ ବା ଆବଶ୍ୟକ କ୍ଷେତ୍ରରେ ଏହା ସ୍ୱତଃ ବହିର୍ଗତ ହୁଏ । ଏଥିପାଇଁ ସଚେତନ ଧ୍ୟାନର ଆବଶ୍ୟକତା ନଥାଏ ।

ଅତିମାନସର ଆତ୍ମାରେହିଁ ସବୁ ନିଗୂଢ଼ ବା ଅନ୍ତର୍ନିହିତ । ଏହା ଶାଶ୍ୱତ ଧ୍ରୁବ ସ୍ମୃତି । ଏହି ସ୍ମୃତି ସହ କଳ୍ପନା ସଂଯୁକ୍ତ ହୋଇଥାଏ ରୂପକୃତ୍ ସାମର୍ଥ୍ୟ ନେଇ । ସ୍ମୃତିର 'ଭୂତ' ଏବଂ କଳ୍ପନାର 'ଭବ୍ୟ' ସେଠି ସମ୍ଭୂତିର ରୂପ ନିଏ, ''ଧାତା ଯଥା ପୂର୍ବମକଳ୍ପୟତ୍'' । "The future like the past presents itself to knowledge in the supermind as a memory of the preknown."

(*The Synthesis of Yoga,* p. 860)

ଅତୀତ ପରି ଭବିଷ୍ୟତ୍ ମଧ୍ୟ ଅତିମାନସ ଜ୍ଞାନ ଲାଗି ପୂର୍ବଜ୍ଞାତ ବସ୍ତୁରହିଁ ସ୍ମୃତିରୂପେ ଦେଖାଦିଏ । କାରଣ ଏଠାରେ ସମସ୍ତ ଜ୍ଞାନ ଆପଣାକୁ ସ୍ମୃତି ରୂପେ ଉପସ୍ଥାପିତ କରେ ।

ଅତିମାନସ ବିଚାର ଓ ମନନ ଶକ୍ତି ଅତିମାନସ ଅବଲୋକନ ଓ ସ୍ମୃତିରୁ ଅଭିନ୍ନତା ଓ ଏକତ୍ୱ ରକ୍ଷା କରି କାର୍ଯ୍ୟ କରେ । ଅତିମାନସ ମଧ୍ୟରେ ଏହା ପ୍ରତ୍ୟକ୍ଷ ଦୃଷ୍ଟି ସାମର୍ଥ୍ୟ । ଅତିମାନସ ବିଚାର ଶକ୍ତି କାହାକୁ ପରୀକ୍ଷା କରିବାରେ ନିଯୁକ୍ତ ନୁହେଁ । ଏହା ଜ୍ଞାନ ସହ ଜ୍ଞାନକୁ ସଂଯୁକ୍ତ କରେ ଯାହା ପରସ୍ପର ମଧ୍ୟରେ ସଂହତି ବା ସୌଷମ୍ୟ (harmony)କୁ ଆବିଷ୍କାର କରିବା ସହ ବ୍ୟବହାର କରେ । ସ୍ୱୟଂ ଏହା ଆପଣାର ପ୍ରମାଣ

ହୋଇ ରହିଥାଏ । ଆପଣାର ସତ୍ୟ ପାଇଁ ତାକୁ କୌଣସି ପ୍ରମାଣ ଉପରେ ନିର୍ଭର କରିବାକୁ ହୁଏ ନାହିଁ । ଏହା ସ୍ୱତଃ ପ୍ରମାଣ, କୌଣସି ସୂତ୍ରବଦ୍ଧ ନିୟମ ରଚନା ଦ୍ୱାରା ଅତିମାନସ ଶକ୍ତି କାର୍ଯ୍ୟ କରେ ନାହିଁ, ତା'ର ଦେଖିବା ଅବାରିତ ଓ ପ୍ରତ୍ୟକ୍ଷ । ଏକ ସ୍ୱତଃସ୍ଫୂର୍ତ୍ତ ଆଲୋକନଯୁକ୍ତ ବିବେଚନା ଶକ୍ତିର କ୍ରିୟାଦ୍ୱାରା ଅତିମାନସରେ ସକଳ ଭ୍ରମର ନିବାରଣ ସାଧିତ ହୁଏ । ଏହାର କ୍ରିୟା ବୁଦ୍ଧିର ଅତୀତ । ଅତିମାନସ ବୁଦ୍ଧିରେ ଥାଏ ପୂର୍ଣ୍ଣ ପ୍ରଭୁତ୍ୱ, ସ୍ପଷ୍ଟତା ଓ ପ୍ରତ୍ୟକ୍ଷତା । ଏହାର ଗତି ଜ୍ଞାନରୁ ଅଜ୍ଞାନ ଦିଗରେ (from known to unknown) ନୁହେଁ । ଏହା ବୃହତ୍ ଜ୍ଞାନରୁ ସ୍ୱଳ୍ପଜ୍ଞାନକୁ ଅଭିବ୍ୟକ୍ତ କରେ । ଯଥାର୍ଥରେ ଏହା ଆତ୍ମଜ୍ଞାନ । ବ୍ୟକ୍ତି ମଧ୍ୟରେ ଏହା ବିନ୍ଦୁଘନ, ବିଶ୍ୱାତ୍ମବୋଧରେ ପରିବ୍ୟାପ୍ତ ଏବଂ ବିଶ୍ୱାତୀତରେ ଅନିର୍ବଚନୀୟ । ବୋଧି ତା'ର ସହଜ ବୃତ୍ତି ।

ଆମେ ଅତିମାନସ ସମ୍ପର୍କରେ ଯାହା ଏ ଯାଏଁ ଆଲୋଚନା କଲୁ, ମନୋମୟ ଭୂମିର ସମ୍ପୂର୍ଣ୍ଣ ସୀମାତିକ୍ରମ ନ ହେବାଯାଏ, ମନୋମୟ ଭୂମି ନିଶ୍ଚଳତା ମଧ୍ୟରେ ସ୍ଥଳିତ ହୋଇ ତା'ର ଅପସରଣ ନ ହେବାଯାଏ ଏହା ଘଟିବ ନାହିଁ । କାରଣ ଏଇ ସ୍ଥିତିରେ ଅତିମାନସ ବିଜ୍ଞାନମୟତାର ପୂର୍ଣ୍ଣ ଉନ୍ମୋଚନ ଓ ତା'ର ପରିପୂର୍ଣ୍ଣ କ୍ରିୟାଶୀଳତା ସମ୍ଭବ, କାରଣ ଏ କ୍ଷେତ୍ରରେ କୌଣସି ବିମିଶ୍ରତା ବା ଅପମିଶ୍ରଣ ସମ୍ଭବ ନୁହେଁ । ପୁନଶ୍ଚ ଅଭ୍ୟାସଗତ ଯାନ୍ତ୍ରିକ ମନ (habitual mind), ବାହ୍ୟ ବ୍ୟବହାର କୁଶଳ ମନ (Pragmatic idea mind) ଏବଂ ଶୁଦ୍ଧ ତତ୍ତ୍ୱଗତ ମନ (pure ideative mind) ସାଧାରଣ ମନୁଷ୍ୟ ମଧ୍ୟରେ ଯେପରି ସଂଘର୍ଷରତ ଅତିମାନସରେ ସେପରି ଘଟେ ନାହିଁ । ଏଠାରେ ସେମାନେ ଥିଲେ ବି ପରସ୍ପର ସହ ଥା'ନ୍ତି ସଂହତି ରକ୍ଷା କରି, କାରଣ ଏମାନେ ଥା'ନ୍ତି ଅତିମାନସ ପୂର୍ଣ୍ଣ ସତ୍ୟକୁ ଧାରଣ କରି ଓ ଚିନ୍ତାବିହୀନ ବିଶାଳ ଶାନ୍ତି ଦିଗରେ ସମ୍ପୂର୍ଣ୍ଣ ଉନ୍ମୁକ୍ତ ହୋଇ । ଏଠାରେ ପ୍ରାଣିକ ମନ, ସଂବୋଧି ଓ ଯୁକ୍ତିବୁଦ୍ଧି ମଧ୍ୟ ସମନ୍ୱିତ ହୋଇ ସକ୍ରିୟ ଥାଆନ୍ତି । ଏକତ୍ୱ ଓ ସମନ୍ୱୟହିଁ ଏହାର ସ୍ୱଭାବ ଓ ଆତ୍ମଧର୍ମ ।

ଏପରି ପରିବର୍ତ୍ତିତ ଅବସ୍ଥା ଆସେ ଗୋଟିଏ ସର୍ତ୍ତରେ ଯେତେବେଳେ ମନ ଆନ୍ତରଜୀବନ ସମ୍ପର୍କରେ ଅବଗତ ହୁଏ, ଆନ୍ତରଜୀବନର ଧର୍ମ ଗ୍ରହଣ କରିପାରେ । ସେତେବେଳେ ସେ ଚୈତ୍ୟ, ଆନ୍ତରସତ୍ତା ଓ ଶକ୍ତିର ଅଧିକାର ପ୍ରାପ୍ତ ହୁଏ । ସେ ନିମ୍ନପ୍ରକୃତିର ଅଧୀନତାରୁ ମୁକ୍ତ ହେଲେ ଉଚ୍ଚତର ପ୍ରକୃତିର ଧର୍ମ ସହ ସଂହତି ରକ୍ଷା କରିପାରେ । ଏଇ କଥା ଆମେ 'ଦିବ୍ୟ ଜୀବନ' ଗ୍ରନ୍ଥରୁ ଜାଣିପାରିବା ।

"It is a first condition of this change that the mental Man we now are should become inwardly aware and in possession of his own deeper law of being and its processes; he must become the psychic and inner mental being master of his energies, no longer a slave of the movements of the lower Prakriti, in control of it, seated securely in a free harmony with a higher law of Nature."

(*The Life Divine,* p. 957)

❑❑❑

ଉର୍ଦ୍ଧ୍ୱାଗତ ଆଲୋକ ତା'ର କାର୍ଯ୍ୟାରମ୍ଭ ନିମନ୍ତେ ଆମଠାରୁ ଯାହା ଚାହେଁ, ତାହା ହେଲା (ଆମ) ଆତ୍ମାଠାରୁ ଏକ ଆବାହନ ଏବଂ ମନରେ ସେଦିଗରେ ଯଥେଷ୍ଟ ମାତ୍ରାର ସହଯୋଗ । ଚିନ୍ତାରେ ଅନବରତ ଭାଗବତ ଭାବନା, କର୍ମଚଞ୍ଚଳ ଅଙ୍ଗମାନଙ୍କରେ ଏକ ଅନୁରୂପ ସଂକଳ୍ପ, ଏକ ଆସ୍ପୃହା, ଏକ ବିଶ୍ୱାସ, ହୃଦୟରେ ଏକ ଆବଶ୍ୟକତାବୋଧ ମାଧ୍ୟମରେ ଏହି ସହଯୋଗ ଅର୍ପଣ କରାଯାଇପାରେ । ଏସବୁରୁ ଯେକୌଣସି ଗୋଟାଏ ସେଦିଗରେ ଅଗ୍ରଗାମୀ ବା ଅଧିକ ପ୍ରଭାବଶାଳୀ ହୋଇପାରେ, ଯଦି ସବୁଗୁଡ଼ିକ ଐକ୍ୟବଦ୍ଧଭାବରେ ବା ସମଛନ୍ଦରେ ଗତି କରି ନପାରନ୍ତି ।

— ଶ୍ରୀଅରବିନ୍ଦ

# ବିବର୍ତ୍ତନରେ ଯୁଗ-ସନ୍ଧି

## (୨)

## ନଳିନୀକାନ୍ତ ଗୁପ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

ଏହି ବିବର୍ତ୍ତନ ପ୍ରକ୍ରିୟା – (ପ୍ରଥମେ ଧାତୁ ପ୍ରସ୍ତର, ତା'ପରେ ବୃକ୍ଷଲତା, ତା'ପରେ ପ୍ରାଣୀ ବା ଜନ୍ତୁ ଏବଂ ସର୍ବଶେଷରେ ମନୁଷ୍ୟଙ୍କ ଆବିର୍ଭାବ) ଯେ ଘଟିଛି ସେଥିରେ ଆଉ ସନ୍ଦେହ କଲେ ଚଳିବନି । କିନ୍ତୁ ପ୍ରଶ୍ନ ଉଠେ କେଉଁ ଉପାୟରେ, କେଉଁ ପଦ୍ଧତି ଅବଲମ୍ବନ କରି ତାହା ଘଟିଛି ? ବିବର୍ତ୍ତନର, ଅନ୍ତତଃ ଜୈବ ବିବର୍ତ୍ତନର, ହେତୁ ବା ପ୍ରେରଣା ହିସାବରେ ଗୋଟିଏ ତତ୍ତ୍ୱକୁ ବିଶେଷଭାବେ ନିର୍ଦ୍ଦେଶ କରାଯାଇ ଥାଏ ଯାହାର ନାମ ଦିଆଯାଇଛି – 'ଯୋଗ୍ୟତମ'ର ଉଦ୍‌ବର୍ତ୍ତନ । ଏଇ କଥାଟିର ଅର୍ଥ ହେଲା – ବିଶ୍ୱ ସୃଷ୍ଟିରେ ଏକ ଲଢ଼ାଇ ଚାଲିଛି । ପ୍ରତ୍ୟେକ ସତ୍ତାକୁ ପ୍ରତ୍ୟେକ ସତ୍ତା ସହିତ ଲଢ଼ାଇ କରିବାକୁ ହୁଏ, ବିଶେଷତଃ ସ୍ୱଜାତୀୟ ସତ୍ତାଙ୍କ ସହିତ ସେ ଲଢ଼ାଇ କରିଥାଏ । ଆଉ ତା'ର ପାରିପାର୍ଶ୍ୱିକ ଆବେଷ୍ଟନୀ ବା ପରିବେଶ ସହିତ, ଅର୍ଥାତ୍ ଶୀତ-ଗ୍ରୀଷ୍ମ ପ୍ରଭୃତି ଋତୁ, ଜଳବାୟୁ, ଆହାର-ବିହାର ପ୍ରଭୃତି ସମ୍ପର୍କରେ – ପ୍ରୟୋଜନ ଓ ଦାବି ମେଣ୍ଟାଇବାର ଉପଯୋଗୀ ଦେହଗତ ଓ ଅବସ୍ଥାଗତ ବ୍ୟବସ୍ଥା ଯେଉଁ ପାତ୍ର ଲାଗି ଯେତେଟା ଉପଯୁକ୍ତ ହୋଇଛି ଏବଂ ଏସବୁ ବିଷୟରେ ନିଜ ପାଇଁ ଯଥାଯୋଗ୍ୟ ଓ ଯଥେଷ୍ଟ ଅଧିକାର ଲାଭ କରିବାକୁ ହେଲେ ପର ଲୋକ ବା ଅନ୍ୟ ସାଙ୍ଗରେ ଅବଶ୍ୟମ୍ଭାବୀ ପ୍ରତିଯୋଗିତା ବା ଲଢ଼େଇରେ ଯିଏ ଯେତେ ପ୍ରକୃଷ୍ଟ ଅସ୍ତ୍ରଶସ୍ତ୍ର (ନଖ-ଦନ୍ତ-ଶିଙ୍ଗ-ଅଣ୍ଟ ଏବଂ ଛଳଚାତୁରୀ ଇତ୍ୟାଦି) ଅର୍ଜନ କରିଛି ସେ ଏବଂ ତା' ବଂଶର ଯେଉଁ ସନ୍ତାନ-ସନ୍ତତି ଏହି ସହାୟତା ସେସବୁ ବଜାୟ ରଖିବାରେ ବା ପୂର୍ବ ପରି ସ୍ଥିର ରଖିବାରେ କିଂବା ବଢ଼ାଇ ପାରିବାରେ ସକ୍ଷମ ହୋଇଛନ୍ତି ସେମାନେହିଁ ଜୀବନ-ସଂଗ୍ରାମରେ ଜୟୀ ହୋଇ ତିଷ୍ଠି ରହନ୍ତି । କିନ୍ତୁ ବିବର୍ତ୍ତନର ପଦ୍ଧତି ସମ୍ବନ୍ଧରେ ଏଇ ଯେଉଁ ସିଦ୍ଧାନ୍ତ ତା' ବିବର୍ତ୍ତନର ସମସ୍ତ ରହସ୍ୟ, ତା'ର ମର୍ମଗତ ସତ୍ୟଟିକୁ ବ୍ୟକ୍ତ କରେ କି ନା ତାହା ସନ୍ଦେହଜନକ । ପ୍ରଥମତଃ ଜୀବନରେ ସଂଗ୍ରାମ ତ ରହିଛି, କିନ୍ତୁ ତା' ବୋଲି ସଂଗ୍ରାମ ଛଡ଼ା ଆଉ ଯେ କିଛି ନାହିଁ ତା' କହିଲେ ଚଳିବ ନାହିଁ । ସମ୍ମିଳନ, ସାହଚର୍ଯ୍ୟ, ସାଙ୍ଗ ପଣିଆ କଥାଟି ବି ସମାନ ମାତ୍ରାରେ ଦେଖାଯାଏ । ନିମ୍ନତର ଜୀବସୃଷ୍ଟିର ସ୍ତରରେ ବି ବୈଜ୍ଞାନିକମାନେ ଆଜିକାଲି ଏଇ ସତ୍ୟଟିର ଅପୂର୍ବ ଓ ଅଦ୍ଭୁତ ଉଦାହରଣସବୁ ଆବିଷ୍କାର କରିଛନ୍ତି । ତା'ପରେ କେବଳ 'ଯୋଗ୍ୟତମ'ଙ୍କର ଉଦ୍‌ବର୍ତ୍ତନ ହୋଇଥାଏ କି ? ସାଧାରଣ ଦୃଷ୍ଟିରେ ଅଯୋଗ୍ୟ ବୋଲି ଯାହାଙ୍କୁ ଗଣାଯାଏ ସେମାନଙ୍କର ଉଦ୍‌ବର୍ତ୍ତନ ହେଉଥିବାର ଦେଖୁ ନାହୁଁ କି ? ବୈଜ୍ଞାନିକ ବିବର୍ତ୍ତନବାଦର ଯୋଗ୍ୟତା ଅର୍ଥ ତ ଶାରୀରିକ ଯୋଗ୍ୟତା, ଜୀବନଧାରଣର ଯୋଗ୍ୟତା । କୁହାଯାଏ ବିବର୍ତ୍ତନର ଶେଷ ସ୍ତର ହେଲା ମଣିଷ । ତା'ହେଲେ ମଣିଷ କ'ଣ ନିଜକୁ ଯୋଗ୍ୟତମ ବୋଲି ପ୍ରମାଣ କରାଇ ପାରିଛି – କେବଳ ଏଇ କାରଣରୁ ଯେ, ସେ ହେଲା ଲଢ଼ାଇରେ ଆଦର୍ଶ ସ୍ଥାନୀୟ ? ଆଉ ଏଇଥିପାଇଁ କି ଯେ, ସିଏ ସମସ୍ତ ନଖୀ, ଦନ୍ତୀ, ହୁଳୀଙ୍କୁ ଛଳେ-ବଳେ-କୌଶଳରେ ହରାଇ ଦେଇ, ହଟାଇ ଦେଇ ଏକଚ୍ଛତ୍ର ରାଜତ୍ୱ ସ୍ଥାପନ କରିପାରିଛି ?

ତେଣୁ ଅନେକ ମନୀଷୀଙ୍କର ମତ ହେଲା ଏଇୟା ଯେ, ମନୁଷ୍ୟର ତଥାକଥିତ ଯୋଗ୍ୟତା ତା'ର ଆତ୍ମ ପ୍ରସାଦଲାଭ ପାଇଁ ଗୋଟାଏ ଧାରଣା ବା ଏକ କଳ୍ପନା ମାତ୍ର । ଅନେକ ଇତର ପ୍ରାଣୀଙ୍କ ମଧ୍ୟରେ ପାରିପାର୍ଶ୍ୱିକ ସହିତ ସାମଞ୍ଜସ୍ୟ ହିସାବରେ, ଅନ୍ୟ ପ୍ରତିଯୋଗୀମାନଙ୍କ ସଙ୍ଗରେ ସଂଗ୍ରାମ ଦୃଷ୍ଟିରୁ ଯେତେଟା ଯୋଗ୍ୟତା ଅଛି ମନୁଷ୍ୟର ସେତେଟା ଅଛି କି ନା ସନ୍ଦେହ । ଅନେକ କୀଟ, ଅନେକ ଉଦ୍ଭିଦ – ପୃଥିବୀରେ ସଜୀବ ସତ୍ତାର ଆବିର୍ଭାବ ସଙ୍ଗେ ସଙ୍ଗେହିଁ ସୁଦୂର ଅତୀତରେ ଯେଉଁମାନେ ଦେଖା ଦେଇଥିଲେ ସେମାନେ (ଅର୍ଥାତ୍ ସେମାନଙ୍କର ବଂଶଧର) – ପ୍ରାୟ ଅପରିବର୍ତ୍ତିତ, ଆଦିମ ରୂପରେହିଁ ଆଜି ପର୍ଯ୍ୟନ୍ତ ତିଷ୍ଠି ରହିଛନ୍ତି – ତା'ହେଲେ ମନୁଷ୍ୟ ସହିତ ସେମାନେ ବି କ'ଣ ଯୋଗ୍ୟତମ ? କଥାଟା ଅସଲରେ ଠିକ୍ ସେଇୟା ନୁହେଁ । ବିବର୍ତ୍ତନର ଚିତ୍ର ଦେଖି ଖୁବ୍ ଜୋର୍ ଅର୍ଥାତ୍ ଗୁରୁତ୍ୱ ସହକାରେ ଏହା କୁହାଯାଇପାରିବ ଯେ, ସୃଷ୍ଟି

ମଧ୍ୟରେ ଚାଲିଛି ଏକ କ୍ରମିକ ଊର୍ଦ୍ଧ୍ୱାୟନ – ଯୋଗ୍ୟତା ହିସାବରେ ନୁହେଁ – ତାହା ହେଲା ନବତର, ଊର୍ଦ୍ଧ୍ୱତର ତଥା ମହତ୍ତର ତତ୍ତ୍ୱକୁ ଧରି ଧରି ପାର୍ଥିବ ଆୟତନର ନବତର, ଊର୍ଦ୍ଧ୍ୱତର ତଥା ମହତ୍ତର ସଙ୍ଗଠନ । ଏହା ଯେପରି ଏକ ସୋପାନାବଳୀ, ପାବଚ୍ଛଶ୍ରେଣୀ ବା ଅରୋହଣୀ । ଉପରକୁ ଉଠି ଚାଲିଛୁଁ, କିନ୍ତୁ ନିମ୍ନରେ ଥିବା ପାହାଚରେ ଛିଡ଼ା ହୋଇ ତା'ଉପରେ ଭାରରଖି ରହିଛୁ । ନବତର ତଥା ଉଚ୍ଚତର ଏକ କ୍ରମ ବା ପଦବୀ ଦେଖା ଦେଲା, ପ୍ରତିଷ୍ଠିତ ହେଲା କିନ୍ତୁ ନିଜ ମଧ୍ୟରେ ନିମ୍ନର କ୍ରମଗୁଡ଼ିକୁ ବା ପଦବୀସବୁକୁ ଗ୍ରହଣ କରି, ଧାରଣ କରି ରହିଲା, ପୁଣି ସେଗୁଡ଼ିକୁ ଟେକିଧରିଲା, ଊର୍ଦ୍ଧ୍ୱାୟିତ କଲା । ପରିବର୍ତ୍ତିତ, ରୂପାନ୍ତରିତ ଧରଣରେ; ସେଗୁଡ଼ିକୁ ବିସର୍ଜନ କଲାନି, ବାଦ୍ ଦେଲାନି । ଜଡ଼ରୁ ପ୍ରାଣ ଦେଖା ଦେଲା – ଏଇ ପ୍ରାଣତତ୍ତ୍ୱକୁ ଧରି ପ୍ରାଣୀ ନାମରେ ଏକ ନୂତନ ସଂଗଠନ ହେଲା, କିନ୍ତୁ ସେଥିରେ ପ୍ରତିଷ୍ଠା ବା ମୂଳଦୁଆ ରୂପରେ, ଛାଞ୍ଚ ଭାବରେ ରହିଲା ଜଡ଼ । ଜଡ଼ ମଧ୍ୟରେ ପ୍ରାଣ ଅନୁସ୍ୟୂତ, ଗ୍ରଥିତ, ଏକୀଭୂତ; ଜଡ଼ ସେଠାରେ ପାଇଛି ଏକ ନୂତନ ଧର୍ମ ଓ କ୍ରିୟା । ସେହିଭଳି ମନ (ବା ମନୋବୁଦ୍ଧି) ଯେତେବେଳେ ପ୍ରକାଶିତ ହେଲା, ତା' ମଧ୍ୟରେ ପ୍ରାଣ ଓ ଜଡ଼ ବି ଉନ୍ନୀତ ହେଲେ, ଲାଭ କଲେ ଏକ ନୂତନତର, ନବୀନ ଧର୍ମ ଓ କ୍ରିୟା – ଏହି ସମବାୟ, ସମ୍ମିଶ୍ରିତ ସଂଗଠନ ଗଢ଼ିଲା ମନୁଷ୍ୟ ନାମକ ଏଇ ଜୀବକୁ ।

ତା'ହେଲେ ବିବର୍ତ୍ତନର ଯଥାର୍ଥ ଉଦ୍ଦେଶ୍ୟ 'ଯୋଗ୍ୟତମ'ର ବିବର୍ତ୍ତନ ବା ଉଦ୍‌ବର୍ତ୍ତନ ନୁହେଁ – ତାହା ହେଲା ଚେତନାର କ୍ରମବିକାଶ, ଚେତନାର ଉଚ୍ଚରୁ ଉଚ୍ଚତର ସଂଗଠନ । ଜଡ଼ରୁ ମନୁଷ୍ୟ ଯାଏ ଏଇ ଯେଉଁ କ୍ରମାନ୍ୱୟ ବା ପରକୁ ପର ଧାରା ଚାଲିଆସିଛି ତା'ର ଅନ୍ତଃସୂତ୍ର ବା ଭିତିରି କଥା ହେଲା ଏଇ ଚେତନା । ଜଡ଼ରେ ଚେତନା ସୁପ୍ତ, ପ୍ରାଣର ପ୍ରଥମ ପଦରେ ଉଦ୍ଭିଦରେ ଚେତନା ସ୍ୱପ୍ନାଳୁ; ପ୍ରାଣର ଦ୍ୱିତୀୟ ପଦରେ ମନର ସ୍ପର୍ଶ ଯେତେବେଳେ ପ୍ରାଣ ପାଇଲା ସେତେବେଳେ ପ୍ରାଣୀ ମଧ୍ୟରେ ଚେତନା ଅର୍ଦ୍ଧଜାଗ୍ରତ୍, ଆଉ ମନୋବୁଦ୍ଧିଯୁକ୍ତ ମନୁଷ୍ୟ ମଧ୍ୟରେ ସେଇ ଚେତନା ପୂର୍ଣ୍ଣ-ଜାଗ୍ରତ୍ । ବୁଦ୍ଧି, ମନ, ପ୍ରାଣ, ଜଡ଼ ଏଇ ରୂପ-ଚତୁଷ୍ଟୟରେ ଚେତନାର ଚତୁର୍ବିଧ ଅବସ୍ଥା – ଯେପରି ଜଳର ଚାରୋଟି ଅବସ୍ଥା – କଠିନ (ବରଫ), ତରଳ (ଜଳ) ଓ ବାଷ୍ପୀୟ (ବାୟୁ) ଏବଂ ଶେଷରେ ବୈଦ୍ୟୁତିକ, (ବିଜୁଳିଶକ୍ତି) ଠିକ୍ ସେହିପରି ।

ବିବର୍ତ୍ତନର ବିଭିନ୍ନ ସ୍ତର-ସନ୍ଧିରେ ଯେଉଁ ଏକ ଫାଙ୍କ ବା ସଂଯୋଗର କଥା ମୁଁ ଉଲ୍ଲେଖ କରିଛି ଏବେ ତା'ର ଅର୍ଥ ବ୍ୟାଖ୍ୟା କରି କହୁଛି : ବରଫ ଯେତେବେଳେ ଜଳରେ ପରିଣତ ହେଲା ସେତେବେଳେ ସେ ଦୁହିଙ୍କ ମଧ୍ୟରେ ଏକ ସଂଯୋଜକ ନାହିଁ । ବରଫ ନରମ ହେଉ ହେଉ କ୍ରମଶଃ ଜଳରେ ରୂପାୟିତ ହୋଇଥିବା କଥାଟା ଠିକ୍ ସେପରି ନୁହେଁ । ଯେଉଁ ଜିନିଷଟି ଶକ୍ତ ଥିଲା ହଠାତ୍ ତାହା ତରଳ ହୋଇଗଲା । ପୁଣି ଜଳ ଯେତେବେଳେ ବାଷ୍ପରେ ପରିଣତ ହେଲା ସେଠାରେ ବି ଦେଖିବାକୁ ପାଉଁ ଏକ ଆକସ୍ମିକ ପରିବର୍ତ୍ତନ । ଜଳ ଗରମ ହେଉ ହେଉ ଏପରି ଏକ ସ୍ଥାନକୁ ବା ଅବସ୍ଥାକୁ ଉଠିଯାଏ (ତାହା ତଥାପି ଜଳୀୟ ଅବସ୍ଥାରେ ରହିଥାଏ) ଯେ ସେତେବେଳେ ତାହା ହଠାତ୍ ବାଷ୍ପୀୟ ଆକାର ଧାରଣ କରେ । ଏଇ ଦୁଇଟି (ଜଳ ଓ ବାଷ୍ପ) ମଧ୍ୟରେ କୌଣସି ଉଭୟପଦୀ ଅବସ୍ଥା ନାହିଁ । ଠିକ୍ ସେହିଭଳି ଜଡ଼ ଓ ଉଦ୍ଭିଦ ମଧ୍ୟରେ, ଉଦ୍ଭିଦ ଓ ପ୍ରାଣୀ ମଧ୍ୟରେ, ପ୍ରାଣୀ ଓ ମନୁଷ୍ୟ ମଧ୍ୟରେ ଗୋଟାଏ ଗୋଟାଏ ବିଭାଜନ ବା ଛେଦ, ଫାଙ୍କ ରହିଯାଇଛି ତଥା ଆକସ୍ମିକ ପରିବର୍ତ୍ତନ ଘଟିଛି ।

ଆଦି ବା ଆରମ୍ଭରେ ଜଡ଼ । ଜଡ଼ର ଅନ୍ତରରେ ଏକ ତାପନ ଓ ପାଚନ କ୍ରିୟା ଚାଲୁଥିଲା । ତା'ର ତୀବ୍ରତା ଓ ତୀକ୍ଷ୍ଣତା ଏପରି ଏକ ବିଶେଷ ମାତ୍ରାରେ ଯାଇ ପହଞ୍ଚିଲା ଯେ, ତା' ଭିତରୁ ସେତେବେଳେ ନିଃସୃତ ହୋଇଆସିଲା ପ୍ରାଣସ୍ପନ୍ଦନ । ପ୍ରାଣଶକ୍ତି ବା ଜୀବନୀ-ଶକ୍ତି ଜଡ଼ ମଧ୍ୟରେହିଁ ପ୍ରଚ୍ଛନ୍ନ, ଲୀନ ଓ ସୁପ୍ତ ହୋଇ ରହିଥିଲା ଏବଂ ତାହା ଏକ ମନ୍ଥନ ଓ ଊର୍ଦ୍ଧ୍ୱାୟନ ଫଳରେ ପ୍ରକଟ ହେଲା । ତଳୁ, ନିମ୍ନରୁ ଗୁପ୍ତ ଚେତନାର ଚାପରେ ଜଡ଼ର କୋଷଗୁଡ଼ିକ ଫାଟି ପ୍ରାଣକୁ ମୁକ୍ତ କରିଦେଲା । ଚେତନା ତା'ର ଜଡ଼ମୟ ରୂପରୁ ନିଷ୍କୃତି ପାଇ ପ୍ରଥମେ ପ୍ରାଣମୟ ରୂପ ଗ୍ରହଣ କଲା । ଜଡ଼ ମଧ୍ୟରେ ନିଭୃତ ଚେତନାର ଚାପରେ ପ୍ରାଣଶକ୍ତି ଶତ ସହସ୍ର ରୂପ ଗ୍ରହଣ କରି ଚାରିଆଡ଼େ ଉତ୍ସାରିତ ଓ ବିଚ୍ଛୁରିତ ହେବାକୁ ଲାଗିଲା । ତା' ଫଳରେ ସ୍ଥୂଳରେ ବିକଶିତ ହେଲା ଉଦ୍ଭିଦ ଜଗତ୍ । ଉଦ୍ଭିଦ ମଧ୍ୟରେ ପ୍ରାଣମୟ ଜଡ଼ ସକ୍ରିୟ ହୋଇଛି ନିଜକୁ ନବ ନବ ଆକାରରେ, ନବ ନବ ଧାରାରେ ସୃଷ୍ଟି କରିବାରେ, ଗଠନ କରିବାରେ । ପଶ୍ଚାତରେ ଅନ୍ତଃସ୍ଥ ଚେତନାର ଚାପ ପ୍ରସାରଣରେ ଯେପରି ଊର୍ଦ୍ଧ୍ୱାୟନରେ ବି ସେପରି ପ୍ରଯୁକ୍ତ ହୋଇଛି । ଏହି ଊର୍ଦ୍ଧ୍ୱମୁଖୀ ଚାପ ଫଳରେ ପ୍ରାଣମୟ ଜଡ଼ରୁ ଚେତନାର ଏକ ନୂତନ ମୂର୍ତ୍ତି ପୁନଶ୍ଚ ଦେଖା ଦେଲା । ପ୍ରାଣକୋଷ ବିଦୀର୍ଣ୍ଣ ହୋଇ ବହିଃପ୍ରକାଶ ଲାଭ କଲା ସଂଜ୍ଞା, ସଂବେଦନା – ହେଲା ପ୍ରାଣୀର ଆବିର୍ଭାବ । ଏଇ ସଂଜ୍ଞା,

ସଂବେଦନା ବା ଆଦି-ମନକୁ ଘେରି ପ୍ରାଣ ଓ ଜଡ଼ ଲାଭ କଲେ ଏକ ନୂତନ ଗଢ଼ଣ । ଏଇ ଆଦି-ମନର ପୁଣି ହେବାକୁ ଲାଗିଲା ସଂମାର୍ଜନ ଓ ସଂବୃଦ୍ଧି । ପଶ୍ଚାତରୁ ଚେତନାର ଚାପ ନିରନ୍ତର ରହିଛି, ତାହା ଥମି ଯିବାକୁ, ରହିଯିବାକୁ ଚାହେଁନି – ଥମିଯିବାକୁ ବା ରହିଯିବାକୁ ଦିଏନି । ଆଦି-ମନରୁ ନିଃସୃତ ହେଲା ବୁଦ୍ଧି, ଆତ୍ମସଂବିତ୍, ତାକୁ ଘେରି ମନ-ପ୍ରାଣ-ଦେହ ଯେଉଁ ନବ ରୂପାୟଣ ଲାଭକଲା ତାହାରି ନାମ ମଣିଷ ବା ମନୁଷ୍ୟ ।

(କ୍ରମଶଃ)

[ମୂଳ ବଙ୍ଗଳା ରଚନାବଳୀ, ସପ୍ତମ ଖଣ୍ଡରୁ ଭାଷାନ୍ତରିତ]

ଭାଷାନ୍ତର : ରାମଚନ୍ଦ୍ର ପାଣି ❑

## ଉପହାର...

ମରୁଭୂମିରେ ଘୂରୁଥିବା ଯୁବକଟିକୁ ଖୁବ୍ ଶୋଷ ଲାଗୁଥିଲା, ମାତ୍ର ଆଖପାଖରେ ପାଣିର କୌଣସି ଚିହ୍ନବର୍ଣ୍ଣ ନାହିଁ । ଏଥର ସେ ଦକ୍ଷିଣମୁହାଁ ପାଦର ଗତି ବଢ଼େଇଲା । ତାକୁ ଲାଗୁଥିଲା, ଆଖପାଖରେ କେଉଁଠି 'ଓଏସିସ୍'ଟିଏ ଥାଇପାରେ । କାରଣ ଗୁରୁ ତାକୁ ଏଭଳି ତଥ୍ୟ ଦେଇଥିଲେ । ବାସ୍ତବରେ ଗୁରୁ କହିଥିବା କଥାଟି ଠିକ୍ ଥିଲା । ଗୋଟିଏ ଉଚ୍ଚ ବାଲିକୁଦ ଡେଇଁଯିବା ପରେ ଝରଣାଟିଏ ପଡ଼ିଲା । ଚମତ୍କାର ଶୀତଳ ପାଣିରେ ଭରପୂର ଝରଣାଟି କିଛି ବାଟ ବୋହିଯାଇ ପୁଣି ବାଲି ଭିତରେ କେଉଁଠି ହଜି ଯାଉଥିଲା । ଯୁବକଟି ନଇଁପଡ଼ି ଆଞ୍ଜୁଳା ଆଞ୍ଜୁଳା ପାଣି ପିଇବାରେ ଲାଗିଲା । ଶୋଷ ମେଣ୍ଟିବା ପରେ ସେ ଅନୁଭବ କଲା, ଇଏ ପାଣି ନୁହେଁ ତ ଅମୃତ । ସେତେବେଳେ ତା'ର ଗୁରୁଙ୍କ କଥା ମନେପଡ଼ିଲା । ସେ ତାଙ୍କ ପାଇଁ ତଥା ତା'ର ବନ୍ଧୁମାନଙ୍କ ପାଇଁ ଚମଡ଼ା ଥଳିରେ ଥଳିଏ ପାଣି ଭର୍ତ୍ତି କଲା ।

ଚାରିଦିନ ପରେ ଯୁବକଟି ଆସି ତା' ଗାଁରେ ପହଞ୍ଚିଲା । ସାଙ୍ଗେ ସାଙ୍ଗେ ସେ ତା' ଗୁରୁଙ୍କୁ ଭେଟିବା ଲାଗି ଗଲା । ସେତେବେଳେ ତା'ର ଅନ୍ୟ ଜଣେ ସହପାଠୀ ଗୁରୁଙ୍କ ପାଖରେ ଥାଏ । ସେ ପ୍ରଥମେ ଗୁରୁଙ୍କୁ ନେଇ ତା' ଚମଡ଼ା ଥଳିର ପାଣି ପିଇବାକୁ ଦେଲା । ଗୁରୁ ଏକା ନିଃଶ୍ୱାସକେ କିଛି ପାଣି ପିଇ କହିଲେ, ''ଚମତ୍କାର । ଏଭଳି ମିଠା ପାଣି ଆଣି ଉପହାର ଦେଇଥିବାରୁ ମୁଁ ତୁମକୁ ଧନ୍ୟବାଦ ଜଣାଉଛି'' । ଏହା କହି ସେ ତାଙ୍କ ଛାତ୍ରର ମୁଣ୍ଡକୁ ଶ୍ରଦ୍ଧାରେ ଆଉଁଶି ଦେଲେ । ଯୁବକଟିର ମନ ଆନନ୍ଦରେ ଭରିଗଲା । ତା'ପରେ ସେ ଥଳିରେ ଥିବା ବଳକା ପାଣି ତା'ର ସହପାଠୀ ବନ୍ଧୁଟିକୁ ଦେଲା । ସହପାଠୀଟି ବି ତାକୁ ସତୃଷ୍ଣ ନୟନରେ ଚାହିଁଥିଲା । ମରୁଭୂମି ଅଞ୍ଚଳରେ ମଧୁର ପିଇବା ପାଣିର ଅଭାବ ତ ଜଣାଶୁଣା କଥା । ମାତ୍ର ଏ କ'ଣ ? ସହପାଠୀଟି ପାଟିରେ ପାଣି ମୁନ୍ଦିଏ ଦେଇଛି କି ନାହିଁ ଥୁଃ ଥୁଃ କରି ସେଗୁଡ଼ା ଫିଙ୍ଗିଦେଲା । ମୁହଁ ସାଙ୍କୁଡ଼ି କହିଲା, 'ଛି, ଏ ପାଣି କେତେ ଗନ୍ଧଉଛି !'

ଯୁବକଟି ଆଶ୍ଚର୍ଯ୍ୟ ହେଲା । ଅବିଶ୍ୱାସର ସହ ସେ ନିଜେ ତା' ହାତ ଆଞ୍ଜୁଳାରେ ଆଞ୍ଜୁଳାଏ ପାଣି ନେଇ ପିଇଲା । ସହପାଠୀଟି ସତ କହୁଥିଲା । ତା'ର ଅବ୍ୟବହୃତ ଚମଡ଼ା ଥଳିରେ ଚାରିଦିନ କାଳ ରହିବା ଯୋଗୁଁ ଏବେ ପାଣିରୁ ଦୁର୍ଗନ୍ଧ ଆସୁଛି । ହଠାତ୍ କିନ୍ତୁ ତା' ମନରେ ଗୋଟିଏ ପ୍ରଶ୍ନ ଉଙ୍କି ମାରିଲା । ଯେଉଁ ପାଣିକୁ ସହପାଠୀ ଜଣକ ଦୁର୍ଗନ୍ଧଯୁକ୍ତ କହି ଫିଙ୍ଗିଦେଲା, ତାହାକୁ ତା'ର ଆଦରଣୀୟ ଗୁରୁ ଆନନ୍ଦରେ ପିଇଲେ କେମିତି ? ସେ ଯଦି ଏ କଥା ଜାଣି ପାରିଥା'ନ୍ତା, ତା'ହେଲେ କଦାପି ତା'ର ପ୍ରିୟ ଗୁରୁଙ୍କୁ ଏ ପାଣି ପିଇବାକୁ ଦେଇ ନ ଥା'ନ୍ତା ।

ସେ ଗୁରୁଙ୍କ ପାଖକୁ ଯାଇ ଏଇ ପ୍ରଶ୍ନଟି ପଚାରିଲା । ଗୁରୁ ହସି ହସି କହିଲେ, ''ତୋର ସହପାଠୀ ପାଣିର ସ୍ୱାଦ କେବଳ ବାରିଲା । ମାତ୍ର ମୁଁ ଉପହାରର ସ୍ୱାଦ ବାରିଥିଲି । ପାଣି ତ କେବଳ ଉପଲକ୍ଷ୍ୟ । ତା' ପଛରେ ତୋର ଯେଉଁ ଭକ୍ତି, ଶ୍ରଦ୍ଧା ଓ ଅନୁରାଗ ଅଛି ତା'ଠାରୁ ଅଧିକ ମଧୁର ଜିନିଷ ଆଉ ଏ ପୃଥିବୀରେ କ'ଣ ଥାଇପାରେ ? ମୁଁ ତାହାହିଁ ଅନୁଭବ କରି ଆନନ୍ଦ ପାଇଛି ।'' ଏଥର ଯୁବକଟି ତା' ଗୁରୁଙ୍କ କଥା ବୁଝିପାରିଲା । କୌଣସି ଉପହାର କେବଳ ବସ୍ତୁ ମାତ୍ର ନୁହେଁ, ତା' ସାଙ୍ଗରେ ଜଡ଼ି ରହିଥିବା ମଧୁର ଆତ୍ମୀୟତାର ଭାବହିଁ ତାକୁ ଅସାଧାରଣ ଉପହାରରେ ପରିଣତ କରିଦିଏ ।

(ସଂଗୃହୀତ) ❑

### ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୫୮)

### ଦିଲୀପ କୁମାର ରାୟଙ୍କର ଆଗମନ :

ଦିଲୀପ କୁମାର ରାୟ (୧୮୯୭-୧୯୮୦) ଥିଲେ ବେଙ୍ଗଲର ସୁପ୍ରସିଦ୍ଧ ନାଟ୍ୟକାର ଦ୍ୱିଜେନ୍ଦ୍ରଲାଲ ରାୟଙ୍କର ପୁତ୍ର ଏବଂ ସୁବାସ ଚନ୍ଦ୍ର ବୋଷଙ୍କର ସମକାଳୀନ କଲେଜଛାତ୍ର । ଦିଲୀପ କୁମାର ଖୁବ୍ ଅଳ୍ପ ବୟସରୁ ଜଣେ ପ୍ରଖ୍ୟାତନାମା ସଂଗୀତଜ୍ଞ ଓ ସୁଗାୟକ ହୋଇଉଠିଥିଲେ; 'ଧ୍ରୁପଦ', 'ଖିଆଲ୍' ଓ ଭକ୍ତିମୂଳକ ସଂଗୀତରେ ତାଙ୍କର ବିଶେଷ ଦକ୍ଷତା ଥିଲା । ଏତଦ୍‌ବ୍ୟତୀତ ସେ ହୋଇଉଠିଥିଲେ ଏକାଧାରରେ ଜଣେ ସୁଲେଖକ ଓ କବି ।

ଦେଶ-ବିଦେଶ ପରିଭ୍ରମଣ କରି ନିଜର ସୁଖ୍ୟାତିରେ ପ୍ରତିଷ୍ଠିତ ଥିବା ବେଳେ ତାଙ୍କର ଆନ୍ତର ସତ୍ତାରେ ଅନ୍ୟ କିଛି ସକାଶେ ତୀବ୍ର ଏଷଣା ଜାଗିଉଠିଥିଲା । ଠିକ୍ ଏହି ସମୟରେ ଭଗବାନଙ୍କର ଅହୈତୁକୀ କୃପାରୁ ସେ ଲକ୍ଷ୍ନୌର ତଦାନୀନ୍ତନ ଇଂରାଜୀ ପ୍ରଫେସର ରୋନାଲ୍‌ଡ୍ ନିକ୍‌ସନ୍‌ଙ୍କ ସଂସ୍ପର୍ଶରେ ଆସିଲେ । ଏହି ପ୍ରଫେସରହିଁ ତାଙ୍କୁ ପ୍ରଥମ କରି ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ କହିଥିଲେ ଏବଂ ଶ୍ରୀଅରବିନ୍ଦଙ୍କର 'ଗୀତା ନିବନ୍ଧମାଳା', 'ଯୋଗ ସମନ୍ୱୟ' ଆଦି ଅନ୍ୟ କେତୋଟି ଗ୍ରନ୍ଥ ପାଠ କରିବାକୁ ପ୍ରବର୍ତ୍ତାଇ ଥିଲେ । ପ୍ରସଙ୍ଗକ୍ରମେ ଏଠାରେ ଉଲ୍ଲେଖ କରୁଛୁ ଯେ ଏହି ଇଂରାଜୀ ପ୍ରଫେସର ଜଣଙ୍କ ପରବର୍ତ୍ତୀକାଳରେ ହିମାଳୟର ଏକ ଆଶ୍ରମକୁ ଚାଲିଯାଇଥିଲେ ଏବଂ ତାଙ୍କ ଗୁରୁ ତାଙ୍କର ନାମକରଣ କରିଥିଲେ 'କୃଷ୍ଣପ୍ରେମ' । ଏବେ ବି କୃଷ୍ଣପ୍ରେମଙ୍କର ଆଶ୍ରମ ହିମାଳୟରେ ରହିଛି ।

ସେ ଯାହାହେଉ, ଦିଲୀପ କୁମାର ଶ୍ରୀଅରବିନ୍ଦଙ୍କର ବିଭିନ୍ନ ଗ୍ରନ୍ଥ ପାଠ କରି ଜୀବନର ଯଥାର୍ଥ ଲକ୍ଷ୍ୟ ସମ୍ବନ୍ଧେ ଅବଗତ ହେଲେ ଏବଂ ଶ୍ରୀଅରବିନ୍ଦଙ୍କର ଦର୍ଶନ ଅଭିଳାଷୀ ହୋଇ ପଣ୍ଡିଚେରୀକୁ ପତ୍ର ଲେଖିଲେ । ଅନୁମତି ପ୍ରାପ୍ତ ହୋଇ ପଣ୍ଡିଚେରୀରେ ପଦାର୍ପଣ କରିଥିଲେ ।

ଏବେ ଦିଲୀପଙ୍କର ଶ୍ରୀଅରବିନ୍ଦଙ୍କ ସହିତ ପ୍ରଥମ ସାକ୍ଷାତ୍‌କାରର ସୁଦୀର୍ଘ ବିବୃତିରୁ କିଛି ଉଦ୍ଧୃତି :

''୨୪ ଜାନୁଆରୀ ୧୯୨୪ । ମୁଁ ଶ୍ରୀଅରବିନ୍ଦଙ୍କ ସହିତ ଅତ୍ୟନ୍ତ ଘରୋଇ ଭାବରେ ବେଶ୍ ଅନେକ କ୍ଷଣ ଧରି କଥାବାର୍ତ୍ତା କରିବାର ଅପୂର୍ବ ସୌଭାଗ୍ୟ ଲାଭ କରିଥିଲି ।

''ସକାଳ ପ୍ରାୟ ଆଠଟା । ଶ୍ରୀଅରବିନ୍ଦ ସେତେବେଳେ 'ଲାଇବ୍ରେରି ହାଉସ୍'ରେ ରହୁଥିଲେ । ଉପର ମହଲାର ବାରଣ୍ଡାକୁ ଉଠି ଦେଖିଲି ସେ ଚେୟାରରେ ଉପବେଶନ କରିଛନ୍ତି । ମୁଁ ତାଙ୍କୁ ପ୍ରଣାମ କରି ତାଙ୍କ ସାମନାରେ ଥିବା ଚେୟାରରେ ବସିଲି । ମଝିରେ ଥିଲା ଆୟତାକାରର ଅନୁଚ୍ଚ ଛୋଟ ଟେବୁଲଟିଏ । ସମଗ୍ର ବାତାବରଣଟିରେ ତାଙ୍କର ମହିମାନ୍ୱିତ ଉପସ୍ଥିତିର ଏକ ଦୀପ୍ତିମାନ୍ ବ୍ୟକ୍ତିତ୍ୱ ଗୁଞ୍ଜରଣ ସୃଷ୍ଟି କରୁଥିଲା । ତାଙ୍କୁ ଆବେଷ୍ଟନ କରି ରହିଥିଲା ଏକ ଗଭୀର ଶାନ୍ତିର ଆଭା, ଏକ ଅନିର୍ବଚନୀୟ ଅଥଚ ମୂର୍ତ୍ତ ଘନୀଭୂତ ପ୍ରଶାନ୍ତି, ଯାହାକି ତାଙ୍କର ସମ୍ମୋହନ ବଳୟ ମଧ୍ୟକୁ, କହିବାକୁ ଗଲେ, ତତ୍‌କ୍ଷଣାତ୍ ମୋତେ ଆକର୍ଷିତ କରିନେଲା । ସର୍ବୋପରି, ତାଙ୍କର ନୟନଯୁଗଳହିଁ ମୋତେ ସର୍ବାଧିକ ଭାବରେ ମନ୍ତ୍ରମୁଗ୍ଧ କରି ଦେଇଥିଲା – ସୁ-ଉଚ୍ଚ ବତିଘରର ଉଜ୍ଜ୍ୱଳ ଆଲୋକ ସଦୃଶ ଉଦ୍ଦୀପ୍ତ ଥିଲା ତାଙ୍କର ସେଇ ନୟନଯୁଗଳ । ସେ ପରିଧାନ କରିଥିବା ଧୋତିର ଅପର ଅଂଶଟି ତାଙ୍କ ବକ୍ଷଦେଶରେ ରହିଥିଲା, କହିବାକୁ ଗଲେ ବକ୍ଷଦେଶ ଅନାବୃତ ଥିଲା : 'ଭାରତବର୍ଷର ସର୍ବୋତ୍ତମ ପ୍ରତ୍ୟକ୍ଷ ଯୋଗୀ' !

''ମୋର ହୃତ୍‌ସ୍ପନ୍ଦନ କ୍ଷିପ୍ର ହୋଇଉଠିଥାଏ । ଅଦ୍ୟାବଧି ମୁଁ କେବଳ କେତେକ ସାଧୁ-ସନ୍ନ୍ୟାସୀଙ୍କୁ ଦେଖିଥିଲି ମାତ୍ର, କିନ୍ତୁ ଜଣେ ପ୍ରକୃତ ଯୋଗୀ, ଯିଏକି ବର୍ଷ ବର୍ଷ ଧରି ଏକାନ୍ତବାସରେ ଜୀବନ ଅତିବାହିତ କରିଛନ୍ତି, ଏବଂ ତଥାପି ମୋ ସମ୍ବନ୍ଧରେ, ମୋର ଜୀବନଧାରା ସମ୍ବନ୍ଧେ ଜାଣିବାରେ ବେଶ୍ ଆଗ୍ରହାନ୍ୱିତ ଅଛନ୍ତି ! (ଅବଶ୍ୟ ବେଶ୍ ଅନେକ ଦିନ ପରେ, ତାଙ୍କର ମୋ ପାଖକୁ ଲିଖିତ ଏକ ପତ୍ରରେ ସେ ଉଲ୍ଲେଖ କରିଥିଲେ ଯେ ତାଙ୍କର ମୋ ପ୍ରତି ଆଗ୍ରହାନ୍ୱିତ ହୋଇଉଠିବା କେବଳ ସାମୟିକ ବା କ୍ଷଣସ୍ଥାୟୀ ନଥିଲା । ସେ ଲେଖିଥିଲେ : 'ଏହା ହେଉଛି ଏକ ଦୃଢ଼ ଓ ସ୍ଥାୟୀ ବ୍ୟକ୍ତିଗତ ସମ୍ବନ୍ଧ, ଯାହାକି,

ଏପରିକି ତୁମ ସହିତ ମୋର ସାକ୍ଷାତ୍ ହେବା ପୂର୍ବରୁ, ମୁଁ ତୁମ ସମ୍ବନ୍ଧରେ ଜାଣିଥିଲି ଏବଂ ତୁମକୁ ଦେଖିବା ମାତ୍ରେ ତା' ସୁସ୍ପଷ୍ଟ ହୋଇଉଠିଥିଲା ।... ମୁଁ ପୂର୍ବରୁ ଏହା ଜାଣିଥିଲି ଯେ ଏହି ବ୍ୟକ୍ତିଟି ସହିତ ମୋର ଘନିଷ୍ଠ ସମ୍ପର୍କ ପୂର୍ବରୁ ରହି ଆସିଛି ଏବଂ ତୁମ ସହିତ ସାକ୍ଷାତ୍ ହେବା ମୁହୂର୍ତ୍ତରେ ଏହି କଥା ମୋର ଅବିରତ ସ୍ମରଣରେ ଥିଲା । ଏବଂ ତୁମର ଏଠାକୁ ଆସିବା ପୂର୍ବରୁ ମୁଁ ତୁମ ଜୀବନର ଗତିବିଧି ସମ୍ବନ୍ଧେ ଅନୁକମ୍ପାର ସହିତ, ଅତ୍ୟନ୍ତ ଆଗ୍ରହର ସହିତ ନଜର ରଖିଥିଲି ।... ତୁମର ମୋ ପାଖକୁ ଆସିବା ବିଧିନିର୍ଦ୍ଦିଷ୍ଟ ।'...)

''ସେ ମୋ ଉପରେ ତତ୍କ୍ଷଣାତ୍ ତାଙ୍କର ଶାନ୍ତ ଓ ଆକର୍ଷଣୀୟ ଅଥଚ ତୀକ୍ଷ୍ଣ ଦୃଷ୍ଟିପାତରେହିଁ ମୋର ମାନ ନିରୂପଣ କରିନେଲେ । ସେଇ ମୁହୂର୍ତ୍ତରେ ମୋର ଅବସ୍ଥା ସମ୍ବନ୍ଧେ ଯଥାର୍ଥରେ ବର୍ଣ୍ଣନା କରିବା ମୋର ସାଧ୍ୟାତୀତ ।... ଅଳ୍ପ କ୍ଷଣ ପରେ ମୁଁ ପାରୁପର୍ଯ୍ୟନ୍ତ ମୋର ସମଗ୍ର ସତ୍ତାକୁ କେନ୍ଦ୍ରୀଭୂତ କରି ଥଙ୍ଗ ଥଙ୍ଗ ହୋଇ କୌଣସି ପ୍ରକାରେ କହିଲି : 'ମୁଁ ଆପଣଙ୍କ ପାଖକୁ ଆସିଛି,... ଜାଣିବାକୁ, ବରଂ ଯଥାର୍ଥରେ କହିବାକୁ ଗଲେ, ମୋତେ ଯଦି ଆପଣ ଦୀକ୍ଷା ଦେଇ ପାରନ୍ତି ।... ମୋର କହିବାର ଅର୍ଥ, ଯଦି ମୋ ଦ୍ୱାରା ସମ୍ଭବ, ଆପଣଙ୍କର ଯୋଗ ଅଭ୍ୟାସ କରିବାକୁ ଚାହେଁ ।'

''ଅତ୍ୟନ୍ତ ଆପଣାର ହୋଇ ସରଳ ଭାବରେ ସେ କହିଲେ : 'ତୁମେ ମୋତେ ନିଶ୍ଚିତ ଭାବରେ ପରିଷ୍କାର କରି କୁହ, ତୁମେ ଠିକ୍ ଠିକ୍ କ'ଣ କରିବାକୁ ଚାହଁ, ଏବଂ ତୁମେ **ମୋ** ଯୋଗ କାହିଁକି ଅଭ୍ୟାସ କରିବାକୁ ଚାହଁ ?'

''ମୁଁ ଏକେବାରେ ଥମ୍ ହୋଇଗଲି ! କାହିଁକି ? ମୁଁ କ'ଣ ନିଜକୁ ଚିହ୍ନିଛି ? ତା'ହେଲେ ମୁଁ ତାଙ୍କୁ ମୋ ସମ୍ବନ୍ଧରେ ସବୁକିଛି ପରିଷ୍କାର ଭାବରେ କହିବି ବା କେମିତି ? ବିଶ୍ୱାସଯୋଗ୍ୟ ଭାବରେ ? ସନ୍ତୋଷଜନକ ଭାବରେ ? କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ମୁଁ ମୋର ପାରୁପର୍ଯ୍ୟନ୍ତ ଚେଷ୍ଟା କରି କ'ଣ ବା କହିବି ଭାବିଲା ବେଳକୁ ମୋ ତୁଣ୍ଡରୁ ବାହାରି ପଡ଼ିଲା, 'ଧରନ୍ତୁ, ମୁଁ ଯଦି ଏମିତି କହେ, ବା ବରଂ କହିବାକୁ ସମ୍ମତି ଦିଅନ୍ତି, ଯଦି ଆପଣ ମୋ ଜୀବନର ଲକ୍ଷ୍ୟରେ ଉପନୀତ ହେବା ସକାଶେ, ବା ଏମିତି କହିଲେ ବୋଧହୁଏ ଠିକ୍ ହେବ, ମୋ ଜୀବନର ଉଦ୍ଦେଶ୍ୟକୁ ଆବିଷ୍କାର କରିବାରେ ମୋତେ ସାହାଯ୍ୟ କରିବେ କି ?'

'' 'ଏହି ପ୍ରଶ୍ନର ଉତ୍ତର ଦେବା ଏତେ ସହଜ ନୁହେଁ', ନମ୍ର ଗଳାରେ ସେ କହିଲେ, 'ମୁଁ ଏମିତି କିଛି ଆକାଂକ୍ଷିତ ବସ୍ତୁ ସମ୍ବନ୍ଧେ ଜାଣେ ନାହିଁ ଯାହାକି ସମସ୍ତଙ୍କ ଦ୍ୱାରା ସମାନ ଭାବରେ ପୋଷଣ କରାଯାଏ; ଅଧିକନ୍ତୁ ମହାର୍ଘ ବସ୍ତୁ ରୂପେ ସମସ୍ତଙ୍କ ଦ୍ୱାରା ସମାନ ଭାବରେ ବିବେଚିତ ଜୀବନର ଏକ ନିଶ୍ଚିତ ଲକ୍ଷ୍ୟ ସମ୍ବନ୍ଧେ ମଧ୍ୟ ମୁଁ କିଛି ଜାଣେ ନାହିଁ । ଜୀବନର ଉଦ୍ଦେଶ୍ୟ ବା ଲକ୍ଷ୍ୟ ବିଭିନ୍ନ ବ୍ୟକ୍ତିଙ୍କ କ୍ଷେତ୍ରରେ ବିଭିନ୍ନ ହେବା ସ୍ୱାଭାବିକ ଏବଂ ଭଗବତ୍ ଅନ୍ୱେଷୀମାନେ ମଧ୍ୟ ବିଭିନ୍ନ ଲକ୍ଷ୍ୟ ରଖି ଯୋଗାଭ୍ୟାସ କରିଥା'ନ୍ତି । କେତେକେ ଯୋଗ ସାଧନା କରିବାକୁ ଚାହାନ୍ତି ଜୀବନ କ୍ଷେତ୍ରରୁ ପଳାୟନ କରିବା ସକାଶେ, ଯେମିତି ମାୟାବାଦୀମାନେ, (ଜଗତ୍ ମିଥ୍ୟା, ବ୍ରହ୍ମ ସତ୍ୟ); କେତେକେ ଦିବ୍ୟପ୍ରେମ ଓ ଆନନ୍ଦ ଲାଭ ନିମିତ୍ତ ତୀବ୍ର ଆସ୍ପୃହା ରଖି ଯୋଗ ସାଧନା ଆରମ୍ଭ କରିଥା'ନ୍ତି । ପୁନଶ୍ଚ, ଅନ୍ୟ କେତେକେ ଯୋଗାଭ୍ୟାସ କରନ୍ତି ଶକ୍ତି ଓ ଜ୍ଞାନ ଲାଭ କରିବା ସକାଶେ, କିଂବା ଜୀବନର ଘାତ-ପ୍ରତିଘାତ ପ୍ରତି ନିର୍ଲିପ୍ତ ରହି, ସେଥିରେ ପ୍ରଭାବିତ ନହୋଇ ଏକ ନିଶ୍ଚଳ ଅବିଚଳିତ ପ୍ରଶାନ୍ତି ଲାଭ କରିବା ସକାଶେ । ତେଣୁ, ତୁମେ ପ୍ରଥମରୁହିଁ ସ୍ଥିର ନିଶ୍ଚିତ ହେବା ଉଚିତ । ଯୋଗ ସାଧନା କରି ନିର୍ଦ୍ଦିଷ୍ଟ ଭାବରେ ତୁମେ କ'ଣ ହୋଇଉଠିବାକୁ ଚାହଁ ।'

''ଏକେବାରେ ହତାଶ ହୋଇ ତାଙ୍କୁ ଜଣାଇଲି, 'ମୁଁ ଜାଣିବାକୁ ଚାହେଁ, ଯଦି ଯୋଗାଭ୍ୟାସ କରି, ମୋର ଅନ୍ତିମ ପ୍ରଚେଷ୍ଟାରେ ଜୀବନର ଅସଂଗତିରୁ, ତା'ର ସମସ୍ତ ପ୍ରକାର ସହଜାତ ଦୁଃଖକଷ୍ଟ, ମାନ-ଅପମାନରୁ ତ୍ରାହି ପାଇ ପାରିବି କି ?

''ତୁମେ କ'ଣ ବିଶ୍ୱାତୀତ ଜ୍ଞାନ ଲାଭ କଥା କହୁଛ ?

''ଯଦି ଆପଣ ସେମିତି କହିପାରନ୍ତି – କିନ୍ତୁ ନା ତା' ନୁହେଁ – କାହିଁକି ନା ମୁଁ ଆନନ୍ଦ ମଧ୍ୟ ଚାହେଁ, ସେହି ଜ୍ଞାନର ଶିରୋଭୂଷଣ ରୂପେ ।

''ତୁମେ ନିଶ୍ଚିତ ରୂପେ ଉଭୟଟିହିଁ ପାଇ ପାରିବ ।

''ତା'ହେଲେ ମୁଁ ଆପଣଙ୍କଠାରୁ ଦୀକ୍ଷା ପାଇବାକୁ ଆସ୍ପୃହା କରିପାରେ କି ?

''ତା' ତୁମେ କରିପାର, ଯଦି ତୁମେ ମୋ ଯୋଗର ସର୍ତ୍ତସବୁ ସମ୍ବନ୍ଧେ ଏକମତ ହୁଅ ଏବଂ ତୁମର ଯୋଗ ପ୍ରତି ଯଦି ତୀବ୍ର ଏବଂ ଏକାଗ୍ର ଆହ୍ୱାନ ଥାଏ ।

''ଆପଣ ଦୟାପରବଶ ହୋଇ ଆପଣଙ୍କ ଯୋଗର କି ଧରଣର ସର୍ତ୍ତାବଳୀ ରହିଛି ଏବଂ ଆପଣ ଯେଉଁ ଆହ୍ୱାନ

କଥା କହିଲେ, ତା' କି ପ୍ରକାରର ହେବା ଆବଶ୍ୟକ – ଏ ସମ୍ବନ୍ଧେ ମୋତେ କିଛି ଆଭାସ ଦେବେ କି ?... ଅର୍ଥାତ୍, ମୁଁ ଜାଣିବାକୁ ଚାହେଁ ଯେ ଆପଣ ପ୍ରକୃତରେ ମୋଠୁଁ କ'ଣ ଦାବି କରୁଛନ୍ତି ।...

''ବର୍ତ୍ତମାନ ମୁଁ ତୁମର ମୂଳ ପ୍ରଶ୍ନକୁ ଆସୁଛି; ତୁମେ ତୁମର ସକ୍ରିୟ ଜୀବନଧାରାର ସ୍ୱରୂପ ସମ୍ବନ୍ଧେ ପଚାରିଛ । ବେଶ୍, ଯୋଗ ସାଧନା ତୁମର ସକ୍ରିୟ ଜୀବନଧାରାରେ ତୁମେ ଯେଉଁସବୁ କର୍ମକୁ ପ୍ରାଧାନ୍ୟ ଦେଇଆସିଛ ବା ଦିଅ, ସେସବୁକୁ ତ୍ୟାଗ କରିବାକୁ ତୁମକୁ ବାଧ୍ୟ କରିବି ନାହିଁ । କେବଳ ଗୋଟିଏ ସର୍ତ୍ତ ତୁମକୁ ନିଶ୍ଚିତରୂପେ ରଖିବାକୁ ହେବ, ସେଇଟି ହେଉଛି **ସବୁକିଛି** ପ୍ରତି ତୁମର ଯେଉଁ ବନ୍ଧନ, ଅନୁରକ୍ତି ବା ଆସକ୍ତି ରହିଛି, ସେସବୁକୁ ତ୍ୟାଗ କରିବାକୁ ପ୍ରସ୍ତୁତ ରହିବାକୁ ହେବ । ତୁମେ କର୍ମର ଆବର୍ତ୍ତନ ଭିତରେ ରହିଥାଅ ବା ତା'ର ବହିର୍ଭାଗରେ, ଅର୍ଥାତ୍, ନିଃସ୍ୱାର୍ଥପର ଭାବରେ କର୍ମ କରିଚାଲିଥାଅ, କିନ୍ତୁ ତୁମକୁ ସଂପୂର୍ଣ୍ଣରୂପେ ଆସକ୍ତିଶୂନ୍ୟ ହେବାକୁହିଁ ହେବ । କାରଣ, ତୁମେ ଯଦି କର୍ମସବୁ ପ୍ରତି ଆସକ୍ତି ରଖ, ତା'ହେଲେ ଯୋଗାଭ୍ୟାସ କଲେ ତୁମ ଉପରକୁ ଊର୍ଦ୍ଧ୍ୱରୁ ଅବତରି ଆସୁଥିବା ଦିବ୍ୟ-ଆଲୋକ ତୁମ ଚରିତ୍ରରେ ଆମୂଳଚୂଳ ରୂପାନ୍ତର ଘଟାଇବାରେ ତୀବ୍ର ପ୍ରତିବନ୍ଧକ ସୃଷ୍ଟି କରିବ ।

''ତା'ହେଲେ ଏଥିରୁ ମୁଁ ଯାହା ସୂଚନା ପାଉଛି ଯେ ମୋତେ ସମସ୍ତ ପ୍ରକାର ମାନବିକ ସ୍ନେହ-ସହାନୁଭୂତି, ଯଥାର୍ଥ ବନ୍ଧୁତ୍ୱ, ସବୁକିଛି, ଜୀବନର ସମସ୍ତ ଆନନ୍ଦ ଉପଭୋଗ ଏବଂ ସହାନୁଭୂତିଶୀଳତାକୁ ଏକେବାରେ ତ୍ୟାଗ କରିବାକୁ ହେବ !

''ନା । ଭଗବାନଙ୍କର ସାମୀପ୍ୟ ଲାଭ କରିବାକୁ ହେଲେ ପ୍ରେମ ଓ ସହାନୁଭୂତିରୁ ଏକେବାରେ ମୁକ୍ତ ରହିବା ଅନାବଶ୍ୟକ । ଅପର ପକ୍ଷେ ଅନ୍ୟମାନଙ୍କ ସହିତ ଏକାତ୍ମତା ଓ ଆତ୍ମୀୟତା ରହିବାଟା ହେଉଛି ଦିବ୍ୟ-ଚେତନାର ଏକ ବିଭବ, ଯେଉଁ ଦିବ୍ୟ-ଚେତନାକୁ ସାଧକ ଭଗବାନଙ୍କ ସହିତ ସାଯୁଜ୍ୟ ଓ ସାମୀପ୍ୟ ଲାଭ କରିବା ଦ୍ୱାରା ଉନ୍ନୀତ ହୋଇଥାଏ । ଅବଶ୍ୟ ମାୟାବାଦୀମାନଙ୍କର ଅନ୍ତିମ ଲକ୍ଷ୍ୟ ହେଉଛି ସମସ୍ତ ପ୍ରକାର ଜାଗତିକ ସମ୍ପର୍କକୁ ସମ୍ପୂର୍ଣ୍ଣରୂପେ ପ୍ରତ୍ୟାଖ୍ୟାନ କରିବା ଏବଂ ସଂସାରତ୍ୟାଗୀ ବୈରାଗୀମାନଙ୍କ କ୍ଷେତ୍ରରେ ତ ଭୋଗବିଳାସ, ବନ୍ଧୁବାନ୍ଧବ, ସ୍ନେହ-ମମତା, ସଂସାର ତଥା ସାଂସାରିକ ଜୀବନ ପ୍ରତି ଆସକ୍ତିଶୂନ୍ୟ ହୋଇଉଠିବାକୁ ସେମାନଙ୍କର ଅନ୍ତିମ ଲକ୍ଷ୍ୟ 'ମୋକ୍ଷ' ଲାଭ ସକାଶେ ଅଗ୍ରଗତିର ଉଜ୍ଜ୍ୱଳ ନିଦର୍ଶନ ରୂପେ ଗଣ୍ୟ କରାଯାଇଥାଏ । କିନ୍ତୁ ସେ କ୍ଷେତ୍ରରେ ମଧ୍ୟ ଯୋଗୀମାନଙ୍କର, ମୋର ମନେହୁଏ, ସମସ୍ତଙ୍କ ସହିତ ଏକାତ୍ମ-ଭାବ ଏବଂ ନିରାସକ୍ତ ଆଧାତ୍ମିକ ସହାନୁଭୂତି ରହିଥିବାର ଲକ୍ଷ୍ୟ କରାଯାଏ, ଅନ୍ତତଃ ପକ୍ଷେ ଏକ ଶେଷପର୍ବ ବା ଉପାନ୍ତ୍ୟ ଅବସ୍ଥା ରୂପେ ବିଦ୍ୟମାନ ଥାଏ, ଯେମିତି ମୋକ୍ଷଲାଭ ପୂର୍ବରୁ ବୌଦ୍ଧଧର୍ମୀମାନଙ୍କର ସ୍ନେହ-ସହାନୁଭୂତି ରହିଥାଏ ।

(ସେଇଠୁ ଦିଲୀପ ଯଥେଷ୍ଟ ସାହସ ବାନ୍ଧି ଶ୍ରୀଅରବିନ୍ଦଙ୍କୁ କହିଲେ, 'ମୋ କଥା ଧୈର୍ଯ୍ୟ ଧରି ଟିକିଏ ଶୁଣିବେ କି ?' ଶ୍ରୀଅରବିନ୍ଦଙ୍କର ସସ୍ନେହ ଓ ମଧୁର ସମ୍ମତି ଲାଭ ପୂର୍ବକ ଦିଲୀପ ତାଙ୍କର ସମଗ୍ର ଜୀବନ ବୃତ୍ତାନ୍ତ ସ୍ଥାନ-କାଳ-ପାତ୍ର ଭୁଲି ଅନର୍ଗଳ ଭାବରେ କହି ଚାଲିଲେ । ଶେଷକୁ ସେ କିପରି ରୋନାଲ୍ଡ୍ ନିକ୍ସନ୍‌ଙ୍କ ସଂସ୍ପର୍ଶରେ ଆସି ଶ୍ରୀଅରବିନ୍ଦଙ୍କର ବିଭିନ୍ନ ଗ୍ରନ୍ଥପାଠ କରି, ଶେଷକୁ ଏଠାକୁ ଆସିବାକୁ ସିଦ୍ଧାନ୍ତ ନେଲେ – ସମସ୍ତ କଥା କହିବା ପରେ ଶେଷକୁ କହିଲେ :)

''– ରୋନାଲ୍ଡ୍ ନିକ୍ସନ୍‌ଙ୍କ ସହିତ ସାକ୍ଷାତ୍ ହେବା ପରେ ବାଲ୍ୟକାଳରୁ ଅନ୍ତରରେ ପୋଷଣ କରିଥିବା ଆଧାତ୍ମିକ-ଜୀବନଯାପନ କରିବାର ମୋର ତୀବ୍ର ଏଷଣା ଓ ଆକୁତି ପୁନଃ ସ୍ୱତଃ ଦ୍ୱିଗୁଣ ପ୍ରବଳତା ସହ ଦୃଢ଼ରୂପେ ମୋତେ କାବୁ କରିନେଲା ଏବଂ ମୋର ଅନ୍ତର ସଂଗତି ବିନା ମୁଁ ଶାନ୍ତିରେ ବିଶ୍ରାମ ନେଇ ପାରିଲି ନାହିଁ । ଅନ୍ୟ ଭାବରେ ଆପଣଙ୍କୁ ମୁଁ କହିପାରେ ଯେ ମୁଁ ଯୋଗ ସାଧନା କରିବାକୁ ଚାହିଁଲି । କିନ୍ତୁ ଏଠାକୁ ଆସି (ଅର୍ଥାତ୍, ଆପଣଙ୍କ ସଂସ୍ପର୍ଶରେ ଆସି) ଯୋଗାଭ୍ୟାସ ନିମିତ୍ତ ମୋର ସାମର୍ଥ୍ୟ କଥା ଭାବି ପ୍ରଗାଢ଼ଭାବେ ମୋର ଆଶଙ୍କା ବା ସନ୍ଦେହ ଉପୁଜିଛି । ପୁନଶ୍ଚ, ମୋତେ ନଛୋଡ଼ବନ୍ଧାଭାବେ ଏହି ଅନୁଭବ ଚାପି ଧରିଛି ଯେ ମୁଁ କେବେହେଲେ ଜଣେ ଗୁରୁଙ୍କ ବିନା ମୋ ସାଧନାରେ କସ୍ମିନ୍‌କାଳେ ସାଫଲ୍ୟ ଲାଭ କରିପାରିବି ନାହିଁ ଏବଂ ସେହି ଗୁରୁ ଅନ୍ୟ କେହି ନୁହନ୍ତି ସ୍ୱୟଂ ଆପଣ; ଯଦିଓ ମୁଁ ଜାଣେନି ଆପଣ ମୋତେ ଗ୍ରହଣ କରିବେ କି ନା । ଏହାହିଁ ହେଉଛି ମୋର ବର୍ତ୍ତମାନର ଅବସ୍ଥା । ହଁ, ଏହା ସାଙ୍ଗକୁ ମୁଁ ଏକଥା ବି ଆପଣଙ୍କୁ ଜଣାଉଛି ଯେ ମୋର ପୂର୍ବଧରଣର ସାଂସାରିକ ପ୍ରତିପତ୍ତିମୂଳକ ଜୀବନ ପ୍ରତି ମଧ୍ୟ ଆକର୍ଷଣ ଏବେ ବି ରହିଛି । ଆଉ ଏକଥା ବି ଜାଣେନି ଯେ ମୁଁ ମୋ ସମ୍ବନ୍ଧରେ ଆପଣଙ୍କୁ ସୁସ୍ପଷ୍ଟ ଭାବରେ, ଅକପଟ ଭାବରେ ସବୁକଥା କହିପାରିଲି କି ନାହିଁ ।

''ଶ୍ରୀଅରବିନ୍ଦଙ୍କୁ ଏତକ କହିବା ପରେ ତାଙ୍କର

ସ୍ନେହବୋଳା ମଧୁର ହସରେ ମୁଁ ନୀରବ ରହିଗଲି; ବ୍ୟାପକ ଓ ସାନ୍ତ୍ୱନାଦାୟକ ତାଙ୍କର ମହିମମୟ ଦିବ୍ୟକରୁଣାର ଅପୂର୍ବ ଅନୁଭୂତି ଅଙ୍ଗେ ଲିଭାଇଲି । ତାଙ୍କର ତୀକ୍ଷ୍ଣ ଦୃଷ୍ଟି ମୋର ସମଗ୍ର ସତ୍ତାରେ ଶାନ୍ତିର ଶୀତଳଝରର ସେଚନ କରୁଥିଲା ।... ଏସବୁଥିରେ ଅବଗାହନ କରୁଥିବା ମୁହୂର୍ତ୍ତରେ ସେ ମୋ ମଧ୍ୟରେ ଦୃଢ଼ପ୍ରତ୍ୟୟ ସଞ୍ଚାର କରି କହିଲେ : 'ଏସବୁ ସାଧାରଣତଃ ଏହିପରି ଘଟିଥାଏ । ମାନବସମାଜ, ମାନବିକ ବନ୍ଧୁତ୍ୱ, ସ୍ନେହ-ସହାନୁଭୂତି – ଏସବୁ ପ୍ରାୟଶଃ ଏବଂ ସାଧାରଣ ସାମାଜିକ ପ୍ରଚଳନ ବା ପ୍ରଥାନୁଯାୟୀ – ଏକେବାରେ ବା ସବୁକ୍ଷେତ୍ରରେ ନହେଲେ ବି – ପ୍ରାଣିକ ଭିତ୍ତି ଉପରେହିଁ ପ୍ରତିଷ୍ଠିତ ହୋଇଥାଏ ଏବଂ ସେସବୁର ମୂଳଉସ୍ରରେ ଅହଂଭାବାପନ୍ନ କର୍ତ୍ତୃତ୍ୱ ବା ଦାବି ବିଦ୍ୟମାନ ଥାଏ । ଏହାର କାରଣ, ଅନ୍ୟମାନଙ୍କର ଭଲପାଇବା, ସ୍ନେହ-ଶ୍ରଦ୍ଧା ଲାଭରୁ ମିଳୁଥିବା ଆନନ୍ଦ, ଅନ୍ୟମାନଙ୍କର ସଂସ୍ପର୍ଶରେ ଆସିବା ଫଳରେ ବା ସେମାନଙ୍କର ଆନ୍ତର ଅନୁଭୂତିର ସଂସ୍ପର୍ଶରେ ଆସିବା ଦ୍ୱାରା ନିଜସ୍ୱ ଅହଂଭାବର ପରିବ୍ୟାପ୍ତି ଘଟିବାର ଆନନ୍ଦ, ପରସ୍ପର ଭିତରେ ପ୍ରାଣିକ ଆଦାନ-ପ୍ରଦାନରୁ ମିଳୁଥିବା ଉଲ୍ଲାସ-ଆହ୍ଲାଦ ଯାହାକି ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କର ବ୍ୟକ୍ତିତ୍ୱକୁ ମଧ୍ୟ ଖୋରାକ ଯୋଗାଉଥାଏ – ଏହିସବୁ କାରଣରୁ ମଣିଷ ସାଧାରଣତଃ ଅନ୍ୟମାନଙ୍କୁ ଭଲ ପାଇଥାଏ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ କାରଣ ରହିଛି ଯାହାକି ଅପରିହାର୍ଯ୍ୟ ସାମାଜିକ ଗତିବିଧି ସହିତ ଅଧିକ ସ୍ୱାର୍ଥପର ଉଦ୍ଦେଶ୍ୟ ବା ପ୍ରେରଣାମାନ ମିଶ୍ରିତ ହୋଇ ରହିଥାଏ । ଅବଶ୍ୟ, ନିଃସନ୍ଦେହ ଭାବରେ ଏହିସବୁ ସାମାଜିକ ସଂସ୍ପର୍ଶରେ ଊର୍ଦ୍ଧ୍ୱତର ଆଧ୍ୟାତ୍ମିକ, ଚୈତ୍ୟିକ, ମାନସିକ, ପ୍ରାଣିକ ଉପାଦାନ ସବୁ ରହିଛି; କିନ୍ତୁ ସମଗ୍ର ବିଷୟବସ୍ତୁଟି ଅତ୍ୟଧିକ ମାତ୍ରାରେ ମିଶ୍ରିତ ହୋଇ ରହିଥାଏ, ଏପରିକି ଏହାର ସର୍ବୋତ୍ତମ ପର୍ଯ୍ୟାୟରେ ମଧ୍ୟ । ଏହି କାରଣରୁହିଁ ମଣିଷର ଏକ ନିର୍ଦ୍ଦିଷ୍ଟ ଅବସ୍ଥାରେ, ବାହ୍ୟତଃ ପ୍ରତୀୟମାନ କାରଣରୁ ବା କାରଣ ବିନା, ସଂସାର ଓ ସାଂସାରିକ ଜୀବନଧାରା, ମନୁଷ୍ୟସମାଜ, ଏବଂ ଲୋକ ହିତୈଷଣା, ଯାହାକି ଅନ୍ୟ ସବୁଥିରେ ବିଦ୍ୟମାନ ଥିବା ଅହଂଭାବ ଦ୍ୱାରା ଅପଶାସିତ ବା ଅଧ୍ୟୁଷିତ – ଏହିସବୁ କ୍ଳାନ୍ତିକର ହୋଇଉଠେ, ନୀରସ ବୋଧ ହେବାକୁ ଲାଗେ ।

''(କ୍ଷଣକାଳ ନୀରବ ରହି) 'କେବେ କେବେ ଏମିତି ମୁହୂର୍ତ୍ତ ଆସେ, ଯେତେବେଳେ କି ଅନ୍ୟମାନଙ୍କୁ ଆକର୍ଷଣାର୍ଥେ କୃତ୍ରିମ ଆଚରଣରୁ ବା ଲୋକଦେଖାଣିଆ ମନୋବୃତ୍ତିରୁ ପ୍ରାଣିକ ସତ୍ତାରେ ଏକ ନିରାଶା ବା ହତାଶା ଭାବ ଏବଂ ଅନ୍ୟମାନଙ୍କର ସ୍ନେହ-ଶ୍ରଦ୍ଧାରୁ ପ୍ରତ୍ୟାହରଣର ଭାବ ଉଦ୍ରେକ ହୋଇଥାଏ । ଏପରି ଏକ ପ୍ରତ୍ୟକ୍ଷୀକରଣ ବା ଉପଲବ୍ଧି ହୁଏ ଯେ ବ୍ୟକ୍ତି ଯେଉଁମାନଙ୍କୁ ଭଲ ପାଉଥିଲା ବା ସାଧାରଣତଃ ମଣିଷମାନଙ୍କୁ ଯେଉଁ ସ୍ୱଭାବର ବୋଲି ସେ ଭାବୁଥିଲା, ସେମାନେ ପ୍ରକୃତରେ ତା' ନୁହନ୍ତି, ଏବଂ କହିବାକୁ ଗଲେ, ଏମିତି ବହୁ ସଂଖ୍ୟକ କାରଣରୁ ବ୍ୟକ୍ତି ଭିତରେ ହତାଶା ଭାବ ଆସିଥାଏ । କିନ୍ତୁ ଅଧିକାଂଶ କ୍ଷେତ୍ରରେ ଏହାର ଅସଲ କାରଣ ହେଉଛି ତା'ର ଆନ୍ତର ସତ୍ତାର କୌଣସି ଏକ ଅଂଶରେ ଏକ ଲୁକ୍‌କାୟିତ ବା ଅପ୍ରକାଶିତ ନିରାଶା-ଭାବର ଉଦ୍ରେକ ହୋଇଥାଏ ଯାହାକି ତା'ର ମନ-ସ୍ତରରେ ଏହାର କୌଣସି ବ୍ୟାଖ୍ୟା ନଥାଏ ବା ଯଥାଯଥ ଭାବରେ ବ୍ୟାଖ୍ୟା ହୋଇପାରି ନଥାଏ; ଏହି ନିରାଶାର କାରଣ ହେଉଛି ଆନ୍ତର ସତ୍ତାର ଏହି ଅଂଶଟି ଉପରୋକ୍ତ ସଂସ୍ପର୍ଶାଦିରୁ ପ୍ରକୃତରେ ଯାହା ଆଶା କରୁଥିଲା, ସେଇଟିକୁ ସେସବୁ ଦେଇପାରିନି । କେତେକଙ୍କ କ୍ଷେତ୍ରରେ ଏହା ତୀବ୍ର 'ନୈରାଶ୍ୟ'ର ରୂପ ନେଇ ସେମାନଙ୍କୁ କଠୋର ତପଶ୍ଚର୍ଯ୍ୟାପୂର୍ଣ୍ଣ ନିରପେକ୍ଷତା ଦିଗରେ ଆକୃଷ୍ଟ କରାଇଥାଏ ଏବଂ 'ମୋକ୍ଷ' ଦିଗରେ ଅନୁପ୍ରାଣିତ ବା ଉଦ୍ଦୀପ୍ତ କରାଇଥାଏ । କିନ୍ତୁ ଆମମାନଙ୍କ ସକାଶେ, ଏସବୁ କ୍ଷେତ୍ରରେ ଆମେ ଯାହା ଅବଶ୍ୟକରଣୀୟ ବୋଲି ବିବେଚନା କରୁ, ତା' ହେଉଛି ଆମ ଚେତନାରୁ ସମ୍ପୂର୍ଣ୍ଣରୂପେ ଏହିସବୁ ମିଶ୍ରଣ ଅନ୍ତର୍ହିତ ହେବା ଉଚିତ ଏବଂ ତା' ସ୍ଥାନରେ ଊର୍ଦ୍ଧ୍ୱରୁ ଏକ ଅଧିକତର ଅବିମିଶ୍ର ବା ଅନାବିଳ ଶୁଦ୍ଧ ସ୍ତରର ଦୃଢ଼ଭିତ୍ତି ସ୍ଥାପିତ ହେବା ଉଚିତ ।'

''(ପୁନଶ୍ଚ କ୍ଷଣମାତ୍ର ନୀରବତା ପରେ) 'ଏହା ସାଧିତ ନହେବା ପର୍ଯ୍ୟନ୍ତ ସ୍ନେହ, ପ୍ରୀତି, ସହାନୁଭୂତି, ବନ୍ଧୁତ୍ୱ ଆଦି ତା'ର ଯଥାର୍ଥ ମର୍ମରେ ଓ ପୂର୍ଣ୍ଣମାତ୍ରାରେ ଶୁଦ୍ଧାନନ୍ଦ ଆମକୁ ପ୍ରଦାନ କରିପାରିବ ନାହିଁ । ଏସବୁ ଲାଭ କରିବାକୁ ହେଲେ ସେସବୁର ମୂଳ ସୂତ୍ର ଆଧ୍ୟାତ୍ମିକ ହେବା ଅନିବାର୍ଯ୍ୟ, ସମ୍ପୂର୍ଣ୍ଣ ବିଶୁଦ୍ଧ ହେବା ଆବଶ୍ୟକ । ଏବଂ ଏହି ଧରଣର ପରିପୂର୍ଣ୍ଣତା ଲାଭ କରିବା ସକାଶେ ମଣିଷ-ପ୍ରକୃତିର ମୂଳ ତତ୍ତ୍ୱର ନିଶ୍ଚିତରୂପେ ଓ ସମ୍ପୂର୍ଣ୍ଣରୂପେ ପରିବର୍ତ୍ତନ ହେବା ଆବଶ୍ୟକ । ଏହା ସାଧିତ ହେବା ପରେହିଁ ଆମ ପ୍ରକୃତିର ସ୍ୱୟଂକ୍ରିୟ ଅଭିବ୍ୟକ୍ତିର ଛନ୍ଦଃ ଓ ରୀତିରେ ପରିବର୍ତ୍ତନ ଆସିପାରିବ, ସେତେବେଳେ ଆମର ଆନ୍ତର ଗୁହାସ୍ଥିତ ଚୈତ୍ୟସତ୍ତା ଦ୍ୱାରା ସବୁକିଛି ପରିଚାଳିତ ହେଉଥିବ । ଆମର ଏହି ଆନ୍ତର ସତ୍ତା ଯେତେବେଳେ ଆମ

ପ୍ରକୃତିର ଏକେବାରେ ପୁରୋଭାଗକୁ ଆସିବ, ସେତେବେଳେ ତା'ର ମୂଳଧର୍ମରେ ଆମର ସମସ୍ତ ଗତିବିଧିକୁ ବିଶୁଦ୍ଧତମ ଧାରାରେ, ସୁସ୍ପଷ୍ଟଭାବେ ପରିପ୍ରକାଶ କରିବ । ଏହାହିଁ ହେଉଛି ସଂକ୍ଷେପରେ, ମୋ ଯୋଗର ଆଭ୍ୟନ୍ତରୀଣ ବାର୍ତ୍ତା ।' ''...

*

ଦିଲୀପ ସଂସାରରେ ନିଜର କର୍ମବନ୍ଧନସବୁ ତୁଟାଇ ଦେଇ ୧୯୨୮ରେ ଶ୍ରୀଅରବିନ୍ଦଙ୍କର ଶରଣାପନ୍ନ ହେଲେ; ସ୍ଥାୟୀ ଭାବରେ ଆଶ୍ରମରେ ରହିଲେ । କିନ୍ତୁ ମଝିରେ ମଝିରେ ସେ ଅଦ୍ଭୁତ ଭାବରେ ଯୋଗ ସିଦ୍ଧି ସମ୍ବନ୍ଧରେ ଅବିଶ୍ୱାସ-ଭାବ ବା ସ୍ୱୀକାର କରିବାକୁ ଇତସ୍ତତଃ ଭାବର ତୀବ୍ର ଆକ୍ରମଣର ଶିକାର ହୋଇଉଠୁଥିଲେ, ଏପରିକି କେବେକେବେ ଅବାଧ ଓ ବିଦ୍ରୋହୀ ହୋଇ ଉଠୁଥିଲେ । ଶ୍ରୀଅରବିନ୍ଦ ତାଙ୍କର ସମୁଚ୍ଚ ଧୈର୍ଯ୍ୟର ସହିତ ଲକ୍ଷଣୀୟ ଭାବେ ଅସଂଖ୍ୟ ବିସ୍ତୃତ ପତ୍ର ଲେଖି ତାଙ୍କୁ ଏସବୁ ଆକ୍ରମଣରୁ ଉଦ୍ଧାର କରୁଥିଲେ । ଗୁରୁଙ୍କର ମହାପ୍ରୟାଣ ପରେ ୧୯୫୨ରେ ସେ କିନ୍ତୁ ଆଶ୍ରମରୁ ଚିରବିଦାୟ ନେଇ ପୁଣେରେ ସ୍ଥାୟୀ ଭାବରେ ବାସ କଲେ ଏବଂ ତାଙ୍କ ଦ୍ୱାରା ସୃଷ୍ଟ 'ହରେକୃଷ୍ଣ ମନ୍ଦିର'ର ତତ୍ତ୍ୱାବଧାନରେ ଥିବାବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Bhubaneswar Contact
Phone/Whatsapp: 9937786512

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

**ନୂତନ ବିକ୍ରମ-ବେତାଳ କାହାଣୀ :**

# ସତ୍ୟାନୁରାଗୀ ନା ସତ୍ୟାହଙ୍କାରୀ ?

ଆକାଶଯାକ ଘୋଟି ରହିଥାଏ ଘୋର କଳା ମେଘ । ଯେକୌଣସି ମୁହୂର୍ତ୍ତରେ ତାହା ଯେପରି ମୁଷଳ ଧାରାରେ ପରିଣତ ହୋଇ ସେ ମୁଲକକୁ ଜଳାର୍ଣ୍ଣବ କରିଦେବ ! ଘନ ଘନ ବିଜୁଳି ଆଲୁଅରେ ଶ୍ମଶାନଯାକ ଇତସ୍ତତଃ ବିକ୍ଷିପ୍ତ କଙ୍କାଳ, ଖପୁରି ଆଦି ଝଟକି ଉଠୁଥାଏ । ଚତୁର୍ଦ୍ଦିଗର ବଣବୁଦା ଭିତରୁ ଶୁଭୁଥାଏ ଶ୍ୱାନଶ୍ୱାପଦଙ୍କ ରଡ଼ି । ତୁହାକୁତୁହା ଶୀତଳ ପବନ ଯେପରି ମଣିଷର ଅସ୍ଥିମଜ୍ଜା ଥରାଇ ଦେବ ।

କିନ୍ତୁ ରାଜା ବିକ୍ରମ ବୃକ୍ଷାରୋହଣ କରି ତାନ୍ତ୍ରିକର ନିର୍ଦ୍ଦେଶ ଅନୁସାରେ ବୃକ୍ଷାଗ୍ର ନିବଦ୍ଧ ମୃତ ଦେହଟିକୁ ଉତାରି ଆଣିଲେ । ତାକୁ କାନ୍ଧରେ ପକାଇ ଆଗକୁ ପାଦ ବଢ଼ାଇବା ମାତ୍ରେ ସେ ଦେହସ୍ଥିତ ବେତାଳ କହିଲା, ‘‘ହେ ରାଜନ୍ ! ତୁମକୁ ମହାଭାରତର ଏକ କାହାଣୀ କହୁଛି; ମନ ଦେଇ ଶୁଣ । ଗୋଟିଏ ବନସ୍ତରେ ବାସ କରୁଥିଲେ ଜଣେ ସାଧକ । ସେ ତାଙ୍କ କୁଟୀର ସମ୍ମୁଖରେ ବସି ରହୁଥିଲେ ଧ୍ୟାନସ୍ଥ ହୋଇ । ସେ ନେଇଥିଲେ ଏକ ପବିତ୍ର ଶପଥ : କଦାପି ମିଥ୍ୟା କହିବେ ନାହିଁ । ଏ ଶୃଙ୍ଖଳାକୁ ସେ ଏକ ବ୍ରତ ଭାବରେ ପାଳନ କରୁଥା’ନ୍ତି ।

ସତ୍ୟବାଦୀ ଭାବରେ ତାଙ୍କ ଖ୍ୟାତି ସେ ବନସ୍ତ ପାର୍ଶ୍ୱବର୍ତ୍ତୀ ଜନପଦମାନଙ୍କରେ ବ୍ୟାପ୍ତ ହୋଇଥାଏ । କେହି କେହି ଆସି ତାଙ୍କୁ ପ୍ରଣାମ କରି ନାନାଦି ଭୋଜ୍ୟ ବସ୍ତୁ ଭେଟି ଦେଇ ଯାଉଥା’ନ୍ତି । ସାଧକ ମହାଶୟ ସେସବୁ ଗ୍ରହଣ କରି ସେମାନଙ୍କୁ ଆଶୀର୍ବାଦ କରୁଥା’ନ୍ତି ।

‘‘ଆହା ! କେଡ଼େ ମହାନ୍ ଆପଣ ! ଆମେମାନେ ତ ଯେତେ ସତର୍କ ହେଲେ ବି ଅଜାଣତରେ ମିଛ କହି ପକାଉଁ ! କିନ୍ତୁ ଆପଣ ଆମଠାରୁ କେଡ଼େ ଭିନ୍ନ !’’ କେବେ କେବେ ବିଶିଷ୍ଟ ବ୍ୟକ୍ତିମାନେ ଏହିପରି ଭାଷାରେ ତାଙ୍କୁ ବଧେଇ ଜଣାଉଥା’ନ୍ତି । ସାଧକ ଅଳ୍ପ ମାତ୍ରାରେ ହସି ଦେଇ କହୁଥା’ନ୍ତି, ‘‘ଠିକ୍ ! ମୁଁ ମୋ ବ୍ରତରେ ଅଟଳ । ମୁଁ ସଚ୍ଚା ସତ୍ୟବାଦୀ ।’’ ଅବଶ୍ୟ ସମାଜ ବାହାରେ ରହୁଥିବା ଯୋଗୁଁ ତାଙ୍କୁ ବିଶେଷ କଥାବାର୍ତ୍ତା କରିବାକୁ ପଡୁ ନଥାଏ ।

ଦିନକର କଥା । ଜଣେ ବଣିକ ବନସ୍ତ ପାର୍ଶ୍ୱବର୍ତ୍ତୀ ପଥଦେଇ ତାଙ୍କ ଗନ୍ତବ୍ୟ ସହର ଅଭିମୁଖେ ଯାଉଥା’ନ୍ତି । ଦୁର୍ଦ୍ଦାନ୍ତ ଦସ୍ୟୁଟାଏ ତାଙ୍କ ପାଖରେ ଥିବା ବିତ୍ତ ଲୁଟିନେବା ନିମନ୍ତେ ତାଙ୍କୁ ଅନୁଧାବନ କଲା । ବଣିକ ତା’ର ଉଦ୍ଦେଶ୍ୟ ବୁଝିପାରି ତା’ଠୁଁ ନିସ୍ତାର ପାଇବା ନିମନ୍ତେ ଅତି ଆତଙ୍କିତ ହୋଇ ବନସ୍ତ ଭିତରେ ପଶିଗଲେ । କୁଟୀର ସାମନାରେ ସାଧକଙ୍କୁ ଦେଖି ତାଙ୍କ ପିଣ୍ଡରେ ପ୍ରାଣ ପଶିଲା ।

‘‘ମହାତ୍ମା ! ମୋ ଜୀବନ ବିପନ୍ନ । ମୁଁ ଆପଣଙ୍କ କୁଟୀର ଭିତରେ ଆତ୍ମଗୋପନ କରୁଛି !’’ ସେ ବିକଳ ହୋଇ କହିଲେ ।

‘‘ତା’ କରିପାର !’’ କହିଲେ ସାଧକ ମହୋଦୟ ।

‘‘କେଉଁ ଭାଷାରେ ଆପଣଙ୍କୁ କୃତଜ୍ଞତା ଜଣାଇବି !’’ ଏତକ କହି ବଣିକ କୁଟୀର ଭିତରେ ଲୁଚିଗଲେ ।

କିଛି କ୍ଷଣ ଉତ୍ତାରୁ ଦସ୍ୟୁ ଆସି କୁଟୀର ସାମନାରେ ପହଞ୍ଚିଯାଇ ସାଧକଙ୍କୁ ଅଭିବାଦନ ଜଣାଇଲା ଓ ପଚାରିଲା, ‘‘ମହାଭାଗ ! ଜଣେ ପଥଚାରୀ ଏଆଡ଼େ ଦୌଡ଼ି ଆସିଛି । ସେ କେଉଁଠି ଲୁଚିଛି ଆପଣ ଜାଣନ୍ତିକି ?’’

‘‘ଜାଣେ !’’ ଗମ୍ଭୀର ଭାବରେ ଉତ୍ତର ଦେଲେ ସାଧକ ।

‘‘କେଉଁଠି ?’’ ପଚାରିଲା ଉତ୍ତେଜିତ ଦସ୍ୟୁ ।

‘‘ମୋ କୁଟୀର ଭିତରେ !’’ ଉତ୍ତର ଦେଲେ ସତ୍ୟବାଦୀ ।

ଦସ୍ୟୁ ତତ୍‌କ୍ଷଣାତ୍ କୁଟୀର ଭିତରକୁ ପଶିଯାଇ ବଣିକଙ୍କୁ ଟାଣି ଟାଣି ବାହାରକୁ ନେଇ ଆସିଲା ଏବଂ ଅଦୂରରେ ହତ୍ୟାକରି ତାଙ୍କ ପାଖରେ ଥିବା ଅର୍ଥ ଓ ଅନ୍ୟ ମୂଲ୍ୟବାନ୍ ସାମଗ୍ରୀମାନ ନେଇଗଲା ।

ଅତଃପର ବେତାଳ କହିଲା, ‘‘ମହାଭାରତ ଅନୁସାରେ ସାଧକ ମହୋଦୟ ଯଥା ସମୟରେ ମୃତ୍ୟୁ ଲାଭ କରି ସିଧାସଳଖ ଗଲେ ନର୍କକୁ ! ରାଜନ୍ ! ଏହାତ ବଡ଼ ବିଚିତ୍ର କଥା ! ସାଧକ ସତ୍ୟ କହିବାର ବ୍ରତ ନେଇଛନ୍ତି । ସେ ସତ୍ୟ ନକହି କ’ଣ କହିଥା’ନ୍ତେ ? ସେ ବା ନର୍କଭୋଗ କରିବେ କାହିଁକି ? ସେ ଯେଉଁ ଉତ୍ତର ଦେଲେ, ସତ୍ୟବାଦୀ ଭାବରେ ସେ ଉତ୍ତରର ବିକଳ୍ପ ଉତ୍ତର କିଛି ଥିଲା କି ? ପାରିଲେ ଉତ୍ତର ଦିଅ । ନ ପାରିଲେ ତୁମ ଶିର ହେବ ବିଦୀର୍ଣ୍ଣ ।’’

‘‘ବେତାଳ !’’ ଉତ୍ତର ଦେଲେ ରାଜା । ସେ ତଥାକଥିତ ସାଧକ ବ୍ରତଚାରୀ ନଥିଲେ, ଥିଲେ ଅହଂକାରୀ । ସତ୍ୟ ପ୍ରତି ସମ୍ମାନ ଯୋଗୁଁ ନୁହେଁ, ତାଙ୍କଠାରୁ ଅଧିକ ସତ୍ୟବାଦୀ ଆଉ କେହି ନାହିଁ, ଆତ୍ମମ୍ଭରିତା ଚାଳିତ ହୋଇ ସେ ବଣିକ ବିଚରାକୁ ମୃତ୍ୟୁ ମୁଖକୁ ଠେଲିଦେଲେ । ସତ୍ୟ କଥନର ଦ୍ୱାହି ଦେଇ ଆଶ୍ରିତକୁ ରକ୍ଷା କରିବାର ପବିତ୍ର ପରମ୍ପରା ଉପରେ କୁଠାରାଘାତ କରି ପାପାର୍ଜନ କଲେ । ତୁମେ ପ୍ରଶ୍ନ କରୁଛ ସାଧକ ଜଣକ ସତ୍ୟ କଥନରୁ ବିଚ୍ୟୁତ ନହୋଇ ଅନ୍ୟ କୌଣସି ପ୍ରକାର ଉତ୍ତର ଦେଇ ପାରିଥା’ନ୍ତେ କି ନାହିଁ ? ଅବଶ୍ୟ ପାରିଥା’ନ୍ତେ । ସେ କହିପାରିଥା’ନ୍ତେ ଯେ ପଥଚାରୀ କେଉଁଠାରେ ସେ ଜାଣନ୍ତି, କିନ୍ତୁ ଦସ୍ୟୁକୁ ତାହା ଜଣାଇବାକୁ ସେ ଚାହାନ୍ତି ନାହିଁ । ଏହା କହିଥିଲେ ତାଙ୍କ ବ୍ରତ ଅଖଣ୍ଡ ରହିବା ସଙ୍ଗେ ସଙ୍ଗେ ବଣିକର ଜୀବନ ମଧ୍ୟ ଯାଇ ନଥା’ନ୍ତା !’’

ରାଜା ଯଥାର୍ଥ ଉତ୍ତର ଦେବା ସଙ୍ଗେ ସଙ୍ଗେ ବେତାଳ ତାଙ୍କ କାନ୍ଧରୁ ଖସିଯାଇ ପୁନର୍ବାର ବୃକ୍ଷାଗ୍ର-ସଂଲଗ୍ନ ହେଲା ।

(ଦେବପ୍ରିୟ)

❑❑❑

# ‘ସେ’

## ଦେବଯାନୀ ପଟ୍ଟନାୟକ



ସେ ଏକ କ୍ଳାନ୍ତ ଅପରାହ୍ଣର
ଶାନ୍ତ ଗୋଧୂଳି ଛାୟା,
ସେ ଏକ ଉଦାର ଆକାଶର
ଉଦାସ ଗମ୍ଭୀର କାୟା ।୧।

ସେ ଏକ ନୀରବ ରାତ୍ରିରେ
ଜ୍ୟୋତ୍ସ୍ନା ପ୍ଳାବିତ ଗାଁ,
ସେ ଏକ ଉତ୍ତପ୍ତ ମରୁରେ
ମରୁଝରଟିଏ ଆହା ।୨।

ସେ ଏକ ଦଗ୍ଧ ହୃଦୟେ
ଚନ୍ଦନ ପ୍ରଲେପ ପରା,
ସେ ଏକ ଉଦୟୀ ସୂର୍ଯ୍ୟର
ଲୋହିତ ଉଷ୍ମ ଖରା ।୩।

ସେ ଏକ ଶ୍ରମିକ ଜୀବନେ
କ୍ଳାନ୍ତି ବିନୋଦନ ରାତ୍ରି,
ସେ ପୁଣି ଏକାକୀ ଜୀବନେ
ଚିର ସହଚର ଯାତ୍ରୀ ।୪।

❑❑❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୩)

## ମହେନ୍ଦ୍ର ନାଥ ସ୍ୱାଇଁ

**ପବିତ୍ର ଗୋପନୀୟତା :**

''ଧ୍ୟାନ ଓ ପ୍ରାର୍ଥନା''ରେ ଏପରି କେତେକ ମୁହୂର୍ତ୍ତ ଅଛି ଯେତେବେଳେ ମା ପ୍ରିୟତମ ପରମ ପ୍ରଭୁଙ୍କ ସହିତ ଏକାନ୍ତ ଅନ୍ତରଙ୍ଗ ଭାବରେ କଥୋପକଥନରେ ରତ । ଅତ୍ୟନ୍ତ କୌତୂହଳତାର ସହିତ, ବିନୀତ ଭାବରେ, ବେଳେ ବେଳେ ମଧୁର ନମ୍ର ଅଭିଯୋଗ ଆଉ କେତେବେଳେ ଅନୁଚ୍ଚ ସ୍ୱରରେ ପ୍ରଭୁଙ୍କ ସହ କଥାବାର୍ତ୍ତା ହେଉଛନ୍ତି । ଏହିସବୁ କଥା ପ୍ରତିଫଳିତ ହୋଇଛି ଜୁଲାଇ ୧୫, ୧୯୧୪ ପ୍ରାର୍ଥନାଟିରେ, ତାହା ଏହିପରି –

"WHAT, O Lord? ...

Just as Thou wilt, just as Thou wilt...

This instrument is weak, mediocre; Thou hast taught it that all activities are possible to it, that nothing was radically strange to it in all human activities; but it is in intensity, in perfection only that the Divine begins, and until now Thou hast not granted to it any extraordinary intensity, any real perfection... Everything is in a state of promise, a promise not individual but collective; nothing is completely realised.

''ହେ ମୋର ପରମ ପ୍ରଭୁ ଶୁଣିବା ହୁଅନ୍ତୁ ?

ଆପଣଙ୍କ ଇଚ୍ଛାହିଁ ପୂର୍ଣ୍ଣ ହେଉ ଏବଂ ଆପଣ ଯାହା ଚାହିଁବେ... ।''

''ଏହି ଯନ୍ତ୍ରଟି ଦୁର୍ବଳ, ମନ୍ଦ ନୁହେଁ କି ଭଲ ନୁହେଁ, ମଧ୍ୟମ ଧରଣର; ତାହା ଦ୍ୱାରା ସକଳ କ୍ରିୟାକଳାପ ସମ୍ଭବ ହୋଇପାରିବ ବୋଲି ଆପଣ ତାକୁ ଶିଖାଇଛନ୍ତି । ମାନବିକ କାର୍ଯ୍ୟକଳାପରେ ବ୍ୟବହୃତ କୌଣସି ଜିନିଷ ମୂଳତଃ ବା ମୌଳିକ ଭାବରେ ମନୁଷ୍ୟ ପାଇଁ ଅଜଣା ଅଶୁଣା ନୁହେଁ; କିନ୍ତୁ ସେହି କାର୍ଯ୍ୟକଳାପ ସଘନ ହେଲେ, ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ପ୍ରାପ୍ତ ହେଲେ ଯାଇ ଭଗବାନ୍ ସେହିଠାରୁ ତାଙ୍କ କାର୍ଯ୍ୟର ଶୁଭାରମ୍ଭ କରନ୍ତି ଏବଂ ଆପଣ ତ ଏପର୍ଯ୍ୟନ୍ତ ତାକୁ (ମଣିଷକୁ) କୌଣସି ଅସାଧାରଣ ଘନତ୍ୱ, କିଂବା ପ୍ରକୃତ ସମ୍ପୂର୍ଣ୍ଣ ପୂର୍ଣ୍ଣତା ପ୍ରଦାନ କରି ନାହାନ୍ତି... । ପ୍ରତ୍ୟେକ ଜିନିଷ ଆପଣ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ସେହି ପ୍ରତିଶ୍ରୁତି, ପ୍ରତିଶ୍ରୁତିରେହିଁ ରହିଯାଇଛି । ଆପଣ ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି ତାହା ବ୍ୟକ୍ତି ବିଶେଷଙ୍କ ପାଇଁ ନୁହେଁ, କିନ୍ତୁ ସମଷ୍ଟିଗତ ଭାବରେ ସମସ୍ତଙ୍କ ପାଇଁ; ଆପଣଙ୍କର କୌଣସି ପ୍ରତିଶ୍ରୁତିକୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ କେହି ଅନୁଭବ କରିପାରି ନାହାନ୍ତି ।''

ଦିବ୍ୟ-ଜନନୀ ଶ୍ରୀମାଙ୍କର ପ୍ରତ୍ୟେକ ମାନବିକ କାର୍ଯ୍ୟ ମାନବସମାଜକୁ ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ପ୍ରଦାନ କରିବା ନିମନ୍ତେ ଉଦ୍ଦିଷ୍ଟ । ଏଥିପାଇଁ ମା ପରମ ପ୍ରଭୁଙ୍କ ନିକଟରେ ଏକ ମଧୁର ନମ୍ର-ଅଭିଯୋଗ ବାଢ଼ିଛନ୍ତି । ଏହି ଅଭିଯୋଗର ଭାଷା, ଭାବ ଓ ପ୍ରକାଶଭଙ୍ଗୀ ଅତ୍ୟନ୍ତ ଚମତ୍କାର । ମା କହୁଛନ୍ତି, ''ହେ ପ୍ରଭୁ ! ଆପଣ ମଣିଷଙ୍କୁ ଶିଖେଇଲେ ଯେ ତା' ଦ୍ୱାରା ସବୁକିଛି ସମ୍ଭବ । ସେଥିପାଇଁ ସେ ସବୁ କାମକୁ ଆଗଭର ହୋଇ ବାହାରେ । କୌଣସି ପଥରକୁ ନ ଲେଉଟାଇ ଛାଡ଼େ ନାହିଁ (Live no stone unturned) କିନ୍ତୁ କୌଣସିଥିରେ ସେ ପୂର୍ଣ୍ଣତା ପ୍ରାପ୍ତ ହୋଇପାରେ ନାହିଁ । କାହିଁକି ନା ଆପଣ ତାକୁ ସଘନତା ଓ ପୂର୍ଣ୍ଣାଙ୍ଗତା ପ୍ରଦାନ କରି ନାହାନ୍ତି; କେବଳ ଦେବେ ବୋଲି ପ୍ରତିଶ୍ରୁତି ଦେଇ ଚାଲିଛନ୍ତି... । ଏକଥା କ'ଣ ଠିକ୍ କଥା ?'' ଏହାହିଁ ମା'ଙ୍କର ନମ୍ର-ଅଭିଯୋଗ । କିନ୍ତୁ ମଣିଷ ବା ଆମମାନଙ୍କ ଅଭିଯୋଗର ଭାଷାରେ ନମ୍ରତା ନଥାଏ, ସମ୍ଭ୍ରମତା ନଥାଏ । ଆମେ କହିଥାଉ, ''ହେ ପ୍ରଭୁ ! ଆପଣ କ'ଣ ପଥର ହୋଇଗଲେଣି । ଏତେ ପକ୍ଷପାତିତା କାହିଁକି କରୁଛନ୍ତି ? ଦେବେ ଯଦି ଦିଅନ୍ତୁ ନହେଲେ ମନା କରି ଦିଅନ୍ତୁ ।'' ଏଣିକି ଆମମାନଙ୍କୁ ଅଭିଯୋଗର ଭାଷା ମଧ୍ୟ ବଦଳାଇବାକୁ ପଡ଼ିବ ନାହିଁ କି ?

ଉକ୍ତ ପ୍ରାର୍ଥନାଟିର ଶେଷ ଅନୁଚ୍ଛେଦରେ ମା କହୁଛନ୍ତି –

"Why, O Lord ?

Thou hast placed in my heart a peace so total that it seems to be almost indifference

and in an immensity of calm serenity it says :

Just as Thou wilt, just as Thou wilt..."

''ହେ ପ୍ରଭୁ ! କାହିଁକି ?''

ଆପଣ ତ ମୋ ହୃଦୟ ଭିତରେ ଏକ ସାମଗ୍ରିକ ପ୍ରଶାନ୍ତି ପ୍ରତିଷ୍ଠିତ କରି ସାରିଛନ୍ତି, ଏହି ପ୍ରଶାନ୍ତି ଏତେ ସାମଗ୍ରିକ ଯେ, ଏହା ସମ୍ପୂର୍ଣ୍ଣଭାବରେ ନୈର୍ବ୍ୟକ୍ତିକ ଏବଂ ଏହାର ଅଭ୍ୟନ୍ତରରେ ରହିଛି ଏକ ନିଶ୍ଚଳ ଆନନ୍ଦ ଭାବର ପ୍ରାଚୁର୍ଯ୍ୟ ଏବଂ ସେଠାରୁ ଯେଉଁ ପ୍ରଶାନ୍ତିର ସ୍ୱର ଭାସି ଆସୁଛି – ତାହା ହେଲା... ।

''ଆପଣ ଯାହା ଇଚ୍ଛା କରିଛନ୍ତି, ଆପଣ ଯାହା ଚାହିଁଛନ୍ତି... ।''

ଉକ୍ତ ପ୍ରାର୍ଥନାଟିରେ 'ପ୍ରଶାନ୍ତି'ର ସ୍ୱର ସ୍ପଷ୍ଟ ବାରି ହେଉଛି । ବ୍ୟକ୍ତି ଯେତେବେଳେ 'ପ୍ରଭୁଙ୍କ ଇଚ୍ଛାରେ ସବୁକିଛି ହେଉ' ବୋଲି ଚାହିଁବ, ସେତେବେଳେ ସମର୍ପଣ ବା ଆତ୍ମ ନିବେଦନର ଭାବଭଙ୍ଗୀର ସ୍ୱରୂପ ସ୍ୱୟଂ ରୂପ ଗ୍ରହଣ କରିବ ଏବଂ ଏଥିରେ ଯଥେଷ୍ଟ କମ୍ ଅଭିନୟ ରହିବ ଏବଂ କୋମଳ, ଅନ୍ତରଙ୍ଗ ଶବ୍ଦମାନଙ୍କର ସଂଯୋଜନାରେ କଥୋପକଥନର ଭାବଭଙ୍ଗୀ ପ୍ରଦର୍ଶିତ ହେବ । ଶାନ୍ତିର ମଧ୍ୟ ନିଜସ୍ୱ ସ୍ୱର ରହିଛି ।

ଜୁଲାଇ ୧୬, ୧୯୧୪ ପ୍ରାର୍ଥନାଟି କ୍ଷୁଦ୍ର, ଚାରିଧାଡ଼ି ବିଶିଷ୍ଟ । କିନ୍ତୁ ଏହି କତିପୟ ଶବ୍ଦମାନଙ୍କ ମଧ୍ୟରେ ମା ନିଜ ଅନ୍ତରର ନିରବତା ଓ ନମ୍ରତା ଭାବ ସହିତ ପ୍ରଭୁଙ୍କ ପାଦପଦ୍ମରେ ପ୍ରଣାମ ନିବେଦନ କରିଛନ୍ତି । ମା କହୁଛନ୍ତି –

"SALUTATION of my silent and humble adoration...

I bow down before Thy glory, for it dominates me with all its splendour...

Oh, let me dissolve at Thy feet, melt into Thee !"

''ମୋର ନିରବ ଏବଂ ନମ୍ର ନିବେଦନର ପ୍ରଣତି ଗ୍ରହଣ କରନ୍ତୁ...''

''ଆପଣଙ୍କର ମହିମା-ମଣ୍ଡିତ ଗୌରବ ସମ୍ମୁଖରେ ମୁଁ ନତ ମସ୍ତକ, କାରଣ ଏହା ତା'ର ସମଗ୍ର ଚମତ୍କାରିତାର ସହ ମୋତେ କବଳିତ କରିଛି ।''

''ହେ ପ୍ରଭୁ, ମୋତେ ଏତିକି ଅନୁମତି ପ୍ରଦାନ କରନ୍ତୁ ଯେପରି ମୁଁ ଆପଣଙ୍କ ପାଦପଦ୍ମରେ ଦ୍ରବୀଭୂତ ହୋଇଯାଏ, ଆପଣଙ୍କ ଭିତରେ ମିଳେଇଯାଏ !''

ଜୁଲାଇ ୨୭, ୧୯୧୪ ପ୍ରାର୍ଥନାଟିରେ ମା ଅତ୍ୟନ୍ତ ଧୀରସ୍ଥିର, ନମ୍ରତାର ସହ ଆତ୍ମ-ନିବେଦନ କରି କହୁଛନ୍ତି ''ହେ ମୋର ମଧୁମୟ ପ୍ରଭୁ ! ବିନା ଯୁକ୍ତିରେ, କିଛି ଅଗ୍ରାହ୍ୟ ନକରି ଯିଏ ଯାହା ନିବେଦନ କରୁଛି ଗ୍ରହଣ କରୁଛନ୍ତି, ଆପଣ ନିଜକୁ ଦେଇ ଦେଉଛନ୍ତି, ଆପଣଙ୍କୁ ଯେପରି ସମସ୍ତେ ଜାଣି ପାରିବେ ସେଥିପାଇଁ ସମସ୍ତଙ୍କ ପାଖରେ ନିଜକୁ ଖୋଲି ଦେଉଛନ୍ତି, ପଚାରୁ ନାହାନ୍ତି ସେମାନେ ସେଥିଲାଗି ଯୋଗ୍ୟ କି ନୁହେଁ ? ଆପଣ ଯେଉଁମାନଙ୍କ ଭିତରେ ପ୍ରକାଶିତ ହେବା ପାଇଁ ଚାହାନ୍ତି ସେମାନେ ଯେ ଅତ୍ୟନ୍ତ ଦୁର୍ବଳ, କ୍ଷୁଦ୍ର, ସୀମିତ, ଅଭାବଗ୍ରସ୍ତ ତାହା ଆପଣ ଦେଖନ୍ତି ନାହିଁ ବା ହିସାବକୁ ନିଅନ୍ତି ନାହିଁ ।''

ପୁନଶ୍ଚ ଉକ୍ତ ପ୍ରାର୍ଥନାର ଦ୍ୱିତୀୟ ଅନୁଚ୍ଛେଦଟି ମା'ଙ୍କର ବିଶେଷ କୋମଳ ସଂଳାପରୁ ମୀରାବାଈଙ୍କର ଆତ୍ମ-ନିବେଦନର ଝଲକ ପରିଦୃଷ୍ଟ ହେଉଥିବାର ''ଧ୍ୟାନ ଓ ପ୍ରାର୍ଥନା''ର ପାଠକମାନେ ହୃଦୟଙ୍ଗମ କରିପାରିବେ । ତାହା ଏହିପରି –

"Let me lay myself at Thy feet, let me melt into Thy heart and disappear in Thee, let me be annihilated in Thy beatitude, or rather let me be only Thy servant, claiming nothing more. I desire, I aspire for nothing else. To be only *Thy* servant is all I ask."

''ହେ ପ୍ରଭୁ ! ଆପଣଙ୍କ ପାଦପଦ୍ମ ତଳେ ଲୋଟିଯିବାକୁ ମୋତେ ଅନୁମତି ଦିଅନ୍ତୁ, ମୁଁ ଯେପରି ଆପଣଙ୍କ ହୃଦୟ ଭିତରେ ମିଳେଇ ଯାଏ ଏବଂ ଆପଣଙ୍କ ଭିତରେ ଅନ୍ତର୍ଦ୍ଧାନ ହୋଇଯାଏ – ଉଭେଇଯାଏ, ଆପଣଙ୍କର ଅନନ୍ତ ପ୍ରଶାନ୍ତି ମଧ୍ୟରେ ମୁଁ ବିଲୀନ ହୋଇଯାଏ, ଆପଣ ବରଂ ମୋତେ ଆପଣଙ୍କର ଦାସ ହୋଇ ରହିବାକୁ ଅନୁମତି ପ୍ରଦାନ କରନ୍ତୁ, ହେ ପ୍ରଭୁ ! ଆଉ କିଛି ଚାହୁଁ ନାହିଁ । ମୁଁ ଆଉ କିଛି ଚାହୁଁ ନାହିଁ । ଆଉ କିଛି ଆସ୍ପୃହା କରୁ ନାହିଁ । ମୋର ଏକାନ୍ତ ଇଚ୍ଛା **ଆପଣଙ୍କ** ସେବକ ହୋଇ ରହିଯିବା ପାଇଁ ।''

(ଉକ୍ତ ଅନୁଚ୍ଛେଦଟି ସାଧ୍ୱୀ ମୀରାବାଈଙ୍କ ସମର୍ପିତ ମନୋଭାବ, ''ମୈନେ ଚାକର ରଖଲୋ ଜୀ'' ଉକ୍ତିକୁ ପ୍ରତିଫଳିତ କରୁଛି ।) ଏହି ପ୍ରାର୍ଥନାର ଉତ୍ତର ମଧ୍ୟ ମା'ଙ୍କୁ ପ୍ରାପ୍ତ ହୋଇଛି ଏବଂ ସେ ତାକୁ ଲିପିବଦ୍ଧ କରିଛନ୍ତି ଏକ ଦଲିଲ ଭାବରେ ।

"I HAIL Thee, O Lord, and bow before Thee. But I shall not write, for Thou hast just

told me, in reply to a question about the present meditation: "We have had a private conversation which even thy own physical ears should not hear." (December 14, 1916)

ପୁନଶ୍ଚ ଡିସେମ୍ବର ୧୪, ୧୯୧୬ର ପ୍ରାର୍ଥନାଟି ଏକ ପାଞ୍ଚ ଧାଡ଼ି ବିଶିଷ୍ଟ ଛୋଟ ପ୍ରାର୍ଥନାଟିଏ । କିନ୍ତୁ ଏହି ପାଞ୍ଚଟି ଧାଡ଼ିରେ ମା'ଙ୍କ ସହିତ ପ୍ରଭୁ ଯେଉଁ ଅନ୍ତରଙ୍ଗ ବ୍ୟକ୍ତିଗତ କଥୋପକଥନ କରିଛନ୍ତି ସେସବୁକୁ ଗୋପନ ଭାବରେ ସାଇତି ରଖିବା ପାଇଁ ଆଦେଶ ପାଇଛନ୍ତି ।

''ହେ ପ୍ରଭୁ ! ମୁଁ କୃତାଞ୍ଜଳିପୁଟରେ ଆପଣଙ୍କୁ ପ୍ରାର୍ଥନା କରୁଛି ଏବଂ ଆପଣଙ୍କ ସମ୍ମୁଖରେ ମସ୍ତକ ଅବନତ କରି ଠିଆ ହୋଇଛି । କିନ୍ତୁ ମୁଁ କିଛି ଲେଖି ରଖିବି ନାହିଁ, କାରଣ ବର୍ତ୍ତମାନର ଧ୍ୟାନ ସମ୍ପର୍କରେ ପ୍ରଶ୍ନଟିର ଉତ୍ତର ଆପଣ ପ୍ରଦାନ କରି ସାରିଛନ୍ତି ବୋଲି ମୋତେ କହି ଦେଇଛନ୍ତି : ତାହା ହେଉଛି ''ଆମ ଭିତରେ ଯେଉଁ ଅନ୍ତରଙ୍ଗ ଆଳାପ ହୋଇଛି ତାହା ଆପଣଙ୍କ ନିଜର କର୍ଣ୍ଣ ମଧ୍ୟ ଶୁଣିବା ଉଚିତ ନୁହେଁ ।''

ଉକ୍ତ ପ୍ରାର୍ଥନାଟିରୁ ସ୍ପଷ୍ଟ ସୂଚନା ମିଳୁଛି ଯେ, ସାଧନା ସମ୍ପର୍କୀୟ ନିର୍ଦ୍ଦିଷ୍ଟ କେତେକ ପରୀକ୍ଷା ନିରୀକ୍ଷା ଏକାନ୍ତ ନିଜସ୍ୱ, ବ୍ୟକ୍ତିଗତ । ପରମ ପ୍ରଭୁଙ୍କ ସହିତ ରଚାଯାଉଥିବା ଭଲ ପାଇବାର ଲୀଳାଖେଳାକୁ ଅତ୍ୟନ୍ତ ସତର୍କତାର ସହିତ ଅଧିକାଂଶ ସମୟରେ ନିଜ ଭିତରେ ଲୁଚାଇ ରଖିବାକୁ ହୋଇଥାଏ – ଏହି ଅନୁଭୂତିରୁ ଯେଉଁ ଦିବ୍ୟାନନ୍ଦ ଜନ୍ମ ନେଇଥାଏ ତାକୁ ଧରି ରଖିବା ପାଇଁ ତାହା ଉପରେ ପ୍ରଭୂତ ନିୟନ୍ତ୍ରଣ ଆଣିବାକୁ ପଡ଼ିଥାଏ । ଅନ୍ତରଙ୍ଗ ଶବ୍ଦଗୁଡ଼ିକ ବେଳେ ବେଳେ ଅନୁଚ୍ଚାରିତ ହୋଇ ରହିଯାଇଥାଏ – ଏହାହିଁ ''ପବିତ୍ର ଗୋପନୀୟତା'' ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା; (୨) Notes on The Prayers and Meditations : Goutam Ghosal


*The best way to express one's gratitude to the Divine is to feel simply happy.*
*23 April 1954* - The Mother

**Collected Works of The Mother – 17 Vols.**
**Rs. 2500 only** *(Till stocks last)*

**The Great Adventure – A Diary for All Times : Rs. 200 only**

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001
E-mail : vakbooks@gmail.com, Contact Person : S. Patnaik (+91 9489063512)

# ଆଦର୍ଶ ମାତାପିତା

## (୧୨)

## ଶ୍ରୀମା

**ପ୍ରାର୍ଥନା :**

ମୁହୂର୍ତ୍ତକ ଲାଗି ନୀରବତା ଓ ଏକାଗ୍ରତା ପିଲାଙ୍କ ଲାଗି ଅତ୍ୟନ୍ତ ମଙ୍ଗଳଦାୟକ । ମାତ୍ର ପ୍ରାର୍ଥନାକୁ ବାଧ୍ୟତାମୂଳକ କରିବା ଉଚିତ ନୁହେଁ । ଯେଉଁମାନେ ପ୍ରାର୍ଥନା କରିବାକୁ ଚାହିଁବେ ସେମାନଙ୍କୁ ତୁମେ ଉତ୍ସାହିତ କର ।

(Cent. Vol. 12, P. 334)

**ଖାଦ୍ୟ :**

ସେମାନଙ୍କ ପିଲା ସ୍ୱାଭାବିକ ଭାବରେ ବୃଦ୍ଧିଲାଭ କରୁ ବୋଲି ଯେଉଁମାନେ ଚାହାନ୍ତି ସେମାନେ ତାକୁ ଭଲ ଲାଗୁ ନଥିବା କୌଣସି ଖାଦ୍ୟ ଖାଇବାକୁ ମଧ ବାଧ କରିବେ ନାହିଁ । କାରଣ ପିଲାଟି ଯଦି ଖାମଖିଆଲି ହୋଇ ନଥାଏ ତେବେ ଅଧିକାଂଶ ସମୟରେ ତା'ର ଶରୀର ସ୍ୱାଭାବିକ ପ୍ରବୃତ୍ତି ବଳରେ ନିଶ୍ଚିତ ଭାବରେ ଜାଣିପାରେ ଯେ ଏ ଖାଦ୍ୟ ତା' ପାଇଁ କ୍ଷତିକାରକ ହେବ ।

(Cent. Vol. 12, P. 13)

**ଗୃହକର୍ମ :**

ପିଲାମାନେ ଘରେ କାମ କରିବେ – ଏଥିରେ ମୋ ମନ ମାନୁ ନାହିଁ । ଘରେ ସେମାନେ ତାଙ୍କ ଖୁସିରେ ଯାହା କରିବେ ଏଥିଲାଗି ସେମାନଙ୍କୁ ସ୍ୱାଧୀନତା ଦିଆଯିବା ଆବଶ୍ୟକ ।

(Cent. Vol. 12, P. 200)

**ଶୃଙ୍ଖଳା :**

ମନେରଖ, ପ୍ରତ୍ୟେକ ଥର ଯେତେଥର ଆମେ ଆମ ଉପରେ କର୍ତ୍ତୃତ୍ୱ ହରାଉ, ରାଗୁ ବା ଶୃଙ୍ଖଳା ରକ୍ଷା କରିବା ଲାଗି ବାହ୍ୟ ଉପାୟମାନ ପ୍ରୟୋଗ କରୁ ସବୁବେଳେ ତାହାର ଅର୍ଥ ହୁଏ ଯେ ସେତେବେଳେ ଆମେ ନିମ୍ନକୁ ଖସି ଯାଇଛୁ ଏବଂ ଆମେ ଆଉ ସମସ୍ୟାର ସମାଧାନ ସ୍ତରକୁ ଉଠିପାରିବୁ ନାହିଁ ।

(Cent. Vol. 13, P. 173)

**ଭୟ :**

କେତେକ ମାଆବାପା ପିଲାମାନଙ୍କୁ ଭୟ ଦେଖାଇ ବା ଆଖି ଦେଖାଇ ସେମାନଙ୍କୁ ଆୟତ୍ତ କରିବାକୁ ଚାହାନ୍ତି, ଏବଂ ତାହାହିଁ ହେଉଛି ଶିକ୍ଷାର ସବୁଠାରୁ ବଳି ନିକୃଷ୍ଟତମ ଉପାୟ; କାରଣ ଭୟହିଁ ମିଥ୍ୟା, ପ୍ରବଞ୍ଚନା, ଛଳନା ଆଦି ସମସ୍ତ ଖରାପ ଗୁଣକୁ ବୃଦ୍ଧିଲାଭ କରିବାରେ ସାହାଯ୍ୟ କରିଥାଏ ।

(Cent. Vol. 15, P. 319)

**ଦୁଷ୍ଟାମି କରିବା :**

ପିଲା ଦୁଷ୍ଟାମି କରିବା ବନ୍ଦ କରିବ କାରଣ ସେ ଧୀରେ ଧୀରେ ଶିଖିବ ଯେ ଦୁଷ୍ଟାମି କଲେ ସେ ଲଜ୍ଜା ଅନୁଭବ କରୁଛି, କିନ୍ତୁ ଦଣ୍ଡ ପାଇବା ଭୟରେ ସେ ଏହା କରିବ ନାହିଁ ।

ପ୍ରଥମ କ୍ଷେତ୍ରରେ ସେ ପ୍ରକୃତ ଅଗ୍ରଗତି କରିଥାଏ ।

ଦ୍ୱିତୀୟ କ୍ଷେତ୍ରରେ ସେ ମାନବିକ ଚେତନାରୁ ପାଦେ ତଳକୁ ଖସି ଆସିଥାଏ, କାରଣ ଭୟ ହେଲା ଚେତନାର ଏକ ଅଧଃପତନ ।

(Cent. Vol. 12, P. 364)

*

ଛୋଟ ପିଲାଙ୍କ ଆଗରେ ଜଣେ କେବେ ବି କ୍ରୋଧ ପ୍ରକାଶ କରିବ ନାହିଁ ।

(Edn. Booklet, Part-II, P. 25)

**ଦୃଷ୍ଟାନ୍ତ ଦ୍ୱାରାହିଁ ଶିକ୍ଷା ଅଧିକ ଫଳପ୍ରଦ :**

କେବଳ ଦୃଷ୍ଟାନ୍ତ ଦ୍ୱାରାହିଁ ଶିକ୍ଷା ଅଧିକ ଫଳପ୍ରଦ ହୋଇଥାଏ । ଯଦି ଜଣେ ନିଜର ଜୀବନ୍ତ ଦୃଷ୍ଟାନ୍ତ ଦ୍ୱାରା ନିଜେ କହୁଥିବା କଥାଗୁଡ଼ିକର ସତ୍ୟତା ପ୍ରତିପାଦନ ନକରେ ତେବେ ଭଲ ବକ୍ତୃତା ଦ୍ୱାରା ବା ଭଲ ଉପଦେଶ ଦ୍ୱାରା ପିଲା ଉପରେ ସେତେ ବେଶୀ ପ୍ରଭାବ ପଡ଼ି ନଥାଏ । ଆନ୍ତରିକତା, ସାଧୁତା, ସ୍ପଷ୍ଟବାଦିତା, ସାହସ, ଅନାସକ୍ତତା, ନିଃସ୍ୱାର୍ଥପରତା, ଧୈର୍ଯ୍ୟ, ସହନଶୀଳତା, ଅଧ୍ୟବସାୟ, ଶାନ୍ତି, ସ୍ଥିରତା, ଆତ୍ମସଂଯମ ଆଦି

ଗୁଣଗୁଡ଼ିକୁ ସୁନ୍ଦର ବକ୍ତୃତା ଅପେକ୍ଷା ଦୃଷ୍ଟାନ୍ତ ଦ୍ୱାରା ଅସୀମ ଗୁଣରେ ଅଧିକ ଭଲ ଭାବରେ ପିଲାଙ୍କୁ ଶିକ୍ଷା ଦେଇହୁଏ । ଯଦି ମାଆବାପା ହିସାବରେ ତୁମେ ଏକ ଉଚ୍ଚାଦର୍ଶ ଗ୍ରହଣ କରିଥାଅ ଏବଂ ତାହାରି ଅନୁସାରେ ସବୁବେଳେ କାର୍ଯ୍ୟ କରୁଥାଅ ତେବେ ଏ କ୍ଷେତ୍ରରେ ତୁମେ ଦେଖିବାକୁ ପାଇବ ଯେ ଧୀରେ ଧୀରେ ତୁମର ପିଲାମାନେ ସେହି ଆଦର୍ଶକୁ ତାଙ୍କ ନିଜ ଭିତରେ ପ୍ରତିଫଳିତ କରୁଛନ୍ତି ଏବଂ ତାଙ୍କ ପ୍ରକୃତିରେ ଯେଉଁ ଗୁଣଗୁଡ଼ିକ ପ୍ରସ୍ଫୁଟିତ ହେଉ ବୋଲି ତୁମେ ଚାହୁଁଛ ସେହି ଗୁଣଗୁଡ଼ିକହିଁ ସ୍ୱତଃସ୍ଫୂର୍ତ୍ତ ଭାବରେ ସେମାନଙ୍କଠାରେ ଫୁଟି ଉଠୁଛି ।

(Edn.Booklet, Part-II, P. 27)

### ଫୁଲଭଳି ଫୁଟି ଉଠିବାକୁ ମୁକ୍ତଭାବେ ଛାଡ଼ିଦିଅ :

ପିଲା ଭିତରେ ଏ ପ୍ରକାର ଗତିବୃତ୍ତି କାହିଁକି ଆସିଲା, ଏପରି ଆବେଗପ୍ରବେଗ କାହିଁକି ଦେଖାଦେଲା, ପିଲାର ଆନ୍ତର ଗଠନରୀତି କ'ଣ, ତା'ର କେଉଁ ଅଂଶଟିକୁ ଶକ୍ତ କରିବାକୁ ହେବ ଇତ୍ୟାଦି ଏ ବିଷୟ ଜଣକୁ ଅତି ଭଲଭାବରେ ଓ ଟିକିନିଖି କରି ଜାଣିବାକୁ ହେବ ଏବଂ ଅତି ସୂକ୍ଷ୍ମଭାବରେ ବୁଝିବାକୁ ହେବ । କେବଳ ଏତିକି ଯାହା କରିବା କଥା, ତେଣିକି ସେମାନଙ୍କୁ ଛାଡ଼ିଦିଅ, ସେମାନଙ୍କୁ ଫୁଲଭଳି ଫୁଟି ଉଠିବାକୁ ମୁକ୍ତଭାବେ ଛାଡ଼ିଦିଅ, ଅନେକ ଜିନିଷ ଦେଖିବାର ସୁଯୋଗ ସେମାନଙ୍କୁ ଦିଅ, ଅନେକ ଜିନିଷ ଛୁଇଁବାକୁ ଦିଅ, ସେମାନେ ଯେତେ ସମ୍ଭବ ଯେତେ ଯାହା କରିପାରିବେ ସେସବୁ ସେମାନଙ୍କୁ କରିବାକୁ ଛାଡ଼ିଦିଅ । ଏହା ବହୁତ ଆନନ୍ଦଦାୟକ ବିଷୟ । ଏବଂ ସର୍ବୋପରି ନିଜେ ଯାହା ଜାଣିଛ ବୋଲି ଭାବୁଛ ସେସବୁକୁ ସେମାନଙ୍କ ଉପରେ ଆଦୌ ଲଦିଦିଅ ନାହିଁ କି ଏଥିଲାଗି କୌଣସି ଚେଷ୍ଟାକର ନାହିଁ ।

(Edn. Booklet - II, P. 21)

### ନିଜେ ଆଚରଣ କର :

ପ୍ରାୟଶଃ ମାଆବାପାମାନେ ସବୁବେଳେ ସେମାନଙ୍କ ପିଲାମାନଙ୍କୁ କହନ୍ତି, 'ତୁ ମୋତେ ମିଛ କହିବୁ ନାହିଁ, ମିଛ କହିବା ଗୋଟାଏ ବଡ଼ ଖରାପ କଥା' । କିନ୍ତୁ ଦୁର୍ଭାଗ୍ୟର କଥା ଯେ ତୁମମାନଙ୍କ (ପିଲାମାନଙ୍କ) ଉପସ୍ଥିତିରେହିଁ ସେମାନେ ମିଛ କୁହନ୍ତି ଏବଂ ତା'ପରେ ତୁମେମାନେ ଆଶ୍ଚର୍ଯ୍ୟ ହୋଇ ଭାବ ଯେ ଯେଉଁ କଥାକୁ ସେମାନେ ନିଜେ ଆଚରଣ କରୁ ନାହାନ୍ତି ସେମାନେ ସେହି କଥାଟିକୁ ଅନ୍ୟମାନଙ୍କଠାରୁ କିଭଳି ଆଶା କରୁଛନ୍ତି ?

(Cent. Vol. 15, P. 319)

### ପିଲାମାନେ ସମ୍ପୂର୍ଣ୍ଣଭାବେ ସ୍ୱାଧୀନ ହେବା ଉଚିତ :

ମୁଁ ଯାହା ଦେଖିଛି ଏବଂ ମୁଁ ଯାହା ଜାଣେ, ସାଧାରଣତଃ ଚଉଦ ବର୍ଷରୁ ଅଧିକ ବୟସର ପିଲାମାନେ ସମ୍ପୂର୍ଣ୍ଣଭାବେ ସ୍ୱାଧୀନ ହେବା ଉଚିତ ଏବଂ ସେମାନେ ଯେତିକି ଚାହାନ୍ତି ତା' ଅପେକ୍ଷା ଅଧିକ ଉପଦେଶ ସେମାନଙ୍କୁ ଦେବା ଉଚିତ ନୁହେଁ ।

ସେମାନେ ଜାଣିବା ଉଚିତ ଯେ ସେମାନଙ୍କ ନିଜର ସ୍ଥିତି ନିମନ୍ତେ, ସେମାନଙ୍କ ଚରିତ୍ର ଲାଗି ସେମାନେ ନିଜେହିଁ ଦାୟୀ ।

(Edn. Booklet-II, P. 30)

### ଅସ୍ୱସ୍ତି ଅନୁଭବ କରିବା :

ଆଉ ଗୋଟିଏ ଗୁଣ ଶିଶୁକୁ ଅତି ପିଲାବେଳରୁ ଅଭ୍ୟାସ କରିବାକୁ ହେବ । ତାହା ହେଲା ଅସ୍ୱସ୍ତି ଅନୁଭବ କରିବାର ବୋଧ, ନୈତିକ ଭାରସାମ୍ୟ ହରାଇବାର ବୋଧ । ସେ ଏହା ଅନୁଭବ କରିବ କାରଣ ଏପରି କାମ ତାକୁ କରିବାକୁ ମନା କରାଯାଇଛି ବୋଲି ନୁହେଁ କି ଦଣ୍ଡିତ ହେବା ଭୟରେ ମଧ ନୁହେଁ, ମାତ୍ର ସ୍ୱତଃସ୍ଫୂର୍ତ୍ତ ଭାବରେ ସେ ଏହା ଅନୁଭବ କରିବ । ଉଦାହରଣ ସ୍ୱରୂପ, ଯଦି ଗୋଟିଏ ଶିଶୁ ଦୁଷ୍ଟାମି କରି ତା'ର ଖେଳସାଥୀକୁ ଆଘାତ କଲା ଏବଂ ଯଦି ସେ ସ୍ୱାଭାବିକ ଅବସ୍ଥାରେ ବାସ କରୁଥାଏ ତେବେ ସେ ଏକ ପ୍ରକାର ଅସ୍ୱସ୍ତି ଅନୁଭବ କରିବ, ନିଜ ସତ୍ତା ଭିତରେ ଏକ ପ୍ରକାର ଦୁଃଖ ଅନୁଭବ କରିବ । କାରଣ ସେ ଯେଉଁ ଆଚରଣ କରିଛି ତାହା ତା'ର ଆନ୍ତର ସତ୍ୟର ବିପରୀତ... ।

ଯଦି ଶିଶୁ ପରିବେଶ ଦ୍ୱାରା କଳୁଷିତ ନ ହୋଇଥାଏ, ଅର୍ଥାତ୍ ଯଦି ଶିଶୁ ତା'ର ସ୍ୱତଃସ୍ଫୂର୍ତ୍ତ ଅବସ୍ଥା ବଜାୟ ରଖିଥାଏ, ତାକୁ ଯଦି କେହି କିଛି କଥା ନ କୁହନ୍ତି, ତେବେ ସେ ସ୍ୱାଭାବିକ ଭାବରେ ଗୋଟାଏ ଅସ୍ୱସ୍ତି ଅନୁଭବ କରିବ । ତେଣୁ ତାକୁ ଏହି ଭିତ୍ତି ଭୂମି ଉପରେହିଁ ଦୃଢ଼ ରହିବାକୁ ହେବ; ତା'ପରେ ଅଗ୍ରଗତି ଲାଗି ତା'ର ଉଦ୍ୟମ... ।

(Edn. Booklet, Part-II, P. 22)

**ସର୍ବୋତ୍ତମ ଆଦର୍ଶର ଧାରଣା :**

ମୁଁ ଛୋଟ ଥିଲାବେଳେ ଯେତେବେଳେ ମୋ ମାଆଙ୍କୁ ଯାଇ ଖାଦ୍ୟ ବିଷୟରେ କି ଏହିଭଳି କୌଣସି ଛୋଟଛୋଟ କଥା ବିଷୟରେ କହୁଥିଲି ସେ ସବୁବେଳେ ମୋତେ ଯାଇ କାମରେ ଲାଗିବା ପାଇଁ କହୁଥିଲେ ବା ଏସବୁ ଛୋଟଛୋଟ କଥାରେ ନମାତି ପାଠ ପଢ଼ିବା ପାଇଁ ପଠାଇ ଦେଉଥିଲେ । ମୁଁ ସୁଖ ଭୋଗ କରିବାକୁ ଜନ୍ମ ହୋଇଛି ଏ ଧାରଣା ମୋର ଅଛି କି ବୋଲି ସେ ମୋତେ ପଚାରୁ ଥିଲେ । ''ତୁ ସର୍ବୋତ୍ତମ ଆଦର୍ଶର ଉପଲବ୍ଧି ଲାଗି ଜନ୍ମ ହୋଇଛୁ'', ଏକଥା କହି ସେ ମୋତେ ସେହିଭଳି ପଠାଇ ଦେଉଥିଲେ । ଏବଂ ସେ ଯାହା କହୁଥିଲେ ପୂରା ଠିକ୍ କଥା କହୁଥିଲେ, ଯଦିଓ ତାଙ୍କର ସର୍ବୋତ୍ତମ ଆଦର୍ଶର ଧାରଣା ଆମ ଆଦର୍ଶଠାରୁ ନ୍ୟୂନତର ଥିଲା । ଆମେ ସମସ୍ତେ ସର୍ବୋତ୍ତମ ଆଦର୍ଶ ନିମିତ୍ତହିଁ ଜନ୍ମ ଗ୍ରହଣ କରିଛୁ ।

(Cent. Vol. 3, P. 13)

**ଊର୍ଦ୍ଧ୍ୱକୁ ଉଠିଯିବା ଓ ପାଠପଢ଼ାକୁ ଭଲ ପାଇବା :**

ଗୋଟିଏ ନିର୍ଦ୍ଦିଷ୍ଟ ବୟସ ପର୍ଯ୍ୟନ୍ତ, ଯେତେବେଳେ ଜଣେ ଅତି ଅଳ୍ପ ବୟସର ହୋଇଥାଏ, ସେତେବେଳେ ନିଜକୁ ଉନ୍ନତ କରିବା, ଯେତେଦୂର ସମ୍ଭବ ନିଜକୁ ସବୁଦୃଷ୍ଟିରୁ ଅଧିକ ବିଶାଳ ଓ ବିସ୍ତୃତ କରିବା, ନିଜ ଭିତରେ ଥିବା ସମସ୍ତ ସାମର୍ଥ୍ୟକୁ ପ୍ରକାଶିତ କରିବା ଏବଂ ସେସବୁକୁ ବ୍ୟକ୍ତ, ସଚେତ ଓ ସକ୍ରିୟ ବସ୍ତୁରେ ପରିଣତ କରିବା, ଏହା ଗୋଟାଏ ଅତି ଉତ୍ତମ ବିଷୟ । ଯାହାଫଳରେ ଊର୍ଦ୍ଧ୍ୱକୁ ଉଠିଯିବା ଲାଗି ଏହା ଏକ ଅତି ସୁନ୍ଦର ଶକ୍ତ ଭିତ୍ତିଭୂମି ରୂପେ ଆମକୁ ମିଳି ଯାଇ ପାରିବ । ତା' ନହେଲେ ଏହା ଟିକେ ମୂଲ୍ୟହୀନ ହୋଇପଡ଼େ ।

ସେଥି ଯୋଗୁଁ ତୁମେମାନେ ପାଠ ପଢ଼ିବା ଆବଶ୍ୟକ, ପାଠପଢ଼ାକୁ ଭଲପାଇବା ଆବଶ୍ୟକ; ସବୁବେଳେ ପାଠପଢ଼, ତୁମର ସମୟ ଆଦୌ କୌଣସି ... କଥାରେ ନଷ୍ଟ କର ନାହିଁ, ନିଜକୁ କୌଣସି ନିରର୍ଥକ ବସ୍ତୁରେ ଭାରାକ୍ରାନ୍ତ କରିବାରେ ନଷ୍ଟ କର ନାହିଁ କିଂବା ନିଜକୁ କୌଣସି କଦର୍ଯ୍ୟ କର୍ମ କରିବାରେ ନଷ୍ଟ କର ନାହିଁ ।

(Cent. Vol. 7, P. 313)

**ଅଧ୍ୟାପକ ଓ ଶିକ୍ଷକମାନଙ୍କର ଆବଶ୍ୟକତା :**

ଏହା ପ୍ରମାଣ ସିଦ୍ଧ ଯେ ଏତେ ଟିକିଏ ସାଧାରଣ ଜ୍ଞାନ ନଥାଇ ଯଦି ତୁମକୁ ସଂସାର ମଧ୍ୟକୁ ନିକ୍ଷିପ୍ତ କରାଯାଏ ତେବେ ତୁମେ ସବୁ ଭୟଙ୍କର କର୍ମମାନ କରି ବସିବ । ଉଦାହରଣ ସ୍ୱରୂପ ଗୋଟିଏ ଶିଶୁକୁ ନିଆଯାଉ, ଯେ କି କିଛି ବି ଜାଣି ନାହିଁ । ଧର ତା' ପାଖରେ ଗୋଟିଏ ଦିଆଶିଲି ମୁଠା ଅଛି, ତେବେ ସେ ପ୍ରଥମେ କ'ଣ କରିବ ଜାଣ, ସେ ପ୍ରଥମେ ନିଜକୁ ଆଗ ପୋଡ଼ି ପକାଇବ । ତେଣୁ ଏ କ୍ଷେତ୍ରରେ, ସମ୍ପୂର୍ଣ୍ଣ ସ୍ଥୂଳ ଜାଗତିକ ଦୃଷ୍ଟିରୁ, ଏହା ବହୁତ ଭଲ ଯେ ଯେଉଁ ଲୋକମାନେ ଜାଣନ୍ତି ଏବଂ ଯେଉଁମାନେ ତୁମମାନଙ୍କୁ ସବୁ ବିଷୟ ଜଣାଇ ଦେଇ ପାରିବେ ସେପରି ଲୋକମାନେ ଅଛନ୍ତି । କାରଣ ତା' ନହେଲେ ଯଦି ଜଣକୁ ନିଜକୁ ସବୁକିଛି ନିଜ ଅନୁଭୂତିରୁ ଶିଖିବାକୁ ହେଉଥା'ନ୍ତା ତେବେ ଅତି ଆବଶ୍ୟକ ବିଷୟସବୁକୁ ଜାଣିବା ଲାଗି ତାକୁ ଅନେକ ଜନ୍ମ ଲାଗିଯାଆନ୍ତା । ଏଇଠିହିଁ ଅଧ୍ୟାପକ ଓ ଶିକ୍ଷକମାନଙ୍କର ଆବଶ୍ୟକତା ରହିଛି । ସେମାନେ ବାସ୍ତବ କ୍ଷେତ୍ରରୁ ବା ଏକ ସ୍ୱତନ୍ତ୍ର ଅଧ୍ୟୟନ ଦ୍ୱାରା କିଛି ନା କିଛି ଜ୍ଞାନାର୍ଜନ କରିଥା'ନ୍ତି ଏବଂ ଯେଉଁସବୁ ବସ୍ତୁ ବିଷୟରେ ଜାଣିବା ଏକାନ୍ତ ଅପରିହାର୍ଯ୍ୟ ସେମାନେ ସେସବୁ ବିଷୟରେ ତୁମକୁ କିଛି ନା କିଛି ସୂଚନା ଦେଇପାରନ୍ତି । ଫଳରେ ତୁମର ବହୁତ ସମୟ ବଞ୍ଚିଯାଏ, ତୁମେ ଅନେକ ସମୟ ପାଇଯାଅ । ଏଇଥିଲାଗି ସେମାନଙ୍କର ଆବଶ୍ୟକତା ରହିଛି, ସେମାନେ କେବଳ ତୁମମାନଙ୍କର ପ୍ରଶ୍ନସବୁର ଉତ୍ତର ଦେଇପାରିବେ ।

(Edn. Booklet, P. 16)

(କ୍ରମଶଃ) ❑

ଶାନ୍ତ ନିଶ୍ଚଳ ଭାବରେ ବସି ମା'ଙ୍କୁ ସ୍ମରଣ କର ଓ ନିଜକୁ ତାଙ୍କ ପ୍ରତି ଉନ୍ମୁକ୍ତ ରଖ । ଏହାହିଁ ହେଉଛି ଧ୍ୟାନର ନିୟମ ।

— ଶ୍ରୀଅରବିନ୍ଦ

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୩)

## ଭାଦ୍ର କୃଷ୍ଣପକ୍ଷର ଅଷ୍ଟମ ରଜନୀ : ଦିବ୍ୟାବତରଣ

**ମନୋଜ ଦାସ**

[**କାହାଣୀ ଏ ଯାବତ୍ :** ମଥୁରାର ଦାନବ-ରାଜା କଂସ ଉଦ୍ଦେଶ୍ୟରେ ହେଲା ଦୈବବାଣୀ : ଭଉଣୀ ଦେବକୀର ଅଷ୍ଟମ ଗର୍ଭଜାତ ସନ୍ତାନ ହାତରେ ହେବ ତା'ର ନିଧନ । ସଦ୍ୟ ବିବାହିତା ଦେବକୀଙ୍କୁ ସେ ତତ୍‌କ୍ଷଣାତ୍ ହତ୍ୟା କରିବାକୁ ଉଦ୍ୟତ ହେଲା । କିନ୍ତୁ ଦେବକୀଙ୍କ ସ୍ୱାମୀ ବସୁଦେବ ତାକୁ ପ୍ରତିଶ୍ରୁତି ଦେଲେ କି ଦେବକୀଙ୍କ ପ୍ରତ୍ୟେକ ସନ୍ତାନକୁ ସେ ତାକୁ ସମର୍ପି ଦେବେ । କଂସ ଦେବକୀଙ୍କୁ ହତ୍ୟା କଲା ନାହିଁ, କିନ୍ତୁ ତାଙ୍କୁ ଓ ବସୁଦେବଙ୍କୁ ଦୁର୍ଗ ଭିତରେହିଁ ଗୋଟିଏ କକ୍ଷରେ ବନ୍ଦୀ କରି ରଖିଲା । ଯଥା ସମୟରେ ଦେବକୀଙ୍କ ପ୍ରଥମ ସନ୍ତାନ ଜନ୍ମ ହେବା ମାତ୍ରେ ସେ ତାକୁ ନିର୍ମମ ଭାବରେ ବଧ କଲା । ତା'ପରେ...]

ସୂର୍ଯ୍ୟୋଦୟ ସଙ୍ଗେ ସଙ୍ଗେ ନଗରୀସାରା ବ୍ୟାପିଗଲା କଂସର ନୃଶଂସତାର ସମ୍ବାଦ । ଲୋକେ ଦୀର୍ଘଶ୍ୱାସ ଛାଡ଼ିଲେ । ସେମିତି ଜଣେ ନିର୍ମମ ଦାନବ-ରାଜାର ଶାସନରେ ସେମାନଙ୍କୁ ଦିନ ବିତାଇବାକୁ ପଡୁଛି, ସେଥିପାଇଁ ଅଧିକାଂଶ ଲୋକେ ନିଜ ନିଜ କପାଳକୁ ଧିକ୍କାର ଦେଲେ । ନଗରୀର ସମ୍ଭ୍ରାନ୍ତ ଲୋକେ ମୁଣ୍ଡ ତଳକୁ କରି ବାଟ ଚାଲୁଥା'ନ୍ତି ।

କିନ୍ତୁ କଂସର ଦୁଷ୍କର୍ମରେ ଆମୋଦ ଅନୁଭବ କଲାଭଳି ଅଦ୍ଭୁତ ପ୍ରାଣୀ ବି ଥିଲେ । କଂସ ଥିଲା ସେମାନଙ୍କ ପାଇଁ ଆଦର୍ଶ !

ଜଣକର ମହତ୍ କର୍ମ ଅନେକଙ୍କ ହୃଦୟରେ ମହତ୍ତ୍ୱ ଜାଗରୂକ କରିଥାଏ । ସେମିତି ଜଣକର ଦୁଷ୍କର୍ମ ଅନେକଙ୍କୁ ମନ୍ଦ ମାର୍ଗରେ ଯିବା ପାଇଁ ଉତ୍ସାହ ଦେଇଥାଏ । ସୁକର୍ମ ହେଉ ବା କୁକର୍ମ ହେଉ, ଜଣେ ରାଜା ବା ବିଖ୍ୟାତ ଲୋକଟିଏ ଯାହା କରେ, ତାହା ବହୁଲୋକଙ୍କୁ ପ୍ରଭାବିତ କରେ । କଅଁଳ ସୂର୍ଯ୍ୟକିରଣ, ମୃଦୁ ପବନ ଏବଂ ବାତାବରଣରେ ପୁଷ୍ପରାଜିର ମହକ ଆମକୁ ଉତ୍‌ଫୁଲ୍ଲ ରଖିବ – ଆମେ ସେସବୁ ବିଷୟରେ ସଚେତନ ନଥିଲେ ସୁଦ୍ଧା । ବାତାବରଣ ଯଦି ନିଷ୍ପ୍ରଭ, ଦୂଷିତ ହୋଇଥିବ, ତେବେ ବଳେ ବଳେ ଆମକୁ ବିଷଣ୍ଣ ଲାଗିବ । ଠିକ୍ ସେମିତି, ବାତାବରଣରେ ଶୁଭେଚ୍ଛା, ସହାନୁଭୂତି ଏବଂ ବିଶ୍ୱାସ ଭରି ରହିଥିଲେ ଲୋକଙ୍କ ହୃଦୟରେ ଲୁଚି ରହିଥିବା ସଦ୍‌ଗୁଣମାନଙ୍କର ବିକାଶ ହୁଏ । ଯଦି ବାତାବରଣରେ ଥାଏ ହିଂସ୍ରତା, ବର୍ବରତା ଓ ବିଶ୍ୱାସଘାତକତା, ଅଥଚ ସେସବୁ ବିରୋଧରେ ପ୍ରତିବାଦ କରିବା ଭଳି ସାହସ ନଥାଏ, ତେବେ ସବୁ ଆଡ଼େ ଛାଇଯାଏ ଆତଙ୍କର କଳାମେଘ । ସ୍ୱାର୍ଥପର ଓ ଦାମ୍ଭିକମାନେ ସେତେବେଳେ ଅନ୍ୟମାନଙ୍କ ଉପରେ ଯଥେଚ୍ଛା ଅତ୍ୟାଚାର କରନ୍ତି ।

କଂସର କାର୍ଯ୍ୟକଳାପ ଖାଲି ମଥୁରା ନୁହେଁ, ଆଖପାଖର ଛୋଟ ଛୋଟ ରାଜ୍ୟସବୁର ବାତାବରଣକୁ ମଧ୍ୟ କଳୁଷିତ କରି ଦେଲା । କୌଣସି କୌଣସି ରାଜାଙ୍କ ପାଇଁ କଂସ ବନିଗଲା ଗୋଟାଏ ଲୋଭନୀୟ ଦୃଷ୍ଟାନ୍ତ । ସେମାନେ ମନେ କଲେ, ଆପଣାର ସ୍ୱାର୍ଥ ବା ସୁଖ ପାଇଁ ଯଥେଚ୍ଛାଚାର କରାଯାଇପାରେ; ନକରିବା ବୋକାମି ।

ତେବେ କଂସର ନିଧନ ସମ୍ପର୍କରେ ଦୈବବାଣୀରୁ ଗୋଟିଏ ସୁଫଳ ମିଳିଲା । ନିଜ ନିୟତି ବିଷୟରେ କଂସ ରହିଲା ସର୍ବଦା ଚିନ୍ତାଗ୍ରସ୍ତ । ଦୁର୍ଗ ବାହାରକୁ ଯାଇ ପ୍ରଜାକୁଳ ବା ସାଧୁସନ୍ଥଙ୍କ ଉପରେ ଉପଦ୍ରବ କରିବାର ଉତ୍ସାହ ତା'ର ମାନ୍ଦା ହୋଇଗଲା ।

ଦୁର୍ଗର ଏକ କୋଣରେ ଗୋଟାଏ କକ୍ଷରେ ବନ୍ଦୀ ଭାବରେ ରହିଥା'ନ୍ତି ଦେବକୀ ଏବଂ ବସୁଦେବ । ଦେବକୀଙ୍କର କୌଣସି ସ୍ୱାଧୀନତା ନଥିଲା, ଯଦିଓ ବସୁଦେବ ଦୁର୍ଗ ଭିତରେ ବିଚରଣ କରି ପାରୁଥିଲେ । ସମୟ ଗଡ଼ି ଚାଲିଥାଏ । ବର୍ଷ ପରେ ବର୍ଷ, ଦେବକୀ ସନ୍ତାନଟିଏ ଜନ୍ମଦେବା ମାତ୍ରେ କଂସ

ତାକୁ ଅକାତରେ ବଧ କରୁଥାଏ । କର୍ମଟି ତା'ର ଆକର୍ଷଣୀୟ ଅଭ୍ୟାସରେ ପଡ଼ିଗଲା । ଖବର ପାଇବା ମାତ୍ରେ ସେ ଦର୍ପଭରେ ପଶିଯିବ ଦେବକୀଙ୍କ କକ୍ଷ ଭିତରକୁ । ତାଙ୍କ କୋଳରୁ ଝିଙ୍କି ନେବ ନବଜାତ ଶିଶୁକୁ । କ୍ଷିପ୍ର ପଦକ୍ଷେପରେ ବାହାରି ଆସିବ ପ୍ରାଚୀର ଘେରା ପ୍ରାଙ୍ଗଣ ଭିତରକୁ । ନିଜ ଅସ୍ୱସ୍ତି ଭାବ ଲୁଚାଇବା ନିମନ୍ତେ ଅଟ୍ଟହାସ୍ୟ କରି ଠିଆ ହେବ ସେହି ଅଭିଶପ୍ତ ଶିଳାଖଣ୍ଡ ପାଖରେ । ଶିଶୁର ପାଦ ଦୁଇଟି ଧରି କେଇଥର ତାକୁ ଚକ୍ରାକାରେ ବୁଲାଇ ପଥର ଉପରେ କଚାଡ଼ି ତାକୁ ଶେଷ କରିଦେବ ।

ଦୁର୍ଗବାସୀ ଅଧିକାଂଶ ନରନାରୀ ସେ ଦୃଶ୍ୟଠାରୁ ଦୂରେଇ ରହୁଥିଲେ । କିନ୍ତୁ କଂସର ଏପରି କେତେ ଜଣ ସ୍ତାବକ ବି ଥିଲେ, ଯେଉଁମାନେ ସେଠାରେ ରହି ତାକୁ ବାହାବା ଦେଉଥିଲେ ।

ଦେବକୀଙ୍କର ସପ୍ତମ ସନ୍ତାନ ଜନ୍ମନେବାର ସମୟ ଆସି ଯାଇଥାଏ । ସ୍ୱପ୍ନ ଯୋଗେ ସେ ଜାଣିଲେ – ଏଥର ଜନ୍ମଗ୍ରହଣ କରିବ ଏକ ବିଶେଷ ଆତ୍ମା । କଂସର କ୍ରୋଧରୁ ଶିଶୁକୁ ରକ୍ଷା କରିବେ କେମିତି, ଏହାହିଁ ହେଲା ଦେବକୀଙ୍କ ଚିନ୍ତା । ତାଙ୍କୁ ସହାୟତା ଦେବା ନିମନ୍ତେ ସେଠି ଅଛି ବା କିଏ ? କାହାଠୁଁ ସେ ପରାମର୍ଶ ଲୋଡ଼ିବେ ?

ସେ ନୀରବରେ ଦିବ୍ୟଜନନୀଙ୍କୁ ପ୍ରାର୍ଥନା କରି ଜଣାଇଲେ ତାଙ୍କ ଦୁଃଖ ।

ପ୍ରଥମ ପତ୍ନୀ ରୋହିଣୀଙ୍କଠାରୁ କୌଣସି ସନ୍ତାନ ଜନ୍ମ ନହେବା ଯୋଗୁଁ ବସୁଦେବ ଦେବକୀଙ୍କୁ ବିବାହ କରିଥିଲେ । ରୋହିଣୀ ସନ୍ତାନଟିଏ ଲାଭ କରିପାରି ଥିଲେ କେଡ଼େ ତୃପ୍ତ ହୋଇଥା'ନ୍ତେ ! ଦିବ୍ୟଜନନୀଙ୍କୁ ପ୍ରାର୍ଥନା କରି ସେ ଜଣାଇଥିଲେ ତାଙ୍କ କ୍ଷୋଭ । ଦେବକୀ ପ୍ରାର୍ଥନା କରୁଥିଲେ ଭୂମିଷ୍ଠ ହେବାକୁ ଯାଉଥିବା ତାଙ୍କ ସନ୍ତାନଟିକୁ ରକ୍ଷା କରିବା ନିମନ୍ତେ । ଉଭୟ ପ୍ରାର୍ଥନା ହେଲା ଏକ ସମୟରେ ଫଳପ୍ରସୂ । ଯମୁନା ସେପାରି ଗୋପ ନାମକ ଜନପଦରେ ରହୁଥିଲେ ଗୋପାଳମାନଙ୍କ ରାଜା ନନ୍ଦ । ସେ ବସୁଦେବଙ୍କ ସହୋଦର ଭଳି – ଅତି ଅନ୍ତରଙ୍ଗ ବନ୍ଧୁ । ଦେବକୀ ଏବଂ ବସୁଦେବ ଗୃହବନ୍ଦୀ ହୁଅନ୍ତେ ରୋହିଣୀ କଂସର ସାନ୍ନିଧ୍ୟଠୁଁ ଦୂରେଇ ନନ୍ଦାଳୟରେ ରହୁଥିଲେ । ଦିବ୍ୟ-ଜନନୀଙ୍କର ଏକ ବିଭୂତି ମହାମାୟା ରୂପେ ଆସି ଦେବକୀଙ୍କ ଗର୍ଭରୁ ସନ୍ତାନଟିକୁ ରୋହିଣୀଙ୍କ ଗର୍ଭକୁ ନେଇଗଲେ । ଜନ୍ମଲାଭ ପରେ ସେହି ସନ୍ତାନ ହେଲେ ବଳରାମ ରୂପେ ପ୍ରଖ୍ୟାତ । ସେ ନନ୍ଦଙ୍କ ନଅରରେ ନିରାପଦରେ ବଢ଼ିବାକୁ ଲାଗିଲେ ।

ଦେବକୀଙ୍କ ସେବିକାମାନେ କଂସକୁ ଜଣାଇଲେ ତାଙ୍କ ସପ୍ତମ ସନ୍ତାନ ଗର୍ଭରେହିଁ ମୃତ୍ୟୁ ଲଭିଛି । ଯେହେତୁ ନବଜାତର କ୍ରନ୍ଦନ ଶୁଭିଲା ନାହିଁ, କଂସ ଏହାକୁ ସତ୍ୟ ବୋଲି ଗ୍ରହଣ କରିନେଲା ।

ବର୍ଷକରୁ ଅଧିକ ସମୟ ବିତିଯିବା ଉତ୍ତାରୁ ସେବିକାମାନେ ପୁଣି ଦେଲେ ଖବର – ଦିନ କେତୋଟି ପରେ ଦେବକୀଙ୍କଠାରୁ ଭୂମିଷ୍ଠ ହେବ ଆଉ ଏକ ସନ୍ତାନ ।

ଆତଙ୍କ ତଥା ନିର୍ଦ୍ଦୟ କ୍ରୋଧରେ ଥରି ଉଠିଲା କଂସ । ଯେଉଁ ଘଟଣାଟି ହେବ ତା' ପାଇଁ ମାରାତ୍ମକ ଦୁର୍ଘଟଣା – ଯାହା ଅପେକ୍ଷାରେ ସେ ହରାଇଛି ତା'ର ସୁଖ-ଶାନ୍ତି, ବର୍ତ୍ତମାନ ତାହାହିଁ ଘଟିବାକୁ ଯାଉଛି । ଅବତୀର୍ଣ୍ଣ ହେବ ଦେବକୀର ଅଷ୍ଟମ ସନ୍ତାନ ! ଦୈବବାଣୀ ଅନୁସାରେ ତା'ର ନିଧନକାରୀ !

ସଙ୍ଗେ ସଙ୍ଗେ ସେ କିଞ୍ଚିତ୍ ଆଶ୍ୱସ୍ତ ବି ହେଲା । ଏହି ଗୋଟିକର ବିନାଶ ସାଧନ ଅନ୍ତେ ସେ ଛାଡ଼ିବ ସ୍ୱସ୍ତିର ନିଃଶ୍ୱାସ ।

ଏହାପରେ ପ୍ରତିଟି ଦିନ ତା' ପାଇଁ ମନେ ହେଲା ଅସହ୍ୟ, ଦୀର୍ଘ । ଯେତେବେଳେ ସେବିକାମାନେ ଜଣାଇଲେ ଯେ ଆଉ ମାତ୍ର ଦିନେ ଦୁଇଦିନ ଭିତରେ ଭୂମିଷ୍ଠ ହେବ ସେହି ଭୟାବହ ଶକ୍ତି, ସେହି ମୁହୂର୍ତ୍ତରୁ ସେ ପ୍ରବଳ ଉତ୍ତେଜନାରେ ଭୋକ, ଶୋଷ ଭୁଲିଯାଇ ପ୍ରାୟ କମ୍ପମାନ ହେବାକୁ ଲାଗିଲା । ବାରଂବାର ସେ ଦେବକୀଙ୍କ କାରା-ସଦନ ପାଖକୁ ଯାଇ କାନ ଡେରୁଥାଏ – ନବଜାତର କ୍ରନ୍ଦନ ଶୁଭୁଛି କି ? ଦେବକୀଙ୍କ ସେବା ପାଇଁ ତଥା ସେ ସଦନ ଜଗିବା ପାଇଁ ପୁରୁଣା ସେବିକା-ସେବକମାନଙ୍କୁ ବିଦାୟ କରି ସେ ନିଯୁକ୍ତ କଲା କେତେଜଣ ରାକ୍ଷସୀ ରାକ୍ଷସଙ୍କୁ । ସେମାନେ ଥିଲେ ତା' ପ୍ରତି ଅଧିକ ବିଶ୍ୱସ୍ତ ।

ଭାଦ୍ରମାସ କୃଷ୍ଣ ପକ୍ଷର ଅଷ୍ଟମ ଦିନ । କଂସ ଦେବକୀଙ୍କ କାରା-ନିବାସ ସାମନା ଅଗଣାରେ ଅସ୍ଥିର ଭାବରେ ପଦଚାରଣା କରୁଥାଏ । ରାକ୍ଷସୀ-ପରିଚାରିକାଟିଏ ଆସି ତାକୁ ଅଭିବାଦନ କରି ଜଣାଇଲା ଯେ ଆଗତପ୍ରାୟ ରାତିରେହିଁ ରାଜାଙ୍କର ବହୁ ଅପେକ୍ଷିତ ମୁହୂର୍ତ୍ତ ଉପନୀତ ହେବ ।

''ସତେ ?'' କଂସ ସେ ପରିଚାରିକାକୁ ତା' ପାଦରୁ ମୁଣ୍ଡଯାଏ ଥରେ ଅନାଇ ନେଇ ଦେଲା ଏହି ଆଦେଶ : ''ଆଜି ସନ୍ଧ୍ୟାରୁ ଦେବକୀ ଓ ବସୁଦେବଙ୍କ ପାଖରେ କେହି ଜଣେ ବି ସେବିକା ରହିବେ ନାହିଁ । ହେଲା ?''

ସେ ରାକ୍ଷସୀମାନଙ୍କୁ ବି ସନ୍ଦେହ କରିବାକୁ ଆରମ୍ଭ

କରିଥିଲା । କିଏ କହିବ, ହୁଏତ ସେମାନେ ଦେବକୀଙ୍କ ଦ୍ୱାରା ପ୍ରଭାବିତ ହୋଇଯିବେ ।

ରାକ୍ଷସ ପ୍ରହରୀମାନଙ୍କୁ ସେ ତତ୍ପରେ ଶୁଣାଇଲା ତା'ର ଆଦେଶ : ''ଯେଉଁ ମୁହୂର୍ତ୍ତରେ ନବଜାତ ଶିଶୁର କ୍ରନ୍ଦନ ଶୁଣିବ, ଦୌଡ଼ିଆସି ମୋ ଶୟନ କକ୍ଷ ଦ୍ୱାରରେ କରାଘାତ କରିବ ।''

ମଥୁରା ନଗରୀ ଉପରେ ଛାଇ ଆସୁଥିଲା ଏକ ଘୋର କଳା ରାତି । ଆକାଶରୁ ହଜିଯାଇଥିଲେ ଯାବତୀୟ ତାରା ଓ ନକ୍ଷତ୍ର । ଘୋଟି ଆସୁଥିଲେ ପର୍ବତ ପ୍ରାୟ ପୁଞ୍ଜ ପୁଞ୍ଜ ଭୀଷଣକାୟ ମେଘ । ବିଜୁଳି ଚମକିଲେ ମନେ ହେଉଥିଲା ହଠାତ୍ ଅବା ଜଳିଉଠିବ ସମଗ୍ର ଆକାଶ । ବଜ୍ର ଧ୍ୱନିରେ ପ୍ରକମ୍ପିତ ହେବାକୁ ଲାଗିଲା କଂସର ବିଶାଳ ଦୁର୍ଗ ।

କାରା-ନିବାସ ଭିତରେ ଦେବକୀଙ୍କ ମୁହଁରେ ଯନ୍ତ୍ରଣା ଫୁଟି ଉଠୁଥିଲା । ବସୁଦେବ ଅସହାୟ ଭାବରେ ତାଙ୍କ ଶଯ୍ୟା ଚାରିପଟେ ଘୂରି ବୁଲୁଥିଲେ ।

''ଯଦି ଆମର ଏ ସନ୍ତାନ ହୋଇଥିବ ବିଧାତା ଦ୍ୱାରା ପ୍ରେରିତ, ଯଦି ଏ ସୃଷ୍ଟିରେ ତା'ର ଥିବ କୌଣସି ବିଶେଷ ଭୂମିକା, ତେବେ ତା' ଜନ୍ମ ଓ ଜୀବନର ଦାୟିତ୍ୱ ନିଅନ୍ତୁ ଦିବ୍ୟଜନନୀ । ତାଙ୍କ ବ୍ୟତୀତ ନାହିଁ ଆମର ଅନ୍ୟ କୌଣସି ସାହା ।'' ମୃଦୁ କିନ୍ତୁ ଦୃଢ଼ କଣ୍ଠରେ କହିଲେ ଦେବକୀ । ତାଙ୍କ ସ୍ୱରରେ ଥିଲା ପ୍ରାର୍ଥନାର ବ୍ୟାକୁଳତା ତଥା ବିଶ୍ୱାସର ଦାବି ।

ହଠାତ୍ ଦମକାଏ ପ୍ରବଳ ପବନ ପଶିଆସି ତାଙ୍କ ଶଯ୍ୟା ପାଖରେ ଥିବା ପ୍ରଦୀପଟିକୁ ଲିଭାଇଦେଲା । ସେମିତି ଗହନ ଅନ୍ଧକାର ସେମାନେ ଜୀବନରେ କେବେ ଜାଣି ନଥିଲେ । ବସୁଦେବ ଚକ୍ଷୁ ବନ୍ଦ କରି ହେଲେ ପ୍ରାର୍ଥନା-ନିମଗ୍ନ । ପର ମୁହୂର୍ତ୍ତରେ ସେ ଅନୁଭବ କଲେ, ଯେମିତିକି ଏକ ନିରୁତ୍ତାପ ସ୍ନିଗ୍ଧ ଦ୍ୟୁତିରେ ସେ କକ୍ଷ ଆଲୋକିତ । ସେ ଚକ୍ଷୁ ଖୋଲିଲେ । ବାସ୍ତବିକ ଏକ ନୀଳାଭ କନକ ଜ୍ୟୋତିଃ ସେ କକ୍ଷକୁ କରିଥାଏ ଉଦ୍ଭାସିତ ।

ଅଚିରେ ସେହି ଜ୍ୟୋତିଃ ଭିତରେ ପରିସ୍ଫୁଟ ହେଲା ଏକ ଅପୂର୍ବ ଦିବ୍ୟ ଆକୃତି । ବସୁଦେବଙ୍କ ସମ୍ମୁଖରେ ଅବତୀର୍ଣ୍ଣା ଦେବୀ ମହାମାୟା ।

''ତୁମ ପୁତ୍ରକୁ ଉତ୍ତୋଳନ କର, ବସୁଦେବ !'' ନିର୍ଦ୍ଦେଶ ଦେଲେ ଦେବୀ ।

''ପୁତ୍ର ?'' ବସୁଦେବ ଦେବକୀଙ୍କ ଶଯ୍ୟା ଉପରକୁ ଦୃଷ୍ଟିପାତ କଲେ । ଅଚେତନ ଜନନୀ ପାଖରେ ଶାୟିତ ତାଙ୍କର ସଦ୍ୟଜାତ ଅନନ୍ୟ ସୁନ୍ଦର ସନ୍ତାନ – ଅକଳ୍ପନୀୟ, ଅବର୍ଣ୍ଣନୀୟ ।

''ଅବିଳମ୍ବେ ନନ୍ଦଙ୍କ ସଦନକୁ ଯାତ୍ରା କର । ତାଙ୍କ ପତ୍ନୀ ଯଶୋଦାଙ୍କଠାରୁ ଏହି କ୍ଷଣି ଜନ୍ମ ନେଇଛି ଏକ କନ୍ୟା । ତୁମ ପୁତ୍ରକୁ ତହିଁ ଥାପି କନ୍ୟାଟିକୁ ନେଇ ଚାଲି ଆସ,'' ଦେବୀ ଆଜ୍ଞା ଦେଲେ ।

ବସୁଦେବ ଶିଶୁ ପୁତ୍ରକୁ ଉଠାଇ ନେଲେ କମ୍ପିତ ବାହୁ ଯୁଗଳ ଯୋଗେ । ପୁଲକ ଓ ବିସ୍ମୟର ସମାହାରରେ ତାଙ୍କର ବାକ୍ସ୍ଫୂର୍ତ୍ତି ଘଟୁ ନଥିଲା ।

''ବିଳମ୍ବ କରନା, ବସୁଦେବ !'' ଦେବୀ ତାଙ୍କ ନିର୍ଦ୍ଦେଶ ସ୍ମରଣ କରାଇ ଦେଲେ ।

''ମା ! କିନ୍ତୁ...''

ବସୁଦେବଙ୍କ ଦ୍ୱିଧା ଓ ସନ୍ଦେହର ଅର୍ଥ ଦେବୀ ବୁଝିଲେ । ସୁରକ୍ଷିତ ଦୁର୍ଗ ବାହାରକୁ ସେ ଯିବେ କିପରି, ତାହାହିଁ ଥିଲା ତାଙ୍କ ଚିନ୍ତା ।

''ଚିନ୍ତା ନାହିଁ ବତ୍ସ !'' କହିଲେ ଦେବୀ ତାଙ୍କ ଅମୃତମୟ କଣ୍ଠରେ । ''ଖାଲି ଏ ଦୁର୍ଗର ସମସ୍ତ ପ୍ରହରୀ, ସମସ୍ତ ନରନାରୀଙ୍କୁ ନୁହେଁ, ସମଗ୍ର ମଥୁରାର ନାଗରିକମାନଙ୍କୁ ବର୍ତ୍ତମାନ ଅଚେତ କରି ରଖିଛି ମୋର ଦୁର୍ବାର ମାୟା । ନିର୍ଭୟରେ ଆଗକୁ ଆଗକୁ ପାଦ ବଢ଼ାଅ ।''

ଶିଶୁକୁ ବକ୍ଷରେ ଜାବୁଡ଼ି ଧରି ବସୁଦେବ ମହାମାୟାଙ୍କ ଆଗରେ ମୁଣ୍ଡ ନୁଆଁଇଲେ । ତା'ପରେ ସେ ଯେମିତି କାରା-ନିବାସର ବନ୍ଦ କବାଟ ଆଡ଼େ ଦୃଷ୍ଟିପାତ କରିଛନ୍ତି, ତାହା ତତ୍କ୍ଷଣାତ୍ ହେଲା ଉନ୍ମୁକ୍ତ । ଘନ ଘନ ବିଜୁଳି ଆଲୁଅରେ ସେ ଦେଖିଲେ – ଏକ ପରେ ଏକ ଦୁର୍ଗର ସମସ୍ତ ଦ୍ୱାର ଖୋଲି ଯାଉଛି – ସେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ।

(କ୍ରମଶଃ)

❑❑❑

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୪୩)

## ସାହାନା ଦେବୀ

**ସାହାନା :** ମା ଗୋ, ମୁଁ ଯେଉଁ ସଂକଳ୍ପ ନେଇଛି ତାହା ଖୁବ୍ କଠିନ, ଏହା ତ ଜଣା କଥା । ତା'ହେଲେ ମଧ ତୁମମାନଙ୍କ କରୁଣା ବଳରେ ସେଇ ସଂକଳ୍ପ ନେବାରେ ଯେଉଁ ଦୃଢ଼ତା ଆସିଛି – ଯେତେ କଠିନ ହେଉ ପଛକେ ଏହି ପଥରେ ଚାଲିବାକୁ ହେବ । ମା ଗୋ, ତୁମେ ତ ଜାଣିଛ ଆଉ ମୁଁ ବି ଜାଣିଛି ଯେ ଅସଂଖ୍ୟ ବାଧାବିଘ୍ନ ମୋତେ ବାରଂବାର ପଥରୋଧ କରିବାକୁ ଚେଷ୍ଟା କରିବ, ଅନେକ ଭାବାବେଗ, ମୋହ ଓ ମମତା ହୁଏତ ବାରଂବାର ବାଟବଣା କରିବ, କେହି ବି ସହଜରେ ପଥ ମୋତେ ଛାଡ଼ିବେ ନାହିଁ । କିନ୍ତୁ କୌଣସି ପ୍ରକାରେ ମୋତେ ଯେମିତି ସେମାନେ ଦୋହଲାଇ ନପାରନ୍ତି । ୨୪ ଦର୍ଶନ ଦିନ ମୁଁ ଯେପରି ମୋର ସମସ୍ତ ଅତୀତକୁ ତୁମମାନଙ୍କ ପାଦପଦ୍ମରେ ଅଜାଡ଼ି ଦେଇ ତୁମମାନଙ୍କର ଆଶୀର୍ବାଦ ଗ୍ରହଣ କରି ଷୋହଳ ଅଣା ସେଇ ପଥରେ ନିଜକୁ ଉତ୍ସର୍ଗ କରି ଶାନ୍ତଭାବେ ଚାଲିପାରେ । ଅନ୍ତର ମଧରେ ଏଇ ପଦକ୍ଷେପ ନେବା ପାଇଁ ମୋର ଯେମିତି ଭିତରେ ଭିତରେ ପ୍ରସ୍ତୁତି ଚାଲିଛି, କିନ୍ତୁ ବାହ୍ୟ ଦିଗଟି ବର୍ତ୍ତମାନ ସୁଦ୍ଧା ଠିକ୍ ଭାବେ ଆରମ୍ଭହିଁ କରିପାରୁନି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଦୃଢ଼ ସଂକଳ୍ପ ଏବଂ ଏକ ଅଟଳ ଧୈର୍ଯ୍ୟ ଆବଶ୍ୟକ, କୌଣସି ପ୍ରକାରର ବ୍ୟର୍ଥତାରେ ନିରୁତ୍ସାହ ନହେବା ଲାଗି । ଏହା ହେଉଛି ଶାରୀରିକ ପ୍ରକୃତିର ଅଭ୍ୟାସର ଏକ ପରିବର୍ତ୍ତନ ଏବଂ ତା' ପାଇଁ ଆବଶ୍ୟକ ଅଫୁରନ୍ତ ଧୈର୍ଯ୍ୟଶୀଳ ପୁଙ୍ଖାନୁପୁଙ୍ଖ କର୍ମ ।

(୧୯.୧୧.୩୩)

**ସାହାନା :** ଏକମାତ୍ର ମୁସ୍କିଲ ହେଉଛି ଏହି ଯେ ମାନସିକ କାର୍ଯ୍ୟ କିଛି କରିବାକୁ ଆଗ୍ରହ ହେଉ ନାହିଁ । ଅନ୍ତରରେ ବାସ କରିବାକୁ ଭଲ ଲାଗୁଛି । କିନ୍ତୁ କାହିଁକି ଯେ ମାନସିକ କାର୍ଯ୍ୟ କିଛି କରିବାକୁ ଭଲ ଲାଗୁନି ତା' ବୁଝି ପାରୁନି, ଅଥଚ ଶାରୀରିକ କାର୍ଯ୍ୟରେ ଆଗେଇ ଯିବାକୁ ବେଶ୍ ଇଚ୍ଛା ହେଉଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହିସବୁ କାର୍ଯ୍ୟ କରିବା ଯେ ଏକାନ୍ତ ପ୍ରୟୋଜନ ତାହା ନୁହେଁ, ବିଶେଷ କରି ମନ ଯେତେବେଳେ ଅନ୍ୟ ଦିଗରେ ଅଭିନିବିଷ୍ଟ । ବର୍ତ୍ତମାନ ଆନ୍ତର-ପରିବର୍ତ୍ତନର ପ୍ରସ୍ତୁତିହିଁ ଅନ୍ୟ ଯେକୌଣସି କର୍ମଠାରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

(୨୫.୧୧.୩୩)

**ସାହାନା :** ସାଧାରଣତଃ କ୍ରୋଧ ସମୟରେ ଆମେ ଯାହାସବୁ କହିଥାଉ ବା କରିଥାଉ ସେସବୁକୁ ପ୍ରାଧାନ୍ୟ ନଦେବା ଉଚିତ ବୋଲି ବୁଝିପାରୁଛି, କାରଣ ବାସ୍ତବିକ କ୍ଷେତ୍ରରେ ସେସବୁ ଆମ ସ୍ୱଭାବର ଅସଲ କଥା ନୁହେଁ – ବିଭିନ୍ନ ପ୍ରକାର ଅଭିଜ୍ଞତା ମଧ ଦେଇ ଗତି କରି ଏସବୁ ଭଲ ଭାବେ ବୁଝି ମଧ କାହିଁକି ଯେ ସେଇ ମୁହୂର୍ତ୍ତରେ ଏତେ ବିଚଳିତ ହୋଇ ଉଠିଥାଉ, ଭାବିଲେ ମନରେ ଖୁବ୍ ଖଟ୍‌କା ଲାଗେ – ତାହାହିଁ ଭାବୁଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ମୋର ମନେ ହୁଏ ଏହା ହେଉଛି ବିରୋଧୀ ଅନ୍ଧକାର ଶକ୍ତିମାନଙ୍କର କୁଚକ୍ର ଆବର୍ତ୍ତର ଆକସ୍ମିକ ଆକ୍ରମଣର ମୁହୂର୍ତ୍ତରେ ଯେ ଯାହା କହେ ଅବା କରେ ସେସବୁକୁ ପ୍ରାଧାନ୍ୟ ଦେବା ଏବଂ ସେଥିରେ କ୍ରୋଧ କରିବା ବା ସେସବୁକୁ ମନେ ରଖିବା ସମ୍ପୂର୍ଣ୍ଣ ନିରର୍ଥକ ଏବଂ କ୍ଷତିକାରକ – କାରଣ ସେମାନେ ପ୍ରାଣିକ ମନର (Vital mind) ଅତିଶୟୋକ୍ତି ଏବଂ ବିକୃତି ଯାହା କୁଣ୍ଡଳୀ ତିଆରି କରି ମୁଣ୍ଡ ଟେକିଥାଏ ଯେତେବେଳେ କି ପ୍ରାଣ ଉତ୍ତେଜନାର ଉତ୍ତାପରେ ଫୁଟୁଥାଏ ଏବଂ ସେମାନଙ୍କୁ ଏଇ ଭାବେ ଗ୍ରହଣ କରାଯାଇ ପାରେନା ଯେ ସେସବୁ ଏମିତି କିଛି ଯାହା ସ୍ୱେଚ୍ଛାରେ କୁହାଯାଇଛି ବା କରାଯାଇଛି । ସେମାନଙ୍କୁ ନିଶ୍ଚିହ୍ନ ହୋଇଯିବାକୁ ଦେବା ଏବଂ ଭୁଲି ଯିବାହିଁ ଭଲ ଯେପରି ସେସବୁ କିଛି କୁହାଯାଇ ନାହିଁ ଅବା କରାଯାଇ ନାହିଁ – ଆଉ ସେମାନଙ୍କୁ ପ୍ରାଧାନ୍ୟ ଦେବା ଅର୍ଥ ହେଉଛି ଅନୁକୂଳ ଅବସ୍ଥା ଦେଖିଲେ ତାଙ୍କର ପ୍ରତ୍ୟାଗମନକୁ ଆହୁରି ମଜଭୁତ ଭାବେ ନିମନ୍ତ୍ରଣ କରିଆଣିବା ।

(୩୦.୧୧.୩୩)

**ସାହାନା :** ଏମିତି ବି ନୁହେଁ ଯେ ମୁଁ କେବେ କିଛି ପାଇଁ ଦୁର୍ବଳତା ଅନୁଭବ କରେନା, କିନ୍ତୁ ଏହା ଦେଖି ମୋତେ

*(ଅବଶିଷ୍ଟାଂଶ ପୃଷ୍ଠା ୩୭ରେ ଦେଖନ୍ତୁ)*

# ନିରାମୟତାର ଶକ୍ତି ସଞ୍ଚାରକ – ମନ୍ତ୍ର

## (୨)

**ସୂର୍ଯ୍ୟକାନ୍ତି ମହାନ୍ତି**

ମନ୍ତ୍ରମାନଙ୍କ ମଧ୍ୟରେ ପ୍ରଥମ ଓ ଶ୍ରେଷ୍ଠତମ ଧ୍ୱନି ହେଉଛି 'ଓଁ' । ଏହା ମହାଜାଗତିକ ଶକ୍ତିର ଧ୍ୱନି, ଯାହା ବିଶ୍ୱର ସମସ୍ତ ଶବ୍ଦକୁ ଏହା ମଧ୍ୟରେ ଧରି ରଖିଥାଏ । ପୁରାଣ ଅନୁଯାୟୀ ଏହି ଶବ୍ଦ ପ୍ରଥମେ ମହର୍ଷି ବିଶ୍ୱାମିତ୍ର ତାଙ୍କର ଧ୍ୟାନ ସମୟରେ ଶୁଣି ପାରିଥିଲେ । 'ଓଁ' ହେଉଛି ପ୍ରାଣଶକ୍ତିର ଆଧାର । ଏହା ସୃଷ୍ଟିର ଓ ଆତ୍ମନ୍‌ର ମଧ୍ୟ ଉତ୍ସ ଅଟେ । ଏହାକୁ ବୀଜମନ୍ତ୍ର ବା ପ୍ରଣବ କୁହାଯାଏ । କାରଣ, 'ଓଁ'କାର ଭୌତିକ ଜଗତର ପ୍ରଥମ ସୃଷ୍ଟି ସମୟର ଧ୍ୱନି ବୋଲି ପରିଚିତ । ନାସା (NASA) ବୈଜ୍ଞାନିକମାନଙ୍କ ମତାନୁଯାୟୀ ସୂର୍ଯ୍ୟଙ୍କ ମଧ୍ୟରୁ ସର୍ବଦା 'ଓଁ'କାର ଧ୍ୱନି ଉଚ୍ଚାରିତ ହେଉଥାଏ ।

ଶ୍ରୀମଦ୍ ଭଗବଦ୍‌ଗୀତାରେ ଶ୍ରୀକୃଷ୍ଣ ତାଙ୍କର ପରମ ସଖା ଅର୍ଜୁନଙ୍କୁ ନିଜର ପରିଚୟ ଦେବାକୁ ଯାଇ କହୁଛନ୍ତି –

''ପିତାହମସ୍ୟ ଜଗତୋ ମାତା ଧାତା ପିତାମହଃ ।
ବେଦ୍ୟଂ ପବିତ୍ରମୋଙ୍କାର ଋକ୍‌ସାମ ଯଜୁରେବ ଚ ॥
– ୯।୧୭

ଅର୍ଥାତ୍, 'ମୁଁ'ହିଁ ଏହି ସମଗ୍ର ଜଗତର ଧାରଣ କର୍ତ୍ତା ଓ କର୍ମଫଳଦାତା, ପିତା, ମାତା, ପିତାମହ, ଜାଣିବାର ଯୋଗ୍ୟ ବସ୍ତୁ, ପବିତ୍ର 'ଓଁ'କାର ତଥା ଋଗ୍‌ବେଦ, ସାମବେଦ ଓ ଯଜୁର୍ବେଦ ଅଟେ ।

ଏଣୁ 'ଓଁ' ଶବ୍ଦ ମହାଜାଗତିକ ଏବଂ ରହସ୍ୟମୟ ଧ୍ୱନି ଭାବରେ ପରିଚିତ । ଏହି ଧ୍ୱନିର ପୌନଃପୁନ୍ୟ (frequency) ହେଉଛି ୭.୮୩ ହାର୍ଜ, ଯାହା ମଣିଷର କର୍ଣ୍ଣ ନିମନ୍ତେ ଅସ୍ପଷ୍ଟ । କାରଣ, ୨୦ ହାର୍ଜରୁ କମ୍ ଶବ୍ଦ ମଣିଷ ଶୁଣିପାରେ ନାହିଁ । ହାର୍ଜର ଅର୍ଥ ପ୍ରତି ସେକେଣ୍ଡରେ ସ୍ପନ୍ଦନର ସଂଖ୍ୟା । ତେବେ ପକ୍ଷୀ, କୁକୁର ଏବଂ ଅନ୍ୟ କେତେକ ପଶୁ ଏହା ଶୁଣିପାରନ୍ତି ।

ପୁନଶ୍ଚ 'ଓଁ' ପୃଥିବୀ ସହିତ ଅନୁନାଦିତ ହୁଏ ୭.୮୩ ହାର୍ଜରେ । ନାସା ମଧ୍ୟ ଆପୋଲୋ ମହାକାଶ ଯାନରେ ୭.୮୩ ହାର୍ଜ ସୃଷ୍ଟି ନିମନ୍ତେ ଜେନେରେଟର୍ ରଖିଥିଲା । ଆଶ୍ଚର୍ଯ୍ୟର କଥା ଯେ, ଗୀଜାରେ ଥିବା ବୃହତ୍ତମ ପିରାମିଡ୍ ମଧ୍ୟରେ ସ୍ଥିର ପୌନଃପୁଣ୍ୟ ହେଉଛି ୬.୮ ହାର୍ଜ । ଯଦିଓ ବର୍ତ୍ତମାନର ଗବେଷକମାନେ ଏହା ଆବିଷ୍କାର କରିଛନ୍ତି ତଥାପି ସେମାନେ ପୂରାପୂରି ଠିକ୍‌ଭାବେ ଜାଣିପାରୁ ନାହାନ୍ତି ପିରାମିଡ୍ ମଧ୍ୟରେ ପୌନଃପୁନ୍ୟର ଏହି ହାର କେଉଁଠାରୁ ଓ କିପରି ଭାବରେ ଆସୁଛି ।

'ଓଁ' ଶବ୍ଦର ଏହି ପୌନଃପୁନ୍ୟ ବ୍ୟବହାର କରି ମଣିଷ ନିଜ ଜୀବନର ଧାରା ପରିବର୍ତ୍ତନ କରିପାରେ । କାରଣ, ଏହି ଶବ୍ଦ ହେଉଛି ପ୍ରାଣଶକ୍ତିର ଆଧାର । ଏହା ପୃଥିବୀର ସମସ୍ତ ଜୀବଜଗତକୁ ଏହି ହାରରେ ଏକ ପ୍ରାକୃତିକ ସ୍ପନ୍ଦନ ମଧ୍ୟରେ ସୁରକ୍ଷା ଦେଇ ଚାଲିଛି । ପୁନଶ୍ଚ 'ଓଁ' ମନ୍ତ୍ର ମଧ୍ୟ ଏହି ହାରରେ ପିନିଅଲ୍ ଗ୍ରନ୍ଥିକୁ କମ୍ପିତ କରୁଥିବାରୁ ଏହା ଶରୀରରେ ସେରୋଟୋନିନ୍ ଓ ମେଲାଟୋନିନ୍ ହରମୋନ୍‌କୁ ସନ୍ତୁଳିତ କରେ । ଏଣୁ ମଣିଷ 'ଓଁ' ଆବୃତ୍ତି କଲେ ତା' ଚତୁଃପାର୍ଶ୍ୱରେ ଏକ ସୁରକ୍ଷାର ବଳୟ ସୃଷ୍ଟି କରି ସମସ୍ତ ପାର୍ଥିବ ଜଗତର ଅନିଷ୍ଟ କାରକ ଶକ୍ତିଠାରୁ ନିଜକୁ ସୁରକ୍ଷିତ ରଖିପାରିବ । 'ଓଁ' ଶବ୍ଦ ହେଉଛି ନିରବତାର ଶବ୍ଦ, ମହାଜାଗତିକ ଶକ୍ତିର ଶବ୍ଦ ଓ ଆଲୋକର ଶବ୍ଦ । ଏହାକୁ ହିନ୍ଦୁଧର୍ମରେ ଏକ ପବିତ୍ର ପ୍ରତୀକ ବୋଲି ଗ୍ରହଣ କରାଯାଏ । ବିଶ୍ୱର ରୂପାନ୍ତର ନିମନ୍ତେ 'ଓଁ'କାର ଧ୍ୱନିରେ ସମସ୍ତ ଶକ୍ତି ନିହିତ ରହିଛି ।

'ଓଁ' ତିନିଟି ଧ୍ୱନିର ସମାହାର । ଏସବୁ ହେଉଛନ୍ତି – ଅ, ଉ, ମ । 'ଅ' ଧ୍ୱନି ମଣିପୁର ଚକ୍ରରେ କମ୍ପନ ସୃଷ୍ଟି କରି କ୍ଷୁଧା ବଢ଼ାଏ ଏବଂ ମେରୁଦଣ୍ଡ ଉପରେ ପ୍ରଭାବ ପକାଏ । ଏହି ଚକ୍ରକୁ ବ୍ରହ୍ମସ୍ଥାନ କୁହାଯାଏ । 'ଉ' ଧ୍ୱନି ଅନାହତ ଚକ୍ରରେ କମ୍ପନ ସୃଷ୍ଟି କରି ଥାଇରଏଡ୍ ଗ୍ରନ୍ଥିରେ ପ୍ରଭାବ ପକାଏ ଏବଂ ହୃତ୍‌ସ୍ପନ୍ଦନକୁ ସନ୍ତୁଳିତ କରେ । ଏହାକୁ ବିଷ୍ଣୁସ୍ଥାନ କୁହାଯାଏ ଏବଂ 'ମ' ଧ୍ୱନି ବିଶୁଦ୍ଧ ଚକ୍ରରେ କମ୍ପନ ସୃଷ୍ଟି କରି ଯେଉଁ ଧ୍ୱନି ସୃଷ୍ଟି କରେ ତାହା ମସ୍ତିଷ୍କକୁ କ୍ରିୟାଶୀଳ କରାଏ । ଏହାକୁ ଶିବସ୍ଥାନ କୁହାଯାଏ । ପୁନଶ୍ଚ, 'ଓଁ' ଚାରିଟି ଅବସ୍ଥାକୁ ସୂଚିତ କରେ । ଯଥା : ଅ – ଜାଗ୍ରତ୍, ଉ – ସ୍ୱପ୍ନ ଓ ମ – ସୁଷୁପ୍ତି ଅବସ୍ଥାକୁ ବୁଝାଏ ଏବଂ 'ଓଁ'କୁ ନିରବତା ମଧ୍ୟ ଆବୃତ କରି ରହିଥାଏ । ଏହାକୁ ଆନନ୍ଦ ଅବସ୍ଥା କୁହାଯାଏ । ଏହି ନିରବତା ଚତୁର୍ଥ

ଅବସ୍ଥାକୁ ସୂଚିତ କରେ । ଆହୁରି ମଧ୍ୟ 'ଅ' ସୂର୍ଯ୍ୟଙ୍କ ସହିତ, 'ଉ' ଚନ୍ଦ୍ରଙ୍କ ସହିତ ଏବଂ 'ମ' ଅଗ୍ନିଙ୍କ ସହିତ ସଂଯୋଜିତ ହୋଇଥାଏ । ପୁନଶ୍ଚ ଏହା ଆଜ୍ଞାଚକ୍ରର ବୀଜମନ୍ତ୍ର ମଧ୍ୟ । ଏହିପରି ଭାବରେ 'ଓଁ' ଶବ୍ଦ ଅନେକ ଗୁପ୍ତ ରହସ୍ୟକୁ ଧାରଣ କରିଛି ।

ବେଦ, ଉପନିଷଦ୍ ଏବଂ ଅନ୍ୟ ହିନ୍ଦୁ ଶାସ୍ତ୍ରମାନଙ୍କରେ ବିଭିନ୍ନ ଅଧ୍ୟାୟର ଆରମ୍ଭ ଓ ଶେଷରେ 'ଓଁ' ଶବ୍ଦର ବ୍ୟବହାର ଦେଖାଯାଏ ।

ପୂଜା, ଯଜ୍ଞ ବା ବ୍ୟକ୍ତିଗତ ପ୍ରାର୍ଥନା ବା ଉତ୍ସବମାନଙ୍କର ପ୍ରାରମ୍ଭ ଓ ଶେଷରେ 'ଓଁ'କାର ଧ୍ୱନିକୁ ଉଚ୍ଚାରଣ କରାଯାଇଥାଏ । ଯୁଗ ଯୁଗ ଧରି ଭାରତୀୟମାନେ ଏହି ଶବ୍ଦ ଆବୃତ୍ତିର ପ୍ରଚଣ୍ଡ ଶକ୍ତି ଉପରେ ବିଶ୍ୱାସ କରି ଆସିଛନ୍ତି । କିଛି ଲୋକଙ୍କ ପାଇଁ ଏହା ଏକ ସାଧାରଣ ଶବ୍ଦ ହୋଇପାରେ, ମାତ୍ର ବିଜ୍ଞାନ ଅନୁଯାୟୀ ଆଧ୍ୟାତ୍ମିକ, ମନସ୍ତାତ୍ତ୍ୱିକ ଓ ଶରୀରର ସୁସ୍ଥତା କ୍ଷେତ୍ରରେ ଏହାର ଯଥେଷ୍ଟ ଉପକାରିତା ଅଛି ।

'ଓଁ'ର 'ମ.....ମ' ଶବ୍ଦ ଅନୁନାସିକ ହେଉଥିବାରୁ ଶରୀରରେ ପ୍ରାକୃତିକ ଭାବରେ ନାଇଟ୍ରିକ୍ ଅକ୍ସାଇଡ (NO) ସୃଷ୍ଟି କରେ । ଏହା ଏପରି ଏକ ଅଣୁ, ଯାହାକୁ ମଣିଷ ଶରୀର ନିଜେ ସୃଷ୍ଟି କରିପାରେ । ଏହା ଶରୀର ପାଇଁ ଅତ୍ୟନ୍ତ ଉପକାରୀ । ଶରୀରର ୫୦ ଟ୍ରିଲିଅନ୍ କୋଷମାନଙ୍କର ପରସ୍ପର ମଧ୍ୟରେ ସମ୍ବାଦ ବିନିମୟ କରିବାରେ ଏହି ଅଣୁ ସହାୟକ ହୋଇଥାଏ । ଏଣୁ ଏହି ଅଣୁକୁ ସଂବାଦବାହକ ଅଣୁ କୁହାଯାଏ । (୧ ଟ୍ରିଲିଅନ୍ = ୧,୦୦୦,୦୦୦,୦୦୦,୦୦୦) ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇ ମସ୍ତିଷ୍କକୁ ଉଦ୍ଦୀପିତ କରିବା ସଙ୍ଗେ ସଙ୍ଗେ ଶରୀରକୁ ସୁସ୍ଥ ରଖେ । ଏ କଥା ଭାରତୀୟ ମହର୍ଷିମାନେ ୮୦୦୦ ବର୍ଷ ପୂର୍ବରୁ ଜାଣିଥିଲେ ।

ସମୟକ୍ରମେ, ପାଶ୍ଚାତ୍ୟ ଦେଶଗୁଡ଼ିକରେ 'ଓଁ'କାର ଉଚ୍ଚାରଣ ଲୋକପ୍ରିୟ ହୋଇପାରିଛି । ଏପରିକି ସେସବୁ ସ୍ଥାନରେ ଏହାକୁ ଧ୍ୟାନର ଏକ ଅଙ୍ଗ ଭାବରେ ଗ୍ରହଣ କରାଯାଉଛି । ପୁରାତନ ଯୁଗର ମୁନିଋଷିଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ଯୋଗାଭ୍ୟାସ କରୁଥିବା ଗୁରୁମାନେ ମଧ୍ୟ ଏହାର ଆରୋଗ୍ୟକାରୀ ଶକ୍ତି ଲାଭ କରିବା ନିମିତ୍ତ ଏହି ସଂସ୍କୃତ ଶବ୍ଦ 'ଓଁ' ଉଚ୍ଚାରଣ କରନ୍ତି । କେତେକ ଦେଶରେ ଏହି 'ଓଁ' ଚିହ୍ନ ପୁରାତନ ମୁଦ୍ରାରେ ଆଞ୍ଚଳିକ ଅକ୍ଷର(Script)ରେ ଲେଖା ହୋଇଥିବାର ଦେଖାଯାଏ । ଶ୍ରୀଲଙ୍କାର ପ୍ରଥମ ଶତାବ୍ଦୀରୁ ଚତୁର୍ଥ ଶତାବ୍ଦୀ ମଧ୍ୟରେ ଅନୁରାଧାପୁର ଅଞ୍ଚଳର ମୁଦ୍ରାରେ ଅନ୍ୟ ପ୍ରତୀକ ସହିତ 'ଓଁ' ଚିହ୍ନ ଦେଖିବାକୁ ମିଳେ । ସେହିପରି ଦକ୍ଷିଣ-ପୂର୍ବ ଏସୀୟ ଦେଶ ଥାଇଲାଣ୍ଡରେ ଏହାକୁ ଅନ୍ୟ ସରକାରୀ ପ୍ରତୀକମାନଙ୍କ ମଧ୍ୟରେ ଏକ ଅଂଶ ବୋଲି ଗ୍ରହଣ କରାଯାଇଛି । କାମ୍ବୋଡ଼ିଆର ସରକାରୀ ସିଲ୍‌ରେ ମଧ୍ୟ 'ଓଁ' ଚିହ୍ନ ଅଛି । ଶିଖମାନଙ୍କର ଧର୍ମପୁସ୍ତକ 'ଗୁରୁଗ୍ରନ୍ଥ ସାହେବ'ରେ 'ଓଁ'କାର ଅଛି, ଯାହା 'ଓଁ' ସହିତ ସମାନ । ତିବ୍ବତୀୟ ବୌଦ୍ଧଧର୍ମରେ ମନ୍ତ୍ରମାନଙ୍କର ଆରମ୍ଭରେ 'ଓଁ'ର ବ୍ୟବହାର ଅଛି, ଯେପରି 'ଓଁ ମଣିପଦ୍ମେ ହମ୍' । ହିନ୍ଦୁ ଧର୍ମରେ ସ୍ୱସ୍ତିକ ଚିହ୍ନ ମଧ୍ୟ 'ଓଁ'କୁ ସୂଚିତ କରେ । ଗାୟତ୍ରୀ ମନ୍ତ୍ରର ଆରମ୍ଭରେ 'ଓଁ' ଅଛି । ପତଞ୍ଜଳି ଯୋଗସୂତ୍ର 'ଓଁ' ସହିତ ସମ୍ପର୍କିତ, ଯେପରି ''ତସ୍ୟ ବାଚକଃ ପ୍ରଣବଃ'' ।

'ଓଁ' ମନ୍ତ୍ର ଆବୃତ୍ତିର ଅତୀବ ବିସ୍ମୟକର ଉପକାରିତା ରହିଛି । ଆଜିକାଲିର ଅତ୍ୟାଧୁନିକ ଜୀବନଧାରାରେ କାର୍ଯ୍ୟବ୍ୟସ୍ତ ମଣିଷ ଯେତେବେଳେ ଜାଣିବ 'ଓଁ' ଆବୃତ୍ତିର ଉପକାରିତା, ହୁଏତ ସେ ନିଜ ଜୀବନରେ ସର୍ବଦା ପ୍ରୟୋଗ କରିବାକୁ ଆରମ୍ଭ କରିବ ।

'ଓଁ' ଆବୃତ୍ତିକୁ ମଣିଷ ନିଜ ପାଇଁ 'ଓଁ ଚିକିତ୍ସା ପ୍ରଣାଳୀ' (Om therapy) ଭାବରେ ଗ୍ରହଣ କରିପାରେ । ଚିକିତ୍ସା ବିଜ୍ଞାନ ଅନୁଯାୟୀ 'ଓଁ' ଆବୃତ୍ତିର ବିଭିନ୍ନ ଉପକାରିତା ନିମ୍ନରେ ପ୍ରଦତ୍ତ ହେଲା ।

**ମାନସିକ ଚାପର ହ୍ରାସ :** ଚିକିତ୍ସା ବିଜ୍ଞାନ ଜାଣିବାକୁ ପାଇଛି ଯେ 'ଓଁ' ଆବୃତ୍ତି ମନର ଅଶାନ୍ତ ଭାବକୁ ଦୂର କରି ଏହାକୁ ସ୍ୱାଭାବିକ ସ୍ତରକୁ ଆଣିଥାଏ । ଏହା ମାନସିକ ଶାନ୍ତି ସହ ପ୍ରଫୁଲ୍ଲତା ମଧ୍ୟ ପ୍ରଦାନ କରିଥାଏ ।

**ଏକାଗ୍ରତା ବୃଦ୍ଧି :** 'ଓଁ' ଆବୃତ୍ତି ସମୟରେ ଜଣେ ପୃଥିବୀଠାରୁ ନିଜକୁ ପୃଥକ୍ ଅନୁଭବ କରିଥାଏ । ଏଣୁ କିଛି ସମୟ ଧରି ଏହା ଆବୃତ୍ତି କଲେ ତା' ମନ ଏହି ସଂସ୍କୃତ ଶବ୍ଦ ଉପରେ କେନ୍ଦ୍ରିତ ହୁଏ । ଫଳରେ ଧୀରେ ଧୀରେ ମନର ଏକାଗ୍ରତା ବୃଦ୍ଧି ପ୍ରାପ୍ତ ହୁଏ ।

**ଚିତ୍ତବୃତ୍ତିର ନିୟନ୍ତ୍ରଣ :** ଯଦି ଜଣେ ସର୍ବଦା କ୍ଳାନ୍ତ ଓ ଅବସନ୍ନ ଅନୁଭବ କରୁଥାଏ, ତା'ହେଲେ ପ୍ରଭାତରେ ଶଯ୍ୟାତ୍ୟାଗ କରିବା ପରେ 'ଓଁ' ଆବୃତ୍ତିକୁ ଅଭ୍ୟାସରେ ପରିଣତ କରିବା ଆବଶ୍ୟକ । ତା'ହେଲେ ସେ ଦିନ ତମାମ

ସତେଜତା ଅନୁଭବ କରିବ । ଏହା ଯେ କେବଳ ସ୍ଫୂର୍ତ୍ତି ପ୍ରଦାନ କରେ ତା' ନୁହେଁ, ଏହା ସହିତ ହରମୋନ୍ କ୍ଷରଣକୁ ମଧ୍ୟ ସନ୍ତୁଳିତ କରେ, ଯାହା ମାନସିକ ସ୍ଥିତିକୁ ଠିକ୍ ରଖେ ।

**ମେରୁଦଣ୍ଡର ଶକ୍ତି :** 'ଓଁ' ଆବୃତ୍ତି ସମୟରେ ଏହାର ପ୍ରଥମ 'ଅ' ଉଚ୍ଚାରଣରେ ଶରୀରରେ ଯେଉଁ କମ୍ପନ ସୃଷ୍ଟି ହୁଏ, ତାହା ମେରୁଦଣ୍ଡରେ ପ୍ରଭାବ ପକାଏ । ଯଦି ଜଣେ ନିୟମିତ ଏହାକୁ ଅଭ୍ୟାସ କରେ, ତା'ହେଲେ ତା' ମେରୁଦଣ୍ଡ ଶକ୍ତିଶାଳୀ ହୁଏ ।

**ଶରୀରର ବିଷାକ୍ତ ପଦାର୍ଥର ନିଷ୍କାସନ :** ଧ୍ୟାନ ବ୍ୟକ୍ତିର ମାନସିକ ଉତ୍ତେଜନା, ଉଦ୍‌ବିଗ୍ନତା ଓ ଅଧୀରତା କମ୍ କରିଥାଏ । ମାତ୍ର ଧ୍ୟାନ ସହ 'ଓଁ' ଆବୃତ୍ତି କଲେ ଏହାର ଶକ୍ତି ଶରୀରର ବିଷାକ୍ତ ପଦାର୍ଥକୁ ନଷ୍ଟ କରି ରକ୍ତ ସଞ୍ଚାଳନକୁ ନିୟମିତ କରାଏ ଏବଂ ଶରୀରକୁ ଅଧିକ ଅମ୍ଳଜାନ ଯୋଗାଇଥାଏ । ଏଣୁ ଅନେକଙ୍କର ବିଶ୍ୱାସ 'ଓଁ' ଆବୃତ୍ତି ଦ୍ୱାରା ଯୌବନାବସ୍ଥାକୁ ଅକ୍ଷତ ରଖିବା ସହ ମ୍ଳାନ ହୋଇ ଆସୁଥିବା ଯୌବନାବସ୍ଥାକୁ ପୁନର୍ବାର ଫେରାଇ ଅଣାଯାଇପାରେ ।

**ହୃତ୍‌ପିଣ୍ଡ ଓ ପାକସ୍ଥଳୀର ଯତ୍ନ :** ନିୟମିତ 'ଓଁ'କାର ରକ୍ତଚାପକୁ ନିୟନ୍ତ୍ରଣ କରେ । 'ଓଁ' ଉଚ୍ଚାରଣ ସମୟରେ ବାହାର ଜଗତର ବିଭିନ୍ନ ଉଦ୍‌ବିଗ୍ନତାରୁ ମନ ବିଚ୍ଛିନ୍ନ ହେଉଥିବାରୁ ଶ୍ୱାସକ୍ରିୟା ସ୍ୱାଭାବିକ ହୁଏ । ଏଣୁ ହୃତ୍‌ପିଣ୍ଡର କାର୍ଯ୍ୟ ମଧ୍ୟ ନିୟମିତ ହୁଏ । ପୁନଶ୍ଚ ହଜମ ପ୍ରକ୍ରିୟା ମଧ୍ୟ ଶକ୍ତିଶାଳୀ ହୁଏ ।

**ସୁନିଦ୍ରା ହେବାରେ ସାହାଯ୍ୟ :** ଆଧୁନିକ ଯୁଗର ବ୍ୟସ୍ତ ଜୀବନରେ କାର୍ଯ୍ୟର ପରିବର୍ତ୍ତିତ ଧାରା ଯୋଗୁଁ ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୁଏ । ମାତ୍ର ନିଦ୍ରା ଯିବା ପୂର୍ବରୁ କିଛି ସମୟ ପାଇଁ ଧ୍ୟାନ ଓ 'ଓଁ'କାର କଲେ ଶାନ୍ତିପୂର୍ଣ୍ଣ ନିଦ୍ରା ହୋଇଥାଏ ।

**ନିଜର ଅନୁଭବ ଶକ୍ତି ଉପରେ ନିୟନ୍ତ୍ରଣ :** ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ଓ ଉତ୍କଣ୍ଠା ପାଇଁ ମଣିଷ କ୍ରୋଧ ଓ ନୈରାଶ୍ୟ ଉପରେ ସଂଯମତା ରକ୍ଷା କରିପାରେ ନାହିଁ । 'ଓଁ'କାର କଲେ ନିଜ ଚେତନାର ଉନ୍ନତି ସହିତ ମନ ଶାନ୍ତ ରହେ । ଫଳରେ ଜୀବନର ଯେକୌଣସି ପରିସ୍ଥିତିର ଉତ୍ତମ ସମାଧାନ କରିପାରେ ଏବଂ ଅନ୍ୟ ପ୍ରତି ସମ୍ବେଦନଶୀଳ ମଧ୍ୟ ହୁଏ ।

**ନକାରାତ୍ମକ ଚିନ୍ତାଧାରାରୁ ମୁକ୍ତି :** ମଣିଷର ମନ ଏପରି ଯେ ତାହା ସର୍ବଦା ନକାରାତ୍ମକ ଚିନ୍ତାଧାରାକୁ ଆକର୍ଷିତ କରିଥାଏ । 'ଓଁ'କାର କଲେ ଜଣେ ଏପରି ଭାବନାରୁ ମୁକ୍ତ ହୁଏ ଏବଂ ମାନସିକ ସ୍ତରରେ ଏହି ସ୍ପନ୍ଦନ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି ମଧ୍ୟ କରାଏ ।

**ପରିବେଶର ଶୁଦ୍ଧତା :** ଜଣେ ବହୁବାର 'ଓଁ'କାର କଲେ, ତା' ଚତୁଃପାର୍ଶ୍ୱର ପରିବେଶ ଶୁଦ୍ଧ ହୁଏ ଏବଂ ଶାନ୍ତ ବାତାବରଣ ସୃଷ୍ଟି ହୁଏ । ଫଳରେ କୌଣସି ଅପ୍ରୀତିକର ଘଟଣା ଘଟେ ନାହିଁ । ସେ ନିଜକୁ ସୁରକ୍ଷିତ ରଖିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ବି ନିରାପତ୍ତା ଯୋଗାଇପାରେ ।

(କ୍ରମଶଃ) ❑

---

*(ପୃଷ୍ଠା ୩୪ର ଅବଶିଷ୍ଟାଂଶ)*

ଖୁବ୍ ଆନନ୍ଦ ଲାଗୁଛି ଯେ ପ୍ରତ୍ୟାଖ୍ୟାନର ଏକ ଦୃଢ଼ତା ଏବଂ ସାହାଯ୍ୟ ନିମନ୍ତେ ତୁମକୁ ଆହ୍ୱାନ କରିପାରିବା, ଏଇ ଦୁଇଟି ଜିନିଷ ମୋତେ କେମିତି ଭାବେ ସାହାଯ୍ୟ କରୁଛି ଦୁର୍ବଳତା ନିକଟରେ ହାର ନମାନିବାକୁ ଏବଂ ଏସବୁ ଦିଗରେ ଏକେବାରେ ମନୋଯୋଗ ନଦେବାକୁ । ମା, ଏହା ଫଳରେ ମୋର ଏହି ଅଭିଜ୍ଞତା ହେଲା ଯେ ''ପ୍ରତ୍ୟାଖ୍ୟାନ ଦ୍ୱାରାହିଁ ପରିବର୍ଜନର ଶକ୍ତି ବୃଦ୍ଧି ହୁଏ'' । (By rejection grows the strength of rejection)

**ଶ୍ରୀଅରବିନ୍ଦଙ୍କ ପତ୍ର :** ହଁ, ତାହାହିଁ ଠିକ୍ । ନିଜ ଉପରେ ପ୍ରତ୍ୟେକ ଜୟଲାଭ ହେଉଛି ଅଧିକ ବିଜୟ ନିମିତ୍ତ ନୂତନ ଶକ୍ତି ଲାଭ କରିବା ।

(୭.୧୨.୩୩)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

# ଗଙ୍ଗାଧର

## (୬)

ଗଙ୍ଗାଧରଙ୍କ ଜୀବନରେ ଥରେ ତୋଫାନ ଉଠିଥିଲା । ଏହା ଥିଲା ସେହି ସମୟ ଯେତେବେଳେ ପ୍ରାୟ ସମସ୍ତେ ଠଉରେଇ ନେଇଥିଲେ ଯେ ଗଙ୍ଗାଧର ପାଗଳ ହୋଇଯାଇଛି, ହୁଏତ ଆଉ ବେଶୀ ଦିନ ବଞ୍ଚିବ ନାହିଁ । ପ୍ରକୃତରେ ତାଙ୍କ ବ୍ୟବହାରରେ କ'ଣ ଯେ ପାଗଳାମି ଥିଲା, ସେ ସମ୍ବନ୍ଧେ କେହି ଜଣେ ହେଲେ ବି ଠିକ୍ ଠିକ୍ ଜବାବ ଦେଇ ପାରୁ ନଥିଲେ । ସେ ପ୍ରାୟ କବାଟ ବନ୍ଦ କରି ଭିତରେ ରହୁଥିଲେ, କିଛି ଖିଆପିଆ କରୁ ନଥିଲେ, ଆଉ ଏଣେ ତେଣେ ଜିନିଷପତ୍ର ଫୋପାଡୁଥିଲେ । ତେଣୁ କେତେକ ଯୁବ-ଛାତ୍ରଙ୍କୁ ତାଙ୍କ ପାଖକୁ ପଠାଗଲା । ସେମାନେ କୌଣସି ପ୍ରକାରେ ତାଙ୍କୁ ପ୍ରବର୍ତ୍ତାଇ କବାଟ ଖୋଲିଲେ ଏବଂ ସେ ନିଜେ ବାହାରକୁ ବାହାରି ଆସିଲେ । ତା'ପରେ ସେ ନିଜକୁ ସେମାନଙ୍କଠାରେ ସମର୍ପି ଦେଇଥିଲେ । ତାଙ୍କୁ ବାଙ୍ଗାଲୋର ପଠାଇ ମାନସିକ-ବିକୃତି-ରୋଗର ଚିକିତ୍ସା କରିବା ସପକ୍ଷରେ କୁଆଡ଼େ ଯଥେଷ୍ଟ ଯୁକ୍ତି ଥିଲା । ଏ ସମ୍ବନ୍ଧେ ଗଙ୍ଗାଧର କିନ୍ତୁ ନିର୍ବିକାର ଥିଲେ ।

ଗଙ୍ଗାଧରଙ୍କ ନିଜସ୍ୱ ଉକ୍ତିରେ : ''୧୯୭୦ରେ ମୋର ମାନସିକ ଗଣ୍ଡଗୋଳ ହୋଇଥିଲା । ମୋ ଉପରେ ସାଂଘାତିକ ଭାବରେ ବିରୋଧିଶକ୍ତିର ଆକ୍ରମଣ ଘଟିଥିଲା । ମୁଁ ମୋ କରାୟତ୍ତରେ ନଥିଲି । ସେତେବେଳେ ଏଠାକାର ବଡ଼ ଡାକ୍ତର, ଅର୍ଥାତ୍ ମାନସିକ-ରୋଗର ବଡ଼ ଚିକିତ୍ସକ କହିଥିଲେ ଯେ ମୁଁ ଏଥିରୁ ତିଷ୍ଠିବି ନାହିଁ; ନିଃସନ୍ଦେହରେ ଏହି ରୋଗରୁ ବଞ୍ଚିଉଠିବା ଅସମ୍ଭବ । ନଚେତ୍ ଯଦି ଠିକ୍ ଠିକ୍ ଚିକିତ୍ସା କରାଯାଏ, ତେବେ ଏଥିରୁ ସମ୍ପୂର୍ଣ୍ଣ ଆରୋଗ୍ୟ ହେବାକୁ ବେଶ୍ କିଛି ବର୍ଷ ଲାଗିଯିବ । ମୋର ସେତେବେଳେ କିଛି ଖାଇବାକୁ ଆଦୌ ଇଚ୍ଛା ହେଉ ନଥିଲା ।... ଶ୍ରୀମା ମୋ ସମ୍ପର୍କରେ ଶୁଣି ଅନ୍ୟମାନଙ୍କୁ କହିଲେ, 'ନା, ତା'ର ମୃତ୍ୟୁ ହେବ ନାହିଁ । ତୁମେମାନେ ତାଙ୍କୁ ବାଙ୍ଗାଲୋର ହସ୍‌ପିଟାଲ୍ ପଠାଇ ଉପଯୁକ୍ତ ଭାବରେ ଚିକିତ୍ସାର ବନ୍ଦୋବସ୍ତ କର ।' (ସେତେବେଳେ 'ଜିପ୍‌ମେର' ହସ୍‌ପିଟାଲ୍ ଆରମ୍ଭ ହୋଇଛି ମାତ୍ର, ୧୯୬୪ରେ) ଶ୍ରୀମା ମୋ ସହିତ ମୋର ଜଣେ ଆତ୍ମୀୟଙ୍କୁ ପଠାଇଲେ ।... ମୁଁ ସେଠାକୁ ଯିବାବେଳେ ମୋର ଚେତା ନଥିଲା, ତେଣୁ କିଛି ବି ଜାଣିପାରି ନଥିଲି । ଦଶ, ପନ୍ଦର ଦିନ ବିଭିନ୍ନ ଚିକିତ୍ସା କରାଯାଇ ଶେଷରେ ମୋତେ ଇଲେକ୍‌ଟ୍ରିକ୍ ସକ୍ ଚିକିତ୍ସା କରାଯାଇଥିଲା । ଧୀରେ ଧୀରେ ମୁଁ ସାଧାରଣ ଅବସ୍ଥାକୁ ଫେରି ଆସିଲି ।''

ଏହି ନାଟକର ପରବର୍ତ୍ତୀ ଘଟଣାଟି ବେଶ୍ ଚମକପ୍ରଦ ଥିଲା । ହସ୍‌ପିଟାଲ୍‌ରେ ଯେତେବେଳେ ଗଙ୍ଗାଧରଙ୍କର ସଂଜ୍ଞା ଆସିଲା, ସେ ସେଠାରେ ଆଦୌ ଖୁସୀ ନଥିଲେ । ପାଗଳାଖାନାର ବିକୃତ ଆବହାଉଆରେ ସେ ଅଣନିଃଶ୍ୱାସୀ ହୋଇ ଉଠୁଥିଲେ । କିନ୍ତୁ ନିଜକୁ କୌଣସି ପ୍ରକାରେ ଟିକିଏ ଖାପଖୁଆଇ ନେଇସାରିବା ପରେ ପରେ ସେ ଲକ୍ଷ୍ୟ କଲେ ଯେ ନିତି ରାତି ବାରଟାରେ ବା ବାରଟା ପରେ ଜଣେ ନର୍ସ (ଗଙ୍ଗାଧରଙ୍କ ଉକ୍ତିରେ ଜଣେ ମୁଖ୍ୟ ନର୍ସ), ଅତି ମଧୁର, ସ୍ନେହଶୀଳା ଓ ଦୟାଳୁ ସ୍ୱଭାବର, ତାଙ୍କ ପାଖକୁ ଆସୁଛନ୍ତି ଏବଂ ଅତି ଯତ୍ନର ସହିତ ତାଙ୍କ ସେବା-ଶୁଶ୍ରୂଷା କରୁଛନ୍ତି । ଧାତ୍ରୀ (ନର୍ସ) ଜଣଙ୍କ ସାଥିରେ ଆଣିଥା'ନ୍ତି ଗରମ ଗରମ କଫି ସହିତ ବିସ୍କୁଟ । ତାଙ୍କ ପାଖକୁ ଆସି ତାଙ୍କୁ ନିଦରୁ ଉଠାନ୍ତି, ସ୍ନାନାଗାରକୁ ନେଇଯାନ୍ତି, ଭଲ କରି ସ୍ନାନ କରାଇ ଦିଅନ୍ତି, ତା'ପରେ ତାଙ୍କୁ ତାଙ୍କ ଶେଯରେ ବସାଇ କଫି-ବିସ୍କୁଟ ଦିଅନ୍ତି । ସେ ଲକ୍ଷ୍ୟ କଲେ ଧାତ୍ରୀ-ମା କେଡ଼େ ଆପଣାର ହୋଇ କଥାବାର୍ତ୍ତା କରୁଛନ୍ତି । ତାଙ୍କର ଦରଦୀ କଥା, ସାହଚର୍ଯ୍ୟ ଓ ସହାନୁଭୂତିରେ ଗଙ୍ଗାଧରଙ୍କର ଚିତ୍ତବୃତ୍ତି, ସ୍ନାୟୁତନ୍ତ୍ରୀ ଓ ସମଗ୍ର ଶରୀରଟିରେ ଏକ ଅପରୂପ ଶାନ୍ତି ଓ ଉପଶମର ତୀବ୍ର ଅନୁଭୂତି ସ୍ପନ୍ଦିତ ହୋଇଉଠୁଛି । ସେ ବାର ବାର ତାଙ୍କୁ ତାଙ୍କର ଆସନ୍ନ ବିପଦାବସ୍ଥାରୁ ନିଶ୍ଚିତରୂପେ ଆରୋଗ୍ୟ ହୋଇଯିବେ — ଏ ସମ୍ବନ୍ଧେ ସଚେତ କରାଇ ଦେଉଛନ୍ତି ।... ଶେଷରେ ଏମିତି ହେଲା ଯେ ରାତି ବାରଟା ହେଲେ ଗଙ୍ଗାଧର ଅତି ଉତ୍କଣ୍ଠାର ସହିତ ତାଙ୍କର ଆଗମନକୁ ଅପେକ୍ଷା କରିବାକୁ ଲାଗିଲେ । ଏମିତି ମାସେ ଖଣ୍ଡେ ଚାଲିଲା, ନିୟମିତ । ତା'ପରେ ଧାତ୍ରୀ-ମା ତାଙ୍କୁ କହିଲେ, 'ତୁମେ କାଲିଠୁ ନିତି ଦୁଇ ଥର ପଇଡ଼-ପାଣି ପିଇବ, ସକାଳେ ଓ ସନ୍ଧ୍ୟାରେ । ଏହା ତୁମକୁ ଶୀଘ୍ର ଆରୋଗ୍ୟ କରାଇବ ।' ସେଇଠୁ ଗଙ୍ଗାଧର କହିଉଠିଲେ, 'ମାଆ, ପଇସା !' ଧାତ୍ରୀ-ମା ତାଙ୍କ ହାତରେ ସପ୍ତାହକ ପାଇଁ

ପଇସା ଗୁଞ୍ଜି ଦେଇ ମନ୍ଦହାସ୍ୟରେ ବିଦାୟ ନେଲେ । ଏହାର ଦୁଇ, ତିନି ଦିନ ପରେ ଗଙ୍ଗାଧର ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହୋଇଉଠିଲେ ।

ଡାକ୍ତରମାନେ ଓ ହସ୍‌ପିଟାଲ୍‌ର ଅନ୍ୟ ସଦସ୍ୟଗଣ ଆଶ୍ଚର୍ଯ୍ୟ ହୋଇଉଠିଲେ : 'ଏହା କେମିତି ସମ୍ଭବ ହେଲା ? ଡାକ୍ତରୀ-ମତରେ ଏହି ରୋଗ ଭଲ ହେବାକୁ ଅତି କମ୍‌ରେ ଦୁଇ ବର୍ଷ ଲାଗିଥାଏ; କିନ୍ତୁ ଦୁଇ ମାସ ନ ପୂରୁଣୁ ଏହା କେମିତି ସମ୍ଭବ ହେଲା ?'

ଆରୋଗ୍ୟ ଲାଭ କରିବା ପରେ ଗଙ୍ଗାଧରଙ୍କୁ ସେଠାରେ ଆଉ ମୁହୂର୍ତ୍ତେ ମାତ୍ର ରହିବାକୁ ଇଚ୍ଛା ହେଉ ନଥିଲା । ସେ ମୁହଁଖୋଲି କିଛି କହିବା ପୂର୍ବରୁ ଡାକ୍ତରମାନେ ମଧ ତାଙ୍କୁ ଘରକୁ ଅର୍ଥାତ୍ ପଣ୍ଡିଚେରୀକୁ ପଠାଇ ଦେବାର ବନ୍ଦୋବସ୍ତ କରି ଦେଇଥିଲେ । ତତ୍‌କ୍ଷଣାତ୍ ପଣ୍ଡିଚେରୀରୁ ଅର୍ଥାତ୍ ଆଶ୍ରମରୁ କେତେଜଣ ସେଠାରେ ପହଞ୍ଚି ସାରିଥିଲେ ।

ଏବେ ପଣ୍ଡିଚେରୀକୁ ଫେରି ଆସିବାର ଏବଂ ହସ୍‌ପିଟାଲ୍‌ରୁ ବିଦାୟ-ବେଳାର ମୁହୂର୍ତ୍ତ ଉପସ୍ଥିତ ହେଲା । ଗଙ୍ଗାଧର ତାଙ୍କ ଆତ୍ମୀୟ ଓ ଆଶ୍ରମରୁ ଯାଇଥିବା ବନ୍ଧୁମାନଙ୍କ ସହିତ ପଣ୍ଡିଚେରୀ ଫେରିବେ । କିନ୍ତୁ ଫେରିବା ପୂର୍ବରୁ ସେହି ଧାତ୍ରୀ-ମା'ଙ୍କୁ ହୃଦୟଭରା କୃତଜ୍ଞତା ନଜଣାଇ କେମିତି ଫେରିବେ ? ସେହି ଶୁଭ୍ରବସ୍ତ୍ର ପରିହିତା ଦେବୀଟିଏ, ପରୀଟିଏ ! ଥରେ ତ ଦେଖା କରି ଘରକୁ ଫେରିବେ ! ତାଙ୍କ ଅନ୍ତରରେ ପ୍ରବଳ ଇଚ୍ଛା ତାଙ୍କୁ ଥରଟିଏ ପଣ୍ଡିଚେରୀ ନେଇ ଆସିବେ, ଯଦି ସମ୍ଭବ ଏବେ ନିଜ ସାଥିରେ ଏବଂ ତାଙ୍କୁ ଶ୍ରୀମା'ଙ୍କର ଦର୍ଶନ କରାଇଦେବେ । ସେ ହସ୍‌ପିଟାଲ୍‌ର କର୍ତ୍ତୃପକ୍ଷଙ୍କୁ ସାକ୍ଷାତ୍ କରି ସମସ୍ତ କଥା କହିଲେ ଏବଂ ଧାତ୍ରୀଙ୍କର ବର୍ଣ୍ଣନା ଦେଲେ । କର୍ତ୍ତୃପକ୍ଷଙ୍କ ସହାୟତାରେ ସେ ହସ୍‌ପିଟାଲ୍‌ର ସିନିଅର ନର୍ସମାନଙ୍କ ଭିତରୁ ତାଙ୍କର ଧାତ୍ରୀ-ମା'ଙ୍କୁ ଚିହ୍ନଟ କଲେ । ବାସ୍, ଏତେ ପର୍ଯ୍ୟନ୍ତ ସବୁ ଠିକ୍ ଠିକ୍ ଚାଲିଥିଲା । କିନ୍ତୁ ଠିକ୍ ପରମୁହୂର୍ତ୍ତରେ ଏକ ସମସ୍ୟା, ବେଶ୍ ବଡ଼ ସମସ୍ୟା ଦେଖାଦେଲା, ଏକ ରହସ୍ୟ ଉପୁଜିଲା ।...

ଗଙ୍ଗାଧର ତାଙ୍କ ଧାତ୍ରୀ-ମା'ଙ୍କୁ ଦେଖି ହୃଦୟଭରା କୃତଜ୍ଞତାରେ କହିଉଠିଲେ, 'ମା, ଆପଣଙ୍କ ସାହାଯ୍ୟ ମୁଁ ଜୀବନରେ କେବେ ବି ଭୁଲି ପାରିବି ନାହିଁ । ନିତି କେବଳ ଦିନରେ ନୁହେଁ, ରାତିରେ ମଧ କେଡ଼େ ଯତ୍ନର ସହିତ ମୋର ସେବା-ଶୁଶ୍ରୂଷା କରିଛନ୍ତି, ମୋତେ ଗାଧୋଇ-ପାଧୋଇ ଗରମ ଗରମ କଫି-ବିସ୍କୁଟ ଖୁଆଇଛନ୍ତି, ମୋତେ ପଇଡ଼ପାଣି ପିଇବା ପାଇଁ ପଇସା ବି ଦେଇଛନ୍ତି... ମୁଁ ଆପଣଙ୍କୁ କେବେ ହେଲେ ଭୁଲି ପାରିବି ନାହିଁ ... !'

ଗଙ୍ଗାଧରଙ୍କର ହୃଦୟଭରା କଥାରେ ଅଚାନକ ବାଧା ଦେଇ ସେଇ ନର୍ସ ଜଣଙ୍କ ଆଶ୍ଚର୍ଯ୍ୟ ହୋଇ, କିଞ୍ଚିତ୍ ପରିହାସ ମିଶା କ୍ରୋଧରେ କହିଉଠିଲେ : 'ମୁଁ ତୁମ ପାଖକୁ ନିତି ରାତିରେ ଯାଉଥିଲି ! ଅସମ୍ଭବ ! ମୁଁ କେବେ ବି ତୁମ ପାଖକୁ ରାତିରେ ଯାଇ ନାହିଁ ! କ'ଣ ପାଇଁ ମୁଁ ତୁମ ପାଖକୁ ରାତିରେ ଯିବି ।' କର୍ତ୍ତୃପକ୍ଷଙ୍କୁ ଲକ୍ଷ୍ୟ କରି ନର୍ସ ଜଣଙ୍କ କହିଉଠିଲେ, 'ସାର୍, ମୁଁ ତ ଅନେକ ଦିନ ଛୁଟିରେ ଥିଲି, ଏଇ ମାତ୍ର କାମରେ ଯୋଗ ଦେଇଛି ! ତା'ଛଡ଼ା, ଆପଣ ବିଶ୍ୱାସ କରନ୍ତୁ ସାର୍, ମୁଁ ଏଇ ରୋଗୀଙ୍କ ପାଖକୁ ଆଦୌ ଯାଇ ନାହିଁ ।'

କିନ୍ତୁ ଗଙ୍ଗାଧର ନିଜର ସରଳ ବିବୃତିରେ ଏକେବାରେ ଦୃଢ଼ନିଶ୍ଚିତ ଥିଲେ ଏବଂ ତାଙ୍କୁ ସ୍ୱଚକ୍ଷୁରେ ମାସେ ହେବ ନିତି ରାତିରେ ତାଙ୍କ ସାମନାରେ ଦେଖିଛନ୍ତି ବୋଲି ଜୋର୍ ଦେଇ କର୍ତ୍ତୃପକ୍ଷଙ୍କୁ ସବିନୟରେ ଜଣାଇଲେ । ଏବଂ ସବିନୟରେ ଯୋଡ଼ ହସ୍ତରେ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କଲେ ଯେ ସେ ଯେମିତି ଏଇ ଧାତ୍ରୀ-ମା'ଙ୍କୁ ଥରେ ମାତ୍ର ସେମାନଙ୍କ (ଅର୍ଥାତ୍ ତାଙ୍କ ଆତ୍ମୀୟ ଇତ୍ୟାଦିଙ୍କ) ସହିତ ପଣ୍ଡିଚେରୀ ଯିବାକୁ ଅନୁମତି ଦିଅନ୍ତୁ ।...

ଏଥିରୁ ସହଜରେ ଅନୁମେୟ ସମସ୍ତଙ୍କ ସାମନାରେ ସେହି ସିନିଅର୍ ନର୍ସଙ୍କର କି ଅପ୍ରୀତିକର ଅବସ୍ଥା ! ସେ ଅନନ୍ୟୋପାୟ ହୋଇ ଜୋର୍ ଦେଇ କର୍ତ୍ତୃପକ୍ଷଙ୍କୁ କହିଉଠିଲେ, 'ସାର୍, ମୁଁ କେବେ ବି ଏହି ରୋଗୀଙ୍କର ସେବା ଶୁଶ୍ରୂଷା କରି ନାହିଁ ଆଉ ମୁଁ ପଣ୍ଡିଚେରୀ ଯିବାକୁ ବି ଆଦୌ ଚାହେଁ ନାହିଁ । ମୋତେ କ୍ଷମା କରିବେ, ସାର୍ !' ଏହା କହି ସେ ନିଜ କର୍ମକ୍ଷେତ୍ରକୁ ଚାଲିଗଲେ ।

ଉପସ୍ଥିତ ପରିସ୍ଥିତି ଲକ୍ଷ୍ୟ କରି ହସ୍‌ପିଟାଲ୍‌ର କର୍ତ୍ତୃପକ୍ଷ, ଚିକିତ୍ସା କରୁଥିବା ଡାକ୍ତରମାନେ ଏବଂ ପଣ୍ଡିଚେରୀରୁ ଯାଇଥିବା ବ୍ୟକ୍ତିଗଣ – ସମସ୍ତେ ଏକସଙ୍ଗରେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ଗଙ୍ଗାଧରଙ୍କର ପୁଣି ପାଗଳାମି ବାହାରିଛି । କିନ୍ତୁ ବର୍ତ୍ତମାନ ସକାଶେ ଗଙ୍ଗାଧର, ଅନ୍ତତଃ କିଛି ଦିନ ପାଇଁ ପଣ୍ଡିଚେରୀ ଯାଆନ୍ତୁ ।

ସୌଭାଗ୍ୟବଶତଃ, ଗଙ୍ଗାଧର କୌଣସି ପ୍ରକାରେ ଉପସ୍ଥିତ ପରିସ୍ଥିତି ସମ୍ବନ୍ଧେ ବୁଝିଲେ ଏବଂ ନିଜକୁ ସମ୍ଭାଳି ନେଲେ ଏବଂ ବନ୍ଧୁମାନଙ୍କ ସହିତ ପଣ୍ଡିଚେରୀ ଫେରିଲେ । ସେ

ଫେରିଲେ, କିନ୍ତୁ ଭିତରେ ଭିତରେ ତାଙ୍କର ଏକ ଅବସୋସ ରହିଗଲା ଯେ ସେ ତାଙ୍କର ସେହି ଦେବୀପ୍ରତିମ 'ପରୀ' ଧାତ୍ରୀ-ମା'ଙ୍କୁ ତାଙ୍କର ସେବା ବଦଳରେ କିଛି ବି ପରିଶୋଧ କରିପାରିଲେ ନାହିଁ, ତାଙ୍କ ସହିତ ଭଲ କରି ପଦେ ବି କଥା କହିପାରିଲେ ନାହିଁ; ସେ ବେଶ୍ ହତାଶ ହୋଇ ଘରକୁ ଫେରୁ ଫେରୁ ସ୍ମରଣ ମାତ୍ରେ ସେହି ନର୍ସଙ୍କର ତୀବ୍ର ପ୍ରତିବାଦରେ ସେ ହତବୁଦ୍ଧି ହୋଇ ଉଠୁଥିଲେ, ତାଙ୍କୁ ସମସ୍ତ କଥା ଏକ ପ୍ରହେଳିକା ସଦୃଶ ଲାଗୁଥିଲା ।...

ପଣ୍ଡିଚେରୀରେ ଆସି ପହଞ୍ଚିବା ମାତ୍ରେହିଁ ତାଙ୍କୁ ପ୍ରଥମେ ପଇଡ଼ପାଣି ପିଇବାକୁ ଦିଆଗଲା । ସେ ଜାଣିବାକୁ ପାଇଲେ ଯେ ମା ତାଙ୍କ ସକାଶେ ନିତି ଦୁଇଟି ପଇଡ଼ର ଅନୁମୋଦନ କରିଛନ୍ତି । ଗଙ୍ଗାଧର ଏ ଖବର ପାଇବା ମାତ୍ରେ ଆଉ ନିଜକୁ ସମ୍ଭାଳି ନପାରି ମା'ଙ୍କୁ ଦର୍ଶନ କରିବା ପାଇଁ ଅନୁମତି ଚାହିଁଲେ । ଅନୁମତି ମିଳିଲା ।

ସେ ମା'ଙ୍କ ପାଖରେ ନତଜାନୁ ହୋଇ ଆଦ୍ୟପ୍ରାନ୍ତ ସମସ୍ତ କଥା, ତାଙ୍କର ପ୍ରହେଳିକା, ତାଙ୍କର ଦୁଃଖବେଦନା, ସବୁ ବଖାଣି ଅଜାଡ଼ି ଦେଲେ । ମା ମନ୍ଦହାସ୍ୟରେ ସେହି 'ରହସ୍ୟ'ର ପରଦାଟିକୁ ଅପସରାଇ ଦେଲେ : ''ମୋର ଶିଶୁ, ସେହି ନର୍ସ ନୁହେଁ, ମୁଁ ନିଜେହିଁ ନିତି ରାତିରେ ତୁମ ପାଖକୁ ଯାଉଥିଲି, ତୁମର ଯନ୍ତ୍ରଣାଦାୟକ ମାନସିକ ଉତ୍ତେଜନାର ଉପଶମ କରାଉଥିଲି ।''

କେବଳ ମା'ହିଁ ଜାଣିଥିଲେ ଗଙ୍ଗାଧରଙ୍କର ପ୍ରକୃତ ବିପଦର ଅବସ୍ଥା ଓ ସ୍ଥିତି ଏବଂ ତେଣୁ ସେହିଁ ତାଙ୍କୁ ସେଥିରୁ ରକ୍ଷା କରୁଥିଲେ, ଉଦ୍ଧାର କରୁଥିଲେ ।

୧୯୮୨ରେ ଗଙ୍ଗାଧରଙ୍କ ସହିତ ସାକ୍ଷାତ୍‌କାର କରୁଥିବା ଆଶ୍ରମବାସୀଙ୍କୁ ଉପରୋକ୍ତ କଥା ବର୍ଣ୍ଣନା କରି କହୁଥିବା ବେଳେ ସେ ଶେଷରେ ଏହି କଥା କହିଥିଲେ, ''ଦେଖନ୍ତୁ, ମା ସଶରୀରରେ ହସ୍‌ପିଟାଲକୁ ଯାଇ ମୋର ସେବାଶୁଶ୍ରୂଷା କରିଥିଲେ । ଏହା ଯେ ସେ କେବଳ ମୋ ପାଇଁ କରିଥିଲେ, ତା' ନୁହେଁ । ମା ଏମିତି ତାଙ୍କର ଅଗଣିତ ସନ୍ତାନଙ୍କ ସକାଶେ କରନ୍ତି । ଆମ ସମସ୍ତଙ୍କର ବିପଦ-ଆପଦରେ ଏକମାତ୍ର ସେହିଁ ଆମର ସାହା, ଭରସା । ଆମକୁ କେବଳ ଆମ ଅନ୍ତରରେ ତାଙ୍କ ଉପରେ ବିଶ୍ୱାସ ରଖିବାକୁ ହେବ; ଆମର ବିଶ୍ୱାସ, ଭକ୍ତି, ଶ୍ରଦ୍ଧା ରହିବା ଉଚିତ । ଯଦି ଆମ ଭିତରେ ସନ୍ଦେହ ରହିଥିବ, ସେ ଆମକୁ କେମିତି ସାହାଯ୍ୟ କରିବେ ?''

*

ସାଧନା-ପଥରେ ଶକ୍ତିଶାଳୀ ବିରୋଧିଶକ୍ତିସବୁ କେବେ କେବେ ଦୁର୍ବଳ ଆଧାରକୁ ବା ସରଳ ପ୍ରକୃତିର ଅମାୟିକ ଆଧାରକୁ ତୀବ୍ର ଭାବରେ ଆକ୍ରମଣ କରି ସାଧକକୁ ଏକେବାରେ କାବୁ କରି ନେଇଥା'ନ୍ତି । ଭଗବତ୍ କୃପାହିଁ ଏ କ୍ଷେତ୍ରରେ ସାଧକର ଏକମାତ୍ର ତ୍ରାଣକର୍ତ୍ତା । ଗଙ୍ଗାଧରଙ୍କ କ୍ଷେତ୍ରରେ ମା'ଙ୍କର ଅହେତୁକୀ କୃପାରୁ, ବିରୋଧିଶକ୍ତି ତାଙ୍କ ଚିତ୍ତବୃତ୍ତିକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିବାକୁ ସକ୍ଷମ ହୋଇପାରି ନଥିଲା । ଟିକିଏ ଆରୋଗ୍ୟ ହୋଇଉଠିବା ମାତ୍ରେ ତାଙ୍କର ଏକମାତ୍ର ଦୁଃସ୍ୱପ୍ନ ଯାହା ତାଙ୍କୁ ଅବିରତ ଘାରୁଥିଲା, ସେଇଟି ପ୍ରଥମ କରି ତାଙ୍କର ପଡ଼ୋଶୀ ମନୋଜ ଦାସଗୁପ୍ତଙ୍କୁ ଦେଖିବା ମାତ୍ରେ ତାଙ୍କ ତୁଣ୍ଡରୁ ଉଚ୍ଚାରିତ ହୋଇଥିଲା : ''ଭାଇ, ମୋର ପାଗଳାମି ବେଳେ ମୁଁ କେବେ ମା'ଙ୍କ ସମ୍ବନ୍ଧେ ବା ଗୁରୁଦେବଙ୍କ ସମ୍ବନ୍ଧେ କିଛି ଅପ୍ରୀତିକର କଥା ଉଚ୍ଚାରଣ କରିଥିଲି କି ?''

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

ତୁମ ମଧ୍ୟସ୍ଥ ବିଶ୍ୱାସକୁ ଦୋହଲାଇ ଦେବା ଲାଗି କୌଣସି ବାହ୍ୟ ପରିସ୍ଥିତିକୁ ଅନୁମତି ଦିଅ ନାହିଁ; କାରଣ ପଥ ମଧ୍ୟରେ ଯାତ୍ରା ଲାଗି ଓ ଲକ୍ଷ୍ୟରେ ଉପନୀତ ହେବା ଲାଗି ଏହି ବିଶ୍ୱାସଠାରୁ ଅଧିକ ଶକ୍ତି କେହି ଯୋଗାଇ ଦେଇ ନ ଥାଏ । ଜ୍ଞାନ ଓ ତପସ୍ୟା, ସେମାନଙ୍କର ସାମର୍ଥ୍ୟ ଯାହା ବି ହେଉ ନା କାହିଁକି, ଭାର ସମ୍ଭାଳିବା ନିମନ୍ତେ ତାହା ଅପେକ୍ଷାକୃତ କମ୍ ସମର୍ଥ – ଯାତ୍ରା ନିମନ୍ତେ ବିଶ୍ୱାସ ହେଉଛି ସର୍ବଶ୍ରେଷ୍ଠ ସହାୟକ ଦଣ୍ଡ ।

– ଶ୍ରୀଅରବିନ୍ଦ

# ଆମ ସ୍ୱାସ୍ଥ୍ୟ

## (୨୬)

## ଭୋଳେଶ୍ୱର ଭୂୟାଁ

### ଉପସଂହାର

ଆମେ ଆମ ସ୍ୱାସ୍ଥ୍ୟର ଯାତ୍ରା ପଥରେ ଏହାର ଅନ୍ତିମ ଚରଣରେ ପହଞ୍ଚି ସାରିଛୁ । ବ୍ୟାୟାମ, ଆସନ, ପ୍ରାଣାୟାମ ତଥା ଅନ୍ୟ ଉପାୟ ମାଧ୍ୟମରେ ଆମ ଶରୀରର ପୂର୍ଣ୍ଣତା ପାଇଁ ପ୍ରୟାସ କରି ଆସିଛୁ । ଶରୀର ପାଇଁ କେବଳ ସ୍ୱାସ୍ଥ୍ୟ ଲାଭ ହେଲେ ତାହା ଯଥେଷ୍ଟ ନୁହେଁ । ଏହାର ପୂର୍ଣ୍ଣାଙ୍ଗ ପୂର୍ଣ୍ଣତାହିଁ ତାକୁ ଅତିମାନସ ଶକ୍ତିକୁ ଧାରଣ କରିବା ପାଇଁ ସକ୍ଷମ କରିବ । ଏବଂ ଶରୀର ରୂପାନ୍ତରର ପଥରେ ଉପନୀତ କରିବ । ଏହି ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ଆଣିବା ପାଇଁ ଏହାର କଠିନତା ଓ ଆମକୁ କ'ଣ କରିବାକୁ ହେବ – ସେ ବିଷୟରେ ମା କହୁଛନ୍ତି :

''ପୂର୍ଣ୍ଣତା ଓ ଅପୂର୍ଣ୍ଣତା ସର୍ବଦା ଏକ ସଙ୍ଗରେ ବାସ କରନ୍ତି । ଗୋଟିକ ପରେ ଗୋଟିଏ ନୁହେଁ, କିନ୍ତୁ ଏକ ସମୟରେ ଏକ ସ୍ଥାନରେ । (ମା ଦୁଇ ହାତକୁ ଏକ ସଙ୍ଗରେ ଚାପ ଦେଲେ) ଏକ ସଙ୍ଗରେ ବାସ କରିବାକୁ କିପରି କୁହାଯିବ ତାହା ମୁଁ ଜାଣେନି, ଅର୍ଥାତ୍ କୌଣସି ଏକ ମୁହୂର୍ତ୍ତରେ ଯେକୌଣସି ପରିସ୍ଥିତିରେ ତୁମେ ପୂର୍ଣ୍ଣତା ପ୍ରାପ୍ତ କରିଥାଅ । ଏଥିପାଇଁ ଏହାକୁ (ପୂର୍ଣ୍ଣତାକୁ) ଅଗ୍ରଗତିର ମାଧ୍ୟମରେ ଅଳ୍ପ ଅଳ୍ପ କରି ଲାଭ କରାଯାଇ ନଥାଏ । ପୂର୍ଣ୍ଣତା ଆଗରୁ ରହିଛି, ତୁମକୁ କେବଳ ଅପୂର୍ଣ୍ଣତାର ଅବସ୍ଥାରୁ ପୂର୍ଣ୍ଣତାର ଅବସ୍ଥାକୁ ବଦଳ କରିବାକୁ ପଡ଼ିବ ଏବଂ ଏହି ପୂର୍ଣ୍ଣତାର ଅବସ୍ଥାରେ ବାସ କରିବାର କ୍ଷମତାକୁ ତୁମକୁ ବଢ଼ାଇବାକୁ ପଡ଼ିବ କୌଣସି କାରଣରୁ ଏବଂ ଏହା ତୁମକୁ 'ପ୍ରସ୍ତୁତ କରିବା' ବା 'ରୂପାନ୍ତର କରିବାର' ଅନୁଭୂତି ପ୍ରଦାନ କରିବ ।''

(*The Mother's Yoga*, Part - 1, P. 264)

ମା ପରେ କହୁଛନ୍ତି : ''ଯେତେବେଳେ ସତ୍ୟ ଅଭିବ୍ୟକ୍ତ ହୁଏ ସେତେବେଳେ ମିଥ୍ୟାର ପ୍ରକମ୍ପ ଅଦୃଶ୍ୟ ହୋଇଥାଏ ।''

(*The Mother's Yoga*, Part - 1, P. 265)

ମା ସତ୍ୟ ଓ ମିଥ୍ୟା ବିଷୟରେ ମଧ୍ୟ ସମାନ କଥା କହୁଛନ୍ତି : ''ଏହା ପୁଣି ସମାନ କଥା : ସତ୍ୟ ରହିଛି, ମିଥ୍ୟା ରହିଛି; ପୂର୍ଣ୍ଣତା ରହିଛି, ଅପୂର୍ଣ୍ଣତା ରହିଛି; ସେମାନେ ଏକ ସଙ୍ଗରେ ବାସ କରନ୍ତି ଏକ ସ୍ଥାନରେ – ତୁମେ ଯେଉଁ ମୁହୂର୍ତ୍ତରେ ପୂର୍ଣ୍ଣତାକୁ ଅନୁଭବ କର ସେତେବେଳେ ଅପୂର୍ଣ୍ଣତା ଅପସରି ଯାଇଥାଏ – ମାୟା ଅଦୃଶ୍ୟ ହୋଇଥାଏ ।''

ଏହି ଯେଉଁ ଚେତନାର ଅବସ୍ଥା ବଦଳ କରିବା କଥା ମା କହୁଛନ୍ତି – ତାହା ମନ ଚେତନା ନୁହେଁ ବା ପ୍ରାଣ ଚେତନା ନୁହେଁ – ଏହା ହେଲା ପ୍ରତ୍ୟେକ ଶରୀର-କୋଷର ଚେତନାର ଅବସ୍ଥା । ଶରୀର କୋଷର ମନ । ଆମ ଶରୀର କୋଷରେ ଅର୍ଥାତ୍ ଆମ ଶରୀରରେ ପ୍ରକୃତିହିଁ ସ୍ୱତଃସ୍ଫୂର୍ତ୍ତଭାବେ କାମ କରି ଚାଲିଛି । ଏହି ସବୁ ଶରୀର କୋଷ ମନ, ପ୍ରାଣ ଓ ପ୍ରକୃତିର ବିକୃତ ଚେତନା ଦ୍ୱାରା ପରିଚାଳିତ ହୁଅନ୍ତି । ଯଦି ଏହିସବୁ ଶରୀର କୋଷରେ ଏହିସବୁ ଚେତନାର କ୍ରିୟା ବଦଳରେ ଏହା ଭିତରେ କେବଳ ଭଗବତ ଚେତନା (ସତ୍ୟ ଚେତନା ବା ଅତିମାନସ ଚେତନା) କ୍ରିୟାଶୀଳ ହେବ ତେବେ ଏହାହିଁ ହେବ ଜଡ଼ର ଯୋଗ । ''This is what is called Physical Yoga." (*The Mother's Yoga*, Part - 1, P. 273) ଏ ବିଷୟରେ ମା କହୁଛନ୍ତି : ''ଏହିସବୁ ସମସ୍ୟାର ସମାଧାନ ପାଇଁ କେବଳ ଏକମାତ୍ର ଉପାୟ ହେଲା ପ୍ରତ୍ୟେକ କୋଷରେ, ପ୍ରତ୍ୟେକ ମୁହୂର୍ତ୍ତରେ (ଉପରକୁ ହାତ ଟେକି ନିରବରେ ସମର୍ପଣର ଇଙ୍ଗିତ) ଏକ ଆରାଧନା ଓ ଆସ୍ପୃହା, ଏକ ଆରାଧନା ଓ ଆସ୍ପୃହା, ଏକ ଆରାଧନା ଓ ଆସ୍ପୃହା... ଆଉ କିଛି ନୁହେଁ । କିଛି ସମୟ ପରେ ଏକ ଉଲ୍ଲାସ, ଶେଷରେ ପରମ ଆନନ୍ଦଭରା ନିର୍ଭରତା । ଯେତେବେଳେ ଏହି ନିର୍ଭରତା ପ୍ରତିଷ୍ଠିତ ହୁଏ ସବୁକିଛି ଠିକ୍ ହୋଇଯିବ । କିନ୍ତୁ ଏହା କରିବାଠାରୁ କହିବା ସହଜ । ବର୍ତ୍ତମାନ ପାଇଁ ମୁଁ ନିଃସନ୍ଦେହ ଯେ ଏହାହିଁ ହେଲା କେବଳହିଁ ରାସ୍ତା, ଅନ୍ୟ ଉପାୟ ନାହିଁ ।''

(*The Mother's Yoga*, Part - 1, P. 73)

ବର୍ତ୍ତମାନ ସମୟରେ ପ୍ରଥମ ଆବଶ୍ୟକତା ହେଲା ଏକ ମଧ୍ୟବର୍ତ୍ତୀକାଳୀନ ଜୀବ – ମଣିଷ ଓ ଅତିମାନବ ଭିତରେ ।

ଅତିମାନବ ଏ ପୃଥିବୀରେ ଆବିର୍ଭାବ ହେବା ପୂର୍ବରୁ ଏ ମଣିଷକୁ କିଛିଟା ଉପରକୁ ଉଠିବାକୁ ହେବ । ବର୍ତ୍ତମାନର ପଶୁ-ମାନବ ଯଥାର୍ଥ ମାନବରେ ପରିଣତ ହେବା ଦରକାର । ଏ ବିଷୟରେ ମା କହୁଛନ୍ତି : ''ଏହି ଦୁଇ ଜୀବ ଜାତି (ମାନବ ଓ ଅତିମାନବ) ମଧ୍ୟରେ ଏକ ମଧ୍ୟବର୍ତ୍ତୀକାଳୀନ ଜୀବ ଆବିର୍ଭାବ ହେବାର ବାସ୍ତବ ସମ୍ଭାବନା ରହିଛି । ଏଥିପାଇଁ ଅତିମାନସ-ଚେତନାର ସଚେତନ ସଂକଳ୍ପ ଶକ୍ତି ସହିତ ଏକ ଶରୀରରେ ପ୍ରବେଶ ହେଲା ଏକମାତ୍ର ଉପାୟ । ଏହା ଦ୍ୱାରା ସେହି ଶରୀରକୁ ବର୍ତ୍ତମାନର ମାନବ-ଶରୀର ଅପେକ୍ଷା ଆମେ ଏକ 'ଉନ୍ନତ ସ୍ଥୂଳ ଶରୀର' କହିପାରୁ । ଅନ୍ୟଭାବେ କହିଲେ ବର୍ତ୍ତମାନ ଯେଉଁ ଶରୀର ରହିଛି ସେହି ଶରୀର ରହିବ କିନ୍ତୁ ଉନ୍ନତ ଧରଣର ହେବ । ଏହି ଉନ୍ନତି ଘଟାଇ ଥାଏ ଯଥାର୍ଥ ଶାରୀରିକ ଶିକ୍ଷାର ତାଲିମ । ଏହା ଆଧୁନିକ ଅତିରଞ୍ଜିତ ରୂପ ନହୋଇ ଯଥାର୍ଥ ରୂପ ହୋଇଥାଏ । ମୁଁ ସ୍ପଷ୍ଟଭାବେ ଦେଖୁଛି କ୍ରମବିବର୍ତ୍ତନରେ ଶାରୀରିକ ତାଲିମ ଏକ ଶାରୀରିକ ଉନ୍ନତି ଆଣିଥାଏ, (ଶାରୀରିକ ତାଲିମ ଗତ ପଚାଶ ବର୍ଷ ଧରି ବୃଦ୍ଧି ହୋଇ ଚାଲିଛି) ତାହା ହେଲା ନମନୀୟତା, ଭାରସାମ୍ୟ, ସହିଷ୍ଣୁତା ଏବଂ ସାମଞ୍ଜସ୍ୟ – ଏହିପରି ଚାରୋଟି ଗୁଣ । ନମନୀୟତା ଅର୍ଥ ହେଲା ଶରୀର ପ୍ଲାଷ୍ଟିକ୍ ଭଳି ହୋଇଯିବ (ଯେଉଁ ଆଡ଼କୁ ବଙ୍କାଇଲେ ସେ ଦିଗରେ ବାଙ୍କି ଯିବ), ଭାରସାମ୍ୟ ହେଲା ଶରୀରର ବିଭିନ୍ନ ଆଭ୍ୟନ୍ତର ଯନ୍ତ୍ରମାନଙ୍କରେ ଭାରସାମ୍ୟ ରହିବ, ସହିଷ୍ଣୁତା ହେଲା ସବୁ କିଛି ସହ୍ୟ କରିନେବା, ସାମଞ୍ଜସ୍ୟ ଅର୍ଥ ଶରୀରର ଆଭ୍ୟନ୍ତର ଯନ୍ତ୍ରମାନଙ୍କ ଭିତରେ ଯଥାର୍ଥ ବୁଝାମଣା । ଏହିସବୁ ଗୁଣ ଅତିମାନସୀକୃତ ଚେତନା ପାଇଁ ଶରୀରକୁ ଏକ ବିଶେଷ ସାମଞ୍ଜସ୍ୟ ପୂର୍ଣ୍ଣ ଯନ୍ତ୍ର ଭାବେ ଗଢ଼ି ତୋଳିବ ।

(*The Mother's Yoga*, Part - 1, p. 277)

ଏହା ହେଲା ଶାରୀରିକ ତାଲିମର ପରିଣାମ । ଏହି ପରିଣାମ ଆରମ୍ଭ ମାତ୍ର । ଅର୍ଥାତ୍ ଆମେ ଶାରୀରିକ ଶିକ୍ଷା ମାଧ୍ୟମରେ ମା କହିଥିବା ନମନୀୟତା, ଭାରସାମ୍ୟ, ସହିଷ୍ଣୁତା ଓ ସାମଞ୍ଜସ୍ୟ – ଏହି ଚାରି ଗୁଣର ବିକାଶ ହୋଇ ଆମ ସ୍ୱାସ୍ଥ୍ୟର ପୂର୍ଣ୍ଣତା ପ୍ରାପ୍ତି ହୋଇଥାଏ ଓ ଅତିମାନସ ଶକ୍ତିକୁ ଧାରଣ କରିବାର କ୍ଷମତା ଉତ୍ପନ୍ନ କରିଥାଏ । ଏହି ପୃଥିବୀରେ ଯେଉଁ ଅତିମାନସ ଶକ୍ତି ମା' ଶ୍ରୀଅରବିନ୍ଦ ଅବତରଣ କରାଇଛନ୍ତି ତାହା ପୃଥିବୀ ବାତାବରଣରେ ଆଧାର ଖୋଜିବୁଲୁଛି, ଯେଉଁ ଆଧାରରେ ଏହି ଶକ୍ତି କ୍ରିୟା କରି ପାରିବ ଏବଂ ମଣିଷକୁ ଏକ ମଧ୍ୟବର୍ତ୍ତୀକାଳୀନ ଜୀବରେ ପ୍ରଥମେ ପରିଣତ କରିପାରିବ ।

ତା'ପର ପଦକ୍ଷେପ ହେଲା ଗୋଟିଏ ଶରୀରରେ କିଛିଟା ରୂପାନ୍ତର ହେଲେ ସେହି ରୂପାନ୍ତରିତ ଶରୀରରେ ଯେଉଁସବୁ କୋଷମାନେ ରୂପାନ୍ତରିତ ହୋଇ ସାରିଛନ୍ତି ସେମାନେ ମୃତ୍ୟୁ ପରେ ନଷ୍ଟ ନହୋଇ ଅନ୍ୟ ଶରୀରରେ ପ୍ରବେଶ କରି ଏହି ରୂପାନ୍ତର କାମକୁ ବଜାୟ ରଖିପାରିବେ । ଏହା ଏକ ଗୁପ୍ତ (Occult) ଉପାୟରେ ଘଟିତ ହୁଏ । ଏହି ଉପାୟ ବିଷୟରେ ମା ବିସ୍ତାରିତ ଭାବେ କହିଛନ୍ତି । ଏହି ଉପାୟରେ ଶତ ଶତ ମଧ୍ୟବର୍ତ୍ତୀକାଳୀନ ଉନ୍ନତ ମଣିଷ ସୃଷ୍ଟି ହେବେ ଏବଂ ପୃଥିବୀରେ ଏହି ସଂକ୍ରମଣ ବ୍ୟାପି ଚାଲିବ । ବର୍ତ୍ତମାନ ସମୟରେ ଏହି ରୂପାନ୍ତର କ୍ରିୟା ଦ୍ରୁତ ଘଟିତ ହେଉଛି ।

ଶେଷ ପଦକ୍ଷେପ ବିଷୟରେ ମଧ୍ୟ ମା ବିସ୍ତାର ଭାବରେ କହିଛନ୍ତି । ଏହି ବିଶେଷ ଶେଷ ପଦକ୍ଷେପଟି ହେଲା ପୁଣି ମଣିଷ ଶରୀରରେ ମୂର୍ତ୍ତ ହେବା (reincarnation) । ଏହା ଅବତାରଙ୍କ ପରି ଏକ ନୂତନ ଶିଶୁ ଶରୀରରେ ଜନ୍ମ ନେବା ନୁହେଁ । ଏହା ହେଲା ଏକ ଶରୀର ଯାହା ପୂର୍ବରୁ ତିଆରି ହୋଇଛି ସେଥିରେ ପ୍ରବେଶ କରିଯିବା । ଏ ବିଷୟରେ ମା ନିଜେ କହୁଛନ୍ତି : ''ଏକ ନୂତନ ଜନ୍ମନେବା ଅର୍ଥ ଶରୀରରେ ପ୍ରବେଶ କରିବା ନୁହେଁ, କିନ୍ତୁ ପୂର୍ବରୁ ତିଆରି ହୋଇଥିବା ଶରୀରରେ ପ୍ରବେଶ କରିବା । ଏହା ଘଟିତ ହୋଇପାରେ ଏକ ପ୍ରକାର ଚୈତ୍ୟ ବ୍ୟକ୍ତିତ୍ୱର ତାଦାତ୍ମ୍ୟ ଦ୍ୱାରା, ଫଳରେ ଏହା ଯେଉଁ ଶରୀରରେ ପ୍ରବେଶ କରିବ ଓ ଯେଉଁ ଶରୀର ତାକୁ ଗ୍ରହଣ କରିବ ତାହା ମଧ୍ୟରେ ଚୈତ୍ୟ ବ୍ୟକ୍ତିତ୍ୱ ଏକ ସଙ୍ଗରେ ମିଳାଇ ଯିବା ସମ୍ଭବପର (ହସ), ମୁଁ ଜାଣେ ଏହାର ଉପାୟ । ଏଥିପାଇଁ ସମ୍ପୂର୍ଣ୍ଣ ରୂପେ ଅହଂକାର ଲୋପ ପାଇବା ଦରକାର । ହଁ, ଅହଂକାରର ଅସ୍ତିତ୍ୱ ପୂର୍ଣ୍ଣରୂପେ ଲୋପ ପାଇବା ଏକାନ୍ତ ଆବଶ୍ୟକ । ଯଦି ଅତିମାନସୀକୃତ ଶରୀରରୁ ଯଥେଷ୍ଟ ଭାବେ ଅତିମାନସୀ ବ୍ୟକ୍ତିତ୍ୱ (ମୁଁ ଏହି ବ୍ୟକ୍ତିତ୍ୱ ଶବ୍ଦଟି ବ୍ୟବହାର କରିପାରିବି କି ? ମୁଁ ଜାଣେ ନାହିଁ ... ଏହା ବ୍ୟକ୍ତିତ୍ୱ ବା ସ୍ୱାତନ୍ତ୍ର୍ୟ ନୁହେଁ, (It's neither 'personality' nor 'individuality') । ଅତିମାନସୀକୃତ ଶରୀରରେ ଯଦି ଅହଂକାର ପୂର୍ଣ୍ଣରୂପେ ଲୋପ ପାଏ ତେବେ ଅନ୍ୟ ଶରୀରରେ ଏହି ସତ୍ତାର ଅହଂକାରକୁ ପୂର୍ଣ୍ଣରୂପେ ମିଳାଇ ଦେବାର କ୍ଷମତା ରହିଛି ।''

(*The Mother's Yoga*, Part - 1, p. 278)

ଏହିସବୁ ଗୁପ୍ତ ପ୍ରକ୍ରିୟା ବୃଦ୍ଧିପାଇବା ଦରକାର ।

୧୯୭୩ ମସିହା ନଭେମ୍ବର ୧୭ ତାରିଖରେ ଅର୍ଥାତ୍ ମା'ଙ୍କ ଶରୀର ତ୍ୟାଗ ସମୟରେ ଏହିପରି ଅତିମାନସୀକୃତ ଏକ ରୂପାନ୍ତରିତ ସୂକ୍ଷ୍ମ ଶରୀରର (ମା'ଙ୍କର) ଅଭିବ୍ୟକ୍ତି ଅର୍ଥାତ୍ ଶତ ଶତ ପ୍ରସ୍ତୁତ ହୋଇ ରହିଥିବା ଶରୀରରେ ପ୍ରବେଶ କରିଗଲେ । ଯେଉଁମାନଙ୍କ ମଧ୍ୟରେ ଏହି ଅଭିବ୍ୟକ୍ତି ଘଟିଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଜେ ମଧ୍ୟ ବୁଝିପାରି ନାହାନ୍ତି । କାରଣ ମା'ଙ୍କର ଏହି ବ୍ୟକ୍ତ ଶରୀରରେ ଅହଂକାର ପୂର୍ଣ୍ଣରୂପେ ଲୋପ ପାଇଥିଲା । ଅର୍ଥାତ୍ ମା'ଙ୍କର ଶତ ଶତ ନୂତନ ଶରୀର ଗଢ଼ି ଉଠିଲା । ମା' ଯେଉଁ କଥା କହିଛନ୍ତି, ''The greatest victories are the least noisy'' ।

(CWM Vol. 15, page - 171)

ମା'ଙ୍କ ଶରୀର ତ୍ୟାଗର ପ୍ରକ୍ରିୟା ମଧ୍ୟ ଏକ ବିରାଟ ବିଜୟ ଥିଲା ।

ଏହିସବୁ କଥାକୁ ଆମେ କେବେହେଲେ ଠିକ୍ ଭାବରେ ବୁଝିପାରିବୁ ନାହିଁ ଯେପର୍ଯ୍ୟନ୍ତ ଆମର ମଧ୍ୟ ଅହଂକାର ଲୋପ ନହୋଇଛି । ଆମେ ଶରୀର ଚେତନାରେ ଜାଗ୍ରତ୍ ନହେଲେ, ଶରୀର କୋଷରେ ସଚେତନ ନହେଲେ ଆମ ଭିତରେ ମା'ଙ୍କର ଏହି ଅଭିବ୍ୟକ୍ତି ଅନୁଭବ କରିପାରିବୁ ନାହିଁ । ଯେତେବେଳେ ଆମର ଅହଂକାର ଲୋପ ପାଇବ ସେତେବେଳେ ଆମେ ଦେଖିବୁ କେବଳ ମା'ହିଁ ବାସ କରୁଛନ୍ତି । ସମସ୍ତଙ୍କ ଭିତରେ କେବଳ ମା'ହିଁ ଜୀବିତ ରହିଛନ୍ତି ଏବଂ ତାଙ୍କର ଶରୀର ରୂପାନ୍ତର କାମ ବଜାୟ ରଖିଛନ୍ତି । ମା ସମସ୍ତଙ୍କ ଭିତରେ ଯୋଗ କରୁଛନ୍ତି । ଏହାହିଁ ହେଲା ଶରୀର ରୂପାନ୍ତରର ଗୁପ୍ତ ପ୍ରଣାଳୀ ।

ଆମମାନଙ୍କ ଭିତରେ ଭୟଙ୍କର ବିଭେଦ ଥିବା ସତ୍ତ୍ୱେ, ଭୟଙ୍କର ଅହଂକାର କ୍ରିୟାଶୀଳ ହୋଇଥିବା ସତ୍ତ୍ୱେ, ଭୟଙ୍କର ଅପୂର୍ଣ୍ଣତା ଓ ଅପାରଗତା ଥିବା ସତ୍ତ୍ୱେ ଅତିମାନସର ସତ୍ୟ ଶକ୍ତି ଆମ ସମସ୍ତଙ୍କୁ କୋଳାଗ୍ରତ କରିସାରିଛି । ଏହାହିଁ ପରମ ପ୍ରଭୁଙ୍କର ଇଚ୍ଛା ।

ତେବେ ଏହି ଅବସ୍ଥାରେ ଆମର କ'ଣ କରିବା ଉଚିତ ? ଆମକୁ ଛୋଟ ଶିଶୁ ଭଳି ମା'ଙ୍କ ହାତରେ ଛାଡ଼ି ଦେବାକୁ ହେବ । ଆମର ସକଳ ସତ୍ତାକୁ ତଥା ଆମ ଶରୀରର ସକଳ କୋଷକୁ ମା ଅଧିକାର କରି ସେମାନଙ୍କୁ ପରିଚାଳନା କରନ୍ତୁ । ଏଥିପାଇଁ ଆମକୁ ସର୍ବଦା ଆସ୍ପୃହା ଓ ପ୍ରାର୍ଥନା କରିବାକୁ ହେବ । ଆମର ସକଳ ଚାହିଦା, ସକଳ କାମନାବାସନାରୁ ବାହାରି ଆସି କେବଳ ମା ଓ ପ୍ରଭୁଙ୍କ ଇଚ୍ଛାହିଁ ପୂରଣ ହେଉ ଏହାହିଁ ଅନବରତ ଆମର ଏକମାତ୍ର ପ୍ରାର୍ଥନା ହେବ । ନିମ୍ନପ୍ରକୃତିରୁ ମୁକ୍ତ ହେବାର ଏକମାତ୍ର ଉପାୟ ହେଲା ସର୍ବଦା ଆନ୍ତରିକତାର ସହିତ ନାମଜପ କରିବାକୁ ହେବ । ଏହି ମନ୍ତ୍ର ପ୍ରତ୍ୟେକଙ୍କୁ ସ୍ୱତଃ ପ୍ରାପ୍ତ ହୋଇଥାଏ । ଏହା କେହି କାହାକୁ କହିବା ଦରକାର ନାହିଁ । ଆମର ଭୁଲ୍-ଭ୍ରାନ୍ତି ପାଇଁ ସର୍ବଦା ନିଜକୁ ଦୋଷୀ ମନେ କରି ମ୍ରିୟମାଣ ହେବା ଠିକ୍ ନୁହେଁ । ଏସବୁ ପ୍ରକୃତିର ବିକୃତି । ଆମକୁ ପ୍ରକୃତିର ଦାସ ନହୋଇ ଏହାର ପ୍ରଭୁ ହେବାକୁ ପଡ଼ିବ । ଏଥିପାଇଁ ମା କହିବା ଅନୁଯାୟୀ ଆମେ ପୂର୍ଣ୍ଣତାର ଚେତନାରେ ସର୍ବଦା ବାସ କରିବା ପାଇଁ ଚେଷ୍ଟା କରିବା । ଏଥିରେ ବ୍ୟକ୍ତି ବାରଂବାର ଅକୃତକାର୍ଯ୍ୟ ହୋଇପାରେ । କିନ୍ତୁ ସଂକଳ୍ପବଦ୍ଧ ହୋଇ ଲାଗି ରହିଲେ ଏଥିରେ ସଫଳତା ଅବଶ୍ୟ ମିଳିବ ।

ଶେଷକଥା ହେଲା ଆମ ଶରୀରକୁ ବ୍ୟାୟାମ, ଆସନ, ପ୍ରାଣାୟାମ ମାଧ୍ୟମରେ ଅଧିକରୁ ଅଧିକ ଗ୍ରହଣଶୀଳ କରିବାକୁ ହେବ । ତା'ହେଲେ ଯାଇ ଆମେ ଅତିମାନସ ଚେତନାକୁ ଧାରଣ କରିବା ପାଇଁ ସକ୍ଷମ ହେବୁ ତଥା ଆମ ଭିତରେ ମା'ଙ୍କର ଉପସ୍ଥିତି ସର୍ବଦା ଅନୁଭବ କରିବୁ । ସେ ଆମ ମାଧ୍ୟମରେ ସକଳ କର୍ମ, ସକଳ ଚିନ୍ତା, ସକଳ ଉଦ୍ୟମରେ କ୍ରିୟା କରୁଥିବାର ଅନୁଭବ କରିପାରିବୁ ।

ଆମ ଶରୀର କୋଷମାନଙ୍କ ପ୍ରାର୍ଥନା ହେଲା (ମା'ଙ୍କ ଦତ୍ତ) :

Supreme Lord, Eternal Truth
Let us obey Thee alone
and live according to
Truth.

(CWM Vol. 14, page - 192)

(ହେ ପରମ ପ୍ରଭୁ, ଚିରନ୍ତନ ସତ୍ୟ,
ଆମେ ଯେପରି କେବଳ ତୁମରହିଁ ଆଜ୍ଞାବହ ହୋଇଉଠୁ
ଏବଂ ସତ୍ୟର ବିଧାନକୁ ଆଶ୍ରୟ କରି
ଜୀବନ ଧାରଣ କରୁ ।)
ପରମୋଚ୍ଚ ପ୍ରଭୋ
ସତ୍ୟ ନିତ୍ୟ ତ୍ୱମେବ କେବଳମ୍
ଅନୁବର୍ତ୍ତା ମହେ ସତ୍ୟମ୍
ଅନୁଜୀବାମ କେବଳମ୍ ।

(ସମାପ୍ତ) ❑

# ଅରଣା ସ୍ୱପ୍ନର ରାତି

## ଶେଖ ଅବଦୁଲ କାଶମ

ପର୍ଲ ଏସ୍. ବକ୍ (୧୮୯୨-୧୯୭୩) ଜଣେ ସ୍ୱନାମଧନ୍ୟା ଆମେରିକୀୟ ଲେଖିକା ଯାହାଙ୍କର ଲେଖନୀରୁ ବହୁ ସଂଖ୍ୟାରେ କାଳଜୟୀ ଉପନ୍ୟାସ ନିଃସୃତ ହୋଇ ବିଶ୍ୱବାସୀଙ୍କୁ ଚମତ୍କୃତ କରିଛି । ସେ ପ୍ରାୟ ଅଶୀରୁ ଉର୍ଦ୍ଧ୍ୱ ପୁସ୍ତକର ରଚୟିତା । ତାଙ୍କର ପ୍ରସିଦ୍ଧ ଉପନ୍ୟାସ "The Good Earth" ୧୯୩୨ ମସିହାରେ ପୁଲିତଜର ପୁରସ୍କାର ଲାଭ କରିଥିଲା । ୧୯୩୮ ମସିହାରେ ସାହିତ୍ୟ ପାଇଁ ତାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ଚୀନ ଦେଶର କୃଷକମାନଙ୍କ ଜୀବନଧାରା ଓ ଚୀନର ପରିବେଶ ଉପରେ ତାଙ୍କର ବାସ୍ତବବାଦୀ ରଚନା ପାଇଁ ସେ ଏହି ଉଚ୍ଚତମ ସମ୍ମାନର ଅଧିକାରୀ ହୋଇଥିଲେ । ୧୯୩୮ ମସିହା ପୂର୍ବରୁ ସେ ଜୀବନର ପ୍ରଥମ କେତୋଟି ଦଶକ ଚୀନ ଦେଶରେ ଅତିବାହିତ କରିଥିଲେ । ଚୀନ ଦେଶରେ କାର୍ଯ୍ୟରତ ଜଣେ କୃଷି-ଅର୍ଥନୀତିଜ୍ଞଙ୍କ ସହିତ ତାଙ୍କର ବିବାହ ହୋଇଥିଲା । ଚୀନ ଦେଶର ଜନଜୀବନ ତଥା ପ୍ରାଚ୍ୟ ଦେଶଗୁଡ଼ିକର ବିଭିନ୍ନ ସମସ୍ୟା ଉପରେ ତାଙ୍କର ଗଭୀର ଅନ୍ତର୍ଦୃଷ୍ଟି ରହିଥିଲା ।

୧୯୩୫ ମସିହାରେ ସେ ଯୁକ୍ତରାଷ୍ଟ୍ର ଆମେରିକାକୁ ଆସିବା ପରେ ତାଙ୍କ ଲେଖନୀ ଆହୁରି ସକ୍ରିୟ ଓ ରଶ୍ମିମନ୍ତ ହୋଇଥିଲା । ଚୀନ ଓ ଆମେରିକା ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ପାଇଁ ସେ ଜୀବନର ଅଧିକାଂଶ ସମୟ ବ୍ରତୀ ଥିଲେ । ନାରୀ ଜାତି ତଥା ସଂଖ୍ୟାଲଘୁ ଗୋଷ୍ଠୀଙ୍କର ସ୍ୱାଧୀନତାର ସୁରକ୍ଷା ପାଇଁ ସେ ଆଜୀବନ ସ୍ୱର ଉତ୍ତୋଳନ କରି ଚାଲିଥିଲେ । ଏସୀୟ ଦେଶଗୁଡ଼ିକର ସାମାଜିକ ବ୍ୟବସ୍ଥା, ବିଶେଷ କରି ମିଶ୍ରଜାତିଗତ ପୋଷ୍ୟ ସନ୍ତାନ ଗ୍ରହଣ ସମସ୍ୟା ଉପରେ ରଚିତ ବହୁ ସମ୍ବେଦନଶୀଳ ଉପନ୍ୟାସ ତାଙ୍କୁ ବିଶ୍ୱବିଶ୍ରୁତ କରିଛି ।
(ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀଅରବିନ୍ଦଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର ଦେବା ଲାଗି ପ୍ରସିଦ୍ଧ ଲେଖକ ଆଲଡ଼ସ୍ ହକ୍ସଲିଙ୍କ ସମେତ ଯେଉଁ ବିଶିଷ୍ଟ ବ୍ୟକ୍ତିଗଣ ପ୍ରସ୍ତାବ ଆଣିଥିଲେ ସେମାନଙ୍କ ମଧ୍ୟରେ ପର୍ଲ. ଏସ୍. ବକ୍ ଥିଲେ ଅନ୍ୟତମ ।)

ମୂଳ ଇଂରାଜୀ ଉପନ୍ୟାସ "The Hidden Flower" ପର୍ଲ ଏସ୍. ବକ୍‌ଙ୍କର ଏକ ବିଶ୍ୱ ବିଖ୍ୟାତ କ୍ଲାସିକ୍ । ୧୯୫୨ରେ ପ୍ରକାଶିତ ଏଇ ଉପନ୍ୟାସଟିକୁ ଓଡ଼ିଆରେ ସଫଳତାର ସହ ଅନୁସୃଜନ କରିଛନ୍ତି ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକା ଡକ୍ଟର ପ୍ରତିଭା ଶତପଥୀ । ଶୀର୍ଷକ ଦେଇଛନ୍ତି ''ଅରଣା ସ୍ୱପ୍ନର ରାତି'' । ଏଥିରେ ଉଚ୍ଛଳ ପ୍ରାଣ ଶକ୍ତିସମ୍ପନ୍ନା ଜଣେ ଜାପାନୀ ତରୁଣୀର ପ୍ରେମ କାହାଣୀ ବର୍ଣ୍ଣିତ । ପ୍ରେମର ପ୍ରତିଷ୍ଠା ପାଇଁ ସେ ସାମାଜିକ ପରମ୍ପରା, କୁସଂସ୍କାର ଓ ବିଧିବ୍ୟବସ୍ଥା ବିରୋଧରେ ସାହସିକ ସଂଗ୍ରାମ କରିଛି । ନିଜ ପୁତ୍ର ସନ୍ତାନର ସମ୍ଭାବନାମୟ ଭବିଷ୍ୟତକୁ ସୁରକ୍ଷିତ ଓ ସୁନିଶ୍ଚିତ କରିବା ପାଇଁ ସେ ଅଭୂତପୂର୍ବ ତ୍ୟାଗ ସ୍ୱୀକାର କରିଛି । ମାନବିକତାର ମୂଲ୍ୟବୋଧକୁ ବଞ୍ଚାଇ ରଖିବା ପାଇଁ ସେ ସମାଜର ଅସହଯୋଗ ଓ ତୀବ୍ର ପ୍ରତିରୋଧକୁ ଅସୀମ ଧୈର୍ଯ୍ୟ ଓ ସ୍ଥିର ସଂକଳ୍ପ ସହିତ ମୁକାବିଲା କରିଛି । ଦାମ୍ପତ୍ୟ ପ୍ରେମ ଓ ଅନ୍ୟ ପାରିବାରିକ ସମ୍ପର୍କସବୁ ଘଟଣାକ୍ରମରେ ଉଜୁଡ଼ି ଯାଇଛି ବା କ୍ଷତାକ୍ତ ହୋଇଛି, ମାତ୍ର ବାତ୍ସଲ୍ୟ ମମତା ଓ ମାତୃତ୍ୱର ବିଜୟ ଘଟିଛି । ଦେଶକାଳ, ପରମ୍ପରା ଓ ଆଇନର କଠୋର ନିଗଡ଼ ଭିତରୁ ମାନବିକତା ମୁକ୍ତ ହୋଇଛି । ପ୍ରେମ ଓ ମାନବୀୟ କରୁଣା ଆଗରେ ଯୁଦ୍ଧ, ଅହଙ୍କାର ଓ ଅନ୍ଧବିଶ୍ୱାସ ହାର ମାନିଛି । ତରୁଣୀ ମାତାର ଅନ୍ତର୍ବେଦନା କାରୁଣ୍ୟମୟ ହୋଇଥିଲେ ବି ପରିଶେଷରେ ଆନନ୍ଦବୋଧ ଓ ପରିତୃପ୍ତି ଆଣି ଦେଇଛି । କାରଣ ସଦ୍ୟ ଜନ୍ମିତ ଶିଶୁ ଭିତରେ ମହାନ୍ ସମ୍ଭାବନାସବୁ ଦେଖି ସେସବୁର ବାସ୍ତବ ପରିପ୍ରକାଶ ପାଇଁ ଆଶୀର୍ବାଦ ପ୍ରଦାନ କରିବାକୁ ଦୁଇଟି ମାତୃ ହୃଦୟ ପ୍ରସ୍ତୁତ ହୋଇ ରହିଛନ୍ତି ।

ଏଥର ଉପନ୍ୟାସର କାହାଣୀଟିକୁ ଅଧିକ ବିସ୍ତାରରେ ଜାଣିବା ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରର ଘଟଣା । ଜାପାନର କିଓଟୋ ସହରରେ ବାସ କରନ୍ତି ଗୋଟିଏ ଜାପାନୀ ପରିବାର, ଡକ୍ଟର ସୋଏତନ ସାକାଇଙ୍କ ପରିବାର । ପତ୍ନୀ ଶ୍ରୀମତୀ ହାରିକୋ ସାକାଇ ଓ ଅଳିଅଳ କନ୍ୟା ଜୋସୁକୁ ନେଇ ଡକ୍ଟର ସାକାଇ ସୁଖ ଓ ବିଶ୍ୱାସଭରା ସ୍ୱାଭାବିକ ଜୀବନଟିଏ ବିତାଉଥିଲେ । ସେ ଆମେରିକା ଯୁକ୍ତରାଷ୍ଟ୍ରର ଲସ୍ ଆଞ୍ଜେଲେସ୍‌ରେ ଯୌବନାବସ୍ଥା କଟାଇ ସ୍ୱଦେଶ ଜାପାନକୁ ଫେରି ଆସିଥିଲେ ।

ସେ ଥିଲେ ପ୍ରଚଣ୍ଡ ଆତ୍ମାଭିମାନୀ । ଆରିଜୋନାର ଅବରୁଦ୍ଧ ଶିବିର ତାଙ୍କୁ ଅସହ୍ୟ ବୋଧ ହେବାରୁ ନିଜ ଜନ୍ମଭୂମିକୁ ଫେରି ଆସିବାକୁ ସେ ନିଷ୍ପତ୍ତି ନେଇଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ସେ ସପରିବାର ଯେତେବେଳେ ଜାପାନକୁ ଫେରି ଆସିଲେ ସେତେବେଳେ କନ୍ୟା ଜୋସୁକୁ ହୋଇଥିଲା ପନ୍ଦର ବର୍ଷ । ତାକୁ କୋଡ଼ିଏ ବର୍ଷ ହେବା ପରେ ଡକ୍‌ଟର ସାକାଇ ତା'ର ବିବାହ ପାଇଁ ଚିନ୍ତିତ ହୋଇ ପଡ଼ିଲେ । ସେ ଡାକ୍ତରୀ ବିଦ୍ୟା ସହ ମନୋବିଜ୍ଞାନ ବି ପଢ଼ିଥିଲେ । ତେଣୁ ଜୋସୁ ଉପରେ ବିଭିନ୍ନ ଋତୁ ବା ପରିବେଶର କିପରି ପ୍ରଭାବ ପଡ଼ୁଛି, କେଉଁ ପରିସ୍ଥିତିରେ ସେ କିପରି ବ୍ୟବହାର ବା ପ୍ରତିକ୍ରିୟା ପ୍ରଦର୍ଶନ କରୁଛି ସେକଥା ଉପରେ ତାଙ୍କର ଥିଲା ତୀକ୍ଷ୍ଣ ଦୃଷ୍ଟି । ଜୋସୁର ଫୁଟି ଉଠୁଥିବା ସୌନ୍ଦର୍ଯ୍ୟ ଦେଖି ସେ ଭୀତ ହୋଇ ପଡ଼ୁଥିଲେ । ତା'ର ନିରାପତ୍ତା ପାଇଁ ତାଙ୍କର ସର୍ବଦା ଉତ୍କଣ୍ଠା ଓ ଉଦ୍‌ବେଗ ଲାଗି ରହୁଥିଲା । ସୁନ୍ଦରୀ ଝିଅ ବଡ଼ ଜଞ୍ଜାଳ ବୋଲି ସେ ଭାବନ୍ତି । ଜୋସୁର ବ୍ୟବହାର ନିର୍ଦୋଷ ଥିଲେ ବି ସେ ଆଦୌ ନିର୍ଦୋଷ ନୁହେଁ ବୋଲି ତାଙ୍କର ସନ୍ଦେହ ହୁଏ । ଜୋସୁ ବାପାଙ୍କ ବିଷୟରେ ହୁସିଆର ଥାଏ ଏବଂ ତା' ପାଇଁ ତାଙ୍କର ଉତ୍କଣ୍ଠାକୁ ସେ ଭଲ ଭାବେ ଜାଣେ । ସେ ନିଜକୁ ତାଙ୍କ ପାଖରୁ ଲୁଚାଏ । ଜୋସୁ ଥିଲା ଜିଜ୍ଞାସୁ ଓ ଦୃଢ଼ମନା । ତା' ଭିତରେ ସହନଶୀଳତା ଓ ଶକ୍ତି ଭରି ରହିଥିଲା । ସେ ମଳିନ, ନୀରବ ଜାପାନୀ ଝିଅଙ୍କଠାରୁ ଭିନ୍ନ ଥିଲା । ପନ୍ଦର ବର୍ଷ କାଳ ସେ ଆମେରିକାର କାଲିଫର୍ଣ୍ଣିଆରେ କଟାଇଛି । ଆମେରିକାର ସଂସ୍କୃତି ଓ ଚାଲିଚଳନ ଦ୍ୱାରା ସେ ପ୍ରଭାବିତ । ଜାପାନୀ ଝିଅମାନେ ତାକୁ ବିସ୍ମୟ ଓ ଅନାଦରରେ ଲକ୍ଷ୍ୟ କରୁଥିଲେ । ତାକୁ ସେମାନେ ଆମେରିକାନ୍ ବୋଲି କହୁଥିଲେ । ବିଶ୍ୱଯୁଦ୍ଧ ପରେ ଅନେକ ଆମେରିକାନ୍ ସୈନିକ ଓ ଅଫିସର ଜାପାନରେ ରହି ଯାଇଥିଲେ ଯେଉଁମାନେ ଜାପାନୀଙ୍କ ପାଇଁ ହୋଇଥିଲେ ଭୟ ଓ ଅନାଦରର କାରଣ ।

ଜୋସୁର ହୃଦୟ ଥିଲା ସ୍ୱଚ୍ଛ, ନିଷ୍କପଟ । ମନ ତା'ର ନିର୍ମଳ । ଅତି ସହଜରେ ସେ ପରକୁ ଆପଣାର କରି ନିଏ । ସେ ପୁଣି ସ୍ୱାଧୀନଚେତା । ମାଆବାପାଙ୍କର ତା' ପ୍ରତି ଅତ୍ୟଧିକ ସତର୍କ ଦୃଷ୍ଟିକୁ ସେ ପସନ୍ଦ କରେ ନାହିଁ । ପ୍ରତିବାଦ କରି କୁହେ – ''ତୁମେ ମାଆବାପା – ତୁମର ମୋତେ ଦେଖିବା ଛଡ଼ା ଆଉ କିଛି କାମ ନାହିଁ ।''

ଡକ୍‌ଟର ସାକାଇ ଚାହାନ୍ତି ନାହିଁ ଯେ ତାଙ୍କ ଝିଅ କୌଣସି ଆମେରିକୀୟ ବ୍ୟକ୍ତିର ସଂସ୍ପର୍ଶରେ ଆସୁ । ଆମେରିକାରୁ ବିତାଡ଼ିତ ହୋଇଥିବାରୁ ଆମେରିକାନ୍ ସଂସ୍କୃତିକୁ ସେ ଆଦୌ ପସନ୍ଦ କରନ୍ତି ନାହିଁ । ସେ ଭାବନ୍ତି ଯେ ଆମେରିକାନମାନେ ସଂସ୍କୃତି କ'ଣ ବୁଝନ୍ତି ନାହିଁ । ସେ ଆମେରିକାକୁ ଦଣ୍ଡ ଦେବା ପାଇଁ ଚାହାନ୍ତି । କିନ୍ତୁ ଅଭିନବ ବାଟରେ । କେବଳ ଜାପାନ ଦେଶକୁ ଓ ତା'ର ପୁରାତନ ନୀତି ଓ ବିଶ୍ୱାସକୁ ଅଧିକ ଭଲ ପାଇବା ଦ୍ୱାରା ସେ ଆମେରିକା ଉପରେ ପ୍ରତିଶୋଧ ନିଅନ୍ତି ।

ଅନ୍ୟ ପକ୍ଷରେ ଜୋସୁ ଆମେରିକାକୁ ଭାରି ଭଲ ପାଏ । ସେ ବାରଂବାର ଭାବେ ସେମାନେ ଆମେରିକା ଛାଡ଼ି ଆସି ନଥିଲେ ଭଲ ହୋଇଥା'ନ୍ତା । ସେ ମନେ ପକାଏ କିପରି କାଲିଫର୍ଣ୍ଣିଆର ଝିଅମାନେ ଛଳ ଛଳ ଯୁବରାଣୀ ଭଳି ଦେଖାଯା'ନ୍ତି । ଅଥଚ ତା' ନିଜ ଦେଶ ଜାପାନରେ ସ୍ତ୍ରୀ ଲୋକମାନେ ଅତି ଭୀରୁ ଭଳି ମନେ ହୁଅନ୍ତି । ସେମାନେ ସତେ ଯେପରି ଧୈର୍ଯ୍ୟ ଓ କର୍ତ୍ତବ୍ୟର ଗୋଟିଏ ଗୋଟିଏ ମେସିନ୍ !

ଡକ୍‌ଟର ସାକାଇ ଥିଲେ ମାସୁୟୀ ପରିବାରର ବନ୍ଧୁ ଓ ଚିକିତ୍ସକ । ଅନେକ ବର୍ଷ ଆମେରିକାରେ ରହିଥିବାରୁ ଡକ୍‌ଟର ସାକାଇ ବହୁ ଜାପାନୀ ଚଳଣି ସମ୍ପର୍କରେ ଅବଗତ ନୁହନ୍ତି । ସେ ମାସୁୟୀ ପରିବାର ସହ ସମ୍ପର୍କ ବଢ଼ାଇ ସମସ୍ତ ଜାପାନୀ ଚଳଣି ଶିଖିବାକୁ ଆଗ୍ରହୀ । ଜାପାନୀମାନଙ୍କର ସୌନ୍ଦର୍ଯ୍ୟବୋଧ ଉଚ୍ଚକୋଟୀର । ସେମାନଙ୍କ ଜୀବନଶୈଳୀ, ଗୃହ ସାଜସଜ୍ଜା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ମାଟିର କାରୁକାର୍ଯ୍ୟ ଇତ୍ୟାଦି ଭିତରେ ସୌନ୍ଦର୍ଯ୍ୟ ଓ ଶୃଙ୍ଖଳା ପରିସ୍ଫୁଟ ହୁଏ । କିନ୍ତୁ ଅଜବ କଥା ହେଲା ଡକ୍‌ଟର ସାକାଇ ଫୁଲକୁ ଭଲ ପାଆନ୍ତି ନାହିଁ । ତାଙ୍କ ବଗିଚାରେ ସୌନ୍ଦର୍ଯ୍ୟ କହିଲେ କେବଳ ରୁକ୍ଷ ପାହାଡ଼, ପାଇନ ଗଛ, ଜଳପ୍ରପାତ ଓ କୋମଳ ବାଉଁଶ ବୁଦା ।

ଜାପାନ ଦେଶର ସଂସ୍କୃତିପ୍ରେମୀ ବ୍ୟକ୍ତିମାନେ ବିଦେଶୀ ଶାସନ ସମୟରେ ସ୍ୱଦେଶର ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଚେଷ୍ଟା କରିଛନ୍ତି, ସେଥିପାଇଁ ସେମାନେ ନିଶ୍ଚୟ ପ୍ରଶଂସା ଯୋଗ୍ୟ । ଡକ୍‌ଟର ସାକାଇ ସେଇଭଳି ଜଣେ ବ୍ୟକ୍ତିଙ୍କୁ ଭେଟିଛନ୍ତି । ସିଏ ହେଉଛନ୍ତି ମିଃ ତନାକା, ଜଣେ ସତୁରୀ ବର୍ଷୀୟ ଖର୍ବକାୟ, ପତଳା ବୃଦ୍ଧ । ମିଃ ତନାକା ବୌଦ୍ଧ ଧର୍ମକୁ ଗ୍ରହଣ କରିଛନ୍ତି । ପାଶ୍ଚାତ୍ୟ ସଭ୍ୟତା ଦ୍ୱାରା ତାଙ୍କର ଜୀବନଶୈଳୀ ପ୍ରଭାବିତ ହୋଇ ନାହିଁ । ସେ ଦେଶପ୍ରେମ ଭିତରେ ନିଜକୁ ସୀମିତ ନକରି ମାନବପ୍ରେମୀ ରୂପେ ପରିଚିତ ହେବାକୁ ଚାହାନ୍ତି । ସବୁ

ଲୋକଙ୍କୁ ସେ ଭଲ ପାଆନ୍ତି, ଏପରିକି ଆମେରିକାନମାନଙ୍କୁ ମଧ୍ୟ ହତାଦର କରନ୍ତି ନାହିଁ । ବିଶ୍ୱଯୁଦ୍ଧ ସମୟରେ ନାଗାସାକିରେ ଘଟିଥିବା ଧ୍ୱଂସ ଲୀଳାକୁ ସେ ଦେଖିଛନ୍ତି । ମନୁଷ୍ୟର ନିର୍ମମତା ତାଙ୍କ ପକ୍ଷରେ ଅସହ୍ୟ । ସେ କହନ୍ତି – ''ଏତେ ଟିକେ ଅତ୍ୟାଚାର ଏପରିକି ଜଣକୁ ଠେଲି ଦେବାର ପକ୍ଷପାତୀ ବି ମୁଁ ନୁହେଁ । ମୁଁ ଆସି ବୁଢ଼ା ହେଲିଣି, ଦିନେ ହେଲେ କାହାକୁ ଠେଲି ପେଲି ଆଗକୁ ଯିବାରେ ମୁଁ ସମର୍ଥ ହୋଇ ନାହିଁ । କୌଣସିମତେ ମୁଁ ଏହା କରିପାରିବି ନାହିଁ ।... ମୁଁ ପିମ୍ପୁଡ଼ିଟିଏ ଦଳିଦେଇ ପାରେନି, ଚଢ଼େଇଟିଏ ମାରି ପାରେନି କି ପିଲାକୁ ଟିକିଏ କନ୍ଦାଇ ଦିଏନି ।'' ମିଃ ତନାକାଙ୍କ ଏ ବକ୍ତବ୍ୟ ଡକ୍ଟର ସାକାଇଙ୍କ ଦୃଷ୍ଟି ଭଙ୍ଗୀରେ ନରମତା ଆଣିଛି ବୋଲି ମନେ ହୁଏ ନାହିଁ ।

ତକାସୀ ମାସୁୟୀଙ୍କ ପରିବାର ଅତି ରକ୍ଷଣଶୀଳ । ତାଙ୍କର ତୃତୀୟ ପୁତ୍ର କୋବରୀ । ଖୁବ୍ ଭଦ୍ର, ସୁନ୍ଦର, ଶିକ୍ଷିତ ଗମ୍ଭୀର ଯୁବକ । ତା' ସହିତ ଜୋସୁର ବିବାହ କରାଇବା ପାଇଁ ଉଭୟ ପକ୍ଷର ମାତାପିତା ସମ୍ମତ । କୋବରୀ ମଧ୍ୟ ଏଥିରେ ରାଜି । ମାତ୍ର ଜୋସୁର ସମ୍ମତି ପାଇଁ ସମସ୍ତେ ଅପେକ୍ଷାରତ । କୋବରୀର ଉଜ୍ଜ୍ୱଳ ରକ୍ତିମ ଚେହେରାକୁ ଜୋସୁ ପ୍ରଶଂସା କରେ, ମାତ୍ର କୋବରୀର ପ୍ରେମରେ ସେ ପଡ଼ିନି ।

ଆଲେନ୍ କେନେଡ଼ି ନାମକ ଜଣେ ଆମେରିକୀୟ ତରୁଣ ସହ ଜୋସୁର ସାକ୍ଷାତ୍ ହୋଇଛି । ଉଭୟେ ପରସ୍ପରର ନିକଟତର ହୋଇଛନ୍ତି, ପରସ୍ପରକୁ ଭଲ ପାଇଛନ୍ତି । କିନ୍ତୁ ଏହା ଜୋସୁର ପିତା ଡକ୍ଟର ସାକାଇଙ୍କୁ ଆଦୌ ଗ୍ରହଣଯୋଗ୍ୟ ହୋଇ ନାହିଁ । ସେ ଏଥିରେ ଖୁବ୍ ମର୍ମାହତ ହୋଇଛନ୍ତି । କୋବରୀ ଭଳି ଜଣେ ସୁନ୍ଦର ଶିକ୍ଷିତ ଜାପାନୀ ଯୁବକକୁ ଛାଡ଼ି ଜୋସୁ କାହିଁକି ଯେ ଜଣେ ଆମେରିକୀୟ ଯୁବକକୁ ଭଲ ପାଇ ବସିଛି ଏହା ତାଙ୍କର ଆଦୌ ବୋଧଗମ୍ୟ ହୋଇ ନାହିଁ । ସେ ବିସ୍ମିତ ହୋଇଛନ୍ତି । କହିବା ବାହୁଲ୍ୟ, ସେ ଆମେରିକାନମାନଙ୍କୁ ଘୃଣା କରନ୍ତି ।

ଜୋସୁ ପ୍ରଥମେ ତା'ର ହୃଦୟର କଥା ବାପାଙ୍କଠାରୁ ଲୁଚାଇବାକୁ ଚେଷ୍ଟା କରିଛି । କିନ୍ତୁ ଡକ୍ଟର ସାକାଇ ମନସ୍ତତ୍ତ୍ୱବିତ୍ ଓ ଅଭିଜ୍ଞ । ତାଙ୍କଠାରୁ ବିଷୟଟିକୁ ଲୁଚାଇବା ସମ୍ଭବ ନଥିଲା । ବାପାଙ୍କ ପ୍ରତି ତା'ର ଅଶେଷ ସ୍ନେହ ଓ ସମ୍ମାନ ଥିଲେ ସୁଦ୍ଧା ତା'ର ନିହାତି ବ୍ୟକ୍ତିଗତ ବ୍ୟାପାରରେ ତାଙ୍କର ଅନୁସନ୍ଧାନ, ଜିଜ୍ଞାସା ଓ ଅଯଥା ହସ୍ତକ୍ଷେପକୁ ଜୋସୁ ପସନ୍ଦ କଲା ନାହିଁ । କଥାବାର୍ତ୍ତା ବେଳେ ତା' କଣ୍ଠରେ କେବେ କେମିତି ବିପ୍ଳବର ସୂଚନା ଦେବାକୁ ଲାଗିଲା । ସେ ଅନୁଭବ କରୁଥିଲା ଯେ ତା'ର ବାପା ତୀକ୍ଷ୍ଣ, ଭୟଙ୍କର, କୋମଳ ଓ ଜିଦ୍‌ଖୋର ଏବଂ ସମସ୍ତଙ୍କ ଉପରେ ପ୍ରଭୁତ୍ୱ ଜାହିର କରୁଥିବା ବ୍ୟକ୍ତି । ଜୋସୁକୁ ତା'ର ନିଷ୍ପତ୍ତିରୁ କ୍ଷାନ୍ତ କରିବା ପାଇଁ ସେ ନାନା ଉପାୟ ଅବଲମ୍ବନ କରିଛନ୍ତି । ''ମୋର ଯାହା କିଛି ଅଛି, ତା' ଭିତରେ ତୁ ମୋର ସର୍ବସ୍ୱ'' ବୋଲି ସେ ଝିଅ ଆଗରେ ବିକଳ ହୋଇ କହିଛନ୍ତି । କିନ୍ତୁ ତାଙ୍କର ସମସ୍ତ ବୁଝାସୁଝା ନିଷ୍ଫଳ ହୋଇଛି ।

ଆଲେନ୍ କେନେଡ଼ି ଦୀର୍ଘାଙ୍ଗ ଓ ଭାରି ସୁନ୍ଦର ଯୁବକ । ତା'ଠାରେ କିଛି ଅସାଧାରଣ ଗୁଣ ଦେଖି ଜୋସୁ ତାକୁ ଅନ୍ତର ଦେଇ ଭଲ ପାଇଛି । ମାତ୍ର ସେ ଦୁହିଙ୍କ ସମ୍ପର୍କ ଅଧିକ ଘନିଷ୍ଠ ହେଉ ହେଉ ସେଥିରେ ଦ୍ୱନ୍ଦ୍ୱ ଓ ଅଚଳାବସ୍ଥା ସୃଷ୍ଟି ହୋଇଛି । ଜୋସୁ ସ୍ଥିର ଓ ସଂଯତ ସ୍ୱଭାବର । ଖୋଲାଖୋଲି ଭାବେ ସେ ଆଲେନ୍ ସହ ଭବିଷ୍ୟତ୍ ସମ୍ପର୍କରେ ସ୍ଥିର ନିଷ୍ପତ୍ତି ନେବାକୁ ଚାହେଁ । ଆଲେନ୍‌ର ସ୍ଥିର ସଂକଳ୍ପର ଅଭାବ ଓ ଚପଳ ଆଚରଣ ଦେଖି ଜୋସୁ ରୁଷ୍ଟ ହୋଇଛି, ତା'ର ଆତ୍ମାଭିମାନ ଚେଇଁ ଉଠିଛି । ସେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଆଲେନ୍‌ଠାରୁ ଦୂରେଇ ଯାଇଛି । ଆଲେନ୍ ଟୋକିଓ ଚାଲିଯାଇଛି ।

କିଛିଦିନ ପାଇଁ ଜୋସୁ ଭାବି ନେଇଛି ଯେ ବାପାଙ୍କ ଇଚ୍ଛାନୁସାରେ ଯଦି ସେ କୋବରୀକୁ ବିବାହ କରେ କିଛି ମନ୍ଦ ହେବ ନାହିଁ । କାରଣ ଜଣେ ସାଧାରଣ ଜାପାନୀ ନାରୀର ସ୍ୱାଭାବିକ ଜୀବନ ବିବାହ, ସ୍ୱାମୀ, ସନ୍ତାନ ଓ ଗୃହକୁ ନେଇହିଁ ଗଢ଼ିଉଠେ । କୋବରୀ ସରଳ ସ୍ୱଭାବର । ସେ ଅନ୍ୟକୁ ଆଘାତ ଦେବାକୁ ଭଲପାଏ ନାହିଁ । ସେ କେବେ ଜୋସୁ ଉପରେ ପ୍ରଭୁତ୍ୱ ଜାହିର କରିବନି । ଏଭଳି ଏକ ସତ୍‌ପୁରୁଷକୁ ଜୋସୁ ଯଥେଷ୍ଟ ଭଲ ପାଇପାରିବ ।

ଜୋସୁକୁ ଆଲେନ୍ ପାଖରୁ ବିମୁଖ କରିବାକୁ ଅନେକ ଚେଷ୍ଟା କରି ଡାକ୍ତର ସାକାଇ ପରିଶେଷରେ ବିଫଳ ହୋଇଛନ୍ତି । କିଛି ଦିନ ପୂର୍ବରୁ ରୁଷ୍ଟ ହୋଇଥିବା ଜୋସୁର ମନରେ ପରିବର୍ତ୍ତନ ଆସିଛି । ସେ ପୁଣି ଆଲେନ୍‌ର ନିକଟତର ହୋଇଛି । ତା'ର ମାଆ ଶ୍ରୀମତୀ ସାକାଇ ମଧ୍ୟ ଆଲେନ୍ ସହ ତା'ର ବିବାହ ପ୍ରସ୍ତାବରେ ସମ୍ମତି ପ୍ରଦାନ କରିଛନ୍ତି ।

ଜୋସୁ ଜଣେ ଯୁବତୀ ଭାବରେ ନିଜର ଭାଗ୍ୟ ନିଜେ ନିରୂପଣ କରିବାକୁ ପ୍ରସ୍ତୁତ ହୋଇଛି । ସେ ଅନୁଭବ କରିଛି ଯେ ତା' ଭିତରେ ଅକଳନ୍ତି ବଳ ରହିଛି ଯଦ୍ୱାରା ସେ ଯେକୌଣସି ପରିସ୍ଥିତିକୁ ସାମନା କରିପାରିବ । ଏହି ସାହସିକତାରୁ ତା' ମନରେ ଏକ ଗଭୀର ପ୍ରତ୍ୟୟ ସୃଷ୍ଟି

ହୋଇଛି । ଯେଉଁ ଆଲେନ୍‌କୁ ସେ ଆପଣାର ବୋଲି ଭାବିଛି ତାକୁ ସେ ନିଶ୍ଚୟ ବିଶ୍ୱାସ କରିବ । ତାକୁ ନେଇ ଏଇ ପରିବର୍ତ୍ତନଶୀଳ ପୃଥିବୀରେ ଏକ ସଫଳ ପାରିବାରିକ ଜୀବନ ବିତାଇ ପାରିବ ବୋଲି ତା'ର ମନରେ ଭରସା ଆସିଛି । ନିଜର ନିଷ୍ପତ୍ତି ସେ କୋବରୀକୁ ଜଣାଇଦେଇଛି । କୋବରୀ ଏଥିରେ ଭାଙ୍ଗିପଡ଼ି ନାହିଁ । ବିବାହ ନହେଲେ ମଧ୍ୟ ଉଭୟେ ବନ୍ଧୁତ୍ୱର ସମ୍ପର୍କକୁ ଆଗକୁ ବଜାୟ ରଖିବାକୁ ନିଷ୍ପତ୍ତି ନେଇଛନ୍ତି ।

ଏକ ବୌଦ୍ଧ ମନ୍ଦିରରେ ଜୋସୁ ଓ ଆଲେନ୍‌ର ବିବାହ ଉତ୍ସବ ବୌଦ୍ଧ ରୀତିରେ ଅନୁଷ୍ଠିତ ହୋଇଛି । ଜୋସୁର ମାତାପିତା ଉପସ୍ଥିତ ଅଛନ୍ତି । ବୌଦ୍ଧମନ୍ଦିରର ପୁରୋହିତ ହୋସୁ ବିବାହ ଉତ୍ସବର ମନ୍ତ୍ରଗାନ କରିଛନ୍ତି । ତାଙ୍କ ପ୍ରାର୍ଥନାର ବିଷୟ ଥିଲା – ''ହୃଦୟରେ ପବିତ୍ର ସ୍ମୃତି ନେଇ ବୈବାହିକ ସୂତ୍ରରେ ଆବଦ୍ଧ ହୋଇଥିବା ଏହି ନୂତନ ଦମ୍ପତି ସେମାନଙ୍କ ଶପଥରେ ଅଟଳ ରହନ୍ତୁ । ପରସ୍ପର ପ୍ରତି ସ୍ନେହ, ସମ୍ମାନ ଓ ସମବେଦନା ରଖନ୍ତୁ । ନିଜକୁ କାୟମନୋବାକ୍ୟରେ ପବିତ୍ର ରଖନ୍ତୁ ଏବଂ ପରସ୍ପରର ବୌଦ୍ଧିକ ବିକାଶରେ ସହାୟକ ହୁଅନ୍ତୁ । ଏସବୁ ଏକ ସୁଖୀ ବିବାହିତ ଜୀବନ ପାଇଁ ଆବଶ୍ୟକ ଓ ବୁଦ୍ଧଙ୍କ ଉପଦେଶ ଅନୁସାରେ ଚଳିବାର ଏକ ଉତ୍ତମ ପନ୍ଥା ।''

(କ୍ରମଶଃ) ❑

## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ
## (ଡିସେମ୍ବର ୯, ୧୦, ୧୧ - ୨୦୧୭)

ଶ୍ରୀ ସାତକଡ଼ି ହୋତା, ସଭାପତି, ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ, ମାତୃବିହାର, ଖଣ୍ଡଗିରି, ଭୁବନେଶ୍ୱର - ୭୫୧ ୦୩୦, ଜଣାଇଛନ୍ତି ଯେ ଦିବ୍ୟଜନନୀଙ୍କ ଅପାର କୃପାରୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରେ ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ ଆନୁକୂଲ୍ୟରେ ଖଣ୍ଡଗିରିସ୍ଥିତ ମାତୃବିହାର ପରିସରରେ ଚତୁର୍ବିଂଶତିତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ, ମହାଯୋଗୀ ଶ୍ରୀଅରବିନ୍ଦଙ୍କ ମହାସମାଧି ଦିବସ ଆସନ୍ତା ଡିସେମ୍ବର ୯ ତାରିଖଠାରୁ ଆରମ୍ଭ କରି ୧୧ ତାରିଖ ପର୍ଯ୍ୟନ୍ତ ତିନିଦିନବ୍ୟାପୀ ଅନୁଷ୍ଠିତ ହେବ । ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀରୁ ବିଶିଷ୍ଟ ବକ୍ତାମାନଙ୍କ ସମେତ ସ୍ଥାନୀୟ ସୁପରିଚିତ ବକ୍ତାବୃନ୍ଦ ସମ୍ମିଳନୀରେ ଉଦ୍‌ବୋଧନ ଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ସମ୍ମିଳନୀ ୯ ତାରିଖ ଅପରାହ୍ଣ ୫ଟା ସମୟରେ ଉଦ୍‌ଘାଟିତ ହୋଇ ୧୧ ତାରିଖ ରାତ୍ରି ଘ୮. ୩୦ ସୁଦ୍ଧା ଶେଷ ହେବ । ଏଥିରେ ଯୋଗଦେବା ନିମନ୍ତେ ପ୍ରତିନିଧି ଚାନ୍ଦା ୫୦ଟଙ୍କା ମାତ୍ର ଧାର୍ଯ୍ୟ କରାଯାଇଛି । ଶ୍ରୀଅରବିନ୍ଦ ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ସମସ୍ତ ମାତୃପ୍ରେମୀ ଭାଇଭଉଣୀଙ୍କୁ ଏଥିରେ ଯୋଗଦେବା ନିମନ୍ତେ ବିନମ୍ର ଅନୁରୋଧ କରୁଛୁ ।

ଆପଣମାନଙ୍କ ପାଠଚକ୍ରରୁ ଆସୁଥିବା ପ୍ରତିନିଧିମାନଙ୍କ ନାମ ତାଲିକା ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଜଣାଇବାକୁ ଅନୁରୋଧ । ଏହି ସମ୍ମିଳନୀ ସମ୍ପର୍କରେ ଅଧିକ ଜାଣିବାକୁ ଇଚ୍ଛା କଲେ ଉପରୋକ୍ତ ଠିକଣାରେ କିଂବା ନିମ୍ନରେ ପ୍ରଦତ୍ତ ମୋବାଇଲ ନମ୍ବର ସହ ଯୋଗାଯୋଗ କରିପାରନ୍ତି ।

ଶ୍ରୀ ଶଙ୍କର ମହାନ୍ତି : ୯୪୩୭୯୪୧୫୨୨; ଶ୍ରୀ ଅଜିତ ମହାନ୍ତି : ୯୪୩୭୧୯୦୪୬୪

# ସମୁଦ୍ର

## ମନୋରଞ୍ଜନ ମହାନ୍ତି

ଜଣେ ବ୍ୟକ୍ତି ଯେପରି ଅଙ୍କ କେତେ ଖଣ୍ଡ ବହି ପଢ଼ି ଜ୍ଞାନ କେତେ ଗଭୀର ଜାଣି ପାରନ୍ତି ନାହିଁ, ଠିକ୍ ସେହିପରି ବେଳାଭୂମିରେ ବସି ସମୁଦ୍ର ଆଡ଼କୁ ଚାହିଁ ସମୁଦ୍ର କେତେ ଗଭୀର କଳି ପାରନ୍ତି ନାହିଁ । ଅଙ୍କ କେତେ ଖଣ୍ଡ ବହି ପଢ଼ିବା ଯାହା ସମୁଦ୍ର କୂଳରେ ବସି ନୌକା ଚାଳନା, ନୋଳିଆଙ୍କ ମାଛଧରା, ଜଳରାଶିର ପ୍ରବାହକୁ ଦେଖିବା ତାହା । ଗଭୀରତା, ଗରିଷ୍ଠତା ହେଉଛି ଉଭୟ ଜ୍ଞାନ ଓ ସମୁଦ୍ରର ବୈଶିଷ୍ଟ୍ୟ, ବୈଚିତ୍ର୍ୟ, ଯାହା କେବଳ ଆଖିରେ ପଢ଼ିବା, ଦେଖିବା ଦ୍ୱାରା ନୁହେଁ, ଅନ୍ତରରେ ଅନୁଧ୍ୟାନ ଅନୁଶୀଳନ ଦ୍ୱାରାହିଁ ଅନୁଭବ୍ୟ ।

ସମୁଦ୍ର କେତେ ଗଭୀର, କେତେ ଗରିଷ୍ଠ ! କେତେ ଆଡ଼ୁକୁ କେତେ ନଦୀ ନିରବଚ୍ଛିନ୍ନ ବେଗରେ ବହି ଯାଉଛନ୍ତି ସମୁଦ୍ର ଆଡ଼କୁ । କ୍ଷୁଦ୍ର ବୃହତ୍ ନିର୍ବିଶେଷରେ ସମସ୍ତ ନଦୀକୁ ଗ୍ରହଣ କରିଛି ସମୁଦ୍ର; ସମସ୍ତ ନଦୀର ଜଳଧାରକୁ ମିଶାଇ ଦେଉଛି ନିଜ ଜଳ ଭଣ୍ଡାରରେ । ସମୁଦ୍ର ଭଳି ସମଦର୍ଶୀ ଆଉ କିଏ ଅଛି ଏ ସଂସାରରେ ? କେତେ ଉଦାର ସତରେ ସିଏ ! ତା'ର ଗଭୀରତା, ଗରିଷ୍ଠତା ଭିତରେ ଭରି ରହିଛି କେତେ ଗ୍ରହଣଶୀଳତା, ସମଦର୍ଶିତା ଆଉ ଉଦାରତା ।

ଜଣେ ଚିନ୍ତକ ବେଳାଭୂମିରେ ବସି ସମୁଦ୍ର ଆଡ଼କୁ ଚାହିଁ ହୁଏତ ଭାବାବିଷ୍ଟ ହୋଇ କହନ୍ତି, ଯେଉଁ ବ୍ୟକ୍ତିଙ୍କର ଚିନ୍ତନ ଗରିଷ୍ଠ ଅର୍ଥାତ୍ ପ୍ରଶସ୍ତ, ଚୈତନ୍ୟ ଗଭୀର କେବଳ ସେହିଁ ସମୁଦ୍ର ଭଳି ଗ୍ରହଣଶୀଳ, ସମଦର୍ଶୀ, ଉଦାର ହୋଇପାରନ୍ତି । ବେଳାଭୂମିରେ ବସିଥିବା ଜଣେ କବି ହୁଏତ କହନ୍ତି, ଜୀବାତ୍ମା ନଦୀ, ପରମାତ୍ମା ସମୁଦ୍ର ସଦୃଶ; ନଦୀ ସମୁଦ୍ର ଆଡ଼କୁ ବହି ଯାଉଥିବା ଭଳି ଜୀବାତ୍ମା ପରମାତ୍ମା ଅଭିମୁଖେ ନିତ୍ୟ ଗତିଶୀଳ । ଜଣେ ପରିବେଶବିତ୍ ବେଳାଭୂମି, ସମୁଦ୍ରର ପରିମଳ ପ୍ରତି ଧ୍ୟାନ ଦେଉଥିଲା ବେଳେ ଜଣେ ସମୁଦ୍ର-ବିଶେଷଜ୍ଞ ସମୁଦ୍ର ଅଭ୍ୟନ୍ତରସ୍ଥ ସମ୍ପଦ ସନ୍ଧାନରେ ବ୍ରତୀ ହୁଅନ୍ତି ।

ଏପରି ଭିନ୍ନ ଭିନ୍ନ ଚରିତ୍ରର ବ୍ୟକ୍ତି ସମୁଦ୍ରକୁ ଭିନ୍ନ ଭିନ୍ନ ଦୃଷ୍ଟିରେ ଦର୍ଶନ କରନ୍ତି । ଅଥଚ ସମସ୍ତଙ୍କ ପ୍ରତି ସମୁଦ୍ର ସମଦୃଷ୍ଟିସମ୍ପନ୍ନ । ତା' ଦୃଷ୍ଟିରେ ଜଳଯାତ୍ରୀଙ୍କ ନୌକାଚାଳନା, ନୋଳିଆଙ୍କ ମାଛଧରା, ପର୍ଯ୍ୟଟକଙ୍କ ଶୁଦ୍ଧ ସ୍ନାନ, ଚପଳ ଶିଶୁଙ୍କ ବେଳାଭୂମିରେ ଖେଳାଲୀଳା, ଚିନ୍ତକ କବିମାନଙ୍କ ଭାବ ସର୍ଜନା, ପରିବେଶବିତ୍ଙ୍କ ପରିମଳ ପ୍ରୟାସ, ବିଶେଷଜ୍ଞଙ୍କ ସମ୍ପଦ ସନ୍ଧାନ ସବୁ ସମାନ । ତା' ଦୃଷ୍ଟିରେ ଜୁଆର ଭଙ୍ଗା ସମାନ; ଶୁକ୍ଳ ପକ୍ଷ, କୃଷ୍ଣପକ୍ଷ ସମାନ; ବାରିମଣ୍ଡଳରୁ ବ୍ୟୋମମଣ୍ଡଳ, ନୌକାରୁ ନକ୍ଷତ୍ର, ସୈକତରୁ ସହସ୍ରାଂଶୁ, ଝାଉଁବଣର ସମୀରଣରୁ ବର୍ଷା ଝରର ସାମଗାନ ପର୍ଯ୍ୟନ୍ତ ସବୁ ସମାନ ।

ସମୁଦ୍ର ଅନ୍ତଃସ୍ଥଳରେ ନାନାଜାତିର ଜଳଜୀବ, ପୃଷ୍ଠସ୍ଥଳରେ ନୌକାରୋହୀ ବହୁରୂପୀ ମାନବ, ପୃଷ୍ଠସ୍ଥଳର ଊର୍ଦ୍ଧ୍ୱସ୍ଥ ଶୂନ୍ୟ ସ୍ଥଳରେ ବିବିଧ ବର୍ଣ୍ଣିଳ ବିହଗ । ବେଳାଭୂମିରେ ବସିଥିବା ବ୍ୟକ୍ତିଙ୍କର ବହିଃଚକ୍ଷୁ ଥିବାରୁ ସମୁଦ୍ରର ପୃଷ୍ଠସ୍ଥଳକୁ ସେ ଦେଖିପାରେ ସିନା, ଅନ୍ତଶ୍ଚକ୍ଷୁ ନଥିବାରୁ ଅନ୍ତଃସ୍ଥଳକୁ ଦେଖିପାରେନା ।

କେବଳ ଜଣେ ଅନ୍ତଶ୍ଚକ୍ଷୁଷ୍ମାନ୍ ବ୍ୟକ୍ତି ସମୁଦ୍ରର ଅନ୍ତଃସ୍ଥଳକୁ ଦେଖିପାରନ୍ତି, ଅନ୍ତଃସ୍ଥଳକୁ ଦେଖିପାରୁଥିବାରୁ ଅନ୍ତର୍ଲୀନ ହୋଇଯାଆନ୍ତି, ଅନ୍ତର୍ଲୀନ ହେଉଥିବାରୁ ଅନ୍ତଃକରଣରେ ଶାନ୍ତ ଓ ଅନନ୍ତର ମିଳନ କରାଇପାରନ୍ତି । ତେବେ ସମୁଦ୍ରର ଅନ୍ତଃସ୍ଥଳକୁ ଦେଖିବା କହିଲେ ଆମେ କ'ଣ ବୁଝୁନ୍ତି ? ସମୁଦ୍ରର ଅନ୍ତଃସ୍ଥଳକୁ ଦେଖିବା ହେଉଛି ସମୁଦ୍ର ଭଳି ଅମାପ ଗଭୀର ଜୀବନ ଓ ଜଗତ୍ ସମ୍ବନ୍ଧୀୟ ଜ୍ଞାନର ନିର୍ଯାସକୁ ନିର୍ଣ୍ଣୟ କରିବାର ନାମାନ୍ତର ।

ସମୁଦ୍ର ଯେମିତି ଶେଷହୀନ ଶ୍ରୀ ଓ ସମ୍ପଦର ସମ୍ଭାର, ବ୍ୟକ୍ତି-ଜୀବନ ସେମିତି ଶେଷହୀନ ଶକ୍ତି ଓ ସମ୍ଭାବନାର ସମାହାର । ଜଣେ ସାଧାରଣ ବ୍ୟକ୍ତି ବେଳାଭୂମିରେ ବସି ସମୁଦ୍ର ଆଡ଼କୁ ଚାହିଁଲାବେଳେ ହୁଏତ କଳନା କରିପାରେ ନାହିଁ ସମୁଦ୍ର ଭିତରେ ଏତେ ଶ୍ରୀ, ସମ୍ପଦ ଆଉ ତା' ନିଜ ଭିତରେ ଏତେ ଶକ୍ତି, ସମ୍ଭାବନା ଭରି ରହିଛି । କେବଳ ଜଣେ ଅସାଧାରଣ ବ୍ୟକ୍ତି ସେପରି କଳନା କରିବାକୁ ସମର୍ଥ ହୁଏ । ଯୁଗେ ଯୁଗେ ଗୌତମ, ଗଦାଧର, ନରେନ୍ଦ୍ରନାଥ, ନଳିନୀକାନ୍ତ, ମୋହନ ଦାସ, ମୁକୁନ୍ଦଲାଲ, ଅରବିନ୍ଦ, ଅଗଷ୍ଟିନ୍, ଆର୍କ ଜୋଆନ୍, ରତ୍ନାକରମାନଙ୍କ ଭିତରେ ବୁଦ୍ଧ, ରାମକୃଷ୍ଣ, ବିବେକାନନ୍ଦ, ନିଗମାନନ୍ଦ, ମହାତ୍ମା, ଯୋଗାନନ୍ଦ, ଶ୍ରୀଅରବିନ୍ଦ,

ସେଣ୍ଟଅଗଷ୍ଟିନ୍, ସେଣ୍ଟଜୋଆନ୍, ବାଲ୍ମିକି ହେବାର ଶକ୍ତି ଓ ସମ୍ଭାବନା ଭରି ରହିଥାଏ ଠିକ୍ ସମୁଦ୍ରରେ ଶ୍ରୀ ଓ ସମ୍ପଦ ଭରି ରହିଥିଲା ଭଳି, ଏହା କେବଳ ଜଣେ ଅସାଧାରଣ ବ୍ୟକ୍ତିହିଁ କଳନା କରିପାରେ ।

ଯେଉଁ ବ୍ୟକ୍ତି ନିଜର ଜ୍ଞାନ, ମାନ, ଧନ ଓ ଜନବଳକୁ ଅନ୍ୟ ସମସ୍ତଙ୍କଠାରୁ ଗଭୀର ବୋଲି ବିଚାର କରୁଛି ସେ ଥରେ ବେଳାଭୂମିରେ ଠିଆ ହୋଇ ଆଖି ଖୋଲି ସମୁଦ୍ର ଆଡ଼କୁ ଚାହୁଁ; ତା'ପରେ ବେଳାଭୂମିରେ ବସି ଆଖିବନ୍ଦ କରି ନିଜର ଅନ୍ତର୍ଦେଶ ବା ଅନ୍ତଃକରଣକୁ ଚାହୁଁ; ସ୍ୱତଃ ସେ ଅନୁଭବ କରିବ ତା'ର ଜ୍ଞାନ, ମାନ, ଧନ, ଜନବଳ ସଂସାରରେ ସବୁଠୁ ଅଗଭୀର । ସେହି ସମୟରେ ଆତ୍ମମ୍ଭରିତା, ଭୋଗ-ଅଭୀପ୍ସା, ଅସୂୟାରୁ ମୁକ୍ତ ହୋଇ ସେ ସଂସାରର ପ୍ରତିଟି ସୃଷ୍ଟି ସହିତ ଯୁକ୍ତ ହୋଇଯିବ; ଆତ୍ମୀୟତା ଓ ଅନ୍ତରଙ୍ଗତାର ଭାବରେ ବାନ୍ଧି ହୋଇଯିବ । ବ୍ୟକ୍ତିର ଆତ୍ମମ୍ଭରିତା ଝଡ଼ି ଗଲେ ସମୁଦ୍ର ସହିତ ଆତ୍ମୀୟତା ବଢ଼ିଯାଏ, ବ୍ୟକ୍ତି ଅନ୍ୟକୁ ଦେଖି ଅନ୍ତରରେ ତ୍ୟାଗର ତରଙ୍ଗ ଓ ସମୁଦ୍ର ସହ ଅନ୍ତରଙ୍ଗ ଅନୁଭବ କଲେ ସମୁଦ୍ର ଅନ୍ତରଙ୍ଗ ହୋଇଯାଏ, ଅନ୍ୟ ପ୍ରତି ଅସୂୟାରୁ ମୁକ୍ତ ହେଲେ ସମୁଦ୍ରର ଉତ୍କର୍ଷ ସହିତ ଯୁକ୍ତ ହୋଇଯାଏ । ସେତେବେଳେ ବ୍ୟକ୍ତି ବୁଝି ସାରିଥାଏ ଜଗତର ପ୍ରତିଟି ସର୍ଜନା ସହିତ ଆତ୍ମୀୟତା ହେଉଛି ଆତ୍ମମ୍ଭରିତାରୁ ମୁକ୍ତ ଅନ୍ତରଙ୍ଗତା, ଭୋଗ-ଅଭୀପ୍ସା ଓ ଅସୂୟା ଆଦି କେତେ କୁତ୍ସିତ, ଆଉ ଆତ୍ମୀୟତା, ତ୍ୟାଗପୂତ ଅନ୍ତରଙ୍ଗ ଉତ୍କର୍ଷର ଉପଲବ୍ଧି କେତେ ସୁନ୍ଦର ସତରେ ।

ସମୁଦ୍ର ବ୍ୟକ୍ତିକୁ ନିରନ୍ତର ଏଇ ଶିକ୍ଷା ଦେଉଥାଏ ଯେ ଜୁଆର-ଭଟ୍ଟା ଯେଭଳି ସମାନ, ଦୁଃଖ ଓ ସୁଖ, ଗାର୍ହସ୍ଥ୍ୟ ଓ ସନ୍ନ୍ୟାସ ସେଭଳି ସମାନ । ଜୁଆର ସମୟରେ ବିଚଳିତ ଅଶାନ୍ତ ସଂସାରୀ ଭଳି, ଭଟ୍ଟା ସମୟରେ ଅବିଚଳିତ ଶାନ୍ତ ସନ୍ନ୍ୟାସୀ ଭଳି ଦୃଶ୍ୟ ହେଉଥିବା ସମୁଦ୍ର ବ୍ୟକ୍ତିକୁ ଜଗତର ଯାବତୀୟ ଜଞ୍ଜାଳ ଜନିତ ଜ୍ୱଳନ ଯନ୍ତ୍ରଣା ଭିତରେ ଶାନ୍ତ ସମାହିତ ଜୀବନଯାପନର ସନ୍ଦେଶ ଦେଉଥାଏ । ସମୁଦ୍ର ପରିବେଷ୍ଟିତ ଜାପାନ ଦେଶର ବୋମା-ବିଧ୍ୱସ୍ତ ନଗର ହିରୋସୀମାକୁ ପୁନର୍ଗଠନ କରିଥିବା ଜାପାନୀମାନେ ସତରେ ଜଣେ ଜଣେ ସନ୍ନ୍ୟାସୀଠାରୁ ଅଧିକ ଶାନ୍ତ ସମାହିତ ଥିଲେ । ସନ୍ନ୍ୟାସ-ଧର୍ମର ବହୁ ଊର୍ଦ୍ଧ୍ୱରେ ଥିଲା ସେମାନଙ୍କର ସହନ ଶକ୍ତି, ସମୟ ଜ୍ଞାନ, ଶ୍ରମଦାନ, ସକାରାତ୍ମକ ଜୀବନ-ଚିନ୍ତା, ରଚନାତ୍ମକ ବିଶ୍ୱ-ଦୃଷ୍ଟି ।

ସମୟ ସମୟରେ ସମୁଦ୍ରର ତୋଫାନ ବ୍ୟକ୍ତିକୁ ତ୍ରସ୍ତ କରେ, ସମୁଦ୍ର-କମ୍ପନ ବ୍ୟକ୍ତି-ପ୍ରାଣକୁ ବିକମ୍ପିତ କରେ । ଜଳଭାଗରେ ସୃଷ୍ଟ ତୋଫାନ, କମ୍ପନ ସ୍ଥଳଭାଗରେ ଅକଳନ କ୍ଷୟ ସାଧନ କରେ । ତଥାପି ବ୍ୟକ୍ତି ସାହସ ବାନ୍ଧେ ତା'ର ଭାଙ୍ଗି ଯାଇଥିବା ଘରକୁ ଗଢ଼ିଦେବା ପାଇଁ, ଉଜୁଡ଼ି ଯାଇଥିବା ସଂସାରକୁ ସଜାଡ଼ି ଦେବା ପାଇଁ ।

କେହି କଳନା କରିପାରେ ନାହିଁ ସମୁଦ୍ରରୁ କେତେ ପରିମାଣର ଜଳ ଗ୍ରୀଷ୍ମର ଉତ୍ତାପରେ ବାଷ୍ପ ହୋଇ ଊର୍ଦ୍ଧ୍ୱକୁ ଉଠିଯାଏ ଓ ସେହି ବାଷ୍ପ ବର୍ଷାର ଶୀତଳତାରେ ଘନୀଭୂତ ହୋଇ ଜଳ ଆକାରେ ନିମ୍ନକୁ ଖସି ଆସେ । ଠିକ୍ ସେହିଭଳି କେହି କଳନା କରିପାରେ ନାହିଁ ଜଣେ ଦସ୍ୟୁର ଚୈତନ୍ୟ ବା ଜଣେ ରାଜକୁମାରର ଚୈତନ୍ୟ କେଉଁ ମୁହୂର୍ତ୍ତରେ ଊର୍ଦ୍ଧ୍ୱଗାମୀ ହୋଇ ଋଷି ଚୈତନ୍ୟ ବା ବୁଦ୍ଧ ଚୈତନ୍ୟରେ ରୂପାନ୍ତରିତ ହୁଏ ଓ ସେହି ଚୈତନ୍ୟ ଧୂଳି ଧୂସରିତ ଧରଣୀରେ ଏକ ଆଧ୍ୟାତ୍ମିକ ମହାକାବ୍ୟ ରଚନାରେ ବା ସତ୍ୟ-ଧର୍ମପ୍ରଚାରରେ ରତ ହୁଏ । ଜଳୀୟ ବାଷ୍ପ ଊର୍ଦ୍ଧ୍ୱଗାମୀ ହେଲା ଭଳି ଦାନବୀୟ ଚୈତନ୍ୟ ମାନବୀୟ ଚୈତନ୍ୟକୁ, ମାନବୀୟ ଚୈତନ୍ୟ ଦିବ୍ୟ ଚୈତନ୍ୟକୁ ଅର୍ଥାତ୍ ଊର୍ଦ୍ଧ୍ୱକୁ ଗତି କରେ । ବର୍ଷା ଜଳ ଜଗତର କଲ୍ୟାଣ ସାଧନ କଲା ଭଳି ବ୍ୟକ୍ତିର ରୂପାନ୍ତରିତ ଚୈତନ୍ୟ ଜଗତର କଲ୍ୟାଣ ସାଧନ କରେ । ଗ୍ରୀଷ୍ମ ଓ ବର୍ଷା ଋତୁରେ ବେଳାଭୂମିରୁ ସମୁଦ୍ରକୁ ଦେଖୁଥିବା ଜଣେ ଚିନ୍ତକ ଏହିପରିହିଁ ଚିନ୍ତା କରୁଥାଏ ।

ସମୁଦ୍ରର ଅନ୍ତଃସ୍ଥଳରେ ନାନା ରୂପର ଜୀବ, ପୃଷ୍ଠ ସ୍ଥଳରେ ନାନା ରଙ୍ଗର ମାନବ, ଊର୍ଦ୍ଧ୍ୱସ୍ଥ ଶୂନ୍ୟ ସ୍ଥଳରେ ନାନାରସର ଗୀତ ଗାଉଥିବା ବିହଙ୍ଗମ । ଏହିପରି ବିବିଧ ରୂପ ରସର ସମନ୍ୱୟ ହେଉଛି ମହୋଦଧିର ବାରିମଣ୍ଡଳ ଓ ମହାଶୂନ୍ୟର ବ୍ୟୋମମଣ୍ଡଳ । ଜଣେ ବ୍ୟକ୍ତି ବେଳାଭୂମିରେ ଠିଆ ହୋଇ ସମୁଦ୍ର ଚକ୍ରବାଳ ଅର୍ଥାତ୍ ବାରିମଣ୍ଡଳ ଓ ବ୍ୟୋମମଣ୍ଡଳର ମଞ୍ଜୁଳ ମିଳନ ସ୍ଥଳକୁ ଦେଖି ବିମୋହିତ ହୁଏ । ସେ କ'ଣ ସତରେ ନିଜ ଜୀବାତ୍ମାର ଉତ୍ତରଣକୁ ଉପଲବ୍ଧି କରେ ! ଚିତ୍ତରୁ ଚକ୍ରବାଳ ପର୍ଯ୍ୟନ୍ତ ସର୍ବତ୍ର 'ପରମ'ର ଅସ୍ତିତ୍ୱକୁ ଅନୁଭବ କରେ ! ମହୋଦଧି ଓ ମହାଶୂନ୍ୟକୁ 'ପରମ'ର ପ୍ରକଟନ ଭାବି, ପ୍ରତ୍ୟୟ ଭାବି ପ୍ରତ୍ୟୟ ସହ ପ୍ରଣିପାତ କରେ ।

ହଁ ସତ କଥା, ଯେତେବେଳେ ବ୍ୟକ୍ତି ସ୍ୱ-ଦେହରୁ ସୁଦୂର ଦିଗନ୍ତ ପର୍ଯ୍ୟନ୍ତ ସର୍ବତ୍ର ଦିବ୍ୟଦର୍ଶନ କରେ ଠିକ୍ ସେତିକି ବେଳେ ତା' ପାଇଁ ବସୁଧା, ବୈଶ୍ୱାନର, ବାରି, ବାୟୁ, ବ୍ୟୋମ ଏହି ପଞ୍ଚଭୂତ ପରମମୟ ହୋଇଯାଏ । ମହୋଦଧିରୁ କ୍ଷରିତ

ଅମୃତରେ ତା'ର ଅନ୍ତଃକରଣ ଅବଗାହିତ ହୁଏ । ସେ ଠିଆ ହୋଇଥିବା ବେଳାଭୂମି ଜୀବ ଓ ପରମର ଲୀଳାଭୂମିରେ ରୂପାନ୍ତରିତ ହୁଏ ।

ପୃଥିବୀର ତିନି ଭାଗ ଜଳ, ଏକ ଭାଗ ସ୍ଥଳ । ସେଥିପାଇଁ ସ୍ଥଳଭାଗର ବାସିନ୍ଦା ମନୁଷ୍ୟମାନେ କେବଳ ବିସ୍ମୟ-ବିଭୋର ହୋଇ ଚାହିଁ ରହନ୍ତି ଜଳଭାଗକୁ ବିଶେଷତଃ ସମୁଦ୍ରକୁ । ସମୁଦ୍ରର ଆଦିଗନ୍ତ ବ୍ୟାପ୍ତି ବ୍ୟକ୍ତି ମନରେ ବେଳେ ବେଳେ ଭୀତି ସର୍ଜନା କରେ, ବେଳେ ବେଳେ ତୃପ୍ତି ରଚନା କରେ ଅର୍ଥାତ୍ ଭୀତି ଓ ତୃପ୍ତି ଉଭୟର ସଂଯୋଜନା କରେ । ବୋଧହୁଏ ତାହାହିଁ ହେଉଛି ସମୁଦ୍ରର ସ୍ୱାତନ୍ତ୍ର୍ୟ । ବ୍ୟକ୍ତି-ତତ୍ତ୍ୱର ବହୁ ଊର୍ଦ୍ଧ୍ୱରେ ସମୁଦ୍ରର ତତ୍ତ୍ୱ । ସମୁଦ୍ର ବ୍ୟକ୍ତିକୁ ଶାସନ କରିବା ଢଙ୍ଗରେ ଶିକ୍ଷା ଦିଏ ଜୀବନ ଏକ ଉତ୍ସବ ନୁହେଁ ଉପଲବ୍ଧି, ବିଳାସ ନୁହେଁ ପ୍ରୟାସ, ବିଜ୍ଞାପନ ନୁହେଁ ଆତ୍ମଜ୍ଞାନ; ଜୀବନ ଉଚ୍ଚାରଣ ପାଇଁ ନୁହେଁ ଉତ୍ତରଣ ପାଇଁହିଁ ଉଦ୍ଦିଷ୍ଟ ।

(ସୌଜନ୍ୟ : **ସାବିତ୍ରୀ**, ପୂଜା ସଂଖ୍ୟା - ୨୦୧୬)

❑❑❑

# ସମୁଦ୍ର

## ସୁଦର୍ଶନ ଦାସ

କ୍ଷତଟି ତା'ର ନୀଳ ରହସ୍ୟ ଭିତରେ
ନୀରବରେ ଶୋଇରହି ଗୁମୁରୁଥାଏ
ସ୍ଫୀତ ବକ୍ଷରେ ଚୁନିଚୁନି ଲହରୀର ଅଖଣ୍ଡ ନୃତ୍ୟ
ଲୁଚେଇଦିଏ ଐତିହାସିକ ଯନ୍ତ୍ରଣା–
ପୋଖତ କଳାକାର ସେ ।

ସେ କୋଳାଗ୍ରତ କରେ ନୀଳ ଆକାଶକୁ
ଉଷୁମ ଆଲିଙ୍ଗନରେ ବିଶାଳତାର ସଂଜ୍ଞା ଜଣାଏ
ତହୁଁ ରକ୍ତ ଝରିଲେ
ପୋଛିନିଏ କୋମଳ ସ୍ପର୍ଶରେ
ନିଜେ ଜୁଡୁବୁଡୁ ହୋଇ ଜଣାଏ ସମବେଦନା ।

ତେଣେ ଜହ୍ନର ଚପଳତାକୁ
ପ୍ରଶସ୍ତ ଛାତିରେ ଆବୋରି ନେଇ
'ଧୋରେ ବାୟା ଧୋ' ଗୀତ ଶୁଣାଏ,
ନିଦ ଭାରରେ ଆଖି ମଳୁଥିବା ତାରାଙ୍କୁ
ନୀଳ ଶେଯରେ ଶୁଆଇ ଆଉଁଶି ଦିଏ ।

ବାୟାଣୀ ନଦୀ ବାଟ ଖୋଜୁ ଖୋଜୁ
ଲୁଣୀ ମଧୁରତାରେ ଲାଜେଇ ଅବଗୁଣ୍ଠନ ଟାଣି
ସମସ୍ତ କ୍ଳାନ୍ତିକୁ ଝାଡ଼ିଝୁଡ଼ି ଦେଇ
ତା'ରି ଅଙ୍ଗରେ ଅଦେହୀ ହୋଇଯାଏ,
ସେ ନୀରବରେ ସମସ୍ତ ଭାରକୁ
ଫୁତ୍କାରରେ ଉଡ଼ାଇ
ହୋଇଯାଏ ଆହୁରି ଗମ୍ଭୀର ।

କେବେ କେବେ ଦୁର୍ବାସାର ରାଗକୁ ଦେଖାଇ
କୂଳକୁ ଟାଣି ଓଟାରି ପକାଏ କ୍ଷଣିକେ,
ତା'ପରେ ନିଜର କ୍ଷଣସ୍ଥାୟୀ କୋପର ଶିଖଣ୍ଡୀ ଆଗେ
ମୁଣ୍ଡ ନୁଆଇଁ
ପ୍ରିୟ ସମୟର ଅର୍ଜୁନ ଆଡ଼େ ବକ୍ଷ ପାତି ଦିଏ
ଏବଂ ଶର ଶଯ୍ୟାରେ
ନୀଳ ସାମ୍ରାଜ୍ୟର ଅସ୍ଥିରତାକୁ ଚାହିଁ ରହେ
ସ୍ଥିର ହେବାଯାଏ । ❑



# ସେ ଏକ ଶାନ୍ତ ନିରୀହ ବିଚିତ୍ର ପ୍ରାଣୀ

## ଧର୍ମ କୁମାର ଶତପଥୀ

ଆମର ଏ ପୃଥିବୀ ଏକ ଅଦ୍ଭୁତ ଗ୍ରହ । ସୌରଜଗତରେ ଏହାର ଅବସ୍ଥାନ । ଏହାର ବାର୍ଷିକ ଓ ଆହ୍ନିକ ଗତି ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରରେ ବୈଚିତ୍ର୍ୟ ଭରି ରହିଛି । ଏ ଗ୍ରହରେ ଥିବା ଜୀବଜନ୍ତୁ, ଗଛଲତା, ନଦନଦୀ, ପାହାଡ଼-ପର୍ବତ ଏବଂ ସର୍ବୋପରି ଭୂମିରୂପ ସବୁଥିରେ ନିହିତ ରହିଛି ବର୍ଣ୍ଣଛଟାର ବିଭବ, ଜ୍ଞାନ ଓ ନୈସର୍ଗିକ ସୁଷମାର ସମ୍ଭାର । ଆଉ ଈଶ୍ୱର ସୃଷ୍ଟ ଶ୍ରେଷ୍ଠ ଜୀବ ମଣିଷ ସେଇ ନିଗୂଢ଼ ତତ୍ତ୍ୱକୁ ସର୍ବସାଧାରଣଙ୍କ ହିତ ସକାଶେ ଉଦ୍‌ଘାଟନ ପାଇଁ ବ୍ରତୀ ହୋଇଛି । ସେ ଯେତେ ଯେତେ ଗଭୀରରୁ ଗଭୀରକୁ ଯାଇ ଏସବୁ ଗୂଢ଼ ଜ୍ଞାନ ଲୋକଲୋଚନକୁ ଆଣୁଛି, ସେସବୁ ସେତେ ସେତେ ମାନବ-ସମାଜକୁ ବିମୋହିତ, ଗୌରବାନ୍ୱିତ କରିଛି । ବିଭିନ୍ନ ଜୀବଜନ୍ତୁଙ୍କ ଖାଦ୍ୟାଭାସ, ଚାଲିଚଳନ, ଶରୀରାକୃତି, ହାବଭାବ ନିର୍ବିଶେଷରେ ସବୁକିଛି ସମୟୋଚିତ ଭାବରେ ପ୍ରକୃତି ସହିତ ତାଳ ଦେଇ ପରିବର୍ଦ୍ଧିତ ଓ ବିକଶିତ ହେବାର ରହସ୍ୟକୁ ଆବିଷ୍କାର କରି ମଣିଷ ହୋଇଛି ଅଭିଭୂତ, ପ୍ରସାରିତ କରିଛି ନିଜ ଚିନ୍ତାର ସାମର୍ଥ୍ୟକୁ ଏବଂ ଲାଭ କରିଛି ଅଫୁରନ୍ତ ଆନନ୍ଦ, ଉତ୍ସାହ ଓ ସୃଷ୍ଟି ପ୍ରତି ହୋଇଛି ସମ୍ବେଦନଶୀଳ ।

ପ୍ରକୃତି ସହିତ ଖାପଖୁଆଇ ଗଛଲତାସମୂହ ପତ୍ର, ପୁଷ୍ପ, ଫଳ ସୃଜନ କରି ପ୍ରକୃତିକୁ ତଥା ମଣିଷକୁ ଯୋଗାଇ ଦିଅନ୍ତି ଅସୁମାରି ପ୍ରକୃତିପୁଷ୍ଟ ସମ୍ପଦ । ଏସବୁ ପ୍ରାପ୍ତ କରି ମଣିଷ ନିଜକୁ ଭାଗ୍ୟବାନ୍ ମନେ କରେ । ଈଶ୍ୱରଙ୍କ ପ୍ରତ୍ୟକ୍ଷ ଆଶୀର୍ବାଦକୁ ଅନୁଭବ କରେ । ଜୀବଜନ୍ତୁମାନେ ମଧ୍ୟ ସେମାନଙ୍କର ଭିନ୍ନ ଭିନ୍ନ ସାମର୍ଥ୍ୟ ଅବଲମ୍ବନରେ ମଣିଷକୁ ଅଜସ୍ର ବିଚିତ୍ର ସମ୍ପଦସବୁ ଭୋଗ କରିବାକୁ ଦେଇଥା'ନ୍ତି ।

ତେଣୁ ଏ ପୃଥିବୀ ହୋଇ ଉଠିଛି ମଣିଷ ପାଇଁ – ''ଶୋକପାସୋରା ଅପ୍ସରା ଭୁବନ ।''

ଏ ଅପ୍ସରା ଭୁବନରେ ବିଚରଣଶୀଳ ବିଭିନ୍ନ ଜୀବଜନ୍ତୁଙ୍କ ବିଷୟରେ ଅଧିକରୁ ଅଧିକ ଅନୁସନ୍ଧାନ କରି ମଣିଷ ହୋଇଛି ଆତ୍ମହରା, ଭାବମୁଗ୍ଧ, ହୋଇଉଠିଛି ସମ୍ବେଦନଶୀଳ । ସେମାନଙ୍କ ଜୀବନଧାରଣର ପ୍ରଣାଳୀ ମଧ୍ୟରେ ଯେତେ ପ୍ରଭେଦ ସିଏ ପରିଲକ୍ଷିତ କରିଛି, ସେତେ ସେ କୌତୂହଳୀ ହୋଇ ଉଠିଛି, ଆଉ ସେ ସମ୍ପର୍କରେ ନୂଆ ନୂଆ ରୋଚକ ତଥ୍ୟ ଓ ତାହାର ହେତୁ ଆଣି ଥୋଇଛି ତା' ସହ ବାସ କରୁଥିବା ଅନ୍ୟ ମଣିଷମାନଙ୍କ ପାଇଁ ।

ପ୍ରାଣୀମାନଙ୍କ ସମ୍ବନ୍ଧରେ ଅନୁଧ୍ୟାନ କରି ବିଶ୍ୱରେ ସୃଷ୍ଟି ହୋଇଛନ୍ତି ଅନେକ ପ୍ରାଣିତତ୍ତ୍ୱବିତ୍ ଓ ପକ୍ଷୀମାନଙ୍କ ହାବଭାବକୁ ଗବେଷଣା କରି ଉତ୍ପତ୍ତି ହୋଇଛନ୍ତି ପକ୍ଷିବିଶାରଦ ।

ପ୍ରାଣିବିଜ୍ଞାନୀମାନଙ୍କ ମତରେ ଅନେକ ପ୍ରାଣୀ ଆମ ପୃଥିବୀରେ ଅଛନ୍ତି, ଯେଉଁମାନଙ୍କ ଚାଲିଚଳଣି, ଶରୀରର ଆକୃତି ତଥା ଭିନ୍ନ ଭିନ୍ନ ପରିସ୍ଥିତିରେ ସେମାନଙ୍କର ଆବେଗିକ ପ୍ରବଣତା ସେମାନଙ୍କୁ ମୁଗ୍ଧ, ଚକିତ କରିଛି ।

ସେହିପରି ଏକ ପ୍ରାଣୀ ହେଉଛି ଜିରାଫ, ଯା'ର ଜୀବନ ଧାରଣର ପ୍ରଣାଳୀ ବିଷୟରେ ଆମେ ସ୍ୱଳ୍ପ ଅଥବା ଆଦୌ ଜାଣୁ ନାହିଁ । ଏହାର ଜୀବନଶୈଳୀ କମ୍ ଆଚମ୍ବିତ କଥା ନୁହେଁ ।

ଜିରାଫ ଏକ ଚତୁଷ୍ପଦ ପ୍ରାଣୀ । ପଶୁ ଜଗତର ସବୁଠାରୁ ଉଚ୍ଚତା ବିଶିଷ୍ଟ ଜୀବ ବୋଲି ଧରାଯାଏ । ଏହା ଏକ ଭାରତୀୟ ଜୀବ ନୁହେଁ, ମାତ୍ର ଭାରତର ବିଭିନ୍ନ ପ୍ରାଣୀ ଉଦ୍ୟାନ ବା ଚିଡ଼ିଆଖାନାରେ ଏ ହେଉଛି ଏକ ଦର୍ଶନୀୟ, କୌତୁକିଆ ଜୀବ ।

ଆଫ୍ରିକା ମହାଦେଶର ଦକ୍ଷିଣ ଭାଗରେ ରହିଛି କାଲାହାରୀ ମରୁଭୂମି । ଏହାକୁ ସଂଲଗ୍ନ କରି ମାଇଲ ମାଇଲ ବ୍ୟାପୀ ସବୁଜ ତୃଣଭୂମି ଅଞ୍ଚଳ ରହିଛି ଯାହାକୁ ଭୌଗୋଳିକ ଭାଷାରେ ସାଭାନ୍ନା କୁହାଯାଏ । ଏହି ପ୍ରାକୃତିକ ତୃଣଭୂମି ଅଞ୍ଚଳଟି ବିଭିନ୍ନ ଜୀବଜନ୍ତୁଙ୍କ ଆବାସସ୍ଥଳୀ । ଏଠାରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟପଦାର୍ଥ ଓ ବାସୋପଯୋଗୀ ସୁରକ୍ଷିତ ସ୍ଥାନ ଥିବାରୁ ହରିଣ, ଜେବ୍ରା, ଜିରାଫ, ଗୟଳ, ବଣମଇଁଷି, ଚିତା, ହାଏନା, ବିଲୁଆ, ସିଂହ ପ୍ରଭୃତି ଜୀବଜନ୍ତୁ ଦେଖାଯା'ନ୍ତି । ଏଣୁ ଏ ଅଞ୍ଚଳକୁ ପୃଥିବୀର ପ୍ରାକୃତିକ ଚିଡ଼ିଆଖାନା କୁହାଯାଏ ।

ଏଠାରୁ ଜିରାଫକୁ ସଂଗ୍ରହ କରି ଆଣି ପୃଥିବୀର ବିଭିନ୍ନ ଚିଡ଼ିଆଖାନାରେ ଦର୍ଶନୀୟ ଜୀବ ଭାବରେ ରଖାଯାଏ । ଏ ହେଉଛି ଏକ ଖୁରାଯୁକ୍ତ ସ୍ତନ୍ୟପାୟୀ ପ୍ରାଣୀ । ଏହାର ଶରୀରରେ ହଳଦିଆ ରଙ୍ଗର ଛାପିଛାପିକା ଚିହ୍ନ ସହିତ କଳାରଙ୍ଗର ଚିହ୍ନସବୁ ଏକ ଚିତ୍ରକରର ସୁଚିନ୍ତିତ ଚିତ୍ର ପରି ଆକର୍ଷଣୀୟ ହୋଇଥାଏ । ଶରୀରର ଗଠନ ମଧ୍ୟ ତତୋଽଧିକ ସୁନ୍ଦର ଲାଗେ ।

ଗୋଟିଏ ବୟଃପ୍ରାପ୍ତ ଜିରାଫର ଉଚ୍ଚତା ଅଠର ଫୁଟ ହୋଇଥାଏ । କାନ୍ଧଠାରୁ ଦେହର ପଛ ଭାଗ କ୍ରମଶଃ ଢାଲୁ ହେବା ପରି ଜଣାଯାଏ, କାରଣ ଏହାର ପଛ ଗୋଡ଼ ଦୁଇଟି ଆଗ ଗୋଡ଼ଠାରୁ ଅପେକ୍ଷାକୃତ ଛୋଟ ଜଣାପଡ଼େ । ତେଣୁ ବେକଟି ଅସ୍ୱାଭାବିକ ଭାବରେ ଲମ୍ୱାଳିଆ ଯୋଗୁଁ ମୁଣ୍ଡଠାରୁ ଲାଞ୍ଜ ପର୍ଯ୍ୟନ୍ତ ଏକ ତିର୍ଯ୍ୟକ୍ ରେଖା ଟାଣିଲା ପରି ଗଢ଼ାଣିଆ ଲାଗେ । ମାତ୍ର ପ୍ରକୃତରେ ଏହାର ଆଗ ଓ ପଛ ଗୋଡ଼ ଅସମାନ ନୁହେଁ । ପୁଣି ଏହାର ଶରୀର ତୁଳନାରେ ମୁଣ୍ଡଟି ଖୁବ୍ ଛୋଟ, ଛେଳି ମୁଣ୍ଡ ପରି । ତା' ସହିତ ଦୁଇଟି ଛୋଟ ଛୋଟ ନିରୀହ ଆଖି ଯୋଗୁଁ ସେ ସବୁବେଳେ ଅସହାୟ, ନିରାଶ୍ରୟ ଥିଲାପରି ଜଣାପଡ଼େ । କାନ ଦୁଇଟି କିନ୍ତୁ ବେଶ୍ ବଡ଼ ବଡ଼ ଓ ଠିଆ ଠିଆ । ଏଥିପାଇଁ ଏହାର ଦୃଷ୍ଟି ଶକ୍ତି ଅପେକ୍ଷା ଶ୍ରୁତି ଶକ୍ତି ଢେର୍ ପ୍ରଖର । ଏଣୁ ଜିରାଫ ଶବ୍ଦ ପ୍ରତି ବେଶ୍ ସମ୍ବେଦନଶୀଳ (Sensitive) । ଏହି ପ୍ରାଣୀର ଘ୍ରାଣ ଶକ୍ତି ମଧ୍ୟ ଖୁବ୍ ପ୍ରଖର । ଏଣୁ ସେ ଦୂରରୁ ଆସୁଥିବା ଗନ୍ଧକୁ ସମ୍ପୂର୍ଣ୍ଣଠିକ୍ ବାରିପାରେ ଓ ତଦନୁସାରେ ଶତ୍ରୁମାନଙ୍କ ସହିତ ମୁକାବିଲା କରିବାକୁ ପ୍ରସ୍ତୁତ ହୁଏ ।

ଜିରାଫ ଏକ ଶାକାହାରୀ ପ୍ରାଣୀ । ଗଛର ଡାଳପତ୍ର ଖାଇବାକୁ ସେ ଭଲ ପାଏ । ଏଣୁ ବଡ଼ ବଡ଼ ଗଛର ଉଚ୍ଚ ଡାଳକୁ ସେ ସହଜରେ ଖାଇ ପାରିବ ବୋଲି ସମ୍ଭବତଃ ଭଗବାନ୍ ତାକୁ ଏକ ଉଚ୍ଚ ଗ୍ରୀବା ଥିବା ଜୀବଭାବେ ଗଢ଼ିଛନ୍ତି । ଶାକାହାରୀ ପ୍ରାଣୀମାନଙ୍କ ଜିଭର ଗଠନ ଆମିଷାଶୀମାନଙ୍କଠାରୁ ପୃଥକ୍ ହୋଇଥାଏ । ସାପ, କୁକୁର, ବିଲୁଆ ଇତ୍ୟାଦି ମାଂସାହାରୀ ପ୍ରାଣୀମାନଙ୍କ ଜିଭ ଲମ୍ୱା ଓ ସିଧା ସଳଖ ହୋଇଥିବାରୁ ମୁଖ ମଧ୍ୟକୁ ସହଜରେ ଆତଯାତ କରି ପାରିଥାଏ । ମାତ୍ର ଶାକାହାରୀ ପ୍ରାଣୀମାନଙ୍କ ଜିଭ ଲମ୍ୱା ଓ ଏହା ବାହାରକୁ ଆସି ଓଠ ଚାରିପଟେ ବୁଲିପାରେ, ଏପଟ ସେପଟ ହୋଇ ଖାଦ୍ୟକୁ ପାଟି ଭିତରକୁ ପ୍ରବେଶ କରାଏ । ଫଳରେ ଏମାନେ ଡାଳପତ୍ର, ଶାକସବଜି, ଇତ୍ୟାଦିକୁ ଚୋବାଇ ଖାଇଥା'ନ୍ତି । ଜିରାଫର ଜିଭ ପ୍ରାୟ ୪୦ ସେ. ମି. ଲମ୍ୱ । ଏଣୁ ଗଛର ଡାଳପତ୍ର, କଣ୍ଟାବୁଦା ଇତ୍ୟାଦି ଖାଇବାରେ ତା'ର କୌଣସି ଅସୁବିଧା ହୁଏ ନାହିଁ । ତେବେ ଇଉକାଲିପଟାସ ଗଛର ପତ୍ରସବୁ ଜିରାଫର ଖୁବ୍ ପ୍ରିୟ ଖାଦ୍ୟ ।

ଜିରାଫ ଏକ ଶାନ୍ତ, ନିରୀହ ପ୍ରାଣୀ । କାହା ପ୍ରତି ତା'ର ଶତ୍ରୁତା ନଥାଏ । ଚିଡ଼ିଆଖାନା କିଂବା ଟେଲିଭିଜନର ପ୍ରାକୃତିକ ଜୀବଜନ୍ତୁ ଚ୍ୟାନେଲ୍‌ରେ ଜିରାଫର ଛବି ଦେଖିଲେ ମନେହୁଏ, ଏହାର ଗୋଡ଼ଗୁଡ଼ିକ ଶରୀର ତୁଳନାରେ ମଜଭୁତ ଓ ବଳିଷ୍ଠ ନୁହେଁ । ଦୌଡ଼ିଲା ବେଳେ ଜିରାଫ ତା'ର ଗୋଡ଼ଗୁଡ଼ିକୁ ଏକ ପ୍ରକାର ଘୋଷାରି ଘୋଷାରି ନେଲା ପରି ଜଣା ପଡ଼େ । ଏହାର ଦୌଡ଼ିବା ଶୈଳୀ ମଧ୍ୟ ହରିଣ, ସିଂହ ଅଥବା ଶୃଗାଳମାନଙ୍କ ପରି କ୍ଷିପ୍ର ନୁହେଁ; ବରଂ ଶିଥିଳ ଓ ମନ୍ଥର ଅଟେ । ଏହାର ଦୌଡ଼ିବାର ଗତି ଘଣ୍ଟା ପ୍ରତି ୩୦ କି.ମି.ରୁ ଅଧିକ । ଶତ୍ରୁ ପକ୍ଷର ଆକ୍ରମଣର ଆଭାସ ପାଇଲେ ଏହା ନିଜ ଗୋଡ଼ରେ ନାତ ମାରି ଶତ୍ରୁକୁ ନୟାନ୍ତ କରିଥାଏ । ଏହାର ଗୋଡ଼ଗୁଡ଼ିକ ହାଡ଼ୁଆ ଓ ଖୁରାସବୁ ଶକ୍ତ ହୋଇଥିବାରୁ ଏହାର ନାତ ଖୁବ୍ ଶକ୍ତିଶାଳୀ ଓ ପୀଡ଼ାଦାୟକ ହୋଇଥାଏ ।

ବିଭିନ୍ନ ପ୍ରକାର ଜିରାଫମାନଙ୍କ ମଧ୍ୟରୁ କାଫେନ୍‌ସିସ୍ ଜାତୀୟ ଜିରାଫର ମୁଣ୍ଡରେ ଦୁଇଟି ଶିଙ୍ଗ ଥାଏ । ମାତ୍ର ଏହା କୌଣସି କାମକୁ ନୁହେଁ । ସେହିପରି କାମେଲୋପାରଡ଼ାରିସ ଜାତୀୟ ଜିରାଫର ତିନୋଟି ଶିଙ୍ଗ । ଏ ଶିଙ୍ଗସବୁ କିନ୍ତୁ ଅରଣା ମଇଁଷି, ଗୟଳ, ଗଣ୍ଡା ପ୍ରଭୃତିଙ୍କ ଶିଙ୍ଗ ପରି ଶକ୍ତ ଓ ମଜଭୁତ ନୁହେଁ । ଏଣୁ ଏହା ଶତ୍ରୁ ଦାଉରୁ ନିଜକୁ ରକ୍ଷା କରିପାରେ ନାହିଁ ।

ଓଟର ଜୀବନଶୈଳୀ ସହିତ ଜିରାଫର ଜୀବନଶୈଳୀରେ ଅନେକ ସାମଞ୍ଜସ୍ୟ ରହିଛି । ଓଟ ପରି ଜିରାଫ ମଧ୍ୟ ମାସ ମାସ ଧରି ପାଣି ନପିଇ ରହିପାରେ । ଏହା ଆଦୌ ପାଣି ପିଏ ନାହିଁ କହିଲେ ଭୁଲ୍ ହେବ ନାହିଁ । ସବୁଜ ଡାଳପତ୍ରରେ ସଞ୍ଚିତ ପତ୍ରର ରସରୁ ନିର୍ଗତ ଜଳୀୟ ଅଂଶ ଏହାର ଖାଦ୍ୟ ହଜମ ପାଇଁ ଯଥେଷ୍ଟ ହୋଇଥାଏ । ଆଦୌ ପାଣି ସ୍ପର୍ଶ ନକରି ଏହା କିପରି ବଞ୍ଚିଥାଏ ତାହାହିଁ ପ୍ରାଣିବିଜ୍ଞାନୀମାନଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ପୁଣି ଶତ୍ରୁ କବଳରେ ପଡ଼ି ଛଟପଟ ହେଉଥିଲେ ମଧ୍ୟ ଜିରାଫ ଆଦୌ ଚିତ୍କାର କରେ ନାହିଁ । କିନ୍ତୁ କାହିଁକି ? ଏହା ସମସ୍ତଙ୍କୁ ଚମତ୍କୃତ କରିଥାଏ । ଶବ୍ଦ କରିପାରୁ ନଥିବା କାରଣରୁ ଚିଡ଼ିଆଖାନାରେ ଥିବା ଜିରାଫମାନଙ୍କଠାରେ କୌଣସି ରୋଗ ହେଲେ, ତା'ର ପ୍ରତିକ୍ରିୟା ଶବ୍ଦ ମାଧ୍ୟମରେ କରିପାରନ୍ତି ନାହିଁ । ଏଣୁ ଏହାର ଠିକ୍ ସମୟରେ ଚିକିତ୍ସା ହୋଇପାରେ ନାହିଁ, ସୁତରାଂ ଜିରାଫ ମୃତ୍ୟୁ ମୁଖରେ ପଡ଼ିବାହିଁ ସାର ହୁଏ ।

ତେବେ ଭଗବାନଙ୍କ ସୃଷ୍ଟିରେ ଏଇ ନିରୀହ, ସୁନ୍ଦର ଓ ଆକର୍ଷଣୀୟ ଜୀବର ବଞ୍ଚି ରହିବାର ଅଧିକାର ଅଛି – ଏ ଉଦାର, ମହତ୍ ବିଷୟକୁ ଦୃଷ୍ଟିରେ ରଖି ଏହାର ସଂରକ୍ଷଣ କରିବାକୁ ଯତ୍ନଶୀଳ ହେବା ଆବଶ୍ୟକ । ନଚେତ୍ ଡାଇନୋସର ଭଳି ଏମାନେ ଆଗାମୀ କିଛି ବର୍ଷ ମଧ୍ୟରେ ଧରାପୃଷ୍ଠରୁ ଯେ ନିଶ୍ଚିହ୍ନ ହୋଇ ନଯିବେ ତାହା କିଏ କହିବ ? ❑

# ଜିଜ୍ଞାସୁର ପୃଷ୍ଠା

*ପ୍ରଶ୍ନ : ପ୍ରତ୍ୟେକ ମନୁଷ୍ୟ ପରମ ସୁଖ ଏବଂ ଅମରତ୍ୱ ଚାହେଁ – ଏହା ଠିକ୍ । କିନ୍ତୁ ଚାହିଁବାହିଁ ପ୍ରାପ୍ତିର ପ୍ରମାଣ ହେବ କିପରି ?*

**ଉତ୍ତର :** ଯେଉଁ ବସ୍ତୁ ପ୍ରାପ୍ତ ନ ହୁଏ ତାହା ମନୁଷ୍ୟ ଚାହିଁପାରେ ନାହିଁ ଏବଂ ଯେଉଁ ବସ୍ତୁର ଅସ୍ତିତ୍ୱ ନଥାଏ ବ୍ୟକ୍ତି ତାହା କଳ୍ପନା କରିପାରେ ନାହିଁ । ଉଚିତ ପ୍ରଣାଳୀରେ କର୍ମ କଲେ ଚାହିଁବା ବସ୍ତୁ ପ୍ରାପ୍ତ ହୁଏ । ଏଥିରେ ଲେଶ ମାତ୍ର ସନ୍ଦେହ ନାହିଁ ।

*ପ୍ରଶ୍ନ : କୌଣସି ବସ୍ତୁର ଅସ୍ତିତ୍ୱ ବା ସତ୍ୟତା ନ ଥିଲେ ସେ ବସ୍ତୁର କଳ୍ପନା ଯଦି ବ୍ୟକ୍ତି କରି ନ ପାରେ ତେବେ ଆଈମା ଗଳ୍ପ ଓ ଆକାଶ କୁସୁମର କଳ୍ପନା, ଏହା କ'ଣ ସତ୍ୟ ?*

ଉତ୍ତର : କୌଣସି ବିଷୟର କର୍ତ୍ତା ସତ୍ୟ ନ ଥିଲେ ସେ ସମ୍ବନ୍ଧେ କୌଣସି କଳ୍ପନା ବା ବାକ୍ୟ ରଚନା ହୋଇପାରେ ନାହିଁ । ଯେପରି ଆଈମା ଗଳ୍ପରେ, ''ଦିନରେ ବେଙ୍ଗ ଥାଏ ରାତିରେ ରାଜକୁମାର ହୋଇଯାଏ । ବେଙ୍ଗ ଖୋଳ ପୋଡି ଦେଲେ ରାଜକୁମାର ଆଉ ବେଙ୍ଗ ହୋଇପାରେ ନାହିଁ ।'' ଏହି ଯେଉଁ ରଚନା ବା କ୍ରିୟା ମିଥ୍ୟା ହୋଇ ପାରିଥାଏ କିନ୍ତୁ କର୍ତ୍ତା ରାଜକୁମାର ଏବଂ ବେଙ୍ଗର ଅସ୍ତିତ୍ୱ ନ ଥିଲେ ଏହି ଗଳ୍ପଟି ରଚନା ହୋଇପାରେ ନାହିଁ ।

ଠିକ୍ ସେହିପରି ଆକାଶ ସତ୍ୟ, କୁସୁମ ମଧ ସତ୍ୟ । ଏହି ସତ୍ୟ ବସ୍ତୁର ସତ୍ୟତା ନ ଥିଲେ ଆକାଶରେ କୁସୁମ ହେବା ବାକ୍ୟ ରଚନା ହୋଇପାରେ ନାହିଁ ।

*ପ୍ରଶ୍ନ : ତୁମ କହିବା ଯୁକ୍ତିଯୁକ୍ତ, କିନ୍ତୁ କର୍ମରେ ଏହାର ସତ୍ୟତା ଥିବାର ମନେ ହୁଏ ନାହିଁ । କାରଣ ପ୍ରତ୍ୟେକ ବ୍ୟକ୍ତି ପ୍ରତି ସମୟରେ କ'ଣ ସବୁ ଯେ ଚାହେଁ ତା'ର ଅନ୍ତ ନ ଥାଏ । ଏକହି ସମୟରେ ବହୁତ ବ୍ୟକ୍ତି ପୃଥିବୀର ସମ୍ରାଟ ଅଥବା ନିଜ ଦେଶର ମନ୍ତ୍ରୀ ଓ ପ୍ରଧାନ ମନ୍ତ୍ରୀ ହେବାକୁ ଚାହାନ୍ତି । ଯଦି ସମସ୍ତଙ୍କ ଚାହିଁବା ପୂରଣ ହୁଏ ତେବେ ସୃଷ୍ଟି ଧ୍ୱଂସ ହେବା ଅନିବାର୍ଯ୍ୟ ହୋଇ ପଡ଼େ । ଏହା ସ୍ପଷ୍ଟ ଯେ ପ୍ରତ୍ୟେକ ବ୍ୟକ୍ତି ଯାହା ଚାହେଁ ତାହା ପ୍ରାପ୍ତ ହୁଏ ନାହିଁ । ଏହା ପ୍ରତ୍ୟକ୍ଷ ଘଟଣା । ଏହାକୁ କ'ଣ ଅସ୍ୱୀକାର କରିବାର ଉପାୟ ଅଛି ?*

**ଉତ୍ତର :** ଏହାକୁ ଅସ୍ୱୀକାର କରିବାର ପ୍ରତ୍ୟକ୍ଷ ଉପାୟ ହେଲା ତୁମେ ମନୋଯୋଗ ସହ ଉତ୍ତର ନ ଶୁଣି, ପ୍ରଶ୍ନ କରୁଛ ।

କୁହା ହୋଇଥିଲା ଚାହିଁବା ବସ୍ତୁ ସତ୍ୟ, କିନ୍ତୁ ତାହା ପ୍ରାପ୍ତ ହୁଏ ଉଚିତ ପ୍ରଣାଳୀରେ କର୍ମ କରିବାରେ । ବହୁତ ବ୍ୟକ୍ତି ଏକହିଁ ସମୟରେ ମନ୍ତ୍ରୀ ହେବାକୁ ଚାହାନ୍ତି ସତ୍ୟ କିନ୍ତୁ ଯିଏ ଯଥାର୍ଥ ପ୍ରଣାଳୀରେ କର୍ମ ବା ଉପାୟ କରେ ସେ ପ୍ରାପ୍ତ ହୁଏ ।

ଅନ୍ୟ କାରଣ ହେଲା – ବ୍ୟକ୍ତି ଅହରହ ବସ୍ତୁ ଚାହୁଁ ଥାଏ । ତା' ଚାହିଁବାର ସଂଖ୍ୟା ନ ଥାଏ । ବ୍ୟକ୍ତିର ଚାହିଁବା ସବୁ ଗୋଟିଏ ସୂକ୍ଷ୍ମ ଆକାର ଧାରଣ କରନ୍ତି ଏବଂ ପରସ୍ପର ସଂଘର୍ଷ କରନ୍ତି । ଯେଉଁ ସବୁ ଦୁର୍ବଳ ଚାହିଁବା ରୂପ ଧାରଣ କରି ଥାଆନ୍ତି ତାହା ସବୁ ସବଳ ଚାହିଁବା ରୂପ ଧାରଣ କରିଥିବା ସତ୍ତା ଦ୍ୱାରା ନଷ୍ଟ ହୋଇ ଯାଆନ୍ତି । ଯେଉଁ ସବଳ ଚାହିଁବାଟି ବାକି ରହେ ତାହାରି ସକାଶେ ବ୍ୟକ୍ତି ପ୍ରଯତ୍ନ କରେ । ବ୍ୟକ୍ତିର ପ୍ରଯତ୍ନ ଯେତେ ଯଥାର୍ଥ, ଯେତେ ଶକ୍ତିଶାଳୀ ହୁଏ ସେହି ଅନୁପାତରେ ବ୍ୟକ୍ତିର ଚାହିଁବା ବସ୍ତୁ ପୂର୍ଣ୍ଣ ଏବଂ ଅପୂର୍ଣ୍ଣତାରେ ପରିଣତ ହୁଏ । ଗୋଟିଏ ବସ୍ତୁକୁ ବହୁ ବ୍ୟକ୍ତି ଯଦି ଚାହାନ୍ତି, ସେମାନଙ୍କ ମଧରୁ ଯାହାର ଚାହିଁବା ଅଧିକ ଶକ୍ତିଶାଳୀ ହୁଏ ତାହାର ସିଦ୍ଧି ହୁଏ ।

*ପ୍ରଶ୍ନ : ତୁମ କହିବା ଦ୍ୱାରା ସନ୍ଦେହ ଦୂର ହୋଇଗଲା । ସ୍ପଷ୍ଟ ହେଲା ଯେ ବ୍ୟକ୍ତିର ଯେଉଁ ଚାହିଁବାଟି ପ୍ରଧାନ ହୁଏ ସେ ତାହାରି ପ୍ରାପ୍ତି ସକାଶେ ପ୍ରଯତ୍ନ କରେ । ପ୍ରଯତ୍ନ ଯେତେ ନିର୍ଭୁଲ୍ ହୁଏ ସେହି ଅନୁସାରେ ବସ୍ତୁ ପ୍ରାପ୍ତ ହୁଏ, ତେବେ ତୁମ କହିବା ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ଚାହାନ୍ତି ପରମ ସୁଖ, ପରମଶାନ୍ତି, ଅମରତ୍ୱ, ଚିର ଯୌବନ, ନୀରୋଗତ୍ୱ – ଏହା ସତ୍ୟ । କିନ୍ତୁ ଏ ପର୍ଯ୍ୟନ୍ତ ପୃଥିବୀରେ କୌଣସି ବ୍ୟକ୍ତି ଏହା ପ୍ରାପ୍ତ ହୋଇଥିବାର ଦେଖାଯାଉ ନାହିଁ । ଏହାର କାରଣ କ'ଣ ?*

**ଉତ୍ତର :** ଏହାର କାରଣ ହେଲା ପୃଥିବୀର ସମସ୍ତ ପ୍ରାଣୀ ବିଶେଷତଃ ମନୁଷ୍ୟ ଯଦ୍ୟପି ପରମ ସୁଖ ଏବଂ ଅମରତ୍ୱ ଚାହୁଁ ଅଛନ୍ତି ତଥାପି ସେମାନଙ୍କ ଚେତନାରେ ତାହା ଏ ପର୍ଯ୍ୟନ୍ତ

ଅସ୍ପଷ୍ଟ ରହିଅଛି । ସେହି ସକାଶେ ସେମାନେ ଉଚିତ ପ୍ରଣାଳୀରେ ପ୍ରଯତ୍ନ କରି ନାହାନ୍ତି କିଂବା ପ୍ରାପ୍ତ କରି ନାହାନ୍ତି ।

ପରମସୁଖ ଏବଂ ଅମରତ୍ୱ ସତ୍ୟ, ମନୁଷ୍ୟର ଏହାହିଁ ଲକ୍ଷ୍ୟ, ଏହି ସକାଶେ ଭଗବାନଙ୍କର ସୃଷ୍ଟି ହୋଇଅଛି । ଏହାକୁ ପ୍ରମାଣିତ ଏବଂ ସମର୍ଥନ କରୁଛି ବ୍ୟକ୍ତିର ଚାହିଁବା ଓ କ୍ରମବିକାଶ । ସୃଷ୍ଟି ଆରମ୍ଭରୁ କ୍ରମବିକାଶ ଜଡ଼, ତରୁ-ଲତା, ଜୀବ-ଜନ୍ତୁ ଓ ପଶୁପକ୍ଷୀ ମଧ୍ୟ ଦେଇ ମନୁଷ୍ୟରେ ଉପନୀତ ହୋଇଅଛି । ବିକାଶ ଏହିଠାରେ ସ୍ଥଗିତ ନ ହୋଇ ଅତିମାନସ ବିଜ୍ଞାନ ଆନନ୍ଦରେ ଅବଶ୍ୟ ପହୁଞ୍ଚିବ । ଉପନିଷଦ୍ ଅନୁସାରେ ଅନ୍ନମୟ କୋଷ, ପ୍ରାଣମୟ କୋଷ ଓ ମନୋମୟ କୋଷ ପ୍ରକାଶ ହୋଇ ସାରିଛି । ବିଜ୍ଞାନ ଓ ଆନନ୍ଦମୟ କୋଷ ପ୍ରକାଶ ହେବାର ସମୟ ଆସିଛି । ବିଜ୍ଞାନ ଓ ଆନନ୍ଦମୟ କୋଷର ଧର୍ମ ହେଉଛି ପରମାନନ୍ଦ ଏବଂ ଅମରତ୍ୱ । ଅର୍ଥାତ୍ ମନୁଷ୍ୟର ମନ, ପ୍ରାଣ, ଶରୀରର ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତି । ଏହା ହୁଏ ମନର ବିକାଶ ସମାପ୍ତ ହେଲେ । ମନର ବିକାଶ ଶେଷ ଅବସ୍ଥା ପ୍ରାପ୍ତ ହେବାରୁ ମା'ଙ୍କ ଦ୍ୱାରା ରୂପାନ୍ତର କାର୍ଯ୍ୟ ଆରମ୍ଭ ହୋଇଅଛି । ଯେଉଁମାନଙ୍କ ଅନ୍ତରାତ୍ମା ଜାଗ୍ରତ୍ ହୋଇଅଛି, ସେହିମାନେ ଏ ସତ୍ୟକୁ ଗ୍ରହଣ କରି ପାରୁଛନ୍ତି ଏବଂ ସେହିମାନଙ୍କ ଚେତନାରେ ପରମ ସୁଖ ତଥା ଅମରତ୍ୱର ସ୍ୱରୂପ ସ୍ପଷ୍ଟ ହୋଇଅଛି ଓ ସେମାନେ ଯଥାର୍ଥ ପ୍ରଣାଳୀରେ ପ୍ରଯତ୍ନ ମଧ୍ୟ କରୁଅଛନ୍ତି । ଏହାର ଯଥାର୍ଥ ପ୍ରଣାଳୀ ହେଉଛି ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତର । ଏହା ହୋଇପାରେ ମା'ଙ୍କ ଚରଣରେ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରିବାରେ, ତେବେ ମନୁଷ୍ୟ ମୃତ୍ୟୁ, ରୋଗ, ଜରାରୁ ପୂର୍ଣ୍ଣ ମୁକ୍ତ ହେବ ଏବଂ ନିବାସ କରିବ ବିଜ୍ଞାନ ଆନନ୍ଦ ଚେତନାରେ । ଭଗବାନ୍ ତା'ର ସମସ୍ତ ସତ୍ତାରେ ପ୍ରକଟ ହେବେ । ସେ ମନ, ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବ । ସଂସାର ପରିଣତ ହେବ ସ୍ୱର୍ଗରେ । ଏଥିରେହିଁ ଜୀବନର ହେବ ପୂର୍ଣ୍ଣତା ।

*ପ୍ରଶ୍ନ : ଆମେମାନେ ପୁରାତନ ଯୋଗର ସାଧକ । ଆମମାନଙ୍କର ଇଷ୍ଟଦେବ ଶ୍ରୀରାମ, ଶ୍ରୀକୃଷ୍ଣ, ଶିବ, କାଳୀ ଅଥବା ନିର୍ବାଣ, ମୁକ୍ତି ପ୍ରାପ୍ତି । ଆମେମାନେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାରେ କୌଣସି ଦୋଷ ହେବ ନାହିଁ ?*

**ଉତ୍ତର :** କୌଣସି ଦୋଷ ହେବ ନାହିଁ । ଯେକୌଣସି ପୁରାତନ ଯୋଗର ସାଧକ ଅଥବା ଯେକୌଣସି ଧର୍ମାବଲମ୍ବୀ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିପାରନ୍ତି ।

ଶ୍ରୀଅରବିନ୍ଦଙ୍କ ଯୋଗରେ ଯେଉଁ ସାକାର ଏବଂ ନିରାକାର ଉଭୟର ଧର୍ମ ପୁରୁଷୋତ୍ତମ ତତ୍ତ୍ୱ ଉପଲବ୍ଧି ହୁଅନ୍ତି, ସେହି ସଚ୍ଚିଦାନନ୍ଦ ତତ୍ତ୍ୱ ଜ୍ଞାନୀ ଅଦ୍ୱୈତବାଦୀ ତଥା ବୌଦ୍ଧ ଶୂନ୍ୟବାଦୀମାନଙ୍କୁ ପ୍ରାପ୍ତ ହୁଅନ୍ତି କେବଳ ନିରାକାର, ନୈର୍ବ୍ୟକ୍ତିକ, ଅନିର୍ବଚନୀୟ ଶୂନ୍ୟ ରୂପେ ।

ସେହି ସଚ୍ଚିଦାନନ୍ଦ ତତ୍ତ୍ୱର ବ୍ୟକ୍ତ ସ୍ୱରୂପ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ ତଥା କାଳୀରୂପେ ପ୍ରାପ୍ତ ହୁଅନ୍ତି ଦ୍ୱୈତ ଭକ୍ତ ସାଧକମାନଙ୍କୁ । ସାକାର ଏବଂ ନିରାକାର ଉଭୟର ଧର୍ତ୍ତା ପୁରୁଷୋତ୍ତମ ତତ୍ତ୍ୱ ସର୍ବାବସ୍ଥାରେ, ସର୍ବସ୍ତରର ପରିପୂର୍ଣ୍ଣ ଏକ ରସରେ ଥାଆନ୍ତି କିନ୍ତୁ ଉପଲବ୍ଧି ହୁଅନ୍ତି କେବଳ ଅତିମାନସ ଚେତନା ସ୍ତରରେ । ପୁରାତନ ଯୋଗର ଦ୍ୱୈତବାଦୀ ଓ ଅଦ୍ୱୈତବାଦୀ ସାଧକମାନେ ଅତିମାନସ ତତ୍ତ୍ୱ ପ୍ରାପ୍ତ ହୋଇ ନ ଥିବାରୁ ଯେଉଁ ସଚ୍ଚିଦାନନ୍ଦ ତତ୍ତ୍ୱ ସର୍ବାବସ୍ଥାରେ ସର୍ବ ସ୍ତରରେ ପରିପୂର୍ଣ୍ଣ ଥାଆନ୍ତି ସେହି ସଚ୍ଚିଦାନନ୍ଦ ତତ୍ତ୍ୱକୁ ଏମାନେ କେବଳ ନିରାକାର ଅଥବା କେବଳ ସାକାର ରୂପେ ଉପଲବ୍ଧି କରନ୍ତି । ଏକ ସଙ୍ଗେ ସାକାର, ନିରାକାର ଉଭୟ ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରି ପାରନ୍ତି ନାହିଁ । ସେହି ସକାଶେ ପୁରାତନ ସମସ୍ତ ଯୋଗରେ ଇଷ୍ଟ ସିଦ୍ଧି ଭିନ୍ନ ଭିନ୍ନ ରୂପେ ହୁଏ ଏବଂ ସାମ୍ପ୍ରଦାୟିକ ମତଭେଦ ସୃଷ୍ଟି ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଚେତନା ସ୍ତରରେ ସଚ୍ଚିଦାନନ୍ଦ ତତ୍ତ୍ୱ ଉପଲବ୍ଧି ହେଉଥିବାରୁ ସେଥିରେ ସମସ୍ତ ପୁରାତନ ଯୋଗର ମତବାଦର ସମନ୍ୱୟ ହୁଏ । ତା ଛଡ଼ା ଅଦ୍ୱୈତବାଦୀ ସାଧକମାନଙ୍କୁ ଯେଉଁ ଜ୍ଞାନ ପ୍ରାପ୍ତ ହୁଏ, ଦ୍ୱୈତବାଦୀ ଭକ୍ତମାନଙ୍କୁ ଯେଉଁ ଭକ୍ତି ପ୍ରାପ୍ତ ହୁଏ ସେସବୁର ଉପଲବ୍ଧି ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । ଏହି କାରଣରୁ ପୁରାତନ ସମସ୍ତ ଯୋଗର ସାଧକ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରି ପାରନ୍ତି । ଏଥିରେହିଁ ହୁଏ ସେମାନଙ୍କ ଲକ୍ଷ୍ୟ ଓ ଜୀବନର ପୂର୍ଣ୍ଣତା । ଜଗତ୍ ଏବଂ ଜୀବନ ସମସ୍ୟାର ସମାଧାନ ।

*ପ୍ରଶ୍ନ : ସଚ୍ଚିଦାନନ୍ଦଙ୍କ ସ୍ୱରୂପ କିପରି ?*

**ଉତ୍ତର :** ସଚ୍ଚିଦାନନ୍ଦ ପୂର୍ଣ୍ଣ ଜ୍ଞାନ ସ୍ୱରୂପ, ପୂର୍ଣ୍ଣ ଶକ୍ତି ସ୍ୱରୂପ, ପୂର୍ଣ୍ଣ ଆନନ୍ଦ ସ୍ୱରୂପ । ସଚ୍ଚିଦାନନ୍ଦ ତତ୍ତ୍ୱ ସର୍ବାବସ୍ଥାରେ ପୂର୍ଣ୍ଣ । ଏହି ସଚ୍ଚିଦାନନ୍ଦ ତତ୍ତ୍ୱ ସର୍ବାବସ୍ଥାରେ ସାକାର, ସଗୁଣ, ବ୍ୟକ୍ତିକ ଏବଂ ନିରାକାର, ନିର୍ଗୁଣ, ନୈର୍ବ୍ୟକ୍ତିକ ତଥା ଏହି ସାକାର, ନିରାକାର ଊର୍ଦ୍ଧ୍ୱସ୍ଥ ପରାତ୍ପର ପୁରୁଷୋତ୍ତମ ତତ୍ତ୍ୱ ।

ଏହି ସଚ୍ଚିଦାନନ୍ଦ ତତ୍ତ୍ୱ ଅତିମାନସ ଚେତନା ଭୂମିରେ ଉପଲବ୍ଧି ହୁଅନ୍ତି ।

ଏହାଙ୍କ ମଧ୍ୟରେ ନିହିତ ଥାଏ ସମସ୍ତ କାର୍ଯ୍ୟକାରୀ ଶକ୍ତି; ଏହି ଦୃଶ୍ୟମାନ ସମସ୍ତ ସଂସାର ତାଙ୍କରି ସ୍ୱରୂପ । ତାଙ୍କ ଛଡ଼ା ଅନ୍ୟ କିଛି ନାହିଁ । ସାଧକ ଏହି ଅତିମାନସ ଚେତନା ଭୂମିରେ ସମ୍ପୂର୍ଣ୍ଣ ରୂପେ ସମସ୍ତ ସତ୍ତାରେ ସଚ୍ଚିଦାନନ୍ଦ ତତ୍ତ୍ୱ ସହିତ ଏକତ୍ୱ ପ୍ରାପ୍ତ କରିଥାଏ ତଥା ପୃଥକ୍ ରହି ଭଗବତ୍ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ଅତିମାନସ ନିମ୍ନଭୂମିମାନଙ୍କରେ ଏହା ସମ୍ଭବ ହୁଏ ନାହିଁ ।

*ପ୍ରଶ୍ନ : କେଉଁ କେଉଁ ସ୍ତରରେ ଏକହିଁ ସଚ୍ଚିଦାନନ୍ଦ ତତ୍ତ୍ୱ କେଉଁ କେଉଁ ରୂପେ ଅନୁଭୂତ ହୁଅନ୍ତି ସଂକ୍ଷେପରେ ବୁଝାଇ ଦିଅ ?*

**ଉତ୍ତର :** ମାନସରୁ ଉଚ୍ଚତର ମାନସ ଚେତନାର ଶେଷ ସୀମା ତଥା ଅଧିମାନସ ଚେତନା ଆରମ୍ଭ ପର୍ଯ୍ୟନ୍ତ ମାୟାର ଅଧିକାର । ଏହି ସ୍ତରମାନଙ୍କରେ ଭଗବାନ୍ ସଚ୍ଚିଦାନନ୍ଦ ତତ୍ତ୍ୱ ଉପଲବ୍ଧି ହୁଅନ୍ତି ନାହିଁ । ଯାହା ଉପଲବ୍ଧି ହୁଏ ତାହା ସଚ୍ଚିଦାନନ୍ଦ ତତ୍ତ୍ୱର ମାନସିକ କଳ୍ପନା ମାତ୍ର । ଏହି ଚେତନା ଭୂମିକୁ ଶାସ୍ତ୍ର ଅପରାର୍ଦ୍ଧ ନାମ ଦେଇଅଛି ।

ଅଧିମାନସ ଚେତନାରେ ବ୍ୟକ୍ତି ନିଜ ଲକ୍ଷ୍ୟ ଅନୁସାରେ ସେହି ଏକହିଁ ସଚ୍ଚିଦାନନ୍ଦ ତତ୍ତ୍ୱକୁ ସାକାର, ସଗୁଣ, ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, କାଳୀ ରୂପେ ଦେଖେ ଅଥବା ନିର୍ଗୁଣ, ନିରାକାର ତତ୍ତ୍ୱ ଉପଲବ୍ଧି କରେ । ଏହି ଚେତନାରେ ଏକହିଁ ସମୟରେ ଏକହିଁ ଦୃଷ୍ଟିରେ ବ୍ୟକ୍ତି ସାକାର ଏବଂ ଉଭୟ ଧର୍ମୀ ପରାତ୍ପର ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରିପାରେ ନାହିଁ । ଏହା ହୁଏ ଅତିମାନସ ଚେତନାରେ । ଅଧିମାନସ ସହିତ ତା'ର ଊର୍ଦ୍ଧ୍ୱସ୍ଥ ଚେତନା ଭୂମି ସମୂହକୁ ଶାସ୍ତ୍ର ପରାର୍ଦ୍ଧ ନାମ ଦେଇଅଛି ।

*ପ୍ରଶ୍ନ : ତୁମ କହିବାରୁ ସ୍ପଷ୍ଟ ହେଉଛି ସଚ୍ଚିଦାନନ୍ଦ ତତ୍ତ୍ୱ ସମସ୍ତ ପୁରାତନ ଯୋଗର ଇଷ୍ଟ ଶ୍ରୀରାମ, ଶ୍ରୀକୃଷ୍ଣ, ବିଷ୍ଣୁ, ଶିବ, କାଳୀ ତଥା ନିରାକାର ତତ୍ତ୍ୱରେ ଅଖଣ୍ଡ, ଅବିଚ୍ଛିନ୍ନ ରୂପେ ପରିପୂର୍ଣ୍ଣ ଥାଆନ୍ତି । ତେବେ ପୁରାତନ ଯୋଗର ସାଧକମାନେ ଭିନ୍ନ ରୂପେ ଇଷ୍ଟଙ୍କୁ ଉପଲବ୍ଧି କରନ୍ତି କାହିଁକି ଏବଂ ବିବାଦ କରନ୍ତି କାହିଁକି ?*

**ଉତ୍ତର :** ପୁରାତନ ଯୋଗର ସାଧକମାନେ ଅତିମାନସ ଚେତନା ପ୍ରାପ୍ତ ନହୋଇ ତା'ର ନିମ୍ନ ଅଧିମାନସ ଭୂମିରେ ସାକାର, ନିରାକାର ଏବଂ ଉଭୟ ଊର୍ଦ୍ଧ୍ୱସ୍ଥ ପରମତତ୍ତ୍ୱ ଏକହିଁ ସମୟରେ, ଏକହିଁ ଦୃଷ୍ଟିରେ ଉପଲବ୍ଧି କରି ପାରନ୍ତି ନାହିଁ । ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟ ଅନୁସାରେ କେହି ନିରାକାର ରୂପେ, କେହି ରାମ ରୂପେ, କେହି କୃଷ୍ଣ ରୂପେ, କେହି ବିଷ୍ଣୁ ରୂପେ, କେହି ଶିବ ରୂପେ, କେହି କାଳୀ ରୂପେ ପୃଥକ୍ ପୃଥକ୍ ଦେଖନ୍ତି । ଏହି ଅଧିମାନସ ଚେତନା ଭୂମିର ଶେଷ ସୀମାରେ ଯେଉଁ ବ୍ୟକ୍ତିମାନେ ପୃଥକ୍ ଇଷ୍ଟ ଉପଲବ୍ଧି କରନ୍ତି ସେମାନେ ସଚ୍ଚିଦାନନ୍ଦଙ୍କ ସ୍ୱରୂପର ଝଲକ ବା ଆଭାସ ପାଇପାରି ଥାଆନ୍ତି । କାରଣ ଅଧିମାନସ ଶେଷ ସୀମାରେ ଅତିମାନସ ଚେତନାର କିଛି ପ୍ରଭାବ ପଡ଼ିଥାଏ । କିନ୍ତୁ ସଚ୍ଚିଦାନନ୍ଦଙ୍କ ପୂର୍ଣ୍ଣ ଉପଲବ୍ଧି ନ ହେବା ଯୋଗୁଁ ସେମାନେ ଭିନ୍ନ ଭିନ୍ନ ଇଷ୍ଟଙ୍କ ସମନ୍ୱୟ କରି ପାରନ୍ତି ନାହିଁ । କିନ୍ତୁ ସିଦ୍ଧାନ୍ତ ପ୍ରତିପାଦନ କରିବା ସମୟରେ ଉପଲବ୍ଧି ଇଷ୍ଟ ବା ତତ୍ତ୍ୱକୁ ସର୍ବଶ୍ରେଷ୍ଠ ମାନନ୍ତି । ଅନ୍ୟ ଉପଲବ୍ଧିକୁ ନିମ୍ନ ବା ମାୟା କୁହନ୍ତି କିନ୍ତୁ ନିଜ ଉପଲବ୍ଧି ତତ୍ତ୍ୱକୁ ସଚ୍ଚିଦାନନ୍ଦ ବୋଲି ଘୋଷଣା କରନ୍ତି । ଏହା ବରାବର ଦେଖାଯାଏ ଆଚାର୍ଯ୍ୟମାନଙ୍କ ସାହିତ୍ୟରେ । ସେମାନଙ୍କ ଅନୁଯାୟୀ ସାଧକମାନେ, ଯେଉଁମାନେ ଅଧିମାନସ ଚେତନା ଭୂମିର ପ୍ରାନ୍ତରେ ପହୁଞ୍ଚି ନ ଥା'ନ୍ତି ସେମାନେ ସଚ୍ଚିଦାନନ୍ଦଙ୍କ ଝଲକ ଏକେବାରେ ପାଆନ୍ତି ନାହିଁ । ସେହି ସକାଶେ ସେମାନେ ନିଜ ଉପଲବ୍ଧି ଛଡ଼ା ଅନ୍ୟ ସବୁ ଉପଲବ୍ଧିକୁ ମିଥ୍ୟା ମାୟା ବୋଲି ଘୋଷଣା କରନ୍ତି ।

ଅଧିମାନସର ନିମ୍ନ ମାନସ ପର୍ଯ୍ୟନ୍ତ ମାୟା ଅଧିକୃତ ମାନସ ଚେତନା ଭୂମି । ଏହି ମାନସ ସ୍ତରରେ ମଧ୍ୟ ସଚ୍ଚିଦାନନ୍ଦ ପରିପୂର୍ଣ୍ଣ ରୂପେ ବିଦ୍ୟମାନ ଥାଆନ୍ତି । କିନ୍ତୁ ଏହି ମାନସ ଭୂମି ମାୟାରେ ଅଧିକୃତ ଥାଏ ଏବଂ ବ୍ୟକ୍ତି ମାୟାରେ ଆବୃତ ଥାଏ । ସେହି ସକାଶେ ସଚ୍ଚିଦାନନ୍ଦ ତତ୍ତ୍ୱ ଉପଲବ୍ଧ ହୁଅନ୍ତି ନାହିଁ । ବ୍ୟକ୍ତି କେବଳ ସୀମିତ ମାନସରେ କଳ୍ପନା କରେ । କେତେକ ସାଧକ ମନ, ପ୍ରାଣ, ଶରୀର ସମ୍ବନ୍ଧ ଆତ୍ମାଠାରୁ ପୃଥକ୍ କରି ଦିଅନ୍ତି । ଜାଗତିକ ଦୃଶ୍ୟମାନ ବସ୍ତୁକୁ ମିଥ୍ୟା ମାୟା ଅନୁଭବ କରି ଦୃଶ୍ୟମାନ ବସ୍ତୁ ପଶ୍ଚାତରେ ସଚ୍ଚିଦାନନ୍ଦ ତତ୍ତ୍ୱକୁ କେବଳ ଗୋଟିଏ ନିରାକାର ବ୍ୟାପକ ସତ୍ତାରୂପେ ଉପଲବ୍ଧି କରି ନିଜର ବ୍ୟକ୍ତିତ୍ୱ ସେଥିରେ ଲୟ କରିଦିଅନ୍ତି ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,*
ପ୍ରଥମ ଖଣ୍ଡ, ପୃଷ୍ଠା : ୩୨୦-୩୨୩)
— ରାମକୃଷ୍ଣ ଦାସ

❑❑❑

চেতনার দিগ্‌বলয় :

# ପ୍ରତିଯୋଗିତା :
# ଏକ ଆରଣ୍ୟକ ଉପଜାତିର ଜୀବନ ଦର୍ଶନ

ଆମର ବହୁ ଆଚରଣ ପଶ୍ଚାତରେ ତିନୋଟି ସ୍ତରର ମନସ୍ତାତ୍ତ୍ୱିକ ପ୍ରଭାବ ରହିଥାଏ : (କ) ନୃତାତ୍ତ୍ୱିକ (ଖ) ସାମାଜିକ ଏବଂ (ଗ) ଆଧ୍ୟାତ୍ମିକ । ଅବଶ୍ୟ ଏ ତିନୋଟିଯାକ ପ୍ରଭାବ ପ୍ରାୟ ସବୁ କ୍ଷେତ୍ରରେ ପରସ୍ପର ମିଶାମିଶି ହୋଇ ରହିଥା'ନ୍ତି ।

ପ୍ରତିଯୋଗିତାକୁ ଏକ ଦୃଷ୍ଟାନ୍ତ ରୂପେ ନିଆଯାଉ । ଜୀବନର ବା ସମାଜର ବହୁ କ୍ଷେତ୍ରରେ ଜଣକୁ ଅନ୍ୟ ଏକ ବା ଏକାଧିକ ବ୍ୟକ୍ତି ସହିତ ପ୍ରତିଯୋଗିତା କରିବାକୁ ପଡ଼ୁଥାଏ । ପୁଣି ସମାନ ମାତ୍ରାରେ ଆମକୁ ଅନ୍ୟମାନଙ୍କ ସହ ସହଯୋଗ କରିବାକୁ ପଡ଼ିଥାଏ । ପ୍ରାଗୈତିହାସିକ ଯୁଗରେ ବ୍ୟକ୍ତିଗତ ପ୍ରତିଯୋଗିତା ପ୍ରାଣ ଧାରଣର, ଜୀବନ ସଂଗ୍ରାମର ମୁଖ୍ୟ ଉପାୟ ଥିଲା । ପ୍ରତିବେଶୀକୁ ବଞ୍ଚିତ କରି ଖାଦ୍ୟ ବା ତିଷ୍ଠି ରହିବାର ଅନ୍ୟ ମୌଳିକ ଉପାଦାନ ଅକ୍ତିଆର କରିବା, ଶିକାର ମାଡ଼ି ବସିବା ଇତ୍ୟାଦି ଥିଲା ସାଧାରଣ କଥା । ମନର କିଞ୍ଚିତ୍ ବିକାଶ ହୁଅନ୍ତେ ପ୍ରତିଯୋଗିତା ଅପେକ୍ଷା ସହଯୋଗିତା ଅଧିକ ଫଳପ୍ରଦ ବୋଲି ଅନୁଭବ କଲା ମଣିଷ ।

କିନ୍ତୁ ଈର୍ଷା, ପ୍ରତିହିଂସାପରାୟଣତା ଇତ୍ୟାଦି ଦ୍ୱାରା ସମର୍ଥିତ ପ୍ରତିଯୋଗିତା ପରାୟଣତା ଆମର ମୌଳିକ ଆବେଗର ଏକ ଉପାଦାନ ହୋଇ ରହିଲା । ଏହି ନୃତାତ୍ତ୍ୱିକ ନିୟମ ସହ ମିଶିଗଲା ସାମାଜିକ ବାସ୍ତବତା । ବିଭିନ୍ନ କ୍ଷେତ୍ରରେ ଯିଏ ପ୍ରତିଯୋଗିତାରେ ସଫଳ, ତା'ର ସାମାଜିକ ପ୍ରତିପତ୍ତି ମଧ୍ୟ ଅନ୍ୟମାନଙ୍କ ଅପେକ୍ଷା ଅଧିକ । ଅତଏବ ଖାଲି ବ୍ୟବସାୟ ବା କ୍ଷମତା କ୍ଷେତ୍ରରେ ନୁହେଁ; ବୁଦ୍ଧି, ଜ୍ଞାନ ଓ ପାଣ୍ଡିତ୍ୟ କ୍ଷେତ୍ରରେ ମଧ୍ୟ ପ୍ରତିଯୋଗିତା ଏକ ସମ୍ମାନଜନକ ପରମ୍ପରାରେ ପରିଣତ ହେଲା । ପ୍ରାଚୀନ ଓ ମଧ୍ୟଯୁଗରେ କିଛି ଶତାବ୍ଦୀ ଧରି ଏହାର ଗୌରବ ଅମଳିନ ରହିଥିଲା । ଖେଳ-କସରତରେ ଯିଏ ଅସାଧାରଣ କୃତିତ୍ୱ ପ୍ରଦର୍ଶନ କରୁଥିଲା ତାକୁ ଯେପରି ସମ୍ମାନିତ କରାଯାଉ ଥିଲା, ରାଜସଭା ବା ଧୀମାନ୍ ସମାବେଶରେ ପାଣ୍ଡିତ୍ୟପୂର୍ଣ୍ଣ ଯୁକ୍ତି ପ୍ରତିଯୁକ୍ତିରେ ଯିଏ ଅନ୍ୟମାନଙ୍କୁ ପରାସ୍ତ କରୁଥିଲା, ସିଏ ମଧ୍ୟ ଅନୁରୂପ ସମ୍ମାନ ଲାଭ କରୁଥିଲା । ଆଜି ମଧ୍ୟ ପରିବର୍ତ୍ତିତ ଧାରାରେ ଏହା ଅବ୍ୟାହତ ରହିଛି ।

ସମାଜ ଉପରେ ପ୍ରତିଯୋଗିତାର ଶୁଭଙ୍କର ପ୍ରଭାବ ଅବଶ୍ୟ ରହିଥିଲା । ସାଧାରଣ ମଣିଷର ଚେତନାରେ ଉତ୍ତେଜନା ପ୍ରବଣତା ଓ ଅହଂଭାବ ଭଳି ଆବେଗ ପ୍ରବେଗକୁ ଏହା ଗୋଟାଏ ଧାରାରେ ପକାଉଥିଲା, ସେସବୁର ଉଚ୍ଛୃଙ୍ଖଳ ପ୍ରୟୋଗକୁ ନିୟମ କାନୁନ ଦ୍ୱାରା ନିୟନ୍ତ୍ରିତ କରୁଥିଲା । କହିବା ବାହୁଲ୍ୟ ଆଜି ପର୍ଯ୍ୟନ୍ତ ସେ ଦିଗରେ ଆଶାଜନକ ସୁଫଳ ମିଳି ନାହିଁ । ସଭ୍ୟତାର ବିକାଶରେ ବ୍ୟକ୍ତି ବ୍ୟକ୍ତି ଭିତରେ, ଗୋଷ୍ଠୀ ଗୋଷ୍ଠୀ ଭିତରେ, ଦେଶ ଦେଶ ଭିତରେ ସହଯୋଗର ଭୂମିକା ପ୍ରଧାନ ବୋଲି ଆମର ସାଧାରଣ ଜ୍ଞାନ କହିଲେ ମଧ୍ୟ ପ୍ରାଗୈତିକ ପ୍ରତିଯୋଗିତା ନିଶାରେ ସାମଗ୍ରିକ ମାନବ-ଚେତନାର ଗୋଟାଏ ବିରାଟ ଅଂଶ ଉନ୍ମାଦ । ବିଶ୍ୱ-ବିଧ୍ୱଂସକ୍ଷମ ପରମାଣୁ ଅସ୍ତ୍ର ପ୍ରସ୍ତୁତିରେ ପ୍ରତିଯୋଗିତା ତାହାର ଏକ ଉଲଗ୍ନ ଦୃଷ୍ଟାନ୍ତ । ପୁଣି ସୁସ୍ଥ ବୁଦ୍ଧି ଯେତେବେଳେ ଚାତୁର୍ଯ୍ୟକୁ ଅବନମିତ ହେଉଛି, ସେତେବେଳେ ପ୍ରତିଯୋଗିତା କ୍ଷେତ୍ରରେ ଦେଖା ଦେଉଛି ନିର୍ଲଜ୍ଜ ବିଭୀଷିକା । ଖେଳ କସରତ ଜଗତ୍ ଉପରେ ଦୃଷ୍ଟି ଦିଆଯାଉ । ଖେଳାଳିଟିଏ ନିଲାମ ହୋଇପାରେ, ତା'ର ପ୍ରତିଯୋଗୀ ପକ୍ଷରୁ ଲାଞ୍ଚ ନେଇ ସେ ନିଜ ଦକ୍ଷତାର ଅବମାନନା କରି, ଅପାରଗ ପ୍ରତିପକ୍ଷକୁ ଜିତାଇପାରେ । ନିଜ ଦେଶ ପ୍ରତି ବିଶ୍ୱାସ ଘାତକତା କରିପାରେ । ପ୍ରତିଯୋଗିତାର ଧର୍ମ ଉପରେ ଏଠାରେ ଲୋଭ ଏବଂ କଞ୍ଚା ସ୍ୱାର୍ଥହିଁ ଜୟ ଲାଭ କରୁଛି । କଳ୍ପନା କରନ୍ତୁ – ଏକଦା ଅଲିମ୍ପିକ ବିଜୟୀମାନଙ୍କ ଶିର ଦେଶରେ ଅଲିଭ୍ ପତ୍ର ନିର୍ମିତ ଏକ ମାଳ ଗୁଡ଼ାଇ ଦିଆ ଯାଉଥିଲା ମାତ୍ର ! ଅର୍ଥ ଦାନର ପ୍ରଶ୍ନ ନଥିଲା ।

ବର୍ତ୍ତମାନ ପ୍ରତିଯୋଗିତା ପଛରେ ଥିବା ତୃତୀୟ ଏବଂ ଯାହା ସୂକ୍ଷ୍ମ ପ୍ରଭାବ, ସେହି ଆଧ୍ୟାତ୍ମିକ ହେତୁ ଉପରେ ଦୃଷ୍ଟି ଦିଆଯାଉ ।

ମଣିଷର ଯାବତୀୟ ଗୁଣ ଭଗବାନଙ୍କର ଏକ ଏକ

ଗୁଣର ଛାୟା । ମଣିଷର ଯାବତୀୟ ଦୁର୍ଗୁଣ ଭଗବାନଙ୍କର ଏକ ଏକ ଗୁଣର ବିକୃତି ।

ଭଗବାନ୍ ଅନନ୍ୟ; ସେ ପରମ; ସେ ସର୍ବୋଚ୍ଚ । ଏହି ସତ୍ୟ ଜଣକର ଅଜ୍ଞାନ ଚେତନାରେ ନିଜକୁ ଅନନ୍ୟ ରୂପେ, ଅନ୍ୟ ସମସ୍ତଙ୍କଠାରୁ ଉଚ୍ଚତର ରୂପେ ଜାହିର କରିବାକୁ ପ୍ରରୋଚିତ କରେ । ଏହି ପ୍ରରୋଚନାର ମାମୁଲି ଅଭିବ୍ୟକ୍ତି ଅହଙ୍କାର ।

ଏ ସତ୍ୟର ମହତ୍ତର ଦିଗଟି ଆମେ ପାସୋରି ଦେଉ । ଭଗବାନ୍ ଅନନ୍ୟ । ଅତଏବ ମୁଁ ଯେପରି ଅନନ୍ୟ, ଅନ୍ୟ ଜଣକ ମଧ୍ୟ ସେହିପରି ଅନନ୍ୟ । ବୈଚିତ୍ର୍ୟହିଁ ଏ ସୃଷ୍ଟିର ବିଶେଷତ୍ୱ । ପ୍ରତ୍ୟେକଙ୍କ ମାନସିକ, ଶାରୀରିକ ଏବଂ ଅନ୍ୟାନ୍ୟ ଅବସ୍ଥା ଅନ୍ୟମାନଙ୍କଠାରୁ ଭିନ୍ନ । କିନ୍ତୁ ସମସ୍ତଙ୍କର ଶେଷ ଲକ୍ଷ୍ୟ, ଶେଷ ଗନ୍ତବ୍ୟ ଏକ । ଆମର ଆଦି ଭଗବାନ୍; ଅନ୍ତ ମଧ୍ୟ ଭଗବାନ୍ ।

ଏ ଦୃଷ୍ଟିରୁ ପ୍ରତିଯୋଗିତାର ପ୍ରକୃତ ଆଭିମୁଖ୍ୟ ଅନ୍ୟକୁ ପରାଭବ ଦେବା ନୁହେଁ, ଯଥାର୍ଥ ମାର୍ଗରେ ଆମ ନିଜ ନିଜର ଅନ୍ତର୍ନିହିତ ଶକ୍ତିକୁ ବିକାଶର ସୁଯୋଗ ଦେବା ।

ଶ୍ରୀଅରବିନ୍ଦ ଆଶ୍ରମରେ ଖେଳ କସରତରେ ପ୍ରତିଯୋଗିତା ନିମନ୍ତେ ନିୟମିତ କାର୍ଯ୍ୟକ୍ରମ ରହିଥାଏ । କିନ୍ତୁ ପ୍ରତିଯୋଗୀମାନେ ଯେଉଁ ଆଭିମୁଖ୍ୟ ମନେରଖି ସେ କାର୍ଯ୍ୟକ୍ରମରେ ଭାଗ ନେବେ, ଶ୍ରୀମାଙ୍କ ଭାଷାରେ ତାହା ହେଲା : ''ପ୍ରଥମ ହେବା ନିମନ୍ତେ ଉଚ୍ଚାଭିଳାଷ ସ୍ଥାନରେ ନିଜେ ଯଥାସମ୍ଭବ ଉତ୍ତମଭାବେ ତୁମ ଭୂମିକା ନିର୍ବାହ କରିବାର ସଂକଳ୍ପ ପୋଷଣ କର ।'' (Replace the ambition to be first by the will to do the best possible.)

ଇତିହାସରେ ସୁସ୍ଥ ପ୍ରତିଯୋଗିତାର ଭୂମିକା ଥିଲା ଏବଂ ଅଦ୍ୟାବଧି ରହିଛି । କିନ୍ତୁ ସହଯୋଗର ଭୂମିକା ଯେ ତାହାଠାରୁ ଅଧିକ ଏବଂ ସ୍ୱାର୍ଥପରତାର ଊର୍ଦ୍ଧ୍ୱକୁ ଯାଇ ସମବେତ ଭାବରେ ଏକ ସୁଯୋଗ ଉପଭୋଗ କରିବାରେ ଯେ ପ୍ରକୃତ ଆନନ୍ଦ ନିହିତ ରହିଛି, ଏହା ଏକ ସୁପ୍ରାଚୀନ ଉପଲବ୍ଧି । ଆମର ମାନସିକ ବିକାଶର ଦୁରୁପଯୋଗ କରି ଆମେ ଏହା ପାସୋରି ଦେଇଥିବା ସ୍ଥଳେ କୌଣସି କୌଣସି ସୁପ୍ରାଚୀନ ସମାଜରେ ସେ ଉପଲବ୍ଧିର ପ୍ରଭାବ ଜନସାଧାରଣଙ୍କର, ବିଶେଷତଃ କିଶୋର-କିଶୋରୀମାନଙ୍କ ଚେତନାରେ ଅଦ୍ୟାବଧି ସଜୀବ ରହିଛି ।

ଦକ୍ଷିଣ ବ୍ରାଜିଲର ଫ୍ଲୋରିଆନାପୋଲିସ୍ ସହରରେ ସଂପ୍ରତି ଅନୁଷ୍ଠିତ ''ଶାନ୍ତି ଉତ୍ସବ''ରେ ଜଣେ ବିଶିଷ୍ଟ ସାମ୍ବାଦିକ ଓ ଲେଖକ ଲିଆଡ଼ିସ୍କିନ୍ ଏହି ବିବରଣୀ ଉପସ୍ଥାପନ କରିଛନ୍ତି :

ଆଫ୍ରିକାର ଏକ ଆରଣ୍ୟକ ମୁଲକରେ ଜଣେ ବିଶିଷ୍ଟ ନୃତତ୍ତ୍ୱବିତ୍ କିଛି ସେବା କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ । ତାଙ୍କ ରହଣି ଭିତରେ ସେ ବାଳକବାଳିକାମାନଙ୍କର ଭାରି ପ୍ରିୟ ହୋଇଯାଇଥା'ନ୍ତି । ଯେଉଁଦିନ ସେ ବିଦାୟ ନେବେ, ସେଦିନ ତାଙ୍କୁ ବେଢ଼ି ରହିଥା'ନ୍ତି ଦଳେ ଝିଅପୁଅ । ତାଙ୍କ ଗାଡ଼ି ଆସିବାକୁ ବିଳମ୍ବ ଥାଏ । ସେ ନିକଟବର୍ତ୍ତୀ ପଡ଼ିଆ ଭିତରେ, ଗୋଟାଏ ଗଛ ମୂଳରେ ଥୋଇ ଦେଇ ଆସିଲେ ଟଫିଭର୍ତ୍ତି ଥଳିଟାଏ । ପିଲାମାନଙ୍କ ଆଗରେ ଚକ୍ ଖଡ଼ି ଯୋଗେ ଗାରଟିଏ ଟାଣିଦେଲେ । ସେହି ଗାର ଏପଟେ ସେମାନଙ୍କୁ ଧାଡ଼ିକରି ଠିଆ କରାଇଦେଲେ । ତା'ପରେ ବୁଝାଇଲେ, ସେ ''ଦୌଡ଼'' ବୋଲି କହିବା ମାତ୍ରେ ସମସ୍ତେ ଦୌଡ଼ିବେ । ଯିଏ ଆଗେ ଗଛ ପାଖରେ ପହଞ୍ଚିବ ସେ ପାଇବ ସେ ଟଫିଥଳି ।

ସେ ଦୌଡ଼ିବାକୁ କହିବା ମାତ୍ରେ ପିଲାମାନେ ପରସ୍ପର ହାତ ଧରାଧରି ହୋଇ ଏକା ଗତିରେ ଦୌଡ଼ିଲେ ଏବଂ ଏକା ସମୟରେ ଗଛ ପାଖରେ ପହଞ୍ଚିଲେ ।

''ଏମିତି କାହିଁକି କଲ ?'' ସେ ବିସ୍ମିତ ହୋଇ ପଚାରିଲେ । ଛୋଟ ଝିଅଟିଏ ଉତ୍ତର ଦେଲା, ''ଟଫି ପାଇ ସମସ୍ତେ ଖୁସି ନହେଲେ ଜଣେ କେମିତି ଖୁସି ହେବ ?''

ଆଫ୍ରିକାର ସେହି ଉପଜାତିର ନାମ 'ଉବୁନ୍ତୁ' । ସେ ଅସାଧାରଣ ଶବ୍ଦ ଗୋଟିକର ଅର୍ଥ : ''ମୁଁ ଅଛି ଯେହେତୁ ଆମେ ସମସ୍ତେ ଅଛୁଁ !''

ଆଜିର ପୃଥିବୀର ଚାତୁର୍ଯ୍ୟର ରାହୁଗ୍ରାସରୁ ସେ ଉପଜାତିର ଏ ନିରୀହତା କେତେଦିନ ସୁରକ୍ଷିତ ରହିବ, ତାହା ଏକ ପ୍ରଶ୍ନ ।

**— ମନୋଜ ଦାସ**

❑❑❑

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days**. *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Daily Facial**
**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com

# ଶ୍ରୀତନୁ-ସ୍ମାରକ (Relics) ସମ୍ପର୍କରେ
# ଜରୁରୀ ଜ୍ଞାତବ୍ୟ ବିଷୟ

ଶ୍ରୀଅରବିନ୍ଦଙ୍କର ଶ୍ରୀତନୁ-ସ୍ମାରକର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ଭାଷା ଦ୍ୱାରା ପ୍ରକାଶ ସମ୍ଭବପର ନୁହେଁ । ଏହା ସୁଗଭୀର ବିଶ୍ୱାସ, ଭକ୍ତି ତଥା ସାଧନା ଯୋଗେ ଉପଲବ୍ଧି-ସାପେକ୍ଷ ।

ଶ୍ରୀମାଙ୍କ ପ୍ରବର୍ତ୍ତିତ ବ୍ୟବସ୍ଥାନୁସାରେ ଶ୍ରୀତନୁ-ସ୍ମାରକ ଶ୍ରୀଅରବିନ୍ଦ ଆଶ୍ରମରେ ଶ୍ରୀଅରବିନ୍ଦଙ୍କ କକ୍ଷରୁହିଁ ପ୍ରଦାନ କରାଯାଏ । ଆଶ୍ରମ-ପ୍ରଦତ୍ତ ଏବଂ ବିଶେଷଭାବରେ ପ୍ରସ୍ତୁତ ଆଧାରକ୍ରମ ଭିତରେ ତାହା ସଂରକ୍ଷିତ ଥାଏ । ଏହାର ଗ୍ରହଣକାରୀ ପ୍ରତିଷ୍ଠାନ, ପ୍ରତିଷ୍ଠାସ୍ଥଳ, ଆଶ୍ରମରୁ ଗ୍ରହଣ କରୁଥିବା ଏବଂ ଏହାର ଦାୟିତ୍ୱରେ ରହୁଥିବା ବ୍ୟକ୍ତି ବା ବ୍ୟକ୍ତିବୃନ୍ଦ, ଏହାର ଯାତ୍ରାପଥ ଏବଂ ଯାହାଙ୍କ ଦ୍ୱାରା ଏହା ସଂସ୍ଥାପିତ ହେବ – ଏ ସମଗ୍ର ସୂଚୀ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ୍ ଦ୍ୱାରା ଅନୁମୋଦିତ ହେବା ଅପରିହାର୍ଯ୍ୟ ।

ଏକ ବିଶେଷ ଉଲ୍ଲେଖଯୋଗ୍ୟ କଥା ହେଲା, ଶ୍ରୀମା ସ୍ୱୟଂ କୌଣସି ବ୍ୟକ୍ତି-ବିଶେଷଙ୍କୁ କେବେ ମଧ୍ୟ ଶ୍ରୀତନୁ-ସ୍ମାରକ ପ୍ରଦାନ କରି ନଥିଲେ । ଶ୍ରୀତନୁ-ସ୍ମାରକ ହସ୍ତାନ୍ତର ବା ବିତରଣ କରିବା ନିମନ୍ତେ ମଧ୍ୟ ଶ୍ରୀମା କାହାକୁ ହେଲେ ଅଧିକାର ପ୍ରଦାନ କରି ନଥିଲେ । ଯଦି କେହି ବ୍ୟକ୍ତି କୌଣସି ସୂତ୍ରରୁ ପାଇଥିବା ଶ୍ରୀତନୁ-ସ୍ମାରକ ତାଙ୍କ ପାଖରେ ଥିବାର ଦାବି କରନ୍ତି, ତାହା ବ୍ୟକ୍ତିଗତଭାବେ ତାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ବୁଝିବାକୁ ହେବ । ତାହାକୁ ସେ ଅନ୍ୟ କୌଣସି ବ୍ୟକ୍ତି ବା ସଂସ୍ଥାକୁ ହସ୍ତାନ୍ତର କରିବା ଅନଧିକାର କର୍ମ । ସେ ପ୍ରୟୋଜନ ବୋଧ କଲେ ତାହାକୁ ଆଶ୍ରମ ଟ୍ରଷ୍ଟକୁ ସମର୍ପଣ କରିପାରନ୍ତି ।

ଏହି ମହତ୍ତମ ଐଶ୍ୱର୍ଯ୍ୟର ଏବଂ ଏହାର ସଂସ୍ଥାପନ (Enshrinement) ଭଳି ଅନୁଷ୍ଠାନର ଗୁରୁତ୍ୱ ଏବଂ ଗାମ୍ଭୀର୍ଯ୍ୟ ଶ୍ରୀଅରବିନ୍ଦଙ୍କ ପ୍ରତି ଆନୁଗତ୍ୟ-ସମ୍ପନ୍ନ ପ୍ରତ୍ୟେକ ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତଭାବେ ଅନୁଭବ କରିବେ ବୋଲି ଆମେ ଆଶା କରିବା ସ୍ୱାଭାବିକ ।

ଏହି ବିଧାନ ଉଲ୍ଲଂଘନ କରି ଯଦି କୌଣସି ସ୍ଥାନରେ ଶ୍ରୀତନୁ-ସ୍ମାରକ ସଂସ୍ଥାପିତ ହୋଇଛି ବୋଲି ଘୋଷଣା କରାଯାଏ, ତାହା ସର୍ବନିମ୍ନ ଶୃଙ୍ଖଳା ଏବଂ ନୀତି-ବହିର୍ଭୂତ କର୍ମ । ଶ୍ରୀଅରବିନ୍ଦ ଆଶ୍ରମ ତା'ର ଯାଥାର୍ଥ୍ୟ ସ୍ୱୀକାର କରିବାକୁ ଅକ୍ଷମ ଏବଂ ସେଥିପାଇଁ ଆଶ୍ରମ କୌଣସି ଭାବରେ ଦାୟୀ ନୁହେଁ ।

**ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ୍**

**Vol. XLVIII, No. 11** **R.N.I. No. 18163/70.**
Navaprakash, November, 2017 Registered No. SSP/PY/51/2015-17
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2015-17

## ବିଶେଷ ସୂଚନା

# ବେଦରହସ୍ୟ




ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପ୍ରଥମ ଭାଗ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୩୦୫ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୧୬୦/-** ରଖାଯାଇଛି ।

### ପ୍ରାପ୍ତିସ୍ଥାନ :

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**